

ଅନାଥାଶ୍ରମ ଖୋଲିବେ ଖାନ୍ ସାର
ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 158 ଭାଗ ୩୪ | ସଂଖ୍ୟା ୧୫୮ | Saturday 29 August 2026 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର, ୨୯ ଅଗଷ୍ଟ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ନୟାଗଡ଼ରୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ସହାୟତା ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

# ରକ୍ଷା ବନ୍ଧନରେ ଭାଇର କର୍ତ୍ତବ୍ୟ ସମ୍ପାଦନ କଲେ




- ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସଶକ୍ତ ହେବେ ମହିଳା
- ୧.୩ କୋଟି ମହିଳାଙ୍କ ଆକାଉଣ୍ଟକୁ ଗଲା ସୁଭଦ୍ରା ସହାୟତା
- ନୟାଗଡ଼ ଜିଲ୍ଲାର ୨.୩୩ ହିତାଧିକାରୀ ଉପକୃତ
- ୨୭ ଲକ୍ଷ 'ଲକ୍ଷପତି ଦିଦି'ରେ ଓଡ଼ିଶା ଦେଶରେ ପ୍ରଥମ
- ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ନୟାଗଡ଼ ଚିନି କଳ
- ଆରମ୍ଭ ହେବ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ
- ନିଜ ପାଇଁ ନିଷ୍ପତ୍ତି ନେବାର ଅଧିକାର ହିଁ ପ୍ରକୃତ ସଶକ୍ତିକରଣ

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭାଇଟିଏ ନିଜ ଭଉଣୀକୁ କିଛି ଉପହାର ଦେଇଥାଏ। ଓଡ଼ିଶାର ଶାସନ ମୁଖ୍ୟ ଭାବେ ରକ୍ଷା ବନ୍ଧନରେ ସୁଭଦ୍ରା ସହାୟତା ପ୍ରଦାନ କରି ମତେ ଏକ ଭାଇର କର୍ତ୍ତବ୍ୟ ସମ୍ପାଦନ କରିବା ଭଳି ଅନୁଭବ ହେଉଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୟାଗଡ଼ଠାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ଅବସରରେ ମତ ବ୍ୟକ୍ତ କରିଛନ୍ତି। ଆଜି ନୟାଗଡ଼ ଜିଲ୍ଲା ଲାଠିପଡ଼ାଠାରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପମୁଖ୍ୟମନ୍ତ୍ରୀ, ସାଂସଦ ଓ ବିଧାୟକଙ୍କ ଗହଣରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି। ରାଜ୍ୟର ୧ କୋଟି ୩ ଲକ୍ଷ ୨୬ ହଜାର ୧୬୨ ହିତାଧିକାରୀଙ୍କୁ ୫,୧୬୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଛି।

ଏଥିରେ ନୟାଗଡ଼ ଜିଲ୍ଲାର ୨ ଲକ୍ଷ ୩୩ ହଜାର ୫୮୫ ହିତାଧିକାରୀ ଅନ୍ତର୍ଭୁକ୍ତ ଅଛନ୍ତି। ଉପସ୍ଥିତ ସୁଭଦ୍ରା ମା' ଓ ଭଉଣୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସୁଭଦ୍ରା ଯୋଜନା କେବଳ ଟଙ୍କା ଆବଣ୍ଟନର ଅବସର ନୁହେଁ, ଏହା ହେଉଛି ନାରୀ ସଶକ୍ତିକରଣର ପ୍ରତୀକ ଓ ରାଜ୍ୟର ଅଧା ଜନସଂଖ୍ୟା ପ୍ରତି ଆମ ସରକାରଙ୍କ ପ୍ରତିବଦ୍ଧତା। ନାରୀ ସଶକ୍ତିକରଣର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେବଳ ସହାୟତା ପ୍ରଦାନ କରିବା ସଶକ୍ତିକରଣ ନୁହେଁ, ବରଂ ମହିଳାମାନଙ୍କୁ ସାମାଜିକ, ରାଜନୈତିକ ତଥା ଆର୍ଥିକ ସ୍ତରରେ ଆତ୍ମନିର୍ଭର କରି ନିଜ ପାଇଁ ନିଜେ ନିଷ୍ପତ୍ତି ନେବାର ଅଧିକାର ଦେବା ହିଁ ଅସଲ ସଶକ୍ତିକରଣ। ଆଇଆଇଏମ ସମ୍ବଲପୁର ଓ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସର୍ଭେ ରିପୋର୍ଟକୁ ଉଦ୍ଧାର କରି ସେ କହିଛନ୍ତି ଯେ ପ୍ରାୟ ➪ପୃଷ୍ଠା-୬

### ରାଗିଗଲେ ଜୁଏଲ ଓରାମ

# 'ଅପଦସ୍ଥ କଲେ ଜାଳି ଶେଷ କରିଦେବି'



ରାଉରକେଲା, ୨୮।୮(ସଂଚାର ବ୍ୟୁରୋ): ନାମ ନ ନେଇ ବର୍ଷିଲେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ। ରାଉରକେଲା ରାଜନୀତିକୁ ନେଇ ଖୋଲା ଚ୍ୟାଲେଞ୍ଜ ଦେଲେ ଜୁଏଲ। ମୋତେ ବଦନାମ କରିବାକୁ ଚେଷ୍ଟା କରାଯାଉଛି। ମୋ ପ୍ରତିଷ୍ଠା ବାବଦରେ ଯଦି କେହି ହାତ ଉଠାଇବ, ସେ ହାତକୁ କାଟିଦେବି। ମୋତେ ଯିଏ ଅପଦସ୍ଥ କରିବାକୁ ଚେଷ୍ଟା କରୁଛି, ତାକୁ ଜାଳି ଶେଷ କରିଦେବି। ରାଉରକେଲା ରାଜନୀତିକୁ ନେଇ ଖୋଲା ଚ୍ୟାଲେଞ୍ଜ କରିଛନ୍ତି ଜୁଏଲ ଓରାମ। ଜୁଏଲ କହିଛନ୍ତି ଯେ ରାଉରକେଲାରେ କିଛି ଲୋକ ମୋତେ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି। କିଛି ଲୋକ ପଇସାପତ୍ର ଖର୍ଚ୍ଚ କରି ବଦନାମ କରିବା ସକାଶେ ଉଦ୍ୟମ କରୁଛନ୍ତି। ଭାବୁଛନ୍ତି

### ସରଗରମ ବିଜେପି ସୁନ୍ଦରଗଡ଼ ରାଜନୀତି

ଜୁଏଲ ଓରାମ ଡ୍ରପ୍ ହୋଇଗଲେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ, କିନ୍ତୁ ଏଇ ପାର୍ଟିକୁ ମୁଁ ରକ୍ତ ମାଂସ ଦେଇ ଗଢ଼ିଛି, ଏ ପାର୍ଟି ମୋତେ ଚିହ୍ନିଛି। ପାର୍ଟି ମୋତେ ଯେତିକି ସ୍ଥାନ ଦେଇଛି, ତାହା ଯଥେଷ୍ଟ। ମୋ ପ୍ରତିଷ୍ଠା ବାବଦରେ ଯଦି କେହି ହାତ ଉଠାଇବ, ସେ ହାତକୁ କାଟିଦେବି। ନିର୍ବାଚନ ଲଢ଼ିବିନି ବୋଲି କହିଥିଲି, ଏବେ କହୁଛି ➪ପୃଷ୍ଠା-୬

### ଓଡ଼ିଶାରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ

# ରନ୍ଧନ ତେଲ ବ୍ୟବହାର କମାଇବେ କଲେଜ କ୍ୟାଣ୍ଟିନ୍ ଓ ହଷ୍ଟେଲ



ତେଲିଆ ଖାଦ୍ୟ ଏଡ଼ାଇବାକୁ ପରାମର୍ଶ

ପାମ୍, ସୂର୍ଯ୍ୟମୁଖୀ ତେଲ ବଦଳରେ ଘିଅ, ସୋରିଷ ତେଲ ଉପରେ ଜୋର୍

କଲେଜ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦେଲା ଉଚ୍ଚଶିକ୍ଷା ବିଭାଗ

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ବିଶ୍ୱବ୍ୟାପୀ ଖାଦ୍ୟ, ସାର ଓ ଇନ୍ଧନ ଯୋଗାଣ ସଙ୍କଟର ପ୍ରଭାବକୁ ଦୃଷ୍ଟିରେ ରଖି ରନ୍ଧନ ତେଲର ବ୍ୟବହାର କମାଇବାକୁ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ କଲେଜକୁ ପରାମର୍ଶ ଦେଇଛି ଉଚ୍ଚଶିକ୍ଷା ବିଭାଗ। ଏନେଇ ବିଭାଗ ପକ୍ଷରୁ ସମସ୍ତ କଲେଜର ଅଧ୍ୟକ୍ଷଙ୍କୁ ଚିଠି ଜାରି କରାଯାଇଛି। ଉଚ୍ଚଶିକ୍ଷା ବିଭାଗର ଏହି ନିର୍ଦ୍ଦେଶନାମା ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଆଧାରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପର ଅଂଶବିଶେଷ। ଏଥିରେ କଲେଜ ହଷ୍ଟେଲ ଓ କ୍ୟାଣ୍ଟିନ୍‌ରେ ଖାଦ୍ୟ ପ୍ରସ୍ତୁତି ସମୟରେ ରନ୍ଧନ ତେଲର ବ୍ୟବହାର କମାଇବା ସହ ଛାତ୍ରଛାତ୍ରୀଙ୍କ ଖାଦ୍ୟାଭ୍ୟାସରେ ଅଧିକ ତେଲ ବ୍ୟବହାର ହ୍ରାସ ➪ପୃଷ୍ଠା-୬

# ମାଓ ଡମ୍ପ୍ ଠାବ, ବିପୁଳ ଅସ୍ତ୍ରଶସ୍ତ୍ର ଉଦ୍ଧାର




ଫୁଲବାଣୀ,୨୮।୮(ସଂଚାର ବ୍ୟୁରୋ): କନ୍ଧମାଳ ପୁଲିସକୁ ମିଳିଛି ବଡ଼ ସଫଳତା। ଗୁପ୍ତ ସୂଚନା ଆଧାରରେ ଚାଲିଥିବା ବ୍ୟାପକ କମ୍ବିଂ ଅପରେସନ୍‌ରେ ଠାବ ହୋଇଛି ମାଓବାଦୀଙ୍କ ଗୁପ୍ତ ଡମ୍ପରୁ ରାଇଫଲ୍, ଗ୍ରେନେଡ୍, ଡେଟୋନେଟର୍, ଟିଫିନ୍ ବକ୍ସ ଆଇଇଡି, ଗୋଳାବାରୁଦ ସମେତ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ କରାଯାଇଛି। ଏନେଇ କନ୍ଧମାଳ ଏସ୍‌ପି ରାମେନ୍ଦ୍ର ପ୍ରସାଦ ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ଏନେଇ ସମ୍ପୂର୍ଣ୍ଣ ତଥ୍ୟ ଦେଇଛନ୍ତି। ବିଭିନ୍ନ ସୂତ୍ରରୁ ମିଳିଥିବା ଗୁପ୍ତ ସୂଚନା ପରେ କନ୍ଧମାଳ ପୁଲିସ ମାଓବାଦୀଙ୍କ ଏକ ଗୁପ୍ତ ଡମ୍ପ ସମ୍ପର୍କରେ ସୂଚନା ପାଇଥିଲା। ଏହାପରେ ରାଇକିଆ, ବାଲିଗୁଡ଼ା, ଦାରିଙ୍ଗବାଡ଼ି ଓ କୋଟଗଡ଼ ଥାନା ଅଧୀନ ବିଭିନ୍ନ ଅଞ୍ଚଳରେ ଆରମ୍ଭ ହୋଇଥିଲା ବହୁପକ୍ଷୀୟ ସର୍ଚ୍ଚ ଅପରେସନ୍। ଏହି ଅପରେସନ୍‌ରେ ୫ଟି ଏସ୍‌ଓଜି ଟିମ୍, ୧୮୦ ବିଏନ୍‌ବିଏସ୍‌ଏଫ୍‌ର ୩ଟି ୟୁନିଟ୍ ଓ କନ୍ଧମାଳର ଗୋଟିଏ ଡିଭିଏଫ୍ ଟିମ୍ ସାମିଲ ହୋଇଥିଲେ।

### ନେପାଳ ବିଭୀଷିକା

# ୫୮୪ରେ ପହଞ୍ଚିଲା ମୃତ୍ୟୁସଂଖ୍ୟା, ଟଳିନି ବିପଦ

- ଏବେ ବି ୧୯୨୪ ନିଖୋଜ
- ସୀମାପାର୍ ବାଣିଜ୍ୟ ପରିବହନ ପ୍ରଭାବିତ



କାଠମାଣ୍ଡୁ,୨୮।୮: ନେପାଳ-ଚୀନ୍‌ର ତିବ୍ବତ-ହିମାଳୟ ସୀମାନ୍ତରେ ବୁଧବାର ଘଟିଥିବା ପ୍ରଳୟଙ୍କରୀ ଫ୍ଲାସଫ୍ଲଡ (ଆକସ୍ମିକ ଜଳ ପ୍ରଳୟ)କୁ ତିନିଦିନ ବିତିଛି। ଶୁକ୍ରବାର ସୁଦ୍ଧା ମୃତ୍ୟୁସଂଖ୍ୟା ବୃଦ୍ଧି ପାଇ ୫୭୯ରେ ପହଞ୍ଚିଛି। ଚୀନ୍‌ରେ ମୃତ୍ୟୁବରଣ କରିଥିବା ୫ ଜଣଙ୍କୁ ମିଶାଇଲେ ମୋଟ୍ ମୃତ୍ୟୁସଂଖ୍ୟା ୫୮୪କୁ ବୃଦ୍ଧି ପାଇଛି। ଅପରପକ୍ଷରେ, ଭୋଟେକୋଶୀ ନଦୀରେ ଜଳସ୍ତର ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଶୁକ୍ରବାର ନେପାଳ କର୍ତ୍ତୃପକ୍ଷ ସାନି ବନ୍ୟା ସତର୍କତା ଜାରି କରିଛନ୍ତି। ତେଣୁ ନେପାଳ ଉପରୁ ବିପଦ ଟଳିନାହିଁ ବୋଲି କହିଲେ ଭୁଲ୍ ହେବ ନାହିଁ। ଭୋଟେକୋଶୀ ନଦୀରେ ଜଳସ୍ତର ବୃଦ୍ଧି ପାଇବା ଆଦୌ ଶୁଭ ସଂକେତ ନୁହେଁ ବୋଲି ଜାତୀୟ ବିପର୍ଯ୍ୟୟ ଆଶଙ୍କା ହ୍ରାସ ଓ ପରିଚାଳନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

ତୃତୀୟ ଦିନରେ ବି ଅତି କମ୍‌ରେ ଆହୁରି ୩୨୦ ଜଣ ଭାରତୀୟ ତୀର୍ଥଯାତ୍ରୀ ନିଖୋଜ ଥିବା ଓ ପ୍ରାୟ ୪୦୦ ଜଣ ଚୀନ୍ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅଟକି ରହିଥିବା ଭାରତୀୟ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ ପ୍ରକାଶ କରିଛି। କାଠମାଣ୍ଡୁକୁ ସମସ୍ତ ପ୍ରକାର ସମ୍ଭାବ୍ୟ ସହାୟତା ପ୍ରଦାନ କରିବାକୁ ଭାରତ ପ୍ରସ୍ତୁତ ଅଛି ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଯେ, ନେପାଳର ଚୀନ୍ ସଂଲଗ୍ନ ଅଞ୍ଚଳରେ ଅଟକି ରହିଥିବା ୯୬ ଜଣ ➪ପୃଷ୍ଠା-୬

### ବରଗଡ଼ ପରିବାରର ମିଳୁନି ପତ୍ତା



ବରଗଡ଼: ନେପାଳର ଜଳପ୍ରଳୟରେ କେତେକ ଓଡ଼ିଆ ମଧ୍ୟ ନିଖୋଜ ଥିବା ସୂଚନା ରହିଛି। ପ୍ରଳୟଙ୍କରୀ ବନ୍ୟାରେ ବରଗଡ଼ରୁ ଗୋଟିଏ ପରିବାରର ତିନି ଜଣ ନିଖୋଜ ଅଛନ୍ତି ବୋଲି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସୂଚନା ଦେଇଛନ୍ତି। ସରଲା ଜାମପାଲିର ଏହି ଦମ୍ପତି ଏକ ହାଇଡ୍ରୋ ପ୍ରୋଜେକ୍ଟରେ କାମ କରୁଥିଲେ। ସେମାନେ ହେଉଛନ୍ତି ଗୁନମ ଜୟ କ୍ରିଷ୍ଣା, ଗୁନମ୍ ସାଇଁ ବିନ୍ଦୁ କୁମାରୀ ଓ ଗୁନମ ହରେ କ୍ରିଷ୍ଣା। ଜିଲ୍ଲା ପ୍ରଶାସନ ତାଙ୍କୁ ଉଦ୍ଧାର କରିବା ପାଇଁ ଓଡ଼ିଶା ସରକାରଙ୍କୁ ସୂଚନା ଦେବା ସହ କିପରି ସୁରକ୍ଷିତ ଉଦ୍ଧାର କରାଯାଇପାରିବ, ସେଥିପାଇଁ ପ୍ରୟାସ ଜାରି ରହିଛି।

### ଜିଏସ୍‌ଟି ଝଟ୍‌କା

# ବେଆଇନ ଟ୍ୟାକ୍ସ ରିହାତି ନେଇ ଫସିଲା ଓସିଏ

କାରଣ ଦର୍ଶାଅ ନୋଟିସ୍ ଜାରି




କଟକ,୨୮।୮ (ସଂଚାର ବ୍ୟୁରୋ): ବେଆଇନ ଭାବେ ଟିକସ ରିହାତି ନେଇ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଅଡୁଆରେ ପଡ଼ିଛି। ବ୍ୟକ୍ତିଗତ ବିମାନ ଯାତ୍ରା, ହୋଟେଲ ବିଲ୍ ଓ ଅନ୍ୟାନ୍ୟ ଖର୍ଚ୍ଚକୁ 'ବ୍ୟାବସାୟିକ ଖର୍ଚ୍ଚ' ଦର୍ଶାଇ ଲକ୍ଷାଧିକ ଟଙ୍କାର ଟିକସ ଛାଡ଼ ବା 'ଇନପୁଟ୍ ଟ୍ୟାକ୍ସ କ୍ରେଡିଟ୍' ନେଇଥିବା ଅଭିଯୋଗରେ ଓସିଏକୁ ରାଜ୍ୟ ବାଣିଜ୍ୟ କର ଓ ଜିଏସଟି ବିଭାଗ ନୋଟିସ୍ ଜାରି କରିଛି। ପ୍ରାୟ ୫.୫୮ ଲକ୍ଷ ଟଙ୍କାର ଟିକସ ରିହାତି ଓସିଏ ବେଆଇନ ଭାବେ ନେଇଥିବା ଜଣାପଡ଼ିଛି।

ସୂଚନାନୁସାରେ, ଜିଏସଟି ଆସିଷ୍ଟାଣ୍ଟ କମିଶନରଙ୍କ କାର୍ଯ୍ୟାଳୟରୁ ଜାରି ହୋଇଥିବା ନୋଟିସରେ ଓସିଏ ବେଆଇନ ଭାବେ ଟିକସ ରିହାତି ହାତେଇଥିବା ଜଣାପଡ଼ିଛି। ଓସିଏ ➪ପୃଷ୍ଠା-୬

# ପିଆଜ, ଚିନି ପରେ ମହଙ୍ଗା ହେବ ଅଣ୍ଡା



ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ପିଆଜ, ଡାଲି ଏବଂ ଚିନି ଭଳି ରାସନ ସାମଗ୍ରୀ ଦରବୃଦ୍ଧି ପରେ ଏବେ ସାଧାରଣ ଲୋକଙ୍କ ଖାଦ୍ୟ ଥାଳି ଉପରେ ଆଉ ଏକ ମହଙ୍ଗା ମାଡ଼ ହେବାକୁ ଯାଉଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ମଧ୍ୟାହ୍ନଭୋଜନରୁ ବି ଅଣ୍ଡା ଗାଏବ ହବାର ଆଶଙ୍କା ସୃଷ୍ଟି ହୋଇଛି। କାରଣ ଆଗକୁ ଖୋଲା ବଜାରରେ ଅଣ୍ଡା ଦର ୨୦ରୁ ୨୫ ଟଙ୍କା ହେବାକୁ ଯାଉଛି।

ବିଗତ ଏକ ବର୍ଷ ମଧ୍ୟରେ ଦେଶରେ ଅଣ୍ଡା ଦର ପାଖାପାଖି ୩୫ରୁ ୪୦ ପ୍ରତିଶତ

- ଅଣ୍ଡା ଗୋଟା ୨୦ରୁ ୨୫ ଛୁଇଁବା ଆଶଙ୍କା
- ମକା ଚାହିଦା ବୃଦ୍ଧି ସହ ବଢ଼ୁଛି କୁକୁଡ଼ା ଦାନା ଖର୍ଚ୍ଚ

ପର୍ଯ୍ୟନ୍ତ ବୃଦ୍ଧି ପାଇସାରିଥିବା ବେଳେ ଆଗାମୀ ମାସଗୁଡ଼ିକରେ ଏହା ଆହୁରି ମହଙ୍ଗା ହେବାର ସମ୍ଭାବନା ଦେଖାଦେଇଛି। ନ୍ୟାସନାଲ୍ ଏଗ୍ କୋଅର୍ଡିନେସନ୍ କମିଟି (ଏନ୍‌ଇସିସି)ର ତଥ୍ୟ ଅନୁସାରେ, ବର୍ତ୍ତମାନ ପୋଲ୍‌ଟ୍ରି ଫାର୍ମରେ ଗୋଟିଏ ଅଣ୍ଡାର ମୂଲ୍ୟ ପ୍ରାୟ ୭ ଟଙ୍କା ଥିବା ବେଳେ ଖୁଚୁରା ବଜାରରେ ଏହା ୮.୫୦ରୁ ୯ ଟଙ୍କାରେ ବିକ୍ରି ହେଉଛି। କିନ୍ତୁ ପୋଲ୍‌ଟ୍ରି ଶିଳ୍ପ ଓ ବଜାର ବିଶେଷଜ୍ଞଙ୍କ ଅନୁମାନ ଅନୁସାରେ, ଚଳିତ ଶୀତ ଋତୁରେ କେତେକ ପ୍ରିମିୟମ୍, ସ୍ପେଶାଲିଟି ଓ ବ୍ରାଣ୍ଡେଡ୍ ଅଣ୍ଡାର ମୂଲ୍ୟ ଗୋଟା ୨୦ରୁ ୨୫ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିପାରେ। ଯଦିଓ ସାଧାରଣ କିସମର ଅଣ୍ଡା ଏତେ ମହଙ୍ଗା ହେବ ନାହିଁ, ତଥାପି ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଯୋଗୁଁ ସାଧାରଣ ଅଣ୍ଡା ମଧ୍ୟ ବେଶ୍ ମହଙ୍ଗା ରହିବ।

ଏହି ଦରବୃଦ୍ଧି ପଛରେ ସବୁଠାରୁ ବଡ଼ କାରଣ ହେଉଛି କୁକୁଡ଼ା ଦାନାର ଅହେତୁକ ମୂଲ୍ୟ ବୃଦ୍ଧି। କୁକୁଡ଼ା ଖାଦ୍ୟରେ ପ୍ରାୟ ୬୦ରୁ ୭୦ ପ୍ରତିଶତ କେବଳ ମକା ବ୍ୟବହାର ହୋଇଥାଏ। ସରକାରଙ୍କ ୨୦ ପ୍ରତିଶତ 'ଇଥାନଲ୍ ବ୍ଲେଣ୍ଡିଂ' ନୀତି କାରଣରୁ ଡିଷ୍ଟିଲାରୀଗୁଡ଼ିକରେ ମକାର ଚାହିଦା ବହୁଗୁଣ ବଢ଼ିଯାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଭାରତରେ ବାର୍ଷିକ ପ୍ରାୟ ୪୩.୪ ନିୟୁତ ଟନ୍ ମକା ଉତ୍ପାଦନ ହେଉଥିବା ବେଳେ ସେଥିରୁ ପ୍ରାୟ ୧୭ ନିୟୁତ ଟନ୍ କେବଳ ଇଥାନଲ୍ ତିଆରିରେ ଲାଗୁଛି।

ଅତ୍ୟଧିକ ଚାହିଦା ଯୋଗୁଁ ଗତ ତିନି ବର୍ଷ ମଧ୍ୟରେ ମକା ଦର ଟନ୍ ପିଛା ➪ପୃଷ୍ଠା-୬

# ସମୁଦ୍ର ଢେଉରେ ଭାରସାମ୍ୟ ହରାଇଲା ଓସେନ୍ ୱିନର୍



ବାହାରି ଆସିଥିଲେ ୧୦ କ୍ରିଉ ସଦସ୍ୟ

୨ ଉଦ୍ଧାର, ୮ ଜଣଙ୍କ ପତ୍ତା ମିଳୁନି

ଜାହାଜରେ ରହିଯାଇଥିଲେ ୧୪ କ୍ରିଉ ମେମ୍ବର

ପାରାଦୀପ,୨୮।୮(ସଂଚାର ବ୍ୟୁରୋ): ଜାହାଜ ଏମଭି ଓସେନ୍ ୱିନର ବୁଡ଼ିବା ଘଟଣାରେ ଉଦ୍ଧାର ହୋଇଥିବା ଦୁଇ କ୍ରିଉ ସଦସ୍ୟଙ୍କଠାରୁ ମିଳିଛି ଦୁର୍ଘଟଣାର କାରଣ ଓ ଅନ୍ୟ କ୍ରିଉ ସଦସ୍ୟଙ୍କ ସୂଚନା। ଭାଷା ଅନୁବାଦକଙ୍କ ମାଧ୍ୟମରେ ଅଧିକାରୀଙ୍କ ସାମ୍ନାରେ ବଡ଼ ଖୁଲାସା କରିଛନ୍ତି ଏହି କ୍ରିଉ ସଦସ୍ୟ। ପାରାଦୀପରେ ପହଞ୍ଚିଥିବା ଜଣେ ଭାଷା ଅନୁବାଦକ, ଦୁଇ ଜଣ କନସୁଲେଟର, ଜଣେ ଆଡଭୋକେଟ୍ ଏବଂ ବିଭିନ୍ନ ତଦନ୍ତକାରୀ ସଂସ୍ଥାର ଅଧିକାରୀଙ୍କ ସାମ୍ନାରେ ବଖାଣିଛନ୍ତି ସେଦିନର ଛାତିଥରା ଦୁର୍ଘଟଣା। ଉଦ୍ଧାର କ୍ରିଉ ସଦସ୍ୟଙ୍କ କହିବାନୁଯାୟୀ, ଖୁବ୍ କମ୍ ସମୟ ମଧ୍ୟରେ ବୁଡ଼ିଯାଇଥିଲା ଜାହାଜ। ୨୪ ଜଣ କ୍ରିଉ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୧୦ ଜଣ ହିଁ ଜାହାଜରୁ ବାହାରି ପାଣିକୁ ➪ପୃଷ୍ଠା-୬



## କାନ ଡେରିଥା

ହାତରେ ପିନ୍ଧାନ୍ତି ଛୋଟ ସୁତା ଖଣ୍ଡ
ସଭିଏଁ କୁହନ୍ତି ରାକ୍ଷୀ
ବରଷକେ ଥରେ ଭଉଣୀ ବାନ୍ଧିଲା
ଦ୍ୱୀପ ଧୂପ ସାକ୍ଷୀ ରଖି
ଭାଇ ତାହା ଦେଖି ଦେଖି....
ଶପଥ କରିଛି ରକ୍ଷା କରିବାକୁ
ପାଉଣା ରହିଲା ବାକି
ଭଗ୍ନୀ ମନ ଗଲା ଶୁଖି ।

■ ଦେବାଶିଷ

# ଟିମ୍ ଗଠନ କରିପାରୁନାହାନ୍ତି ଭକ୍ତ




- କରଛଡ଼ା ଦେଉଛନ୍ତି ବରିଷ୍ଠ ନେତା
- ବଢ଼ିବା ବଦଳରେ ଛିଡ଼ୁଛି ଦଳ

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ଓପିସିସି) ସଭାପତି ଭାବେ ଦାୟିତ୍ୱ ନେବାର ଦେଢ଼ ବର୍ଷ ପୂରିଯାଇଥିଲେ ବି ଭକ୍ତ ଚରଣ ଦାସ ବର୍ତ୍ତମାନ ସୁଦ୍ଧା ନିଜର ଟିମ୍ ଗଠନ କରିପାରୁନାହାନ୍ତି। ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବେ ବୋଲି ଯାହା କହିଥିଲେ ତାହା ବି ଏକପ୍ରକାର ବିଫଳ ହୋଇଛି। ଭକ୍ତଙ୍କ ସହ ଅଳ୍ପ କେତେଜଣଙ୍କୁ ବାଦ୍ ଦେଲେ ଦଳର ପ୍ରାୟ କୌଣସି ନେତା ନାହାନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଭକ୍ତ ପ୍ରଦେଶ କଂଗ୍ରେସ ସଭାପତି ହେବା ପରେ ଇତିମଧ୍ୟରେ ଦୁଇ ଦୁଇ ଜଣ ପ୍ରଭାରୀ ଓଡ଼ିଶା ଆସିଲେଣି। ନୂଆ ପ୍ରଭାରୀ ଆସି ସଂଗଠନ ସଜାଡ଼ିବା ଉପରେ ଜୋର୍ ଦେଉଛନ୍ତି। ବାରମ୍ବାର କହୁଛନ୍ତି। ହେଲେ ଭକ୍ତ କିନ୍ତୁ ଟିମ୍ ଗଠନ କରିପାରୁନାହାନ୍ତି। ପ୍ରଥମେ ଅଜୟ ଲଲ୍ଲୁ ଓ ଏବେ ଲାଲାଜୀ ଦେଶାଇ ସମାନ କଥା କହି ଏକପ୍ରକାର ଫେଲ ମାରିଲେଣି। ଏହାକୁ ନେଇ ଲାଲାଜୀ ଦେଶାଇ ବି କଡ଼ା ଭାଷାରେ ତାଗିଦ କରିଛନ୍ତି। ଭକ୍ତ ନିଜ ଟିମ୍ ଗଠନ କରିପାରୁନାହାନ୍ତି କି ତଳ ସ୍ତରରେ ମଧ୍ୟ ସଂଗଠନକୁ ସଜାଡ଼ି ପାରୁନାହାନ୍ତି। ଫଳରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ କିଭଳି ଲଢ଼ାଯିବ, ତାହାକୁ ନେଇ ଖୋଦ୍ ଦଳୀୟ ନେତା ଓ କର୍ମୀମାନେ ଚିନ୍ତାରେ ରହିଛନ୍ତି। ଦଳର ଏଭଳି ଅବସ୍ଥା ଦେଖି ତଳ ସ୍ତରର କଂଗ୍ରେସ ନେତମାନେ ଧୀରେ ଧୀରେ ଅନ୍ୟ ଦଳମୁହାଁ ହେବାରେ ଲାଗିଛନ୍ତି।

ଭକ୍ତ ଦାୟିତ୍ୱ ନେବା ପରେ କଂଗ୍ରେସ ବଢ଼ିବା ପରିବର୍ତ୍ତେ ଛିଡ଼ିବାରେ ଲାଗିଛି ବୋଲି କର୍ମୀମାନେ ମତ ଦେଉଛନ୍ତି। ଦଳର ବିଧାୟକ ସଂଖ୍ୟା ୧୪ରୁ ୧୧କୁ ହ୍ରାସ ପାଇଛି। ରାଜ୍ୟସଭା ନିର୍ବାଚନରେ ବିଜେଡି ସହ ଭକ୍ତ ହାତ ମିଳାଇବା ପରେ ଏଥିରେ ଅସନ୍ତୋଷ ପ୍ରକଟ କରି ଦଳର ତିନି ବିଧାୟକ ରମେଶ ଜେନା, ଦାଶରଥୀ ଗମାଙ୍ଗ ଓ ସୋଫିଆ ଫିର୍ଦ୍ଦୋଷ କ୍ରସ ଭୋଟିଂ କରି ଦଳରୁ ନିଲମ୍ବିତ ହୋଇଛନ୍ତି। ସେହିଭଳି ନୂଆପଡ଼ା ଉପନିର୍ବାଚନରେ ଦଳର ପରାଜୟକୁ ବି କର୍ମୀମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି।

ନୂଆପଡ଼ା ଉପନିର୍ବାଚନ ପରଠାରୁ ଦଳର ବରିଷ୍ଠ ନେତାମାନେ ଭକ୍ତଙ୍କୁ ଏକପ୍ରକାର କରଛଡ଼ା ଦେଉଛନ୍ତି। ଉପନିର୍ବାଚନ ପ୍ରଚାର ପାଇଁ ସେମାନଙ୍କୁ ଡକା ନ ଯିବା ଓ ଯେଉଁମାନେ ଯିବେ ସେମାନଙ୍କୁ ଅନୁମତି ନେବାକୁ ପଡ଼ିବ ବୋଲି ଭକ୍ତ ଫତ୍‌ୱା ଜାରି କରିବା ପରେ ନିରଞ୍ଜନ, ଜୟଦେବଙ୍କ ଭଳି ନେତାମାନେ ଏହାକୁ ସହଜରେ ଗ୍ରହଣ କରିପାରିନାହାନ୍ତି। ଦଳର ଯେତିକି ବିଧାୟକ ରହିଛନ୍ତି, ସେମାନେ ବି ଭକ୍ତଙ୍କ ସାଙ୍ଗରେ ନ ଥିବା ଲକ୍ଷ୍ୟ ➪ପୃଷ୍ଠା-୬

# ପୂର୍ବତନ ମନ୍ତ୍ରୀ ନୃସିଂହ ସାହୁଙ୍କ ପୁଅ ଗିରଫ




ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ପୂର୍ବତନ ପରିବହନ ମନ୍ତ୍ରୀ ନୃସିଂହ ସାହୁଙ୍କ ପୁଅ ଅଜିତ ସାହୁଙ୍କୁ ଆଜି ଗିରଫ କରିଛି ନୟାପଲ୍ଲୀ ପୁଲିସ। ବିଜେପି ସାଂସଦ ସୁଜିତ କୁମାରଙ୍କୁ ଜାଗା ଦେବାକୁ କହି ଠକେଇ କରିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ୱାରେଣ୍ଟ ବଳରେ ନୟାପଲ୍ଲୀ ନୂଆସାହି ଆପାର୍ଟମେଣ୍ଟରୁ ସେ ଗିରଫ ହୋଇଛନ୍ତି। ଦିଲ୍ଲୀର ପଟିଆଲା ହାଉସ କୋର୍ଟ ଅଜିତଙ୍କୁ ପଳାତକ ଘୋଷଣା କରିଥିଲା। ଗତ ୨୦୨୪ରେ ଦିଲ୍ଲୀ ତୁଗଲକ ରୋଡ୍ ଥାନାରେ ତାଙ୍କ ବିରୋଧରେ ଠକେଇ ଅଭିଯୋଗ ହୋଇଥିଲା। ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ପୁଲିସ। ଏହି ମାମଲାରେ ବାରମ୍ବାର କୋର୍ଟଙ୍କ ସମନ ସତ୍ତ୍ୱେ ଅଜିତ ହାଜର ହୋଇନଥିଲେ। ତେଣୁ ତାଙ୍କ ବିରୋଧରେ ୱାରେଣ୍ଟ ଇସ୍ୟୁ ହୋଇଥିଲା।

## ଗୁପ୍ତକ୍ଷେତ୍ର ସଖିବଟରେ ବଳଦେବଜୀଉଙ୍କ ଜନ୍ମତିଥି ବେଶ



କେନ୍ଦ୍ରାପଡ଼ା,୨୮।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକର ଗୁପ୍ତକ୍ଷେତ୍ର ସଖିବଟରେ ମହାପ୍ରଭୁ ସିଦ୍ଧ ବଳଦେବଜୀଉ ବିରାଜମାନ। ଗୁରୁବାର ଗହ୍ମାପୂର୍ଣ୍ଣିମା ଦିନ ମହାପ୍ରଭୁଙ୍କ ଜନ୍ମଦିନ ଅବସରରେ ପ୍ରଥମ ଥର ପାଇଁ ମହାପ୍ରଭୁ ଏକ ନୂତନ ବେଶ ରେ ଦର୍ଶନ ଦେଇଛନ୍ତି । ଏହି ସ୍ୱତନ୍ତ୍ର ବେଶ କେନ୍ଦ୍ରାପଡ଼ା ଜିଲ୍ଲାର ସାମାଜିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆୟୋଜନ କରାଯାଇଛି। ପ୍ରତି ବର୍ଷ ଏହା ଆୟୋଜନ ହେବ ବୋଲି ଟ୍ରଷ୍ଟ ର ସଭାପତି ଦମନ ମହାନ୍ତି କହିଛନ୍ତି । ଆଜି ର କାର୍ଯ୍ୟକ୍ରମ ରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ ର ଯଶୋଦା ମା ଗୋର୍ଦ୍ଧନୀ ମା, ପରାମର୍ଶଦାତା ନିମାଇଁ ଚରଣ ଜେନ, ଟ୍ରଷ୍ଟର ମୁଖପାତ୍ର ପ୍ରମୋଦ ନାୟକ, ଟ୍ରଷ୍ଟର ସଂସ୍କୃତି ବିଭାଗୀୟ ଅଧିକାରୀ ସଂଜୀବ ଚଉଧ, ପ୍ରଭାତ ରଞ୍ଜନ ଜେନା, କାଳନ୍ଦୀ ମଲ୍ଲିକ, ମନୋଜ ରାଉତ, ସୁନୀଳ ଦାସ, ପଦ୍ମନିଧି ପରିଡା, ଗଙ୍ଗାଧର ସାମଲ, ଚଗଲା ବିଶ୍ୱାଳ, ବାଜ ନନା ଓ ଅକ୍ଷୟ ପାଣି ଉପସ୍ଥିତ ଥିଲେ । ଓଡ଼ିଶାର ସୁପ୍ରମା ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।

### ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରାର ପଞ୍ଚମ କିସ୍ତି

# ଜିଲ୍ଲାର ୩.୮୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ମିଳିଲା ଆର୍ଥିକ ସହାୟତା

### 'ସଶକ୍ତ ନାରୀ, ସମୃଦ୍ଧ ଓଡିଶା' ଗଠନ ଦିଗରେ ଆଉ ଏକ ପଦକ୍ଷେପ



କେନ୍ଦ୍ରାପଡ଼ା,୨୮।୮ (ସଂଚାର ବ୍ୟୁରୋ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ମହିଳାଙ୍କ ସ୍ୱାଭିମାନ, ସ୍ୱାବଲମ୍ବନ ଓ ଆର୍ଥିକ ସଶକ୍ତିକରଣକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି । ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାର ୩ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀ ଆର୍ଥିକ ସହାୟତା ପାଇଛନ୍ତି। ନୟାଗଡ଼ ଜିଲ୍ଲାର ଲାଠିପଡ଼ା ପଡ଼ିଆରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନର ଶୁଭାରମ୍ଭ କରିଥିଲେ । ଏହାସହ ସମାନ୍ତରାଳ ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ସଂସ୍କୃତି ଭବନରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ, କେନ୍ଦ୍ରାପଡ଼ା ପକ୍ଷରୁ 'ସୁଭଦ୍ରା' ଯୋଜନାର ପଞ୍ଚମ କିସ୍ତି ପ୍ରଦାନ ସମ୍ପର୍କିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ, ସ୍ୱାବଲମ୍ବନ ଓ ପରିବାରର ଆର୍ଥିକ ପ୍ରଗତିରେ ସେମାନଙ୍କ ଅଧିକ ସକ୍ରିୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ପିଡିସି (ମମତା) ମନୋରଞ୍ଜନ ଦାସ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ବିଚିତ୍ର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ମହିଳା ହିତାଧିକାରୀମାନେ ଉପସ୍ଥିତ ଥିଲେ । '

ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ସେମାନଙ୍କୁ ନିଜ ପାଦରେ ଠିଆ ହେବା, ନିଜ ଆବଶ୍ୟକତା ପୂରଣ କରିବା ସହ ପରିବାରର ଆର୍ଥିକ ଉନ୍ନତିରେ ଅଧିକ ସକ୍ରିୟ ଭୂମିକା ନେବା ପାଇଁ ସଶକ୍ତ କରାଯାଉଛି । କେନ୍ଦ୍ରାପଡ଼ା ଜିଲ୍ଲାର ୩ ଲକ୍ଷ ୮୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ନିକଟରେ ଏହି ସହାୟତା ପହଞ୍ଚାଇବା ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପ ।

ରାକ୍ଷୀ ପୂର୍ଣ୍ଣିମାର ଏହି ପବିତ୍ର ଅବସରରେ 'ସୁଭଦ୍ରା'ର ପଞ୍ଚମ କିସ୍ତି ମହିଳାମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷା, ସ୍ୱାବଲମ୍ବନ ଓ ଆତ୍ମବିଶ୍ୱାସ ବୃଦ୍ଧିର ନୂଆ ଆଶା ସୃଷ୍ଟି କରିଛି । ସଶକ୍ତ ନାରୀ ହିଁ ସମୃଦ୍ଧ ପରିବାର ଓ ସମୃଦ୍ଧ ଓଡ଼ିଶାର ଆଧାର ଏହି ଲକ୍ଷ୍ୟକୁ ଆଗେଇ ନେବାରେ 'ସୁଭଦ୍ରା' ଯୋଜନା ଏକ ମହତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିଛି। ପବିତ୍ର ରକ୍ଷାବନ୍ଧନ ଅବସରରେ ଭାଇ-ଭଉଣୀର ସ୍ନେହ, ବିଶ୍ୱାସ ଓ ସୁରକ୍ଷାର ପ୍ରତୀକ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ବିଧାୟକ, ଜିଲ୍ଲାପାଳଙ୍କ ସମେତ ଉପସ୍ଥିତ ଅନ୍ୟ ଅଧିକାରୀମାନଙ୍କୁ ରାକ୍ଷୀ ବାନ୍ଧି ରକ୍ଷାବନ୍ଧନର ଶୁଭେଚ୍ଛା ଜଣାଇଥିଲେ ।

## ଲକ୍ଷ୍ମଣଜୀଉଙ୍କ ମନ୍ଦିରରେ ଝୁଲଣଯାତ୍ରା ଶେଷ



ଡେରାବିଶ,୨୮।୮ (ସଂଚାର ବ୍ୟୁରୋ):ପବିତ୍ର ଗହ୍ମା ପୂର୍ଣ୍ଣମୀ ଅବସରରେ ଗତ ସୋମବାର ଠାରୁ ଡେରାବିଶ ବ୍ଲକ ଅଞ୍ଚଳରେ ଝୁଲଣ ଉତ୍ସବ ମହାସମାରୋହରେ ପାଳିତ ହେଉଅଛି। ଏହି ଅବସରରେ ବ୍ଲକ ଅଧୀନ କୁଶିଆପାଳ ପଞ୍ଚାୟତ ବାଲିପାଟଣା ସ୍ଥିତ ଶ୍ରୀ ଲକ୍ଷ୍ମଣନାଥଙ୍କ ମନ୍ଦିରରେ ଆରମ୍ଭ ହୋଇଥିବା ଝୁଲଣଯାତ୍ରା ଶୁକ୍ରବାର ବିଳମ୍ବିତ ରାତିରେ ଶେଷ ହୋଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଶ୍ରୀଠାକୁରଙ୍କୁ ଗୋଟି ପନ୍ଥରେ ଅଣାଯାଇ ମନ୍ଦିର ବେଢ଼ାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଫୁଲରଥରେ ଉପବେଶନ କରାଯାଏ। ପରେ ଝୁଲଣ ମଣ୍ଡପରେ ଝୁଲଣ ସଙ୍ଗୀତ ପାଠ କରାଯିବା ପରେ ପୂର୍ଣ୍ଣ ଆଳତି ଅନୁଷ୍ଠିତ ହୋଇଥାଏ। ତେବେ ଆଜି ଶେଷ ସନ୍ଧ୍ୟା ଥିବାରୁ ମନ୍ଦିର ବେଢ଼ାରେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଉଦନ୍ତ ସଂକୀର୍ତ୍ତନ ଓ ଝୁଲଣ ସଙ୍ଗୀତ ପରିବେଷଣକୁ ସର୍ମ୍ପୂର୍ଣ୍ଣ ଭକ୍ତିମୟ କରିଥିଲା। ଏହି କାର୍ଯ୍ୟକ୍ରମକୁ କୁଶିଆପାଳ ସରପଞ୍ଚ ଦୟାନିଧି ଦାସଙ୍କ ସମେତ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ୱାଶିଂ ମେସିନ୍ ସର୍ଭିସିଂ ବାହାନାରେ ସାଇବର ଲୁଟ୍

### ଚିକିତ୍ସା ଖର୍ଚ୍ଚ ପାଇଁ ରଖିଥିବା ପ୍ରାୟ ୧ ଲକ୍ଷ ଟଙ୍କା ଆକାଉଣ୍ଟରୁ ଗାଏବ

କେନ୍ଦ୍ରାପଡ଼ା,୨୮।୮ (ସଂଚାର ବ୍ୟୁରୋ): ୱାଶିଂ ମେସିନ୍ ସର୍ଭିସିଂ କରାଇବା ପାଇଁ ଅନଲାଇନରେ କଷ୍ଟମର ସର୍ଭିସ୍ ସହ ଯୋଗାଯୋଗ କରିବା ଜଣେ ମହିଳାଙ୍କ ପାଇଁ ମହଙ୍ଗା ପଡ଼ିଛି । ସର୍ଭିସିଂ ନାମରେ ସାଇବର ଠକଙ୍କ ଜାଲରେ ଫସି ପ୍ରାୟ ୧ ଲକ୍ଷ ଟଙ୍କା ହରାଇଥିବା ଅଭିଯୋଗ ହୋଇଛି । ଘଟଣାଟି ଗରଦପୁର ବ୍ଲକ୍ ବ୍ରହ୍ମପୁର ଗ୍ରାମର ତପସ୍ୱିନୀ ଦାଶଙ୍କ ସହ ଘଟିଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ, ୱାଶିଂ ମେସିନ୍‌ରେ ସମସ୍ୟା ଦେଖାଦେବା ପରେ ତପସ୍ୱିନୀ ଅନଲାଇନ୍ ମାଧ୍ୟମରେ ସର୍ଭିସିଂ ପାଇଁ କଷ୍ଟମର ସର୍ଭିସ୍ ସହ ଯୋଗାଯୋଗ କରିଥିଲେ । ଏହାପରେ ଅଜଣା ବ୍ୟକ୍ତିଙ୍କ ସହ ତାଙ୍କର ଯୋଗାଯୋଗ ହୋଇଥିବା ଏବଂ ସେହି ସମୟରେ ତାଙ୍କୁ ବିଭିନ୍ନ ଭାବେ ପ୍ରଭାବିତ କରି ଠକେଇ କରାଯାଇଥିବା ଅଭିଯୋଗ ରହିଛି । ଅଭିଯୋଗ ଅନୁସାରେ, ଦୁର୍ବୃତ୍ତମାନେ କୌଶଳକ୍ରମେ ତାଙ୍କ ୟୁକୋ ବ୍ୟାଙ୍କ, ଗରଦପୁର ଶାଖାର ଆକାଉଣ୍ଟରୁ ପ୍ରାୟ ୧ ଲକ୍ଷ ଟଙ୍କା ଟ୍ରାନ୍ସଫର କରି ନେଇଥିଲେ । ଆକାଉଣ୍ଟରୁ ଟଙ୍କା କଟିଯିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ ତପସ୍ୱିନୀ ।

ତେବେ ଏହି ଘଟଣାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି, ତପସ୍ୱିନୀଙ୍କ ସ୍ୱାମୀଙ୍କ ଗୋଡ଼ର ଅପରେସନ୍ ପରବର୍ତ୍ତୀ ଚିକିତ୍ସା ଓ ଔଷଧ ଖର୍ଚ୍ଚ ପାଇଁ ଟଙ୍କା ସଞ୍ଚୟ କରି ରଖାଯାଇଥିବା ବେଳେ ସେହି ଅର୍ଥ ହିଁ ଠକେଇର ଶିକାର ହୋଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ପରିବାର ଚିନ୍ତାରେ ପଡ଼ିଛି । ଘଟଣା ପରେ ସାଇବର ସେଲ୍‌ରେ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି । ଟଙ୍କା କେଉଁ ଆକାଉଣ୍ଟକୁ ଟ୍ରାନ୍ସଫର ହୋଇଛି, ଏହା ପଛରେ କେଉଁମାନେ ଅଛନ୍ତି ଏବଂ ଠକେଇରେ ବ୍ୟବହୃତ ଆକାଉଣ୍ଟ କିମ୍ବା ନମ୍ବର ସମ୍ପର୍କରେ କୌଣସି ସୁରାକ ମିଳୁଛି କି ନାହିଁ— ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ଲୁଟ୍ ହୋଇଥିବା ଅର୍ଥ ଫେରିବ କି ନାହିଁ, ସେନେଇ ମଧ୍ୟ ପୀଡ଼ିତ ପରିବାର ଚିନ୍ତାରେ ରହିଛନ୍ତି ।

**ସର୍ଭିସ୍ ନାମରେ ସାଇବର ଠକେଇର ନୂଆ ଫନ୍ଦ:** ବର୍ତ୍ତମାନ ସମୟରେ ଅନଲାଇନ୍‌ରେ ବିଭିନ୍ନ ସେବା ଖୋଜୁଥିବା ଲୋକଙ୍କୁ ଟାର୍ଗେଟ୍ କରୁଛନ୍ତି ସାଇବର ଠକ । ଅନେକ ସମୟରେ ନକଲି କଷ୍ଟମର କେୟାର ନମ୍ବର, ନକଲି ୱେବସାଇଟ୍ କିମ୍ବା ଅଜଣା ଆପ୍ ଜରିଆରେ ଗ୍ରାହକଙ୍କ ସହ ଯୋଗାଯୋଗ କରି ଠକେଇ କରାଯାଉଥିବା ଅଭିଯୋଗ ଆସୁଛି। ତେଣୁ କୌଣସି ସର୍ଭିସ୍ ପାଇଁ ଅନଲାଇନ୍‌ରେ ମିଳୁଥିବା ଅଜଣା ନମ୍ବର ଉପରେ ଭରସା ନକରି ଅଧିକୃତ କମ୍ପାନୀର ୱେବସାଇଟ୍ କିମ୍ବା ଅଧିକୃତ ଆପ୍ ମାଧ୍ୟମରେ ଯୋଗାଯୋଗ କରିବା ଜରୁରୀ । ଅଜଣା ବ୍ୟକ୍ତିଙ୍କୁ ଓଟିପି, ଏଟିଏମ ପିନ, ସିଭିଭି, ୟୁପିଆଇ ପିନ, ପାସୱାର୍ଡ କିମ୍ବା ବ୍ୟାଙ୍କ ତଥ୍ୟ ଦେବା ଉଚିତ ନୁହେଁ । ସେହିପରି କାହାରି କହିବାରେ ଅଜଣା ଆପ୍ ଡାଉନଲୋଡ୍ କରିବା କିମ୍ବା ଅଜଣା ଲିଙ୍କରେ କ୍ଲିକ୍ କରିବାରୁ ମଧ୍ୟ ଦୂରେଇ ରହିବା ଆବଶ୍ୟକ ।

## ଆଜି ରାକ୍ଷୀ ପୁନେଇ ଭଜନ ଲୋକାର୍ପିତ




କେନ୍ଦ୍ରାପଡ଼ା,୨୮।୮ (ସଂଚାର ବ୍ୟୁରୋ): ଆଜି ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଓ ବଳଭଦ୍ରଙ୍କ ଜନ୍ମ ଦିବସ ଅବସରରେ ସଙ୍ଗୀତ ନିର୍ଦ୍ଦେଶକ ସତ୍ୟପ୍ରିୟ ଦାସଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ 'ଆଜି ରାକ୍ଷୀ ପୁନେଇ' ଶୀର୍ଷକ ଭଜନଟି ଏମ. ପି. କ୍ରିଏସନ ଦ୍ୱାରା ମୁକ୍ତି ଲାଭ କରିଛି` ଗୀତଟିରେ କଣ୍ଠଦାନ କରିଛନ୍ତି କେନ୍ଦ୍ରାପଡ଼ା ବ୍ଲକର ସହକାରୀ ଯନ୍ତ୍ରୀ ଚିନ୍ମୟୀ ସାହୁଙ୍କ ମାତ୍ର ସାତ ବର୍ଷର ଝିଅ ଏଲିଶା ସାମନ୍ତରାୟ । ଭାବପୂର୍ଣ୍ଣ ଗୀତଟିକୁ ଅତି ନିଖୁଣ ଭାବରେ ରଚନା କରିଛନ୍ତି କେନ୍ଦ୍ରାପଡ଼ାର ବରିଷ୍ଠ ଗୀତିକାର ସୁବାସ ପାତ୍ର । ଗୀତଟି ଭୁବନେଶ୍ୱରର ଏସ. ଆର. ଏମ. ଷ୍ଟୁଡିଓରେ ରେକର୍ଡ଼ କରାଯାଇଛି। ପୌରାଣିକ ତଥ୍ୟ ଭିକ ଦ୍ରୌପଦୀଙ୍କ ବସ୍ତ୍ରହରଣ ସମୟରେ କୃଷ୍ଣ ଭାଇ ହୋଇ ଭଉଣୀ ଦ୍ରୌପଦୀକୁ ଲଜ୍ଜ୍ୟା ନିବାରଣରୁ ଯେପରି ରକ୍ଷା କରିଥିଲେ, ସେହି ଦିନ ଠାରୁ ଭାଇ ଭଉଣୀର ଅତୁଟ ବନ୍ଧନକୁ ରାକ୍ଷୀ ପୂର୍ଣ୍ଣିମାର ବିଶେଷତ୍ୱ ବୋଲି ଏହି ଗୀତରେ ଗୀତିକାର ଅତି ନିଖୁଣ ଭାବରେ ବର୍ଣ୍ଣନା କରିଛନ୍ତି । ଆଶା କରା ଯାଉଛି ଗୀତଟି ଓଡ଼ିଶାର ସଂସ୍କୃତି ପ୍ରେମୀଙ୍କ ମଧ୍ୟରେ ବେଶ ଆଦୃତ ହୋଇପାରିବ ।

## ସାଇ ଗାୟତ୍ରୀ ପରିବାରର ରକ୍ଷା ବନ୍ଧନ ଉତ୍ସବ ପାଳିତ



ବୋରିଗୁମ୍ମା,୨୮।୮ (ସଂଚାର ବ୍ୟୁରୋ): ବୋରିଗୁମ୍ମା ସ୍ଥିତ ଦୁଲ୍ଲାଗୁଡ଼ା ରୋଡରେ ଥିବା ବରିଷ୍ଠ ଆଇନଜୀବୀ ଲାଲୁ ଷଡଙ୍ଗୀ ଙ୍କ ବାସଭବନରେ ସାଇ ଗାୟତ୍ରୀ ପରିବାର ପକ୍ଷରୁ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ପାଳନ କରାଯାଇଥିଲା। ସାଇ ଗାୟତ୍ରୀ ପରିବାର ର ପ୍ରତିଷ୍ଠାତା ଲାଲୁ ଷଡଙ୍ଗୀ ନିଆରା ଢଙ୍ଗରେ ରାକ୍ଷୀ ବନ୍ଧନ ଉତ୍ସବ କୁ ପାଳନ କରିଥିଲେ।ବୋରିଗୁମ୍ମା ବ୍ଲକ ର ବିଭିନ୍ ଗ୍ରାମାଞ୍ଚଳ ରୁ ଆସିଥିବା ବିଭିନ୍ନ ବର୍ଗର ୨୦ ଜଣ ମହିଳା ଙ୍କୁ ଲାଲୁ ଷଡଙ୍ଗୀ ଭଉଣୀ ଭାବେ ଗ୍ରହଣ କରିଥିଲେ। ସମସ୍ତ ୨୦ ଜଣ ମହିଳା ଲାଲୁ ଷଡଙ୍ଗୀ ହାତରେ ରାକ୍ଷୀ ବାନ୍ଧି ଆଶୀର୍ବାଦ ନେଇଥିଲେ। ଆମ ମଧ୍ୟରେ ସବୁବେଳେ ଭାଇ ଭଉଣୀ ର ସମ୍ପର୍କ ରହିବ ବୋଲି ପ୍ରତିଶ୍ରୁତି ଦେବା ସହ ରାକ୍ଷୀ ବନ୍ଧନ ହେଉଛି "ଏକ ସୁତା-ହଜାରେ ସମ୍ପର୍କ , ଏକ ପ୍ରତିଜ୍ଞା-ସାରା ଜୀବନ ର ସୁରକ୍ଷା" ବୋଲି ଶ୍ରୀ ଷଡଙ୍ଗୀ କହିଥିଲେ। ସାଇ ଗାୟତ୍ରୀ ପରିବାର ପକ୍ଷରୁ ରାକ୍ଷୀ ବନ୍ଧନ ଉପଲକ୍ଷେ ୨୦ ଜଣ ମହିଳାଙ୍କୁ ଉପହାର ପ୍ରଦାନ କରାଯାଇଥିଲା।

## ରିଲିଫ ବାଣ୍ଟିଲେ ରାଜନଗର ବିଧାୟକ ଧ୍ରୁବ ସାହୁ



ପଟ୍ଟାମୁଣ୍ଡାଇ,୨୮।୮ (ସଂଚାର ବ୍ୟୁରୋ): ଚଳିତ ବ୍ରାହ୍ମଣୀ ନଦୀର ୩ୟ ବନ୍ୟା ରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି । ଏହି ପୌରାଞ୍ଚଳର ବିଭିନ୍ନ ୱାର୍ଡ ବାହ୍ୟ ଜଗତରୁ ବିଛିନ୍ନ ହୋଇ ଦୀର୍ଘ ୧ମାସ ହେବ ଜଳବନ୍ଦୀ ହୋଇରହିଛି । ବାରମ୍ବାର ବନ୍ୟା ଯୋଗୁଁ ବ୍ୟାପକ ଫସଲହାନି ଘଟିଛି । ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି । ବନ୍ୟାରେ ବହୁ ଲୋକଙ୍କ ଘର ଭାଙ୍ଗି ଥିବାରୁ ବାସହରା ହୋଇ ବିଭିନ୍ନ ସ୍ଥାନରେ ମୁଣ୍ଡ ଗୁଞ୍ଜିଛନ୍ତି । ରାଜନଗର ବିଧାୟକ ଚଳିତ ବନ୍ୟାରେ ପୌର ପରିଷଦର ବନ୍ୟା ବିପନ୍ନ ୱାର୍ଡକୁ ଯାଇ ଅବସ୍ଥା ଅନୁଧ୍ୟାନ କରି ଥିବାବେଳେ ସମ୍ପ୍ରତି ବ୍ରାହ୍ମଣୀ ନଦୀର ୩ୟ ବନ୍ୟାରେ ପଟ୍ଟାମୁଣ୍ଡାଇ ପୌର ପରିଷଦର ବିଭିନ୍ନ ୱାର୍ଡକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ ଆଜି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତ ସାହୁ ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା ନଗର ଯୁବବିଜେଡି ସଭାପତି ଅଶୋକ ଧଳଙ୍କ ସହିତ ବନ୍ୟା ବିପନ୍ନ ଷଣ୍ଢ ପଲ୍ଲୀ ଓ କଷଣଅଣ୍ଡା ଗ୍ରାମକୁ ଯାଇ ସ୍ଥିତି ପରଖିବା ସହିତ ରିଲିଫ ବଣ୍ଟନ କରିଥିଲେ ।

ପଟ୍ଟାମୁଣ୍ଡାଇ ପୌର ପରିଷଦର ସମସ୍ତ ବନ୍ୟା ବିପନ୍ନମାନଙ୍କୁ ୧୫ଦିନ ରିଲିଫ ରନ୍ଧା ଖାଦ୍ୟ ପାଲ, ପର୍ଯ୍ୟାପ୍ତ ଗୋଖାଦ୍ୟ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ କରିଛନ୍ତି । ବିଧାୟକ ଓ ପୌର ଅଧକ୍ଷଙ୍କ ସହିତ କାଉନସିଲର ସନ୍ତୋଷ ଦାସ, ପ୍ରଶାନ୍ତ ବାରିକ, ମଧୁସ୍ମିତା ମଲିକ,ସୁଧାମୟ ମଲିକ, ବରିଷ୍ଠ ନେତା ଶ୍ରୀକାନ୍ତ ରାଉତ,କମ୍ବୁକଣ୍ଠ ସାହୁ ପୂର୍ବତନ ପୌର ଉପାଧକ୍ଷ ସୁମନ୍ତ ପାତ୍ର ସୁଶାନ୍ତ ପଣ୍ଡା ପୂର୍ବତନ କାଉନ ସିଲର ଆଲୋକ ଧଳ ଓ ଜୟ କୃଷ୍ଣ ରାଉତ,ତାପସ ପ୍ରଧାନ ଓ ଅଭିରାମ ସ୍ୱାଇଁ ପ୍ରମୁଖ ବିପନ୍ନଙ୍କ ସ୍ଥିତି ପରଖିବା ସହିତ ରିଲିଫ ବଣ୍ଟନରେ ସହଯୋଗ କରିଥିଲେ।

## ସମୀର ଟିଭିଏସ ପକ୍ଷରୁ ଦୃଷ୍ଟିବାଧିତ ବିଦ୍ୟାଳୟରେ ରକ୍ଷାବନ୍ଧନ



କେନ୍ଦ୍ରାପଡ଼ା, ୨୮।୮ (ସଂଚାର ବ୍ୟୁରୋ):ସମୀର ଟିଭିଏସ ପରିବାର ପକ୍ଷରୁ କେନ୍ଦ୍ରାପଡା ସହରର ଅଯୋଦ୍ଧା ନଗରସ୍ଥିତ ଦୃଷ୍ଟିବାଧିତ ବିଦ୍ୟାଳୟରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସମୀର ଟିଭିଏସର ନିର୍ଦ୍ଦେଶକ ସମୀର କୁମାର ଚାନ୍ଦଙ୍କ ନେତୃତ୍ୱରେ ତାଙ୍କ ସମୀର ଟିଭିଏସ ପରିବାରର ସଦସ୍ୟ/ସଦସ୍ୟାମାନେ ଦୃଷ୍ଟିବାଧିତ ବିଦ୍ୟାଳୟରେ ପହି ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକମାନଙ୍କ ହାତରେ ରାକ୍ଷୀ ବାନ୍ଧିଦେଇ ସେମାନଙ୍କୁ ମିଠା ଖୁଆଇ ଦେଇଥିଲେ । ସମୀର ଟିଭିଏସ ପରିବାର ପକ୍ଷରୁ ଏଭଳି ଏକ ସୁନ୍ଦର କାର୍ଯ୍ୟକ୍ରମ ଦ୍ୱାରା ବିଦ୍ୟାଳୟର ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ମନରେ ଖୁସି ଓ ଆନନ୍ଦର ବାତାବରଣ ଖେଳାଇଦେଇଥିଲା ।

## ହସ୍ପିଟାଲରେ ଗଣ୍ଡଗୋଳ, ୩ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ,୨୮।୮ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଗଣ୍ଡଗୋଳ ଘଟଣାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଆଜି ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ ଗତକାଲି ରାତି ପ୍ରାୟ ୮ଟା ୩୦ମିନିଟ ସମୟରେ ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ପରିସରରେ ଥିବା ଡାକ୍ତର ପ୍ରକୋଷ୍ଠ ସମ୍ମୁଖରେ ସୁରକ୍ଷା କର୍ମଚାରୀ ଦେବାଶିଷ ବେହେରା ଡ୍ୟୁଟି କରୁଥିବା ବେଳେ ହଠାତ ଆୟବା ନରଣପୁର ଗ୍ରାମର କେତେକ ଯୁବକ ଡ୍ୟୁଟିରେ ଥିବା ଡାକ୍ତରଙ୍କ ପ୍ରକୋଷ୍ଠ ମଧ୍ୟକୁ ବଳପୂର୍ବକ ପ୍ରବେଶ କରିବା ପାଇଁ ଉଦ୍ୟମ କରିବାରୁ ସେଠାରେ ଉପସ୍ଥିତ ସୁରକ୍ଷା କର୍ମଚାରୀ ଶ୍ରୀ ବେହେରା ଏହାର ପ୍ରତିବାଦ କରିବାରୁ ସମ୍ପୃକ୍ତ ଯୁବକମାନେ ତାକୁ ଆଶ୍ରାବ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ନିସ୍ତୁକ ମାଡ଼ ମାରିବାରୁ ସୁରକ୍ଷା କର୍ମଚାରୀ ଶ୍ରୀବେହେରା ଚେତାଶୁନ୍ୟ ହୋଇ ପଡିଥିଲେ । ଖବର ପାଇ ତାଙ୍କ ପିତା ପୋଖରୀଆପଡା ଗ୍ରାମର ନାରାୟଣ ବେହେରା ଘଟଣାସ୍ଥଳରେ ପହଂଚି ଗୁରୁତର ଥିବା ପୁଅକୁ ପ୍ରାଥମିକ ଚିକିତ୍ସା ପରେ କେନ୍ଦ୍ରାପଡ଼ା ଜିଲ୍ଲା ହସ୍ପିଟାଲ ପଠାଇ ଥିଲେ । ଏହା ପରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ଆସି ଆକ୍ରମଣରେ ଗୁରୁତର ସୁରକ୍ଷା କର୍ମଚାରୀଙ୍କ ପିତା ନାରାୟଣ ବେହେରା ଆକ୍ରମଣକାରୀ ଯୁବକ ମାନଙ୍କ ବିରୋଧରେ ଥାନାରେ ଲିଖିତ ଏତଲା ଦେଇଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ମାନସ ରଞ୍ଜନ ମଲ୍ଲିକଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଏ ସମ୍ପର୍କରେ ଥାନା କେଶ ନଂ ୩୬୧/୨୦୨୬ରେ ଏକ ମୋକଦମା ରୁଜୁ କରି ଏହି ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ଅଭିଯୋଗରେ ୩ଜଣ ଯୁବକ ଆୟବା ନାରାୟଣପୁର ଗ୍ରାମର ଜୟନ୍ତ ବାରିକ (୪୧),ସୁଧୀ ରଞ୍ଜନ ସ୍ୱାଇଁ (୩୩),ସ୍ମୃତି ରଞ୍ଜନ ଦାସ (୪୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ରାକ୍ଷୀ ପୂର୍ଣ୍ଣିମାରେ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ପ୍ରଦାନ



ଢେଙ୍କାନାଳ,୨୮।୮ (ସଂଚାର ବ୍ୟୁରୋ):ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ଅର୍ଥରାଶି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଆଜି ସ୍ଥାନୀୟ ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଶ୍ରୀଯୁକ୍ତ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ । ଆଜି ଢେଙ୍କାନାଳ ଜିଲ୍ଲାର ୩ ଲକ୍ଷ ୬ ହଜାର ୪୭୩ ଜଣ ମହିଳା ହିତାଧିକାରୀ ଉପକୃତ ହେବେ ବୋଲି କହି, ଏହି ଅର୍ଥ ଅର୍ଥ ରାଶି ବିନିଯୋଗ କରି ଛୋଟ ଛୋଟ ବ୍ୟବସାୟ କରି ପରିବାରର ଆର୍ଥିକ ସ୍ଥିତି ସୁଧାରିବାକୁ ପରାମର୍ଶ ଦେଇଛନ୍ତି । ମା' ମାନଙ୍କ ଉଦ୍ୟମ ଯୋଗୁଁ ପରିବାର ସମୃଦ୍ଧ ହେଉଛି, ସମାଜ ଆଗକୁ ବଢୁଛି ବୋଲି ମତବ୍ୟକ୍ତ କରିଛନ୍ତି । ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡ଼ିଶା ଅଗ୍ରଣୀ ଭୂମିକା ଗ୍ରହଣ କରିପାରିଛି ବୋଲି ସେ ପ୍ରକାଶ କରିଥିଲେ । ସମସ୍ତ ଯୋଗ୍ୟ ମହିଳାଙ୍କୁ ଏହି ଯୋଜନାରେ ସାମିଲ କରାଯାଇ ଆର୍ଥିକ ସହାୟତା ପ୍ରଦାନ କରାଯିବା ପାଇଁ କାର୍ଯ୍ୟକ୍ରମ ଜାରି ରହିଛି ବୋଲି ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ ପ୍ରକାଶ କରିଛନ୍ତି । ଆତ୍ମ ନିର୍ଭରଶୀଳ ହୋଇ ରାଜ୍ୟକୁ ଆଗେଇ ନେବାରେ ସହାୟକ ହେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ପ୍ରାରମ୍ଭରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଦିପ୍ତୀ ରଂଜନ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ପୌର ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପାତ୍ର, ଉପ-ଜିଲ୍ଲାପାଳ ଶ୍ରୀ ପଦ୍ମ ଚରଣ ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, ସୁଭଦ୍ରା ଯୋଜନାର ହିତାଧିକାରୀମାନେ ଯୋଗ ଦେଇଥିଲେ ।

## ବଣିଆମାଳ ପତିତପାବନ କ୍ଲବର ପ୍ରତିଷ୍ଠା ପାଳିତ



କେନ୍ଦ୍ରାପଡ଼ା,୨୮।୮ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପୌରାଞ୍ଚଳର ୧୯ ଓ ୨୦ ନଂ. ୱାର୍ଡର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ବଣିଆମାଳ ପତିତପାବନ କ୍ଲବର ୫୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମାଜସେବୀ ତଥା ପୂର୍ବତନ କାଉନସିଲର ଶରତ କୁମାର ବେହୁରା, ଗ୍ରାମ କମିଟି ସଭାପତି ଗୁଣନିଧି ଜଗତି, ରାଜକିଶୋର ରାଉତରାୟ, ବ୍ରହ୍ମାନନ୍ଦ ତ୍ରିପାଠୀ, ନୃସିଂହ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଲେ ସମାଜରେ ଶାନ୍ତି ସ୍ଥାପନ କରିବାରେ ବଣିଆମାଳ ପତିତପାବନ କ୍ଲବର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । କାରଣ କ୍ଲବ ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟ କରିବା ସହ ଅଞ୍ଚଳ ଅଞ୍ଚଳ ମଧ୍ୟରେ କିପରି ଶାନ୍ତି ଓ ମୈତ୍ରୀ ସ୍ଥାପନ ହୋଇପାରିବ ତାହା ଉପରେ ଗୁରୁତ୍ୱ ଦେଇଥାନ୍ତି । ସର୍ବଧର୍ମର ପ୍ରତୀକ ଭାବେ କ୍ଲବ କାର୍ଯ୍ୟ କରିଥାଏ । ସମାଜରେ ଦେଖା ଦେଉଥିବା ବିଭିନ୍ନ ପ୍ରକାରର ସମସ୍ୟା ସମାଧାନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେହିପରି ବିଭିନ୍ନ ଅଞ୍ଚଳ ମଧ୍ୟରେ ଭାଇଚାରା ସ୍ଥାପନରେ କ୍ଲବ ସହଯୋଗ କରିଥାଏ ବୋଲି ଅତିଥି ମାନେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ସ୍ୱରୂପ ରାଉତରାୟ, ଉପସଭାପତି ପ୍ରିତୀରଞ୍ଜନ ବେହୁରା, ସଂପାଦକ ପରମାନନ୍ଦ ସାହୁ, ସହ ସଂପାଦକ ପ୍ରତ୍ୟୁଷ ନାୟକ, ସମୀର କୁମାର ମହଲା, କୋଷାଧ୍ୟକ୍ଷ ରାକେଶ ମହାଲିକ, ଲକ୍ଷ୍ମିକାନ୍ତ ନାୟକ, ଅକ୍ଷୟ ପାତ୍ର, ଶରତ ଦାସ, ବିକାଶ ମହାଲିକ, ନଳିନୀ ମହଲା, କୀର୍ତ୍ତି ରଞ୍ଜନ ବେହୁରା, ଅସୀମ ଜଗତି, କୁମାର ମହାନ୍ତି, ସିକୁନା ବରାଳ ପ୍ରମୁଖ ଶତାଧିକ କ୍ଲବ ସଦସ୍ୟ ଯୋଗ ଦେଇଥିଲେ । ଏହି ଅବସରରେ ପଥଚାରୀମାନଙ୍କୁ ମିଷ୍ଟାନ ବଣ୍ଟନ କରାଯିବା ସହ ଭାଇଚାରାର ବାର୍ତ୍ତା ପ୍ରଦାନ କରାଯାଇଥିଲା ।

## ଡେରାବିଶ ବିଡିଓଙ୍କୁ ଦୁର୍ବ୍ୟବହାର ବିବାଦ ଥମିବାର ନାଁ ଧରୁନି



ଡେରାବିଶ,୨୮।୮ (ସଂଚାର ବ୍ୟୁରୋ): ଚଳିତ ଅଗଷ୍ଟ ମାସ ୧୪ ତାରିଖରେ ଭାଜପା ନେତା ଓ ତାଙ୍କ ସମର୍ଥକଙ୍କ ଡେରାବିଶ ବିଡ଼ିଓ ନମିତା ବାରିକଙ୍କ ଚ୍ୟାମ୍ବରକୁ ଧସେଇ ପଶିବା ଓ ତାଙ୍କୁ ଦୁର୍ବ୍ୟବହାର କରିବା ଘଟଣାକୁ ନେଇ ବିଧାୟକ ଅରବିନ୍ଦ ମହାପାତ୍ର ଓ ଭାଜପା ନେତା ଉମାକାନ୍ତଙ୍କ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଘଟଣା ଏକ ରୋଚକ ମୋଡ଼ରେ ପହଞ୍ଚିଲାଣି। ଏହି ଘଟଣାକୁନେଇ ସମଗ୍ର ପାଟକୁରା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ଉଷ୍ମତା ଜୋର ଧରିବାରେ ଲାଗିଛି।

ବିଧାୟକ ଅରବିନ୍ଦଙ୍କ ପ୍ରତିନିଧି ଓ ସମର୍ଥକଙ୍କ ଦ୍ୱାରା ଚାନ୍ଦୋଳ ଠାରେ ଶୁକ୍ରବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ସେଦିନର ଘଟଣା ସମ୍ପର୍କରେ ଆଲୋକପାତ କରିବା ସହ ଏହି ଘଟଣାରେ ବିଧାୟକଙ୍କୁ ବଦନାମ କରାଯାଉଥିବା ଅପଚେଷ୍ଟାରୁ ଦୂରେଇ ରହିବାକୁ ଉପସ୍ଥିତ ନେତୃମଣ୍ଡଳୀ ସୂଚନା ଦେଇଥିଲେ। ଏକ ପ୍ରେସ୍‌ନୋଟ୍ ମାଧ୍ୟମରେ ଡେରାବିଶ ବ୍ଲକ କେବଳ ଜିଲ୍ଲାରେ ନୁହେଁ ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହି ବ୍ଲକରେ ଗତ ୧୪ ତାରିଖରେ ଯେଉଁ ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ନେତୃମଣ୍ଡଳୀ କହିବା ସହ ଏହି ଘଟଣାର ସମ୍ପୂର୍ଣ୍ଣ ନିନ୍ଦା କରୁଛୁ ବୋଲି କହିଥିଲେ।

ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ ନିଜର ବକ୍ତବ୍ୟରେ ବ୍ଲକ କାର୍ଯ୍ୟାଳୟ ଭିତରେ ଘଟିଥିବା ଅଘଟଣକୁ ପ୍ରତିବାଦ କରି କର୍ମଚାରୀ ସଂଘ ପକ୍ଷରୁ ତିନିଦିନ ଧରି କରାଯାଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ସମାପ୍ତ କରିବା ପାଇଁ ବିଧାୟକ ମହାପାତ୍ର ସେଠାକୁ ଯାଇଥିଲେ। ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ବିଧାୟକ ନିବେଦନ କରିଥିବା ବେଳେ କର୍ମଚାରୀମାନେ ନିଜକୁ ଅସୁରକ୍ଷିତ ଭାବେ ମଣୁଥିବା ବିଧାୟକଙ୍କୁ ଆପତି କରିଥିଲେ। ଏହାର ଉତରରେ ବିଧାୟକ ମହାପାତ୍ର ଭବିଷ୍ୟତରେ ଯଦି ଏଭଳି ଘଟଣା କିଏ ଘଟାଏ ସେହି ଦୁର୍ବୃର୍ତ୍ତଙ୍କୁ ଟଂଟିଆ ଓ ଗୋଇଠା ମାରି ଗେଟ୍ ବାହାରକୁ ବିଦା କରିବାକୁ ପରାମର୍ଶ ଦେଇଥିଲେ। ସବୁ କର୍ମଚାରୀମାନେ ଏକ ହୋଇ ବ୍ଲକର ବିକାଶ ମୂଳକ କାର୍ଯ୍ୟ କରିବା ସହ ସମସ୍ତଙ୍କୁ ସେବା ଯୋଗାଇଦେବାକୁ ବିଧାୟକ ଅନୁରୋଧ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ବୋଲି ମନୋରଞ୍ଜନ କହିଥିଲେ।

ତେବେ ବିଧାୟକଙ୍କର ଏହି ବକ୍ତବ୍ୟ ନିର୍ଦ୍ଦିଷ୍ଟ କୌଣସି ବ୍ୟକ୍ତି ବିଶେଷ କିମ୍ବା ରାଜୈନତିକ ଦଳ ପ୍ରତି ଉଦ୍ଦିଷ୍ଟ ନଥିବା ବେଳେ ଏହାକୁ ଏକ ନିର୍ଦ୍ଦିଷ୍ଟ ରାଜନୈତି ଦଳ ନିଜ ଆଡ଼କୁ ନେଇ ବିଧାୟକଙ୍କ କୁଶପୁତଳିକା ଦାହ କରି ବାହାବା ନେବାକୁ ଯେଉଁ ଅପଚେଷ୍ଟା କରୁଛନ୍ତି ସେଥିବରୁ ନିବୃତ ରହିବାକୁ ବରିଷ୍ଠ ନେତା ମହେନ୍ଦ୍ର ସିଂ କହିଥିଲେ।

ତେବେ ପଞ୍ଚାୟତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ରାଜନୈତିକ ନେତାଙ୍କ ବୟାନବାଜି ସମଗ୍ର ନିର୍ବାଚନ ମଣ୍ଡଳିରେ ଚର୍ଚ୍ଚାର ବିଷୟ ହୋଇଛି।

## ୩୦ ବର୍ଷ ପାଇଁ ଏଏମ୍/ଏନ୍ଏସ୍ ପାରାଦୀପ ଲଜିଷ୍ଟିକ୍ସକୁ କନସେସନ୍ ଆୱାର୍ଡ




ପାରାଦୀପ,୨୮।୮ (ସଂଚାର ବ୍ୟୁରୋ): ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ କ୍ୟାପଟିଭ୍ ଭିତ୍ତିରେ ଡ୍ରାଏ ବଲ୍କ କାର୍ଗୋ ପରିଚାଳନା ପାଇଁ ଏଏମ୍/ଏନ୍ଏସ୍ ପାରାଦୀପ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ୩୦ ବର୍ଷ ପାଇଁ 'ଆୱାର୍ଡ ଅଫ୍ କନସେସନ୍' ପ୍ରଦାନ କରାଯାଇଛି। ସିକ୍ୟୁ-୩ ବର୍ଥର ଯାନ୍ତ୍ରିକୀକରଣ ମାଧ୍ୟମରେ ବାର୍ଷିକ ୧୦ ନିୟୁତ ଟନ କ୍ଷମତାର ଡ୍ରାଏ ବଲ୍କ କାର୍ଗୋ ପରିଚାଳନା ଏହି ପ୍ରକଳ୍ପର ଲକ୍ଷ୍ୟ ରହିଛି।

ପାରାଦୀପରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ସର୍ବାନନ୍ଦ ସୋନୋୱାଲ ଏଏମ୍/ଏନ୍ଏସ୍ ଇଣ୍ଡିଆର କର୍ପୋରେଟ୍ ଆଫେୟାର୍ସ ବିଭାଗ ମୁଖ୍ୟ ଶ୍ରୀ ଦୀପକ ଅରୋରାଙ୍କୁ ଏହି ଆୱାର୍ଡ ପ୍ରଦାନ କରିଥିଲେ।

ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଶ୍ରୀ ବିଭୁ ପ୍ରସାଦ ତରାଇ, ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ଶ୍ରୀ ପି.ଏଲ୍. ହାରନାଧ, ଉପାଧ୍ୟକ୍ଷ ଶ୍ରୀ ଟି. ଭେନୁ ଗୋପାଳ ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ଅପରେସନ୍ସ ମୁଖ୍ୟ ଶ୍ରୀ ୟୁ.ଏସ୍.ଆର୍. ରାଜୁଙ୍କ ସମେତ ବନ୍ଦରର ବରିଷ୍ଠ ଅଧିକାରୀ ଓ ବିଭିନ୍ନ କର୍ପୋରେଟ୍ ନେତୃବୃନ୍ଦ ଉପସ୍ଥିତ ଥିଲେ।

ଏହି ୩୦ ବର୍ଷିଆ କନସେସନ୍ ଏଏମ୍/ଏନ୍ଏସ୍ ଇଣ୍ଡିଆର କାର୍ଗୋ ପରିବହନ ବ୍ୟବସ୍ଥାକୁ ଅଧିକ ସୁଗମ ଓ ଦକ୍ଷ କରିବ। କମ୍ପାନୀର ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରୁ ପିପିଏର ବର୍ଥ ପର୍ଯ୍ୟନ୍ତ ସିଧାସଳଖ ସଂଯୁକ୍ତ ସମ୍ପୂର୍ଣ୍ଣ ଯାନ୍ତ୍ରିକ କନଭେୟର ସିଷ୍ଟମ ମାଧ୍ୟମରେ ଲୁହାପଥର ପେଲେଟ୍ ପରିବହନ କରାଯିବ।

ପାରାଦୀପରୁ ହାଜିରା ପର୍ଯ୍ୟନ୍ତ ଲୁହାପଥର ପେଲେଟ୍‌ର ତଟୀୟ ଜାହାଜ ଚଳାଚଳ ମାଧ୍ୟମରେ ପରିବହନ ଏକ ଇନ୍ଧନ ସଂରକ୍ଷଣକାରୀ, ବ୍ୟୟସାପେକ୍ଷ ଓ ପରିବେଶ ଅନୁକୂଳ ପଦ୍ଧତି ଭାବେ ଗୁରୁତ୍ୱ ବହନ କରୁଛି। ସିକ୍ୟୁ-୩ ବର୍ଥର କ୍ୟାପଟିଭ୍ ବ୍ୟବହାର କମ୍ପାନୀର ଦୀର୍ଘକାଳୀନ ଅଭିବୃଦ୍ଧି ସହିତ ଏକ ଦୃଢ଼ ଓ ପରିବେଶ ଅନୁକୂଳ ଯୋଗାଣ ଶୃଙ୍ଖଳ ଗଠନରେ ସହାୟକ ହେବ।

# ରାଖୀ ବାନ୍ଧିବା ସହ ନିଶାମୁକ୍ତିର ଶପଥ ପାଠ



ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ଆଜି ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଆୟୋଜିତ ରାଖୀ ପର୍ବ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇଥିଲେ।

ଶ୍ରୀ ମହାପାତ୍ର ନୀଳାଦ୍ରି ବିହାରଠାରେ ଶ୍ରମିକମାନଙ୍କ ସହ ରାଖୀ ପୂର୍ଣ୍ଣିମା ପାଳନ କରିବା ସହ ସେମାନଙ୍କୁ ରାଖୀ ବାନ୍ଧିଥିଲେ। ଏହି ଅବସରରେ ନିଶାଦ୍ରବ୍ୟଠାରୁ ଦୂରେଇ ରହିବା, ନିଶାର କୁପ୍ରଭାବ ସମ୍ପର୍କରେ ସଚେତନ ହେବା ଓ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଗଠନ ପାଇଁ ସମସ୍ତଙ୍କୁ ସାମୂହିକ ଭାବେ ମଧ୍ୟ ଶ୍ରୀ ମହାପାତ୍ର ଶପଥ ପାଠ କରାଇଥିଲେ। ସେହିପରି ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀସ୍ଥିତ 'ଆଶା କିରଣ ଫାଉଣ୍ଡେସନ'ର ପିଲାଙ୍କ ସହ ଶ୍ରୀ ମହାପାତ୍ର ରାଖୀ ପୂର୍ଣ୍ଣିମାର ଖୁସି ବାଣ୍ଟିଥିଲେ। ପିଲାମାନେ ତାଙ୍କ ହାତରେ ରାଖୀ ବାନ୍ଧି ସ୍ନେହ, ଭଲ ପାଇବା ଓ ଭାଇଚାରାର ପବିତ୍ର ବନ୍ଧନକୁ ଆହୁରି ନିବିଡ଼ କରିଥିଲେ। ପିଲାମାନଙ୍କ ସହ କିଛି ସମୟ ବିତାଇ ଶ୍ରୀ ମହାପାତ୍ର ସେମାନଙ୍କ ନିର୍ମଳ ହସ, ନିଷ୍କପଟ ସ୍ନେହ ଓ ଆତ୍ମୀୟତାରେ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ପବିତ୍ର ଦିନରେ ସମାଜର ସମସ୍ତ ବର୍ଗଙ୍କ ସହ ଖୁସି ବାଣ୍ଟିବା ସଙ୍ଗେ ସଙ୍ଗେ ଏକ ନିଶାମୁକ୍ତ ଓ ସୁସ୍ଥ ସମାଜ ଗଠନର ସଂକଳ୍ପ ନେବା ଆମ ସମସ୍ତଙ୍କ ଦାୟିତ୍ୱ। ଶ୍ରମିକମାନେ ସମାଜର ବିକାଶର ମୁଖ୍ୟ ଆଧାର। ସେମାନଙ୍କ ସୁରକ୍ଷା, ସମ୍ମାନ ଓ କଲ୍ୟାଣ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଅନ୍ୟପକ୍ଷରେ, ପିଲାମାନଙ୍କ ନିର୍ମଳ ହସ ଓ ଖୁସିରେ ସମାଜର ସୁନ୍ଦର ଭବିଷ୍ୟତ ଲୁଚି ରହିଛି। ତେଣୁ ନିଶାମୁକ୍ତ ସମାଜ ଗଠନ ସହ ପ୍ରତ୍ୟେକ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଶ୍ରୀ ମହାପାତ୍ର ଆହ୍ୱାନ ଦେଇଥିଲେ।

## ପାର୍ବଣରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବ୍ୟାପକ ଯାଞ୍ଚ

# ୩,୭୦୫ କିଲୋ ଅପମିଶ୍ରିତ ଖାଦ୍ୟ ସାମଗ୍ରୀ ନଷ୍ଟ



ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ରାଜ୍ୟରେ ଖାଦ୍ୟର ଗୁଣବତ୍ତା ଓ ସୁରକ୍ଷା ସୁନିଶ୍ଚିତ କରିବା ଲକ୍ଷ୍ୟରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବ୍ୟାପକ ଯାଞ୍ଚ କରାଯାଉଛି। ଖାଦ୍ୟ ସୁରକ୍ଷା କମିଶନର ଡ. ପୋମା ଟୁଡୁଙ୍କ ତତ୍ତ୍ୱାବଧାନରେ ଏହି ଅଭିଯାନରେ ରାଜ୍ୟର ବିଭିନ୍ନ ଜିଲ୍ଲା, ଉପଖଣ୍ଡ, ପୌରାଞ୍ଚଳ ଆଦି ଅଞ୍ଚଳରେ ଖାଦ୍ୟ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଯାଞ୍ଚ କରାଯାଇ ଅପମିଶ୍ରିତ ଖରାପ ଖାଦ୍ୟ ସାମଗ୍ରୀଗୁଡ଼ିକ ନଷ୍ଟ କରାଯିବା ସହ ସମ୍ପୃକ୍ତ ପ୍ରତିଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଆଜି ଯାଏଁ ଏହି ଅଭିଯାନରେ ମୋଟ ୩,୭୦୫ କିଗ୍ରା ଖରାପ ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଥିବା ବେଳେ ୪୭୫ଟି ଖାଦ୍ୟ ନମୁନା ପରୀକ୍ଷା ନିମନ୍ତେ ସଂଗ୍ରହ କରାଯାଇଛି। ଏହାସହ ମୋଟ ୨,୮୪,୫୦୦ ଟଙ୍କାର ଜରିମାନା ଆଦାୟ କରାଯାଇଛି।

ସେଥିରୁ ବିଏମସି, ଭୁବନେଶ୍ୱର ଅଞ୍ଚଳରେ ସର୍ବାଧିକ ୭୮୭ କିଗ୍ରା ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଥିବା ସହ ୬୧ଟି ନମୁନା ସଂଗ୍ରହ ଓ ୬୮,୫୦୦ ଟଙ୍କା ଜରିମାନା ଲଗାଯାଇଛି। ସେହିପରି କେଏମ୍‌ସି, କଟକରେ ୫୭୦ କିଗ୍ରା ଓ ଆର୍‌ଏମ୍‌ସି, ରାଉରକେଲାରେ ୧୨୩ କିଗ୍ରା ଖାଦ୍ୟ ସାମଗ୍ରୀ ଅପମିଶ୍ରଣ ଯୋଗୁଁ ନଷ୍ଟ କରାଯାଇଛି। ଜିଲ୍ଲା ସ୍ତରରେ ମଧ୍ୟ ଜୋରଦାର ଅଭିଯାନ ମାଧ୍ୟମରେ ପୁରୀରେ ୧୨୦ କିଗ୍ରା, ବାଲେଶ୍ୱରରେ ୯୮ କିଗ୍ରା, ଢେଙ୍କାନାଳରେ ୯୫ କିଗ୍ରା, କେନ୍ଦ୍ରାପଡ଼ାରେ ୯୫ କିଗ୍ରା ଓ ସୁନ୍ଦରଗଡ଼ରେ ୭୦ କିଗ୍ରା ଖାଦ୍ୟ ସାମଗ୍ରୀ ନଷ୍ଟ କରାଯାଇଛି। କେନ୍ଦ୍ରାପଡ଼ାରେ ୪୪ ହଜାର ଟଙ୍କା, ଢେଙ୍କାନାଳରେ ୨୮ହଜାର ଟଙ୍କା ଏବଂ ଭଦ୍ରକରେ ୩୧,୫୦୦ ଟଙ୍କା ଜରିମାନା ଲଗାଯାଇଛି। ଏହି ଅଭିଯାନ ମାଧ୍ୟମରେ ଉପଭୋକ୍ତାମାନଙ୍କୁ ସୁରକ୍ଷିତ ଓ ସ୍ୱଚ୍ଛ ଖାଦ୍ୟ ଯୋଗାଣ ନିଶ୍ଚିତ କରିବା ଓ ଖାଦ୍ୟ ବ୍ୟବସାୟୀମାନଙ୍କ ମଧ୍ୟରେ ଖାଦ୍ୟ ସୁରକ୍ଷା ମାନଦଣ୍ଡ ପ୍ରତି ସଚେତନତା ବୃଦ୍ଧି କରିବା ଉପରେ ବିଭାଗ ଗୁରୁତ୍ୱ ଦେଇଛି। ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଆଗାମୀ ଦିନରେ ଏଭଳି ଯାଞ୍ଚ ଓ ନିରୀକ୍ଷଣ ଅଭିଯାନ ଜାରି ରହିବ। ଉପଭୋକ୍ତାମାନଙ୍କୁ ମଧ୍ୟ ଖାଦ୍ୟ କିଣିବା ସମୟରେ ଗୁଣବତ୍ତା, ପରିଷ୍କାର-ପରିଚ୍ଛନ୍ନତା ଓ ଲେବେଲିଂ ଯାଞ୍ଚ କରିବାକୁ ବିଭାଗ ପକ୍ଷରୁ ସଚେତନ କରାଯାଇଛି।

# ଜାତୀୟ କ୍ରୀଡ଼ା ଦିବସର ଶୁଭାରମ୍ଭ




କଟକ, ୨୮।୮(ସଂଚାର ବ୍ୟୁରୋ): ଅଗଷ୍ଟ ୨୯ ତାରିଖରୁ ୩୧ତାରିଖ ପର୍ଯ୍ୟନ୍ତ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ପାଳନ ମାଧ୍ୟମରେ କ୍ରୀଡ଼ା ଦିବସ ପାଳନର ଶୁଭାରମ୍ଭ କରାଯାଇଛି। କ୍ରୀଡ଼ା କ୍ଷେତ୍ରକୁ ଅଗ୍ରାଧିକାର ଦିଆଯିବା ସହ କ୍ରୀଡ଼ାବିତଙ୍କୁ ପ୍ରୋତ୍ସାହନ ଦିଆଯିବା ଉଦ୍ଦେଶ୍ୟରେ ପ୍ରସିଦ୍ଧ ହକି ତାରକା ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଇଥାଏ। ଅତିଥିମାନେ ପ୍ରଥମେ ଧ୍ୟାନଚାନ୍ଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଗଙ୍ଗାଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୂଚନାନୁଯାୟୀ ଆଗାମୀ ଦୁଇଦିନ ୨୯ତାରିଖରେ ଇଣ୍ଡୋର ଷ୍ଟାଡିୟମ ଠାରେ ବନ୍ଧୁତ୍ୱପୂର୍ଣ୍ଣ ବାସ୍କେଟ ବଲ ଏବଂ ସେକ୍ଟର -୭, ସିଡିଏ (କେଡିଏ) ସ୍ଥିତ ଷ୍ଟାଡିୟମ ଠାରେ ବନ୍ଧୁତ୍ୱପୂର୍ଣ୍ଣ ହକି ମ୍ୟାଚ୍ ଅନୁଷ୍ଠିତ ହେବ ଏବଂ ୩୦ତାରିଖରେ ଏକ ସାଇକଲ ଶୋଭାଯାତ୍ରା ଆୟୋଜନ କରାଯିବ।

## ବଣିଆମାଳ ପତିତପାବନ କ୍ଲବ୍‌ର ୫୫ତମ ପ୍ରତିଷ୍ଠା ଦିବସ

# ସମାଜରେ ଶାନ୍ତି ସ୍ଥାପନ କରିବାରେ କ୍ଲବ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ




କେନ୍ଦ୍ରାପଡ଼ା,୨୮।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ପୌରାଞ୍ଚଳର ୧୯ ଓ ୨୦ନମ୍ବର ୱାର୍ଡର ମଧ୍ୟବର୍ତ୍ତୀ ଅଞ୍ଚଳରେ ଥିବା ବଣିଆମାଳ ପତିତପାବନ କ୍ଲବର ୫୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ସମାଜସେବୀ ତଥା ପୂର୍ବତନ କାଉନସିଲର୍ ଶରତ କୁମାର ବେହୁରା, ଗ୍ରାମ କମିଟି ସଭାପତି ଗୁଣନିଧି ଜଗତି, ରାଜକିଶୋର ରାଉତରାୟ, ବ୍ରହ୍ମାନନ୍ଦ ତ୍ରିପାଠୀ, ନୃସିଂହ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ ସମାଜରେ ଶାନ୍ତି ସ୍ଥାପନ କରିବାରେ ବଣିଆମାଳ ପତିତପାବନ କ୍ଲବର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। କାରଣ କ୍ଲବ୍ ବିଭିନ୍ନ ସମୟରେ ସାମାଜିକ କାର୍ଯ୍ୟ କରିବା ସହ ଅଞ୍ଚଳ ମଧ୍ୟରେ କିପରି ଶାନ୍ତି ଓ ମୈତ୍ରୀ ସ୍ଥାପନ ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦେଇଥାନ୍ତି। ସର୍ବଧର୍ମର ପ୍ରତୀକ ଭାବେ କ୍ଲବ କାର୍ଯ୍ୟ କରିଥାଏ। ସମାଜରେ ଦେଖା ଦେଉଥିବା ବିଭିନ୍ନ ପ୍ରକାରର ସମସ୍ୟା ସମାଧାନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କାର୍ଯ୍ୟକ୍ରମରେ କ୍ଲବ୍‌ର ସଭାପତି ସ୍ୱରୂପ ରାଉତରାୟ, ଉପସଭାପତି ପ୍ରୀତିରଞ୍ଜନ ବେହୁରା, ସମ୍ପାଦକ ପରମାନନ୍ଦ ସାହୁ, ସହସମ୍ପାଦକ ପ୍ରତ୍ୟୁଷ ନାୟକ, ସମୀର କୁମାର ମହଲା, କୋଷାଧ୍ୟକ୍ଷ ରାକେଶ ମହାଲିକ, ଲକ୍ଷ୍ମୀକାନ୍ତ ନାୟକ, ଅକ୍ଷୟ ପାତ୍ର, ଶରତ ଦାସ, ବିକାଶ ମହାଲିକ ପ୍ରମୁଖ ଶତାଧିକ କ୍ଲବ୍ ସଦସ୍ୟ ଯୋଗ ଦେଇଥିଲେ। ଏହି ଅବସରରେ ପଥଚାରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯିବା ସହ ଭାଇଚାରାର ବାର୍ତ୍ତା ପ୍ରଦାନ କରାଯାଇଥିଲା।

# ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରତ୍ୟାହାର ଦାବିରେ ଅଭିଭାବକ ସମାବେଶ

କଟକ, ୨୮।୮(ସଂଚାର ବ୍ୟୁରୋ): ଚଳିତ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ବିରୋଧ କରି ଅଭିଭାବକ ସମିତି ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ପ୍ରକାଶିତ ତ୍ରୁଟିପୂର୍ଣ୍ଣ ପୁସ୍ତକ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା, ଚଳିତ ଶିକ୍ଷାବର୍ଷ ପାଇଁ ଗତବର୍ଷର ପାଠ୍ୟପୁସ୍ତକରେ ଶିକ୍ଷାଦାନ କରିବା ଓ ଇଂରାଜୀ ଏବଂ ମାତୃଭାଷାକୁ ଇଚ୍ଛାଧୀନ ବିଷୟ କରି ପିଲାମାନଙ୍କ ଭାଷା ଶିକ୍ଷାକୁ ଧ୍ୱଂସ କରିବାର ଚକ୍ରାନ୍ତ ବନ୍ଦ କରିବା ସହ ପ୍ରଥମ ଶ୍ରେଣୀରୁ ବାଧ୍ୟତାମୂଳକ କରାଯିବା ପ୍ରମୁଖ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ଦିଆଯାଇଛି। ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ଆନ୍ଦୋଳନ ସ୍ଥଳରେ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କଳିଙ୍ଗ ନଗର-୮ରେ ସ୍ୱାସ୍ଥ୍ୟ ଶିବିର

ଖଣ୍ଡଗିରି, ୨୮।୮(ସଂଚାର ବ୍ୟୁରୋ): କେ-୮ ଆବାସିକ ଉନ୍ନୟନ ପରିଷଦ ଓ ଅପୂର୍ବା ମହିଳା ସଂଗଠନର ମିଳିତ ଉଦ୍ୟମରେ ସମ୍ ଆଲଟିମେଟ ମେଡିକେୟାର ଆନୁକୂଲ୍ୟରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ଓ ପରାମର୍ଶ ଶିବିର କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ ଅଲଟିମେଟ୍‌ର ବିଶେଷଜ୍ଞ ଡା ପୂର୍ଣ୍ଣଚନ୍ଦ୍ର ଦାଶ, ଡା. ଦେବକାନ୍ତ ମିଶ୍ର ଓ ଡା ଶିବପ୍ରସାଦ ସାହୁ ପ୍ରମୁଖ ଶତାଧିକ ବ୍ୟକ୍ତିଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଉକ୍ତ ଶିବିରରେ ରକ୍ତଚାପ, ରକ୍ତଶର୍କରା, ଇସିଜି ଓ ଯକୃତ ପରୀକ୍ଷା ମଧ୍ୟ କରାଯାଇଥିଲା। ଉନ୍ନୟନ ପରିଷଦର ସଭାପତି ବିରଞ୍ଚି




ନାରାୟଣ ଧଳ, ସମ୍ପାଦିକା ମମତା ଲେଙ୍କା, ଉପସଭାପତି ଚନ୍ଦ୍ରକାନ୍ତ ଦାସମହାପାତ୍ର, ସହସମ୍ପାଦକ ପ୍ରମୋଦ ଶତପଥୀ, ପ୍ରହ୍ଲାଦ ପଣ୍ଡା, ସରୋଜ ମହାନ୍ତି, ନିରଞ୍ଜନ ଦାସ, ନୀଳମଣି ରାଉତ, ସିନିଅର ସିଟିଜେନ ଫୋରମର ସମ୍ପାଦକ ବାଗରତି ସାହୁଙ୍କ ସମେତ ଅପୂର୍ବା ମହିଳା ସଂଗଠନର ସଭାନେତ୍ରୀ ଶର୍ମିଳା ପଣ୍ଡା ଓ କବିତା ମହାନ୍ତି ଶିବିର ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ସମ୍ପାଦିକା, ସମ ଅଲଟିମେଟ୍‌ର କର୍ତ୍ତୃପକ୍ଷ ଡାକ୍ତର ଓ ଟେକ୍ନିକାଲ ଷ୍ଟାଫ, ଆବାସିକ ଉନ୍ନୟନ ପରିଷଦ ଓ ଅପୂର୍ବା ମହିଳା ସଂଗଠନର ସମସ୍ତ ସଦସ୍ୟ ତଥା ପରାମର୍ଶ ଗ୍ରହଣ କରିଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଦେଇଛନ୍ତି।

# ଯାଜପୁର ରୋଡ ସିଟି ଓ ଜିଏସଟି ଅତିରିକ୍ତ କମିଶନର ପଦବୀ ଖାଲି



- କମିଶନର କାର୍ଯ୍ୟାଳୟରେ ଦୁରବସ୍ଥା ଓ ଭିତ୍ତିଭୂମିର ଅଭାବ
- ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲେ ଘଡ଼ାଇ

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ଓ ଅ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଯାଜପୁର ରୋଡ ଟେରିଟୋରିଆଲ ରେଞ୍ଜର ସିଟି ଓ ଜିଏସଟି ଅତିରିକ୍ତ କମିଶନର କାର୍ଯ୍ୟାଳୟରେ ଥିବା ଗୁରୁତର ପ୍ରଶାସନିକ ଓ ଭିତ୍ତିଭୂମି ସମସ୍ୟା ସମାଧାନ ପାଇଁ ହସ୍ତକ୍ଷେପ ସକାଶେ ଦାବି କରିଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ କଳିଙ୍ଗନଗର ଶିଳ୍ପ କମ୍ପ୍ଲେକ୍ସ ଓ ପୋର୍ଟ-ବଡ଼ବିଲ ଖଣି ଅଞ୍ଚଳର ଗୁରୁତ୍ୱକୁ ଧ୍ୟାନରେ ରଖି ୨୦୦୪ରେ ଏହି ରେଞ୍ଜକୁ ଉନ୍ନୀତ କରାଯାଇଥିଲା। ଭୁବନେଶ୍ୱର ରେଞ୍ଜ ପରେ ଏହି ରେଞ୍ଜ ପ୍ରତିବର୍ଷ ରାଜସ୍ୱ ସଂଗ୍ରହରେ ସର୍ବାଧିକ ଅବଦାନ ଦେଇଆସିଛି। ତଥାପି ରେଞ୍ଜର ମୁଖ୍ୟ ପଦ ଅର୍ଥାତ୍ ଅତିରିକ୍ତ କମିଶନର (ସିଟି ଓ ଜିଏସଟି) ପଦ ଖାଲି ପଡ଼ିଛି। କଟକ-୨ ରେଞ୍ଜର୍ ଅତିରିକ୍ତ କମିଶନର ଏହାର ପରିଚାଳନା କରୁଛନ୍ତି। ସେହିପରି ଅତିରିକ୍ତ କମିଶନର (ଆପିଲ) ପଦ ମଧ୍ୟ ଖାଲି ରହିଥିବାରୁ ଆପିଲ ମାମଲାର ସମାଧାନରେ ବିଳମ୍ବ ହେଉଛି। ଖାଲି ପଡ଼ିଥିବା ପଦ ନିୟମିତ ଭିତ୍ତିରେ ପୂରଣ କରିବା ସହ ନୂତନ ପ୍ରଶାସନିକ ଭବନ ଓ କର୍ମଚାରୀ କ୍ୱାର୍ଟର୍ସ ନିର୍ମାଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବାକୁ ଶ୍ରୀ ଘଡ଼ାଇ ନିବେଦନ କରିଛନ୍ତି।

## ଏମଏମଡିଆର ଆକ୍ଟ ଓଡ଼ିଶାର ହକ୍ ପାଇଁ କ୍ଷତିକାରକ

# ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡକାଯାଉ: ବିଜେଡି



ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ଭଳି ଏକ କଳା ଆଇନକୁ ବିନା ଆଲୋଚନାରେ ସଂସଦରେ ପାରିତ କରାଯାଇଛି, ଯାହାକି ଓଡ଼ିଶାର ଅନେକ କ୍ଷତି କରୁଛି। ଏନେଇ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ବିଜେଡି ପକ୍ଷରୁ ପୁଣି ଦାବି ହୋଇଛି। ଦଳ ପକ୍ଷରୁ ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା ଓ ମୁଖପାତ୍ର ତୁମ୍ବନାଥ ପଣ୍ଡା ବିଜେପି ସରକାରଙ୍କୁ ସମାଲୋଚନା କରିଛନ୍ତି। ବିଧାୟକ ଶ୍ରୀ ଜେନା କହିଛନ୍ତି ଯେ ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ଦ୍ୱାରା ଓଡ଼ିଶାବାସୀଙ୍କ ହକକୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି। ଡବଲ ଇଞ୍ଜିନ ସରକାର ସଂସଦରେ ବିନା ଆଲୋଚନାରେ ଏହାକୁ ପାରିତ କରାଇଛନ୍ତି, ଯାହାକୁ ନେଇ ଓଡ଼ିଶା ବିଧାନସଭାରେ ଆଲୋଚନା ଜରୁରୀ। ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। କିନ୍ତୁ ଉକ୍ତ ପ୍ରସଙ୍ଗରେ ଅଦ୍ୟାବଧି ସରକାର ପ୍ରତିକ୍ରିୟାଶୂନ୍ୟ ରହିଛନ୍ତି। ସେହିପରି ମୁଖପାତ୍ର ଶ୍ରୀ ପଣ୍ଡା କହିଛନ୍ତି ଯେ ଡବଲ ଇଞ୍ଜିନ ସରକାରରେ ରାଜ୍ୟର ବିକାଶ ହେବା ବଦଳରେ ଡବଲ କ୍ଷତି ହେବାରେ ଲାଗିଛି। ପୂର୍ବରୁ କେନ୍ଦ୍ରୀୟ ଅନୁଦାନକୁ କେନ୍ଦ୍ର ସରକାର ପ୍ରତିବର୍ଷ କାଟୁଥିଲେ। ବର୍ତ୍ତମାନ ସମୟରେ ରାଜ୍ୟର ରାଜସ୍ୱକୁ କେନ୍ଦ୍ର ସରକାର ହଡ଼ପ କରିବାକୁ ଯୋଜନା କରୁଛନ୍ତି।

# ଜୁଏଲଙ୍କ ମନ୍ତବ୍ୟ ଉଗ୍ର ଗୋଷ୍ଠୀ କନ୍ଦଳର ପ୍ରମାଣ: ବିଜେଡି



ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଏକ ଭିଡିଓ ବାଇଟ ଆଜି ଭାଇରାଲ ହେବା ପରେ ବିଜେଡି ଏହା ଉପରେ ମନ୍ତବ୍ୟ ଦେବାକୁ ଯାଇ ବିଜେପିର ଅନ୍ତଃକନ୍ଦଳ ଉଗ୍ର ରୂପ ନେଲାଣି ବୋଲି କହିଛି। ଦଳ ପକ୍ଷରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ କେନ୍ଦ୍ର ମନ୍ତ୍ରୀ ଓରାମଙ୍କ ଭାଷାରୁ ସ୍ପଷ୍ଟ ହେଉଛି ଯେ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର ରଚାଯାଇଛି। ଏହା ସ୍ପଷ୍ଟ କରୁଛି ଯେ ବିଜେପିରେ ଅନ୍ତଃକନ୍ଦଳ ଚରମ ସ୍ତରରେ ପହଞ୍ଚିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଜଣେ କେନ୍ଦ୍ର ମନ୍ତ୍ରୀ ଯଦି ବିବ୍ରତ ହୋଇ ପଡୁଛନ୍ତି ଓ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି, ତା'ହେଲେ ରାଜ୍ୟର ସାଧାରଣ ନାଗରିକ ନିଜକୁ କିପରି ସୁରକ୍ଷିତ ମଣିବେ? ମନ୍ତ୍ରୀଙ୍କ ମନ୍ତବ୍ୟ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମନ୍ତ୍ରୀ ନିଜେ ଆଇନକୁ ହାତକୁ ନେବେ ବୋଲି ସ୍ପଷ୍ଟ ଘୋଷଣା କରୁଛନ୍ତି। ଏହା କେତେଦୂର ଯୁକ୍ତିଯୁକ୍ତ ବୋଲି ଡ. ମହାନ୍ତି ପ୍ରଶ୍ନ କରିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ରାଉରକେଲା ସର୍କିଟ ହାଉସରୁ ଅସ୍ତ୍ରଶସ୍ତ୍ର ଜବତ ଘଟଣାରେ ମନ୍ତ୍ରୀ ଶ୍ରୀ ଓରାମଙ୍କ ପ୍ରତିନିଧି ତଥା ରାଜ୍ୟ ବିଜେପି ଯୁବମୋର୍ଚ୍ଚା ସମ୍ପାଦକ ପ୍ରକାଶ ପାଶ୍ୱାନଙ୍କ ସମ୍ପୃକ୍ତି ଅଭିଯୋଗ ଓ ପରେ ତାଙ୍କର ଗିରଫଦାରୀ ବିଜେପିରେ ଥିବା ଅନ୍ତଃକନ୍ଦଳକୁ ପଦାରେ ପକାଇଛି। ବିଜେପି ଯୁବ ନେତା ପାଶ୍ୱାନ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗ ହେଉଛି। ଏହି ଘଟଣାରେ ମନ୍ତ୍ରୀ ଶ୍ରୀ ଓରାମ ଯୁବନେତା ପାଶ୍ୱାନଙ୍କୁ ସୁରକ୍ଷା ଦେଉଥିଲେ ବୋଲି ବିଜେପିର ଗୋଟିଏ ଗୋଷ୍ଠୀ ଅଭିଯୋଗ କରିଆସୁଥିଲା ବୋଲି ଡ. ମହାନ୍ତି କହିଛନ୍ତି।

# ମହଙ୍ଗା ମାଡ଼ରେ ଥରୁଛି ଓଡ଼ିଶା

## ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟର ଦରଦାମ ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ଦରଦାମ ବୃଦ୍ଧି ଓଡ଼ିଶାର ଗରିବ, ସ୍ୱଳ୍ପ ଆୟକାରୀବର୍ଗ, ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ବଡ଼ ଚିନ୍ତାର କାରଣ ପାଲଟିଗଲାଣି। ଲୋକଙ୍କ ପାଖରେ ଖର୍ଚ୍ଚ କରିବା ପାଇଁ ପଇସା ନାହିଁ, କିନ୍ତୁ ପିଆଜ କିଲୋ ୬୫ ଟଙ୍କା, ଚିନି କିଲୋ ୭୫ ଟଙ୍କା ଓ ସମସ୍ତ ପନିପରିବା ଦାମ ୮୦ ଟଙ୍କାରୁ ୧୦୦ ଟଙ୍କା। ଏପରିକି ଖାଇବା ତେଲଠାରୁ ଆରମ୍ଭ କରି ଔଷଧ




ସବୁ କିଛିର ଦର ହୁ ହୁ ହୋଇ ବଢ଼ିଚାଲିଛି। ଏହି ଅପ୍ରାକୃତିକ ଦରଦାମ ବୃଦ୍ଧି ଯୋଗୁ ସାରା ଓଡ଼ିଶାର ପ୍ରତ୍ୟେକ ପରିବାର ପାଇଁ ଏହା ବୋଝ ଉପରେ ନଳିତା ବିଡ଼ା ପାଲଟିଛି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଥିଲେ। ଶ୍ରୀ ମହାନ୍ତି କହିଥିଲେ ଯେ ୧୫ ଦିନ ପୂର୍ବରୁ ଚିନି କିଲୋ ବଜାରରେ ୫୦ ଟଙ୍କା ଥିବା ବେଳେ ହଠାତ ଏହା ୭୦ ଟଙ୍କାକୁ ପାର୍ ହୋଇ ୭୫ ଟଙ୍କାରେ ପହଞ୍ଚିଗଲାଣି। ସବୁଠାରୁ ଦୁଃଖର କଥା ଯେ ଦେଶରେ ଚିନି ଉତ୍ପାଦନ ଆବଶ୍ୟକତାଠାରୁ ଢେର ଅଧିକ ହୋଇଥିଲା ବେଳେ ଏଭଳି ପରିସ୍ଥିତି କାହିଁକି ଉପୁଜିଛି ବୋଲି ସେ ପ୍ରଶ୍ନ କରିଥିଲେ। ସେ କହିଥିଲେ ଯେ ପ୍ରତିବର୍ଷ ଆମ ଦେଶରେ ୨୮୦ରୁ ୩୦୦ ଲକ୍ଷ ଟନ ପର୍ଯ୍ୟନ୍ତ ଚିନିର ଆବଶ୍ୟକତା ପଡ଼ିଥାଏ। ସବୁଠାରୁ ଆଶ୍ଚର୍ଯ୍ୟର କଥା ଭାରତ ବର୍ଷର ଚିନି ଫ୍ୟାକ୍ଟ୍ରି ମାଲିକମାନଙ୍କର ଆସୋସିଏସନ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ କୁହାଗଲା ଚିନିର କୌଣସି ସଙ୍କଟ ନାହିଁ। ଯଦି ଚିନି ଯଥେଷ୍ଟ ମହଜୁଦ ଅଛି, ତା'ହେଲେ ବଜାରରେ ଦାମ କିପରି ବଢ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ନେତସ ସୁଦର୍ଶନ ଦାସ କହିଥିଲେ ଯେ ରାଜ୍ୟରେ ଶତକଡ଼ା ୪୦ ପ୍ରତିଶତ ମିଠା ଦୋକାନ ରାକ୍ଷୀ ପୂର୍ଣ୍ଣିମାରେ ବନ୍ଦ ହୋଇଯାଇଛି। ରାଜ୍ୟର ଦରଦାମ ବୃଦ୍ଧି ଯୋଗୁ ଜନସାଧାରଣଙ୍କ ମନରେ ଘୋର ଅସନ୍ତୋଷ। ଏଭଳି ସ୍ଥିତି ପାଇଁ ଏ ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ସେ କହିଥିଲେ।

# ୫ରୁ ୯ ପର୍ଯ୍ୟନ୍ତ ଗୁରୁ କେଳୁଚରଣ ମହାପାତ୍ର ଉତ୍ସବ

## ୪ ଜଣ ପାଇବେ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସହଯୋଗରେ ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଆସନ୍ତା ୫ରୁ ୯ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଏହି ପୁରସ୍କାର ଉତ୍ସବ ଗୁରୁ କେଳୁଚରଣ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ପାଳନ ବର୍ଷ ଅବସରରେ ଆୟୋଜିତ ହେଉଥିବାରୁ ଚଳିତ ସଂସ୍କରଣ ଏକ ସ୍ୱତନ୍ତ୍ର ସ୍ମାରକୀ ମହତ୍ତ୍ୱ ବହନ କରୁଛି। ବିଶିଷ୍ଟ ଗୁରୁ ତଥା ସୃଜନ ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ମାର୍ଗଦର୍ଶନରେ ଏହି ଉତ୍ସବ ଅନୁଷ୍ଠିତ ହେବ। ସେହିପରି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୪ ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ। ପୁରସ୍କାର ଆକାରରେ ୧ ଲକ୍ଷ ଟଙ୍କାର ନଗଦ ରାଶି ଓ ମାନପତ୍ର ପ୍ରଦାନ କରାଯିବ। ଚଳିତ ବର୍ଷ ଏହି ପୁରସ୍କାର ପାଇବା ସକାଶେ ବରିଷ୍ଠ ଓଡ଼ିଶୀ ନୃତ୍ୟଶିଳ୍ପୀ ଶରନ୍ ଲୋୱେନ୍, ଓଡ଼ିଶୀ ସଙ୍ଗୀତରେ ପାରଦର୍ଶିତା ଲାଭ କରିଥିବା କେଶବ ଚନ୍ଦ୍ର ରାଉତ,




ନାଟକ ଜଗତର ଜଣାଶୁଣା ମୁହଁ ଧୀରେନ୍ଦ୍ରନାଥ ମଲ୍ଲିକ ଓ ଭେଟେରାନ୍ ଓଲିଉଡ୍ ଅଭିନେତ୍ରୀ ମହାଶ୍ୱେତା ରାୟ ମନୋନୀତ ହୋଇଛନ୍ତି। ଏହାଛଡ଼ା ଗୁରୁ କେଳୁଚରଣ ମହାପାତ୍ର କଳା ସମ୍ମାନ ୨୦୨୬ ବେହେଲା ବାଦକ ଅଗ୍ନିମିତ୍ର ବେହେରା ଓ କଣ୍ଠଶିଳ୍ପୀ ନାଜିଆ ଆଲମ୍‌ଙ୍କୁ ପ୍ରଦାନ କରାଯିବ। ଏ ବାବଦରେ ସେମାନଙ୍କୁ ୫୦ ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ସେହିପରି ୨୫,୦୦୦ ନଗଦ ରାଶି ଓ ମାନପତ୍ର ସମ୍ବଳିତ ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ପ୍ରତିଭାବାନ ଯୁବ କଳାକାର ବୃନ୍ଦା ଚଢ଼ା ଓ ଐଶ୍ୱର୍ଯ୍ୟା ସିଂହଦେବ (ଓଡ଼ିଶୀ ନୃତ୍ୟ), ନିକିତା ବନାୱାଲିକର (କଥକ) ଓ ସୌମ୍ୟ ରଞ୍ଜନ ନାୟକ (ଓଡ଼ିଶୀ ସଙ୍ଗୀତ-ମର୍ଦ୍ଦଳ) ଗ୍ରହଣ କରିବେ। ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବକୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗ ପ୍ରଦାନ କରୁଛନ୍ତି। ଏମ୍‌ଜିଏମ୍ ମିନେରାଲ୍ସ ଲିମିଟେଡ୍ ଓ ଶାଲିମାର କେମିକାଲ୍ ୱାର୍କ୍ସ ପ୍ରାଇଭେଟ୍ ଲିମିଟେଡ୍ ସେମାନଙ୍କ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପଦକ୍ଷେପ ଅଧୀନରେ ସହଯୋଗ ପ୍ରଦାନ କରୁଛନ୍ତି। ଓଡ଼ିଶା ଖଣି ନିଗମ ଲିମିଟେଡ୍ (ଓଏମ୍‌ସି) ଓ ଓଡ଼ିଶା ପର୍ଯ୍ୟଟନ ଏହି ଉତ୍ସବର ସ୍ୱର୍ଣ୍ଣ ପ୍ରାୟୋଜକ, ଯେତେବେଳେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍) ରୌପ୍ୟ ପ୍ରାୟୋଜକ। ନାଲ୍‌କୋ, ଏମ୍‌ସିଏଲ୍, ଇମ୍ପା ଓ ପ୍ରିୟଦର୍ଶିନୀ ହେଉଛନ୍ତି ଉତ୍ସବ ପ୍ରାୟୋଜକ।

# ରେଭେନ୍ସାରେ ଦୁଇ ଗୋଷ୍ଠୀ ଶିକ୍ଷକ, ଛକାପଞ୍ଝା ଜୋରଦାର

କଟକ,୨୮।୮: ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘରେ ଫାଟ ସୃଷ୍ଟି ହୋଇ ଅନ୍ୟ ଏକ ସମାନ୍ତରାଳ ସଂଗଠନ ଗଢ଼ାଯିବା ପରେ ଛକାପଞ୍ଝା ପରିସ୍ଥିତି ସୃଷ୍ଟି ହୋଇଛି। ନବଗଠିତ ଗୋଷ୍ଠୀ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଥିବା ବେଳେ ମୂଳ ସଂଗଠନ ପକ୍ଷରୁ ପୁଣି ଆନ୍ଦୋଳନର ତୂର୍ଯ୍ୟନାଦ କରାଯାଇଛି। ଏଥିଘେନି ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକଙ୍କ ମଧ୍ୟରେ କୌତୂହଳ ସୃଷ୍ଟି ହୋଇଛି। ଏଠାରେ ଉଲ୍ଲେଖନୀୟ ଯେ ରେଭେନ୍ସା ଛାତ୍ରାବାସର ଏକ ପ୍ରସଙ୍ଗକୁ ନେଇ ଛାତ୍ର ଆନ୍ଦୋଳନ ହୋଇଥିବା ବେଳେ ଏହାର ସମାଧାନ ଶିକ୍ଷକ ଓ କୁଳପତିଙ୍କ ଉପସ୍ଥିତିରେ ହୋଇଥିଲା। ତେବେ କଟକ ସଦର ବିଧାୟକ ଏହି ଅବସରରେ କିଛି ମନ୍ତବ୍ୟ ଦେବାରୁ ତାହା ବିରୁଦ୍ଧରେ ଶିକ୍ଷକମାନଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିବା ବେଳେ ବିଧାୟକଙ୍କ ପକ୍ଷରୁ କିଛି ଶିକ୍ଷକଙ୍କ ବିରୁଦ୍ଧରେ ବାଚସ୍ପତିଙ୍କୁ ଚିଠି ଲେଖାଯାଇଥିଲା। ଏହି ପ୍ରସଙ୍ଗରେ ଶିକ୍ଷକମାନେ ପ୍ରତିବାଦ ଜଣାଇ କୁଳପତିଙ୍କ ଦପ୍ତର ପର୍ଯ୍ୟନ୍ତ ଯାଇ ସେମାନଙ୍କ ଦାବି ଉପସ୍ଥାପନ କରିଥିଲେ।



ଇତି ମଧ୍ୟରେ ରେଭେନ୍ସାର ହଷ୍ଟେଲଗୁଡିକ ଦାୟିତ୍ୱରେ ଥିବା ଚିଫ୍ ୱାର୍ଡେନ ଓ ଡେପୁଟି ୱାର୍ଡେନଙ୍କ ମଧ୍ୟରୁ ଅନେକଙ୍କୁ ଭାରମୁକ୍ତ କରାଯାଇ ନୂତନ ଶିକ୍ଷକଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଏଭଳି ଭିତ୍ତିଭୂମିରେ କିଛି ଶିକ୍ଷକଙ୍କୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ପରିଷଦ ନାମରେ ଏକ ଭିନ୍ନ ସଂଗଠନ ଗଢାଯାଇଛି, ଯାହାକୁ ପୂର୍ବରୁ ଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ (ରୁଟା)ରେ ବିଭାଜନ ବୋଲି କୁହାଯାଉଛି। ନବଗଠିତ ଶିକ୍ଷକ ପରିଷଦ ପକ୍ଷରୁ କୁଳପତିଙ୍କୁ ବାରମ୍ବାର ଭେଟା ଯାଉଥିବାବେଳେ ଏବେ ଏହାର ସଦସ୍ୟମାନେ ଭୁବନେଶ୍ୱର ଆସି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ରେଭେନ୍ସାର ବିକାଶ ସଂକ୍ରାନ୍ତରେ କେତେକ ପ୍ରସ୍ତାବ ଦେଇଛନ୍ତି। ଅନ୍ୟ ପକ୍ଷରେ ମୂଳ ସଂଗଠନ ରୁଟା ପକ୍ଷରୁ ସେମାନଙ୍କ ପୁରୁଣା ଦାବି ଉପସ୍ଥାପନ କରାଯାଇ ଅଧ୍ୟାପକମାନେ ସାମୂହିକ ଛୁଟି ସହ ଧାରଣା ଦେଇଛନ୍ତି।

ରୁଟା ପକ୍ଷରୁ କୁଳପତିଙ୍କ ନିକଟରେ କରାଯାଇଥିବା ଦାବିରେ ଶିକ୍ଷାୟତନର ପରିବେଶକୁ ରାଜନୈତିକ ଚାପରୁ ଦୂରେଇ ରଖିବା ସହ ସେମାନଙ୍କୁ ସମ୍ମାନର ସହ କାମ କରିବାକୁ ଦେବାଲାଗି କୁହାଯାଇଛି। ଏଥି ସହ ଶିକ୍ଷକଙ୍କ ବିରୁଦ୍ଧରେ ବିଧାୟକ ବାଚସ୍ପତିଙ୍କୁ ଯେଉଁ ପତ୍ର ଲେଖିଛନ୍ତି ତାହା ପ୍ରତ୍ୟାହାର କରିବା ଲାଗି ମଧ୍ୟ ଦାବି ହୋଇଛି। ଦୀର୍ଘବର୍ଷ ଧରି ରେଭେନ୍ସା ସମେତ ସାରା ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ। ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ହେବ କି ନାହିଁ, ସେଥିଘେନି ଏଯାବତ୍ କିଛି ସ୍ପଷ୍ଟ ସରକାରୀ ଘୋଷଣା ହୋଇ ନ ଥିବା ବେଳେ ଠିକଣା ସମୟରେ ସରକାର ଏ ପ୍ରସଙ୍ଗରେ ଠିକଣା ନିଷ୍ପତ୍ତି ନେବେ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଆସୁଛନ୍ତି।

ଅନ୍ୟ ପକ୍ଷରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ସମସ୍ୟା ଅତି ଉତ୍କଟତର ହୋଇଥିବା ବେଳେ ପର୍ଯ୍ୟାପ୍ତ ସଂଖ୍ୟକ ଅଣଶିକ୍ଷକ କର୍ମଚାରୀ ବି ନାହାନ୍ତି। ଏଥିଯୋଗୁଁ ପାଠପଢ଼ା ଓ ପ୍ରଶାସନିକ କାର୍ଯ୍ୟ ଗୁରୁତର ବ୍ୟାହତ ହେଉଥିବା ବେଳେ ଅତିଥି ଅଧ୍ୟାପକ ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ନେଇ କାମ ଚଳାଯାଉଛି। ଏଥିଘେନି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଖୁବ୍‌ଶୀଘ୍ର ଖାଲି ଥିବା ପଦବୀ ପୂରଣ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଉଥିବା ବେଳେ କିଛି ପଦବୀ ପୂରଣ ପାଇଁ ଇତିମଧ୍ୟରେ ବିଜ୍ଞାପନ ବି ପ୍ରକାଶ ପାଇଛି। (ତଥ୍ୟ)

# ରେଭେନ୍ସା ଶିକ୍ଷକଙ୍କ ବିକ୍ଷୋଭ ପ୍ରଦର୍ଶନ

କଟକ, ୨୮।୮(ସଂଚାର ବ୍ୟୁରୋ): ଶୁକ୍ରବାର ରେଭେନ୍ସାର ଶିକ୍ଷକମାନେ କ୍ୟାମ୍ପସରେ ରାଜନୈତିକ ହସ୍ତକ୍ଷେପ ଅଭିଯୋଗ କରି ମିଳିତ ଭାବେ ପ୍ରତିବାଦ କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ସଦସ୍ୟମାନେ ସମୂହ ଛୁଟିରେ ଯାଇ-ଭାଇସ-ଚାନ୍ସଲରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭପ୍ରଦର୍ଶନ କରିଛନ୍ତି। ବିଶ୍ୱବିଦ୍ୟାଳୟରେ ପାଠପଢ଼ା ବ୍ୟାହତ ହୋଇନାହିଁ। ଶିକ୍ଷକମାନେ କ୍ଲାସ କରୁଛନ୍ତି। ଆମର ତିନିଟି ମୁଖ୍ୟ ପ୍ରସଙ୍ଗ ରହିଛି। ବିଶ୍ୱବିଦ୍ୟାଳୟରେ ବାହ୍ୟ ହସ୍ତକ୍ଷେପକୁ ରୋକିବା ଦିଗରେ କୁଳପତି ପଦକ୍ଷେପ ଗ୍ରହଣ କରନ୍ତୁ। ଏପରି ଆଚରଣକୁ ନିନ୍ଦା କରନ୍ତୁ। ଚାପର ବଶବର୍ତ୍ତୀ ହୋଇ ଆମ ସହିତ କୌଣସି ଆଲୋଚନା ନ କରି କରାଯାଇଥିବା ୱାର୍ଡେନ ଅଦଳବଦଳ ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ। ବିଗତ ୧୦ ଦିନ ଧରି ଆମର ଚେଷ୍ଟା ସତ୍ତ୍ୱେ କୁଳପତି ଆମ ସହିତ ଆଲୋଚନା କରୁ ନାହାନ୍ତି କି ସାକ୍ଷାତ୍ କରିବାକୁ ଦେଉ ନାହାନ୍ତି। ଏହା ଦୁର୍ଭାଗ୍ୟଜନକ। ଆଉ କୌଣସି ଶିକ୍ଷକ ସଂଘ ସମ୍ପର୍କରେ 'ରୁଟା' କୌଣସି ମନ୍ତବ୍ୟ ରଖିବ ନାହିଁ। ସଂଘ କରିବାର ସାମ୍ବିଧାନିକ ଅଧିକାର ସମସ୍ତଙ୍କର ରହିଛି। ଆମର ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଗାମୀ ବୈଠକରେ ନିଷ୍ପତ୍ତି ନିଆଯିବ।



ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶନିବାର ୨୯ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Saturday 29 August 2026, Bhubaneswar

# ଜଳବାୟୁ ପରିବର୍ତ୍ତନ ପ୍ରତି ସତର୍କବାଣୀ

ନେପାଳ-ଚୀନ ସୀମାନ୍ତରେ ହିମାଳୟର ଉଚ୍ଚ ଶିଖରରେ ଗ୍ଲେସିଅର ଭାଙ୍ଗି ପଡ଼ିବାରୁ ଯେଉଁ ବିଭୀଷିକା ସୃଷ୍ଟି ହୋଇଛି, ତାହା କେବଳ ଏକ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ। ଏହା ଆମ ସମାଜ ଓ ସମଗ୍ର ମାନବଜାତି ପାଇଁ ଏକ ଗମ୍ଭୀର ସତର୍କବାଣୀ। ଆଗଷ୍ଟ ୨୦୨୬ରେ ଘଟିଥିବା ଏହି ବିନାଶକାରୀ ବନ୍ୟାରେ ଶହ ଶହ ଲୋକଙ୍କ ମୃତ୍ୟୁ ଘଟିଛି ଏବଂ ହଜାର ହଜାର ଲୋକ ନିଖୋଜ ରହିଛନ୍ତି। ଗାଁ, ସଡ଼କ, ସେତୁ ଓ ଘରବାଡ଼ି ମାଟି ଓ ପାଣିରେ ବୁଡ଼ି ଯାଇଛି। ଏହା କେବଳ ନେପାଳ ବା ତିବ୍ବତର ଦୁର୍ଘଟଣା ନୁହେଁ; ଏହା ଜଳବାୟୁ ପରିବର୍ତ୍ତନର ପ୍ରତ୍ୟକ୍ଷ ପରିଣାମ।



ବିଜ୍ଞାନୀମାନେ କହୁଛନ୍ତି ଯେ ହିମାଳୟ ଅଞ୍ଚଳ ବିଶ୍ୱ ଗଡ଼ଣ ଅପେକ୍ଷା ଦ୍ୱିଗୁଣ ବେଗରେ ଉଷ୍ମ ହେଉଛି। ଗ୍ଲେସିଅରଗୁଡ଼ିକ ଦ୍ରୁତ ଗତିରେ ଗଳି ଯାଉଛି। ପର୍ବତର ପର୍ମାଫ୍ରଷ୍ଟ (ବରଫ ଧରି ରହିଥିବା ମାଟି ଓ ପଥର) ଦୁର୍ବଳ ହେଉଛି। ଏହି ପରିସ୍ଥିତିରେ ବରଫ ଓ ପଥରର ବିଶାଳ ଖଣ୍ଡ ଭାଙ୍ଗି ପଡ଼ି ନଦୀରେ ପ୍ରବାହିତ ହୋଇ ବିନାଶକାରୀ ବନ୍ୟା ସୃଷ୍ଟି କରୁଛି। ଏହି ଘଟଣା କେବଳ ପ୍ରାକୃତିକ ନୁହେଁ; ମାନବସୃଷ୍ଟ ଉଷ୍ମତା ବୃଦ୍ଧି ଏହାର ପୃଷ୍ଠଭୂମି ପ୍ରସ୍ତୁତ କରିଛି। ହିନ୍ଦୁ କୁଶ ହିମାଳୟ ଅଞ୍ଚଳରେ ଗ୍ଲେସିଅର ଗଳିବାର ହାର ବିଗତ ଦଶକରେ ବହୁ ଗୁଣ ବଢ଼ିଛି। ନେପାଳର ପର୍ବତମାଳା ତିନି ଦଶନ୍ଧିରେ ପ୍ରାୟ ଏକ ତୃତୀୟାଂଶ ବରଫ ହରାଇଛି।

ସମାଜ ପାଇଁ ଏହାର ସନ୍ଦେଶ ସ୍ପଷ୍ଟ। ଆମେ ପ୍ରକୃତିକୁ ଅବହେଳା କରି ଚାଲିଛୁ। ପର୍ବତ ଧାରରେ ବସତି, ସଡ଼କ ଓ ପର୍ଯ୍ୟଟନ କେନ୍ଦ୍ର ନିର୍ମାଣ କରିବା ସମୟରେ ଜଳବାୟୁ ବିପଦକୁ ଗମ୍ଭୀରତାର ସହିତ ନେଉନାହୁଁ। ଆଗାମୀ ସତର୍କତା ପ୍ରଣାଳୀ ଦୁର୍ବଳ। ଦୂର ପର୍ବତରୁ ଆସୁଥିବା ଏହିପରି ବିପଦକୁ ଠିକ୍ ସମୟରେ ଚିହ୍ନଟ କରି ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ସମ୍ଭବ ହୋଇପାରୁନାହିଁ। ଗରିବ ଓ ସୀମାନ୍ତ ଅଞ୍ଚଳର ଲୋକମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି। ସେମାନଙ୍କର ଜୀବିକା, ଘର ଓ ପରିବାର ଧ୍ୱଂସ ହୋଇଯାଉଛି। ଏହା ଦେଖାଉଛି ଯେ ଜଳବାୟୁ ନ୍ୟାୟର ପ୍ରଶ୍ନ କେବଳ ଆନ୍ତର୍ଜାତିକ ଆଲୋଚନାର ବିଷୟ ନୁହେଁ; ଏହା ଜୀବନ-ମରଣର ପ୍ରଶ୍ନ।

ଜଳବାୟୁ ପରିବର୍ତ୍ତନ ପ୍ରତି ଏହି ଘଟଣାର ସନ୍ଦେଶ ଆହୁରି ଗମ୍ଭୀର। ବିଶ୍ୱ ଉଷ୍ମତା ବୃଦ୍ଧି କେବଳ ସମୁଦ୍ର ସ୍ତର ବଢ଼ାଉନାହିଁ କିମ୍ବା ମରୁଭୂମି ବିସ୍ତାର କରୁନାହିଁ; ଏହା ପର୍ବତମାଳାକୁ ଅସ୍ଥିର କରୁଛି। ହିମାଳୟ ଏସିଆର ଜଳ ଭଣ୍ଡାର। ଏଠାରୁ ଆସୁଥିବା ନଦୀ କୋଟି କୋଟି ଲୋକଙ୍କ ଜୀବନ ଧାରଣ କରେ। ଗ୍ଲେସିଅର ଗଳିବା ଆଗାମୀ ଦଶକରେ ଜଳ ସଙ୍କଟ ସୃଷ୍ଟି କରିବ। ଏହିପରି ହଠାତ୍ ବନ୍ୟା ଓ ଫ୍ଲାସ ଫ୍ଲଡ୍ ବାରମ୍ବାର ଘଟିବ। ଆମେ ଯଦି ଇନ୍ଧନ ଦହନ, ଜଙ୍ଗଲ ନଷ୍ଟ ଓ ପ୍ରଦୂଷଣକୁ ନିୟନ୍ତ୍ରଣ ନ କରିବା, ତେବେ ଏହିପରି ବିପର୍ଯ୍ୟୟ ଆହୁରି ବଢ଼ିବ।

ସମାଜ ଭାବେ ଆମେ କ'ଣ କରିବା ଉଚିତ? ପ୍ରଥମେ, ଜଳବାୟୁ ସଚେତନତାକୁ ବ୍ୟାପକ କରିବା ଦରକାର। ସ୍କୁଲ, ମହାବିଦ୍ୟାଳୟ ଓ ଗ୍ରାମ ସ୍ତରରେ ଏହି ବିପଦ ବିଷୟରେ ଶିକ୍ଷା ଦେବା ଉଚିତ। ଦ୍ୱିତୀୟରେ, ଆଗାମୀ ସତର୍କତା ପ୍ରଣାଳୀକୁ ଶକ୍ତିଶାଳୀ କରିବା ଆବଶ୍ୟକ। ଉପଗ୍ରହ ତଥ୍ୟ, ସେନସର ଓ ସ୍ଥାନୀୟ ଜ୍ଞାନର ସମନ୍ୱୟ ଆବଶ୍ୟକ। ତୃତୀୟରେ, ଉନ୍ନୟନ କାର୍ଯ୍ୟରେ ପରିବେଶ ସୁରକ୍ଷାକୁ ପ୍ରାଥମିକତା ଦେବା ଉଚିତ। ପର୍ବତ ଧାରରେ ଅନିୟନ୍ତ୍ରିତ ନିର୍ମାଣ ବନ୍ଦ କରିବା ଦରକାର। ଚତୁର୍ଥରେ, ଆନ୍ତର୍ଜାତିକ ସହଯୋଗ ବଢ଼ାଇବା ଆବଶ୍ୟକ। ନେପାଳ ଭଳି ଦେଶ ଏକାକୀ ଏହି ସଙ୍କଟ ମୁକାବିଲା କରିପାରିବେ ନାହିଁ। ବିକଶିତ ଦେଶମାନେ ଯେଉଁ କାର୍ବନ ନିର୍ଗମନ କରିଛନ୍ତି, ତାହାର ଦାୟିତ୍ୱ ନେବା ଉଚିତ।

ଏହି ବନ୍ୟା ଆମକୁ ମନେ ପକାଉଛି ଯେ ପ୍ରକୃତି ସହିତ ସମନ୍ୱୟ ରଖି ବଞ୍ଚିବା ଆବଶ୍ୟକ। ଆମେ ଯଦି ଆଜି କାର୍ଯ୍ୟ ନ କରିବା, ତେବେ ଆଗାମୀ ପିଢ଼ି ଆହୁରି ଭୟଙ୍କର ବିପର୍ଯ୍ୟୟ ଭୋଗିବେ। ନେପାଳର ଏହି ଦୁଃଖ କେବଳ ସେମାନଙ୍କର ନୁହେଁ; ଏହା ସମଗ୍ର ମାନବଜାତି ପାଇଁ ସତର୍କବାଣୀ। ଜଳବାୟୁ ପରିବର୍ତ୍ତନକୁ ଗମ୍ଭୀରତାର ସହିତ ନେଇ କାର୍ଯ୍ୟ କରିବାର ସମୟ ଆସିଯାଇଛି। ଆମେ ଯଦି ଏବେ ସଚେତନ ହୋଇ ପଦକ୍ଷେପ ନେବା, ତେବେ ଭବିଷ୍ୟତକୁ ସୁରକ୍ଷିତ କରିପାରିବା। ନଚେତ୍ ଏହିପରି ବିନାଶ ବାରମ୍ବାର ଆମ ଦ୍ୱାରରେ ଛିଡ଼ା ଦେବ।

# ଗୋଟିଏ ପଟେ ନିଶା ନିବାରଣ, ଅନ୍ୟପଟେ ମଦ ଦୋକାନ

**ଅଖିଳ ତରାଇ**



ସମାଜର ସୁସ୍ଥ ଓ ସୁନ୍ଦର ଭବିଷ୍ୟତ ପାଇଁ ନିଶାମୁକ୍ତି ଆଜି ସମୟର ଏକ ବଡ଼ ଆହ୍ୱାନ। ନିଶା ଯୁବପିଢ଼ିର ଜୀବନକୁ ଧ୍ୱଂସ କରୁଛି, ପରିବାରର ଶାନ୍ତି ନଷ୍ଟ କରୁଛି ଏବଂ ସମାଜରେ ଅପରାଧ, ହିଂସା ଓ ଅସାମାଜିକ କାର୍ଯ୍ୟକଳାପକୁ ବଢ଼ାଇବାର ଏକ ପ୍ରମୁଖ କାରଣ ହୋଇ ଠିଆ ହୋଇଛି। ଏହି ପରିସ୍ଥିତିରେ ସରକାରୀ ଓ ବେସରକାରୀ ସ୍ତରରେ ନିଶା ନିବାରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ହେବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ପ୍ରଶ୍ନ ଉଠୁଛି— ଯେଉଁ ହାତରେ ନିଶା ବିରୋଧୀ ବାର୍ତ୍ତା ଦିଆଯାଉଛି, ସେହି ହାତରେ ଅନ୍ୟପଟେ ମଦ ଦୋକାନ ଖୋଲିବାକୁ ଅନୁମତି କାହିଁକି? ଗୋଟିଏ ପଟେ 'ନିଶା ଛାଡ଼, ଜୀବନ ଗଢ଼' ବୋଲି ସଚେତନ କରାଯାଉଛି, ଅନ୍ୟପଟେ ଗାଁ, ସହର ଓ ଜନବସତି ନିକଟରେ ମଦ ଦୋକାନ ଖୋଲିବାର ଅନୁମତି ଦିଆଯାଉଛି। ଏହା କେବଳ ଏକ ବିରୋଧାଭାସ ନୁହେଁ, ବରଂ ସମାଜ ପାଇଁ ଏକ ଗମ୍ଭୀର ନୀତିଗତ ପ୍ରଶ୍ନ। ନିଶାର କୁପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଯେତେ ଜରୁରୀ, ନିଶା ସାମଗ୍ରୀର ସହଜ ଉପଲବ୍ଧତାକୁ ନିୟନ୍ତ୍ରଣ କରିବା ମଧ୍ୟ ସେତେ ଜରୁରୀ।

ବିଶେଷକରି ଯୁବପିଢ଼ି ଉପରେ ଏହାର ପ୍ରଭାବ ଅତ୍ୟନ୍ତ ଚିନ୍ତାଜନକ। ରୋଜଗାର, ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖୁଥିବା ଯୁବକ ଯଦି ସହଜରେ ମଦ ଓ ଅନ୍ୟାନ୍ୟ ନିଶାଦ୍ରବ୍ୟର ସଂସ୍ପର୍ଶରେ ଆସେ, ତେବେ ତା'ର ଜୀବନ ଦିଗହୀନ ହେବାର ଆଶଙ୍କା ବଢ଼ିଯାଏ। ନିଶା ଯେତେବେଳେ ଅଭ୍ୟାସରେ ପରିଣତ ହୁଏ, ସେତେବେଳେ ଏହାର ପ୍ରଭାବ କେବଳ ଜଣେ ବ୍ୟକ୍ତି ମଧ୍ୟରେ ସୀମିତ ରହେ ନାହିଁ, ସମଗ୍ର ପରିବାର ଏହାର ଶିକାର ହୁଏ।

ମଦ ବିକ୍ରିରୁ ରାଜସ୍ୱ ମିଳିବା ସରକାରଙ୍କ ପାଇଁ ଏକ ଆର୍ଥିକ ପକ୍ଷ ହୋଇପାରେ। କିନ୍ତୁ ରାଜସ୍ୱ ଆୟ ଠାରୁ ନାଗରିକଙ୍କ ସ୍ୱାସ୍ଥ୍ୟ, ପରିବାରର ସୁରକ୍ଷା ଓ ସମାଜର ଶାନ୍ତି ଅଧିକ ମୂଲ୍ୟବାନ। ମଦ ଯୋଗୁଁ ଘଟୁଥିବା ଦୁର୍ଘଟଣା, ଘରୋଇ ହିଂସା, ଅପରାଧ, ଆର୍ଥିକ ଅସୁବିଧା ଓ ସ୍ୱାସ୍ଥ୍ୟ ସମସ୍ୟାର ସାମାଜିକ ମୂଲ୍ୟ ମଧ୍ୟ ବିଚାର କରାଯିବା ଆବଶ୍ୟକ। ତେଣୁ ନିଶା ନିବାରଣକୁ କେବଳ ସଚେତନତା ସଭା, ରାଲି ଓ ପୋଷ୍ଟରରେ ସୀମିତ ରଖିଲେ ହେବ ନାହିଁ। ମଦ ଦୋକାନର ସ୍ଥାନ ନିର୍ଦ୍ଧାରଣ, ଜନବସତି ନିକଟରେ ବିକ୍ରି ନିୟନ୍ତ୍ରଣ, ନିୟମର କଡ଼ା ଅନୁପାଳନ ଏବଂ ଯୁବପିଢ଼ିଙ୍କୁ ବିକଳ୍ପ ସୁଯୋଗ ଦେବା ଦିଗରେ ଦୃଢ଼ ପଦକ୍ଷେପ ଦରକାର। ସରକାରଙ୍କ ନୀତିରେ ସ୍ପଷ୍ଟତା ଓ ସମନ୍ୱୟ ରହିବା ଆବଶ୍ୟକ।

କାରଣ ଗୋଟିଏ ହାତରେ ନିଶା ବିରୋଧୀ ପ୍ଲାକାର୍ଡ ଏବଂ ଅନ୍ୟ ହାତରେ ମଦ ଦୋକାନର ଅନୁମତି, ଏହି ଦୁଇଟି ଏକାସାଙ୍ଗରେ ଚାଲିଲେ ସଚେତନତାର ବାର୍ତ୍ତା ନିଶ୍ଚିତ ଭାବେ ଦୁର୍ବଳ ହେବ। ନୀତି ସେତେବେଳେ ସଫଳ ହୁଏ, ଯେତେବେଳେ କଥା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରହେ। ନିଶାମୁକ୍ତ ସମାଜ କେବଳ ସ୍ଲୋଗାନରେ ନୁହେଁ, ସଠିକ୍ ନୀତି, କଠୋର ନିୟନ୍ତ୍ରଣ ଓ ସାମୂହିକ ଇଚ୍ଛାଶକ୍ତିରେ ଗଢ଼ିଉଠିବ। ତେଣୁ ସମୟ ଆସିଛି ସଚେତନତା ସହିତ ନୀତିରେ ମଧ୍ୟ ପରିବର୍ତ୍ତନ ଆସୁ। ନଚେତ୍ ପ୍ରଶ୍ନ ରହିବ- ନିଶା ନିବାରଣ ନା ନିଶା ବ୍ୟବସାୟ, ଆମର ପ୍ରକୃତ ଲକ୍ଷ୍ୟ କ'ଣ?

ଗଞ୍ଜାମ, ମୋବାଇଲ୍:୭୮୭୦୦୧୦୦୧



# ଯେଉଁ ମାଟି ଲେଖେ ବିଜୟର ଇତିହାସ: କ୍ରୀଡ଼ା ଜଗତରେ ଓଡ଼ିଶାର ଅମର ଅବଦାନ



**ସୌଭାଗ୍ୟ ରଞ୍ଜନ ମହାନ୍ତି**

କ୍ରୀଡ଼ା କେବଳ ଜିତିବା ଓ ହାରିବାର ଏକ ପ୍ରତିଯୋଗିତା ନୁହେଁ; କ୍ରୀଡ଼ା ହେଉଛି ଜୀବନକୁ ଜିତିବାର କଳା, ପରାଜୟ ପରେ ପୁଣି ଉଠି ଦାଁଡ଼ିବାର ସାହସ, ଘାମର ପ୍ରତ୍ୟେକ ବିନ୍ଦୁକୁ ସଫଳତାରେ ପରିଣତ କରିବାର ତପସ୍ୟା, ଶୃଙ୍ଖଳାକୁ ଜୀବନର ଅଂଶ କରିବାର ଅଭ୍ୟାସ ଏବଂ ନିଜ ସ୍ୱପ୍ନକୁ ଦେଶର ସ୍ୱପ୍ନ ସହ ଯୋଡ଼ିବାର ମହାନ ମାଧ୍ୟମ। ଅଗଷ୍ଟ ୨୯ ତାରିଖ ଭାରତୀୟ କ୍ରୀଡ଼ା ଜଗତ ପାଇଁ ଏକ ସ୍ମରଣୀୟ ଦିନ। ମହାନ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଜନ୍ମଦିନକୁ ସ୍ମରଣ କରି ଦେଶବ୍ୟାପୀ ଭାବେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ। ଏହି ଦିନ ଆମକୁ ଧ୍ୟାନଚାନ୍ଦଙ୍କ ଅପୂର୍ବ କ୍ରୀଡ଼ା ପ୍ରତିଭାକୁ ସ୍ମରଣ କରାଇବା ସହ ଆମ ଦେଶର ଯୁବପିଢ଼ିକୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବାର ଏକ ମହାନ ଅବସର ଦେଇଥାଏ। ଭାରତର କ୍ରୀଡ଼ା ଇତିହାସକୁ ଯଦି ଗୋଟିଏ ବିଶାଳ ଚିତ୍ରପଟ ଭାବେ ଦେଖାଯାଏ, ତେବେ ସେହି ଚିତ୍ରପଟରେ ଓଡ଼ିଶାର ଅବଦାନ ଏକ ଉଜ୍ଜ୍ୱଳ ରଙ୍ଗ ଭଳି ଦେଖାଯାଏ। ଓଡ଼ିଶା ଆଜି କେବଳ ଶ୍ରୀଜଗନ୍ନାଥଙ୍କ ପବିତ୍ର ଭୂମି, କୋଣାର୍କର କଳାଭୂମି, ଧଉଳିର ଶାନ୍ତିଭୂମି କିମ୍ବା ମହୋଦଧିର ଗୌରବଭୂମି ନୁହେଁ; ଓଡ଼ିଶା ଆଜି ଭାରତୀୟ କ୍ରୀଡ଼ାର ଏକ ଶକ୍ତିଶାଳୀ ପ୍ରତିଭାଭୂମି। ବିଶେଷକରି ହକି କଥା ଉଠିଲେ ଓଡ଼ିଶାର ନାମ ସମ୍ମାନର ସହିତ ଉଚ୍ଚାରିତ ହୁଏ। ସୁନ୍ଦରଗଡ଼ ଜିଲ୍ଲାର ମାଟି ଦଶନ୍ଧି ଦଶନ୍ଧି ଧରି ଭାରତୀୟ ହକିକୁ ଅସଂଖ୍ୟ ପ୍ରତିଭା ଦେଇଆସିଛି। ଏହି ମାଟିରୁ ଉଠି ଆସିଥିବା ଦିଲୀପ ତିର୍କୀ ଭାରତୀୟ ହକିରେ ନେତୃତ୍ୱ, ଦୃଢ଼ତା ଓ ଶୃଙ୍ଖଳାର ଏକ ଅଲଗା ପରିଚୟ ସୃଷ୍ଟି କରିଛନ୍ତି। ଇଗ୍ନେସ ତିର୍କୀ, ଲାଜରୁସ ବାର୍ଲା, ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସଙ୍କ ପରି ଖେଳାଳିମାନେ ମଧ୍ୟ ଭାରତୀୟ ହକିର ସଫଳତାରେ ନିଜସ୍ୱ ଛାପ ଛାଡ଼ିଛନ୍ତି। ମହିଳା ହକିରେ ଦୀପ୍ ଗ୍ରେସ୍ ଏକ୍କା, ନମିତା ଟୋପ୍ପୋ, ଲିଲିମା ମିଞ୍ଜଙ୍କ ପରି ଓଡ଼ିଆ ଝିଅମାନେ ଦେଶର ଗୌରବ ବଢ଼ାଇଛନ୍ତି। ସେମାନଙ୍କ ସଫଳତା ପ୍ରମାଣ କରେ ଯେ ଓଡ଼ିଶାର ଝିଅମାନେ ମଧ୍ୟ ବିଶ୍ୱର ସର୍ବୋଚ୍ଚ କ୍ରୀଡ଼ାମଞ୍ଚରେ ନିଜର ପ୍ରତିଭା ପ୍ରଦର୍ଶନ କରିପାରନ୍ତି। ହକି ସହିତ ଦୌଡ଼ କ୍ଷେତ୍ରରେ ମଧ୍ୟ ଓଡ଼ିଶା ନିଜର ପରିଚୟ ସୃଷ୍ଟି କରିଛି। ଦୁତି ଚାନ୍ଦ ଭାରତୀୟ ଦୌଡ଼ ଜଗତରେ ଓଡ଼ିଶାର ଏକ ଚର୍ଚ୍ଚିତ ନାମ। ତାଙ୍କ ଜୀବନ କେବଳ ବେଗର କାହାଣୀ ନୁହେଁ; ଏହା ସଂଘର୍ଷ, ସାହସ ଓ ପ୍ରତିକୂଳତାକୁ ପରାସ୍ତ କରିବାର କାହାଣୀ। ଗ୍ରାମୀଣ ପରିବେଶରୁ ଉଠି ଦେଶର ଶ୍ରେଷ୍ଠ ଦୌଡ଼ବିଦ୍‌ମାନଙ୍କ ମଧ୍ୟରେ ସ୍ଥାନ ପାଇବା ନିଶ୍ଚିତ ଭାବେ ଅନେକ ଯୁବତୀଙ୍କୁ ନୂଆ ସ୍ୱପ୍ନ ଦେଖାଇଛି। ପାରା କ୍ରୀଡ଼ାରେ ପ୍ରମୋଦ ଭଗତ ଓଡ଼ିଶାର ନାମକୁ ବିଶ୍ୱମଞ୍ଚରେ ଉଜ୍ଜ୍ୱଳ କରିଛନ୍ତି। ତାଙ୍କ ସଫଳତାର ମୂଳରେ ରହିଛି ଅଦମ୍ୟ ଇଚ୍ଛାଶକ୍ତି, କଠିନ ପରିଶ୍ରମ ଓ ନିଜ ସୀମାକୁ ନିଜେ ଅତିକ୍ରମ କରିବାର ସାହସ। ସେ ପ୍ରମାଣ କରିଛନ୍ତି ଯେ ଶରୀରର କୌଣସି ସୀମା ମଣିଷର ସ୍ୱପ୍ନକୁ ବନ୍ଦୀ କରିପାରେ ନାହିଁ। ଓଡ଼ିଶାର କ୍ରୀଡ଼ା ଗୌରବ କେବଳ ହକି, ଦୌଡ଼ କିମ୍ବା ପାରା କ୍ରୀଡ଼ାରେ ସୀମିତ ନୁହେଁ। ଭାରୋତ୍ତୋଳନ, ତୀରନ୍ଦାଜୀ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ସନ୍ତରଣ, କୁସ୍ତି, ମୁଷ୍ଟିଯୁଦ୍ଧ, ଫୁଟବଲ, ଭଲିବଲ, ସାଇକେଲ ଚାଳନା, କବାଡ଼ି ଓ ଅନ୍ୟାନ୍ୟ କ୍ରୀଡ଼ାରେ ମଧ୍ୟ ଓଡ଼ିଶାର ଯୁବପିଢ଼ି ନିଜର ସମ୍ଭାବନା ପ୍ରଦର୍ଶନ କରୁଛି। ପ୍ରତ୍ୟେକ କ୍ରୀଡ଼ାର ମୂଳରେ ରହିଛି ଏକ ଶିକ୍ଷା— ଜିତିବା ପୂର୍ବରୁ ନିଜକୁ ଜିତିବାକୁ ପଡ଼େ। ଏହି ଆତ୍ମବିଜୟ ହିଁ ଜଣେ ସାଧାରଣ ଖେଳାଳିକୁ ଅସାଧାରଣ କରିଥାଏ। ଓଡ଼ିଶାର କ୍ରୀଡ଼ା ଉନ୍ନତିରେ କ୍ରୀଡ଼ା



ଭିତ୍ତିଭୂମିର ମଧ୍ୟ ବଡ଼ ଭୂମିକା ରହିଛି। ଭୁବନେଶ୍ୱରର କଳିଙ୍ଗ କ୍ରୀଡ଼ାଙ୍ଗନ ଆଜି ଦେଶ ଓ ବିଦେଶର ବହୁ କ୍ରୀଡ଼ାପ୍ରେମୀଙ୍କ ନଜରରେ ଏକ ପରିଚିତ କ୍ରୀଡ଼ାକେନ୍ଦ୍ର। ରାଉରକେଲାର ବିର୍ସା ମୁଣ୍ଡା କ୍ରୀଡ଼ାଙ୍ଗନ ମଧ୍ୟ ଓଡ଼ିଶାର କ୍ରୀଡ଼ା ଭିତ୍ତିଭୂମିକୁ ନୂଆ ମାପଦଣ୍ଡ ଦେଇଛି। ବିଶ୍ୱସ୍ତରୀୟ ହକି ପ୍ରତିଯୋଗିତାର ଆୟୋଜନ ଓଡ଼ିଶାକୁ ଆନ୍ତର୍ଜାତୀୟ କ୍ରୀଡ଼ା ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେଇଛି। କିନ୍ତୁ ଏହି ସଫଳତା ଆମକୁ ଆତ୍ମସନ୍ତୁଷ୍ଟ କରିବା ଉଚିତ ନୁହେଁ। କାରଣ ଓଡ଼ିଶାର ପ୍ରତ୍ୟେକ ଗାଁରେ ପ୍ରତିଭା ରହିଛି। କେଉଁଠି ଜଣେ ପିଲା ଖାଲିପାଦରେ ଦୌଡ଼ୁଛି, କେଉଁଠି ଜଣେ କିଶୋର ବାଉଁଶ ଖୁଣ୍ଟିକୁ ଗୋଲପୋଷ୍ଟ କରି ହକି ଖେଳୁଛି, କେଉଁଠି ଜଣେ ଝିଅ ଅଭାବ ମଧ୍ୟରେ ନିଜ ସ୍ୱପ୍ନକୁ ଧରି ରଖିଛି। ହୁଏତ ସେମାନଙ୍କ ମଧ୍ୟରୁ ଆଗାମୀ ଦିନର ଭାରତୀୟ ବିଜେତା ଜନ୍ମ ନେବେ। ଆବଶ୍ୟକ କେବଳ ତାଙ୍କୁ ଚିହ୍ନିବା, ଉଚିତ ପ୍ରଶିକ୍ଷଣ ଦେବା ଓ ସୁଯୋଗ ଯୋଗାଇଦେବା। ଆଜିର ଯୁଗରେ କ୍ରୀଡ଼ା କେବଳ ପଦକ ଜିତିବାର ମାଧ୍ୟମ ନୁହେଁ; ଏହା ଯୁବପିଢ଼ିକୁ ଶୃଙ୍ଖଳିତ, ସୁସ୍ଥ ଓ ଆତ୍ମବିଶ୍ୱାସୀ କରିବାର ଏକ ଶକ୍ତିଶାଳୀ ମାଧ୍ୟମ। ଖେଳପଡ଼ିଆ ଯୁବକୁ ନିରାଶାଠାରୁ ଦୂରେ ରଖେ, ତାଙ୍କ ମନରେ ଦଳୀୟ ଚେତନା ସୃଷ୍ଟି କରେ ଏବଂ ପରାଜୟକୁ ଗ୍ରହଣ କରି ପୁଣି ସଫଳତା ପାଇଁ ଲଢ଼ିବାର ମନୋବଳ ଦିଏ। ତେଣୁ ବିଦ୍ୟାଳୟରେ ପାଠପଢ଼ା ସହ କ୍ରୀଡ଼ାକୁ ସମାନ ଗୁରୁତ୍ୱ ମିଳିବା ଆବଶ୍ୟକ। ପ୍ରତ୍ୟେକ ଗାଁର ଖେଳପଡ଼ିଆ ସୁରକ୍ଷିତ ହେବା ଆବଶ୍ୟକ। ଝିଅମାନଙ୍କ ପାଇଁ ସୁରକ୍ଷିତ ଓ ସମାନ କ୍ରୀଡ଼ା ସୁଯୋଗ ନିଶ୍ଚିତ କରିବା ଆବଶ୍ୟକ। ପ୍ରତ୍ୟେକ ଜିଲ୍ଲାରୁ ପ୍ରତିଭା ଚିହ୍ନଟ କରି ତାଙ୍କୁ ଉଚ୍ଚମାନର ପ୍ରଶିକ୍ଷଣ ଓ ଆବଶ୍ୟକ ସହାୟତା ଦେବା ଦରକାର। କାରଣ ଆଜିର ଅଜଣା ଖେଳାଳି ହିଁ ଆସନ୍ତାକାଲିର ଦେଶର ଗୌରବ ହୋଇପାରନ୍ତି। ଜାତୀୟ କ୍ରୀଡ଼ା ଦିବସ ତେଣୁ କେବଳ ଏକ ଉତ୍ସବ ନୁହେଁ; ଏହା ଏକ ଆତ୍ମପରୀକ୍ଷାର ଦିନ। ଆମେ ନିଜକୁ ପଚାରିବା ଦରକାର— ଆମ ଶିଶୁମାନଙ୍କୁ ଆମେ କେବଳ ପାଠପଢ଼ାର ଚାପ ଦେଉଛୁ ନା କ୍ରୀଡ଼ାର ମୁକ୍ତ ଆକାଶ ମଧ୍ୟ ଦେଉଛୁ? ଆମେ କେବଳ ପଦକ ଜିତିଥିବା ଖେଳାଳିଙ୍କୁ ସମ୍ମାନ କରୁଛୁ ନା ପଦକ ପାଇଁ ତପସ୍ୟା କରୁଥିବା ଅଜଣା ପ୍ରତିଭାକୁ ମଧ୍ୟ ହାତ ବଢ଼ାଉଛୁ? ଓଡ଼ିଶାର କ୍ରୀଡ଼ା ଭବିଷ୍ୟତର ସତ୍ୟ ସଫଳତା ସେତେବେଳେ ହେବ, ଯେତେବେଳେ ସୁନ୍ଦରଗଡ଼ର ପଡ଼ିଆରୁ ଆରମ୍ଭ କରି ମାଲକାନଗିରି, କୋରାପୁଟ, କନ୍ଧମାଳ, ଗଜପତି, ନବରଙ୍ଗପୁର, କେନ୍ଦୁଝର, ମୟୂରଭଞ୍ଜ ଓ ରାଜ୍ୟର ପ୍ରତ୍ୟେକ ଅଞ୍ଚଳର ପିଲାଙ୍କୁ ସମାନ ସୁଯୋଗ ମିଳିବ। ଓଡ଼ିଶାର କ୍ରୀଡ଼ା ଗାଥା ଏପର୍ଯ୍ୟନ୍ତ ଯେତିକି ଗୌରବମୟ, ତାହାଠାରୁ ଅଧିକ ଗୌରବମୟ ଅଧ୍ୟାୟ ଏବେ ଲେଖାଯିବାକୁ ବାକି ଅଛି। ଆମ ପାଖରେ ପ୍ରତିଭା ଅଛି, ଆମ ପାଖରେ ଉତ୍ସାହ ଅଛି, ଆମ ପାଖରେ ପରିଶ୍ରମୀ ଯୁବପିଢ଼ି ଅଛି; ଆବଶ୍ୟକ କେବଳ ଠିକ୍ ଦିଗ, ଠିକ୍ ପ୍ରଶିକ୍ଷଣ ଓ ଠିକ୍ ସୁଯୋଗ। ଆଜି ଧ୍ୟାନଚାନ୍ଦଙ୍କୁ ସ୍ମରଣ କରିବା ସମୟରେ ଆମେ ଦିଲୀପ ତିର୍କୀଙ୍କ ନେତୃତ୍ୱ, ଦୀପ୍ ଗ୍ରେସ୍ ଏକ୍କାଙ୍କ ସାହସ, ଦୁତି ଚାନ୍ଦଙ୍କ ଗତି, ପ୍ରମୋଦ ଭଗତଙ୍କ ଅଦମ୍ୟ ମନୋବଳ ଏବଂ ଓଡ଼ିଶାର ଅନେକ କ୍ରୀଡ଼ାବିଦ୍‌ଙ୍କ ସଫଳତାକୁ ପ୍ରେରଣା କରିବା। ତାଙ୍କ ସଫଳତା ଆମକୁ କେବଳ ଗର୍ବିତ କରେ ନାହିଁ; ଏହା ଆମକୁ ଦାୟିତ୍ୱ ମଧ୍ୟ ଦିଏ। ଆଗାମୀ ପିଢ଼ି ପାଇଁ ଆମେ ଏମିତି ଏକ ଓଡ଼ିଶା ଗଢ଼ିବା, ଯେଉଁଠି ପ୍ରତ୍ୟେକ ପିଲାର ହାତରେ ଖେଳର ସାଧନ ଥିବ, ପ୍ରତ୍ୟେକ ଗାଁରେ ଖେଳପଡ଼ିଆ ଥିବ, ପ୍ରତ୍ୟେକ ପ୍ରତିଭାକୁ ପ୍ରଶିକ୍ଷଣ ମିଳିବ ଏବଂ ପ୍ରତ୍ୟେକ ସ୍ୱପ୍ନକୁ ଉଡ଼ିବାର ଆକାଶ ମିଳିବ। କାରଣ ଯେଉଁ ମାଟି ଦିଲୀପ ତିର୍କୀଙ୍କୁ ଜନ୍ମ ଦେଇଛି, ଯେଉଁ ମାଟି ଦୀପ୍ ଗ୍ରେସ୍ ଏକ୍କାଙ୍କୁ ଆଗେଇ ଆଣିଛି, ଯେଉଁ ମାଟି ଦୁତି ଚାନ୍ଦଙ୍କୁ ଦୌଡ଼ାଇଛି, ଯେଉଁ ମାଟି ପ୍ରମୋଦ ଭଗତଙ୍କୁ ବିଶ୍ୱବିଜୟର ସ୍ୱପ୍ନ ଦେଇଛି, ସେହି ମାଟିରେ ଆହୁରି ଅନେକ ବିଜୟର ବୀଜ ଲୁଚି ରହିଛି। ଆସନ୍ତୁ, ସେହି ବୀଜକୁ ଅଙ୍କୁରିତ କରିବା। ପଡ଼ିଆକୁ ଜୀବନ୍ତ କରିବା, ପ୍ରତିଭାକୁ ପରିଚୟ ଦେବା, ଯୁବପିଢ଼ିକୁ ସୁଯୋଗ ଦେବା। ତେବେ ହିଁ ଜାତୀୟ କ୍ରୀଡ଼ା ଦିବସର ମହତ୍ତ୍ୱ ସାର୍ଥକ ହେବ। ତ୍ରିରଙ୍ଗା ଯେତେବେଳେ ବିଜୟ ମଞ୍ଚରେ ଉଠିବ, ସେତେବେଳେ ତାହାର ଗୌରବରେ ଓଡ଼ିଶାର ମାଟିର ଘାମ ମଧ୍ୟ ଝଲସିବ। ଆମେ ଗର୍ବରେ କହିପାରିବା— ଏହା କେବଳ ଜଣେ ଖେଳାଳିର ବିଜୟ ନୁହେଁ, ଏହା ଓଡ଼ିଶାର ମାଟିର ବିଜୟ; ଏହା ଓଡ଼ିଶାର ଯୁବଶକ୍ତିର ବିଜୟ; ଏହା ଭାରତର ବିଜୟ। ଏବଂ ସେହି ବିଜୟର ଇତିହାସ ଲେଖିବାର ଦାୟିତ୍ୱ ଆଜି ଆମ ସମସ୍ତଙ୍କ ହାତରେ।

ମୋବାଇଲ୍:୯୪୩୭୯୯୪୩୭୯

# ଡେଙ୍ଗୁର ଟୀକାକରଣକୁ ସ୍ୱୀକୃତି



**ଡା. ରାଜକିଶୋର ପଣ୍ଡା**

ଗୋଟିଏ ସମୟ ଥିଲା, ଯେତେବେଳେ ମ୍ୟାଲେରିଆ ମଶା ଦ୍ୱାରା ବ୍ୟାପୁଥିବା ସେହି ରୋଗଥିଲା, ଯାହାକୁ ଅଧିକାଂଶ ଭାରତୀୟ ଭୟ କରୁଥିଲେ। ଏହାର ବିପରୀତରେ ଡେଙ୍ଗୁକୁ କମ୍ ପ୍ରଚଳିତ ଓ ଭୟାବହ ବୋଲି ବିବେଚନା କରାଯାଉଥିଲା। କିନ୍ତୁ ଏହି ସ୍ଥିତି ବର୍ତ୍ତମାନ ନାଟକୀୟ ଭାବରେ ବଦଳି ଯାଇଛି। ବିଗତ ଦୁଇ ଦଶକରେ ଡେଙ୍ଗୁ ଭାରତ ଓ ଅନ୍ୟାନ୍ୟ ସ୍ଥାନରେ କ୍ଷିପ୍ରତାର ସହ ବ୍ୟାପିଛି। ଏବେ ଜ୍ୱର ହେବା, ହସ୍ପିଟାଲରେ ଭର୍ତ୍ତି ଭଳି ପରିସ୍ଥିତି ସୃଷ୍ଟି, ଏପରିକି ମୃତ୍ୟୁ ମଧ୍ୟ ଘଟିତ ହେବାର ଏକ ପ୍ରମୁଖ କାରଣ ପାଲଟିଛି "ଡେଙ୍ଗୁ" ବିଶେଷ କରି ମୌସୁମୀ ସମୟରେ। ଏହା ପରେ ମଧ୍ୟ ମ୍ୟାଲେରିଆ ପାଇଁ ପ୍ରଭାବଶାଳୀ ଔଷଧ ରହିଛି, କିନ୍ତୁ ଡେଙ୍ଗୁ ପାଇଁ କୌଣସି ଆଣ୍ଟିଭାଇରାଲ୍ ଉପଲବ୍ଧ ନାହିଁ।

ଡେଙ୍ଗୁ ଏକ ମଶାର କାମୁଡ଼ିବା ଦ୍ୱାରା ହୋଇଥାଏ। ଏହି ମଶାଟି ହେଉଛି "ମାଇ ଏଡିସ୍"(ଉ଼ରଙ୍କବକ୍ଷର ବରୟରଗ୍ୱ ଙ୍କଙ୍କଚ୍ଛଗ୍ୱକ୍ତଙ୍କସଗ୍ୱକ୍ଷ)। ଏଡିସ୍ ମଶାରେ ଥାଏ ଏହି ରୋଗକୁ ସୃଷ୍ଟି କରୁଥିବା ଭୂତାଣୁ (ଠସକ୍ସଙ୍କଗ୍ୱ) ଯାହାକୁ କୁହାଯାଏ 'ଡେଙ୍ଗୁ ଭାଇରସ୍'। ଏହି ଭାଇରସ୍‌ର ଚାରୋଟି ପ୍ରଜାତି ଅଛନ୍ତି। ସେମାନେ ହେଉଛନ୍ତି ଡେନଭି-୧, ଡେନଭି-୨, ଡେନଭି-୩ ଓ ଡେନଭି-୪। ଆସ୍ୱସ୍ତିର କଥା ହେଉଛି କି ଭାରତର ଔଷଧ ନିୟନ୍ତ୍ରକ ବିଭାଗ ଏବେ ନିକଟରେ ଦେଶର ପ୍ରଥମ ଡେଙ୍ଗୁ ନିରୋଧ ଟୀକାକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହି ଟୀକାଟିର ନାମ ହେଉଛି କ୍ୟୁଡେଙ୍ଗା(ଛଉରଘଏଇ)। ଡେଙ୍ଗୁ ଭାଇରସ୍‌ର ଚାରୋଟି ପ୍ରଜାତିକୁ ପ୍ରତିରୋଧ କରିପାରିବା ଲକ୍ଷ୍ୟନେଇ ଏହାକୁ ପ୍ରସ୍ତୁତ କରାଯାଇଛି। ଚାରିବର୍ଷର ଶିଶୁଠାରୁ ଆରମ୍ଭ କରି ଷାଠିଏ ବର୍ଷ ପର୍ଯ୍ୟନ୍ତ ବୟସ୍କ ଲୋକଙ୍କୁ ସେମାନେ ପୂର୍ବରୁ ଡେଙ୍ଗୁ ଆକ୍ରାନ୍ତ ହୋଇଥାନ୍ତୁ ବା ନ ହୋଇଥାନ୍ତୁ, ଏହି ଟୀକାଟି ଦିଆ ଯାଇପାରିବ। ବିଶ୍ୱବ୍ୟାପୀ ଚାଳିଶରୁ ଅଧିକ ଦେଶ କ୍ୟୁଡେଙ୍ଗାକୁ ସ୍ୱୀକୃତି ପ୍ରଦାନ କରିସାରିଲେଣି। ଏହାକୁ ନିର୍ମାଣ କରିଛି ଜାପାନର ଫାର୍ମାସ୍ୟୁଟିକାଲ୍ ଉଦ୍ୟୋଗ "ଟାକେଡା"। ଅନୁମାନ କରାଯାଉଛି କି ବିଶ୍ୱବ୍ୟାପୀ ଦେଖାଯାଉଥିବା ଡେଙ୍ଗୁ ମାମଲାର ଏକ ତୃତୀୟାଂଶ ଭାରତରେ ହୋଇଥାଏ। ସରକାରୀ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ୨୦୨୫ରେ ଭାରତରେ ପାଖାପାଖି ଏକଲକ୍ଷ କୋଡ଼ିଏ ହଜାର ଡେଙ୍ଗୁ ମାମଲା ଓ ଏଥିଯୋଗୁଁ ଏକଶହ ଏକତିରିଶଟି ମୃତ୍ୟୁ ପଞ୍ଜୀକୃତ ହୋଇଛି। ଏହି ତଥ୍ୟ କିନ୍ତୁ ଡେଙ୍ଗୁର ପ୍ରକୃତ ବୋଝକୁ କମ୍ ଦେଖାଇଥାଏ। ଅନେକ ସଂକ୍ରମଣର ଯାଞ୍ଚ ହୋଇନଥାଏ, କେତେ ରୋଗୀଙ୍କର ଚିକିତ୍ସାର ପଞ୍ଜୀକରଣ ହୁଏନା ଏବଂ ଅନ୍ୟତ୍ର କିଛି ଡେଙ୍ଗୁ ଜନିତ ମୃତ୍ୟୁକୁ ରକ୍ତସ୍ରାବ ଭଳି ଜଟିଳତା ହେତୁ ମୃତ୍ୟୁ ହେଲା ବୋଲି ଧରିନିଆଯାଏ। ଡେଙ୍ଗୁର ଟୀକା ପ୍ରସ୍ତୁତି ଏକ କଷ୍ଟକର ବ୍ୟାପାର ବୋଲି ପ୍ରମାଣିତ ହୋଇଛି। 'କ୍ୟୁଡେଙ୍ଗା' ପୂର୍ବରୁ ଆହୁରି କେତୋଟି ଟୀକା ମଧ୍ୟ ଅତୀତରେ ଆସିଛି କିନ୍ତୁ ପ୍ରତ୍ୟେକଟି ସହ ବୈଜ୍ଞାନିକ, ସୁରକ୍ଷା ଓ ଉପଯୋଗୀତା ଜନିତ ସମସ୍ୟା ଜଡ଼ିତ ଥିଲା। ଡେଙ୍ଗୁ ଭାଇରସ୍‌ର ଚାରୋଟି ପ୍ରଜାତି (ଡେନଭି ୧-୪) ଭାରତରେ ଏହି ରୋଗଟିକୁ ସୃଷ୍ଟି କରିଥାନ୍ତି। ପ୍ରତ୍ୟେକ ପ୍ରଜାତି ଅନ୍ୟ ପ୍ରଜାତି ଠାରୁ ଏହି ଭାବରେ ଭିନ୍ନ ଯେ ଯଦି କୌଣସି ପ୍ରଜାତି ବିରୋଧରେ ପ୍ରାକୃତିକ ପ୍ରତିରୋଧ ବ୍ୟବସ୍ଥା (ଘବଗ୍ୱଙ୍କବକ୍ଷ ଓଙ୍କଙ୍କଙ୍କଭସଗ୍ୱଚ୍ଛ) ମଣିଷ ଶରୀରରେ ସୃଷ୍ଟି ହେଲା, ଉକ୍ତ ପ୍ରତିରୋଧ ବ୍ୟବସ୍ଥା କେବଳ ସେହି ନିର୍ଦ୍ଦିଷ୍ଟ ପ୍ରଜାତିକୁ ହିଁ ବାଧା ଦେବ। ଅନ୍ୟ ପ୍ରଜାତିର ସଂକ୍ରମଣକୁ ଏହି ପ୍ରତିରୋଧ ରୋକି ନ ପାରେ। ଯେଉଁ ବ୍ୟକ୍ତିଙ୍କୁ ଡେଙ୍ଗୁ ସଂକ୍ରମଣ ହୋଇଛି, ତାଙ୍କୁ ସଂକ୍ରମିତ କରିଥିବା ଡେଙ୍ଗୁ ଭାଇରସ୍ ପ୍ରଜାତି ଅନୁଯାୟୀ ସମ୍ପୃକ୍ତ ବ୍ୟକ୍ତିଙ୍କ ରକ୍ତରେ ଆଣ୍ଟିବଡି ସୃଷ୍ଟି ହେବ। ଏହାକୁ ସେରୋପଜିଟିଭ୍ କୁହାଯାଏ। ଯାହାଙ୍କୁ ଡେଙ୍ଗୁ ସଂକ୍ରମଣ ହୋଇନାହିଁ, ତାଙ୍କ ରକ୍ତରେ ଆଣ୍ଟିବଡି ଦେଖାଯିବ ନାହିଁ ଓ ଏହାକୁ ସେରୋନେଗେଟିଭ୍ ବୋଲି କୁହାଯିବ। ଯେତେବେଳେ ଜଣେ ସେରୋପଜିଟିଭ୍ ବ୍ୟକ୍ତି (ଡେଙ୍ଗୁର ଚାରି ପ୍ରଜାତି ମଧ୍ୟରୁ ଯେକୌଣସି




ଗୋଟିଏ ଦ୍ୱାରା ସଂକ୍ରମଣ ହେତୁ), ନିଜ ଜୀବନକାଳରେ ଅନ୍ୟ ଗୋଟିଏ ଡେଙ୍ଗୁ ପ୍ରଜାତି(ପୂର୍ବ ସଂକ୍ରମଣରୁ ଅଲଗା ପ୍ରଜାତି) ଦ୍ୱାରା ସଂକ୍ରମିତ ହୁଅନ୍ତି, ସେତେବେଳେ ଏହା ଭୟାବହ ଡେଙ୍ଗୁ ଜ୍ୱରରେ ପରିଣତ ହୋଇପାରେ। ଏହାର କାରଣ ହେଉଛି, ପ୍ରଥମ ଡେଙ୍ଗୁ ଭାଇରସ୍ ପ୍ରଜାତିର ଆଣ୍ଟିବଡି, ଦ୍ୱିତୀୟ ପ୍ରଜାତିର ସଂକ୍ରମଣକୁ ବଢ଼ାଇ ଦେଇଥାଏ। ଏହାକୁ ଡାକ୍ତରୀ ଭାଷାରେ କୁହାଯାଏ ଆଣ୍ଟିବଡି ଡିପେଣ୍ଡାଣ୍ଟ ଏନହେନ୍ସମେଣ୍ଟ୍ ବା ଏ.ଡି.ଇ। ଏ.ଡି.ଇ କୁ ପ୍ରତିରୋଧ କରିବା ହିଁ ହେଉଛି ଡେଙ୍ଗୁ ଟୀକା ନିର୍ମାଣର ମୂଳତତ୍ତ୍ୱ।

ଯେକୌଣସି ଡେଙ୍ଗୁ ଟୀକା "ଟେଟ୍ରାଭାଲେଣ୍ଟ" ହେବା ନିହାତି ଦରକାର ଅର୍ଥାତ୍ ଏହା ଭାଇରସ୍‌ଟିର ଚାରୋଟି ପ୍ରଜାତିକୁ ଏକା ସାଙ୍ଗରେ ଓ ସମାନ ଭାବରେ ପ୍ରତିରୋଧ କରିବାର ଆବଶ୍ୟକତା ରହିଛି। ଚାରୋଟି ପ୍ରଜାତିରୁ ଯେକୌଣସି ଗୋଟିଏକୁ ଯଦି ନିର୍ଦ୍ଦିଷ୍ଟ ଟୀକା ପ୍ରତିରୋଧ କରିପାରିଲା ନାହିଁ, ଏହାକୁ ବ୍ୟବହାର କଲେ ଏ.ଡି.ଇ ହେବାର ସମ୍ଭାବନା ରହିଥାଏ। ଯଦିଓ ସାନୋଫି ଦ୍ୱାରା ପ୍ରସ୍ତୁତ ଟୀକା "ଡେଙ୍ଗଭାକ୍ସିଆ"କୁ ପ୍ରାରମ୍ଭିକ ସମୟରେ ସଫଳ ବୋଲି ସ୍ୱୀକାର କରାଗଲା, ଏ.ଡି.ଇ. କାରଣରୁ ହିଁ ଏହା ଦୀର୍ଘସ୍ଥାୟୀ ହୋଇପାରିଲା ନାହିଁ। 'କ୍ୟୁଡେଙ୍ଗା' କିନ୍ତୁ ଏକ ଟେଟ୍ରାଭାଲେଣ୍ଟ ଟୀକା ଅଟେ, ଯାହାକି ଦୁର୍ବଳ ଡେନଭି-୨ ପ୍ରଜାତିର ଆନୁବଂଶିକ ପଦାର୍ଥ (ଏରଭରଗ୍ୱସମ ଗବଗ୍ୱରକ୍ସସବକ୍ଷ) ଉପରେ ପର୍ଯ୍ୟବେସିତ। ଏଥିରେ ଅନ୍ୟ ତିନୋଟି ପ୍ରଜାତିର ଆନୁବଂଶିକ ପଦାର୍ଥ ମଧ୍ୟ ସାମିଲ ଅଛି। ଏହାକୁ ତିନିମାସର ବ୍ୟବଧାନରେ ଦୁଇଟି ଡୋଜ୍‌ରେ ଦେବାର ବ୍ୟବସ୍ଥା ରହିଛି। କ୍ୟୁଡେଙ୍ଗାର ଦକ୍ଷତା ସମ୍ବନ୍ଧରେ ହୋଇଥିବା ପରୀକ୍ଷଣରୁ ଜଣା ପଡ଼ିଛି କି, ଏକ ବର୍ଷରେ ଏହାର ପ୍ରଭାବ ପାଖାପାଖି ଅଶୀ ପ୍ରତିଶତ ରହିଛି ଓ ଅଠର ମାସ ସମୟ ସୀମା ମଧ୍ୟରେ ଡେଙ୍ଗୁରେ ପୀଡ଼ିତ ହୋଇ ହସ୍‌ପିଟାଲରେ ଭର୍ତ୍ତି ହେବାର ସମ୍ଭାବନାରେ ନବେ ପ୍ରତିଶତ ହ୍ରାସ ଘଟୁଛି। ହାଇଦ୍ରାବାଦ ସ୍ଥିତ ଔଷଧ ନିର୍ମାତା "ବାୟୋଲୋଜିକାଲ୍-ଇ" ଓ ଟାକେଡା ମିଳିତ ଭାବରେ ଭାରତରେ ବାର୍ଷିକ ପାଞ୍ଚ କୋଟି ଟୀକା ଉତ୍ପାଦନ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହାକି ୨୦୩୦ ସୁଦ୍ଧା ବାର୍ଷିକ ଦଶ କୋଟୀରେ ପରିଣତ ହେବ। ଭାରତ ଏହାଦ୍ୱାରା ଏକ ପ୍ରମୁଖ ଟୀକା ଉତ୍ପାଦନ କେନ୍ଦ୍ର ହୋଇପାରିବ। କ୍ୟୁଡେଙ୍ଗାକୁ ସ୍ୱୀକୃତି ପ୍ରଦାନ ଭାରତ ପାଇଁ ଆରମ୍ଭ ମାତ୍ର। ଗୋଦାମ, କ୍ଲିନିକ୍ ଓ ସରକାରୀ ଡାକ୍ତରଖାନାରେ ଗଚ୍ଛିତ ଥିବା ଟୀକା ସେତେବେଳ ପର୍ଯ୍ୟନ୍ତ ରୋଗକୁ ପ୍ରତିରୋଧ କରିପାରେନାହିଁ, ଯେଉଁ ପର୍ଯ୍ୟନ୍ତ ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚି ନାହିଁ। କ୍ୟୁଡେଙ୍ଗାକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ କବଚରେ ପରିଣତ କରିବା ବହୁଳ ଭାବରେ ନିର୍ଭର କରୁଛି, ଏହାର ମୂଲ୍ୟ ନିର୍ଦ୍ଧାରଣ, କୋଲଡ୍ ଚେନ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶିକ୍ଷଣ ଉପରେ। ଏହି ଟୀକାକୁ ନେଇ ଏକ ରାଷ୍ଟ୍ରବ୍ୟାପୀ ଟୀକାକରଣ କାର୍ଯ୍ୟକ୍ରମ କରିବା ଆବଶ୍ୟକ ନୁହେଁ, ଏହା ଏ ଲେଖକର ମତ। କାରଣ ଡେଙ୍ଗୁର ଉପସ୍ଥିତି ଆମ ଦେଶରେ ଅସମାନତାର ସହ ଦେଖିବାପାଇଁ ମିଳେ। କେତେକ ଗ୍ରାମ ବା ସହରାଞ୍ଚଳରେ ଏହାର ପ୍ରାର୍ଦ୍ଦୁଭାବ ଓ ବିପଦ ଖୁବ୍ ବେଶୀ ଥିବା ବେଳେ ଅନ୍ୟତ୍ର ନ ଥାଏ। ଯେଉଁଠାରେ ଏହାର ପ୍ରାବଲ୍ୟ ଅଛି ସରକାର ସେଠାରେ ସୁଲଭତାର ସହ କ୍ୟୁଡେଙ୍ଗାକୁ ଯୋଗାଇବାର ବ୍ୟବସ୍ଥା କରିପାରିବେ। ଟୀକା ସହିତ ଉପଯୁକ୍ତ ନିରୀକ୍ଷଣ ମଧ୍ୟ ନିତାନ୍ତ ଜରୁରୀ। ଏଥିରେ ଜିଲ୍ଲା ସ୍ତରୀୟ ଡାଟା, ବେସରକାରୀ ହସ୍ପିଟାଲରୁ ସମ୍ପୂର୍ଣ୍ଣ ରିପୋର୍ଟ ଓ ଡେଙ୍ଗୁ ପ୍ରଜାତିର (ସେରୋଟାଇପ୍) ବ୍ୟାପିବା ନେଇ ନିର୍ଭୁଲ ତଥ୍ୟର ଆବଶ୍ୟକତା ରହିଛି। ସମଗ୍ର ଦେଶରେ କମ୍ ମାତ୍ରାରେ କ୍ୟୁଡେଙ୍ଗାକୁ ଯୋଗାଇବା ଅପେକ୍ଷା, ଡେଙ୍ଗୁ ପ୍ରବଣ ଅଞ୍ଚଳରେ ଏହାକୁ ଅଧିକ ମାତ୍ରାରେ କେନ୍ଦ୍ରୀଭୂତ କଲେ ଅଧିକ ସୁଫଳ ମିଳିବାର ସମ୍ଭାବନା ରହିଛି। ଟୀକାକରଣ ସହିତ ମଶା ନିୟନ୍ତ୍ରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆ ଯାଉ। କ୍ୟୁଡେଙ୍ଗା ରୂପରେ ଦେଶକୁ ଡେଙ୍ଗୁ ବିରୋଧରେ ଏକ ଉପଯୁକ୍ତ ଅସ୍ତ୍ର ମିଳିଛି। ଏହା ସାଙ୍ଗକୁ ଆବଶ୍ୟକ ରହିଛି ସରକାର ଓ ଲୋକମାନଙ୍କର ଭାଗିଦାରୀ ଯାହାକି କୌଣସି ଯୋଜନାର ସଫଳ ରୂପାୟନ ପାଇଁ ପଥ ପରିଷ୍କାର କରେ।

ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ୍:୮୧୪୪୦୪୨୯୯୭

# ସମୁଦ୍ରିକ ମାଇନ୍ସରୁ ହର୍ମୁଜ୍ ପ୍ରଣାଳୀ ମୁକ୍ତ




ୱାଶିଂଟନ୍, ୨୮।୮ଃ ହର୍ମୁଜ ପ୍ରଣାଳୀ ଅନ୍ତର୍ଜାତୀୟ ଜଳପଥରୁ ଇରାନ ବିଛାଇଥିବା ସମସ୍ତ ସମୁଦ୍ର ମାଇନସ୍‌କୁ ଆମେରିକୀୟ ସେନା ସମ୍ପୂର୍ଣ୍ଣ ସଫା କରିଦେଇଛି ବୋଲି ମଧ୍ୟପ୍ରାଚ୍ୟ ପାଇଁ ନିୟୋଜିତ ଆମେରିକାର ଶୀର୍ଷ କମାଣ୍ଡର ଆଡମିରାଲ ବ୍ରାଡ୍ କୁପର ସୂଚନା ଦେଇଛନ୍ତି। ଗୁରୁବାର ରାତିରେ ଜାରି ହୋଇଥିବା ଏକ ଭିଡିଓ ବାର୍ତ୍ତାରେ ଆମେରିକା ସେଣ୍ଟ୍ରାଲ କମାଣ୍ଡର ମୁଖ୍ୟ କହିଛନ୍ତି ଯେ ଗତ କିଛି ମାସ ଧରି ନୌସେନା ଡାଇଭର, ସିଲସ ଓ ବିମାନ ସାହାଯ୍ୟରେ ଅତ୍ୟନ୍ତ ବିପଜ୍ଜନକ ସ୍ଥିତିରେ ଏହି ମାଇନଗୁଡ଼ିକୁ ନିଷ୍କ୍ରିୟ କରାଯାଇଛି। ଫଳରେ ଏବେ ଏହି ଗୁରୁତ୍ୱପୂର୍ଣ୍ଣ ଜଳପଥ ପୁନର୍ବାର ସାଧାରଣ ଜାହାଜ ଚଳାଚଳ ପାଇଁ ସୁରକ୍ଷିତ ଓ ଉନ୍ମୁକ୍ତ ହୋଇଛି। ପୂର୍ବରୁ ଆମେରିକା ଆମେରିକା-ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ତେଲ, ପ୍ରାକୃତିକ ଗ୍ୟାସ ଓ ସାର ପରିବହନର ମୁଖ୍ୟ ମାଧ୍ୟମ ପାଲଟିଥିବା ଏହି ଜଳପଥରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପକ୍ଷରେ, ଗତ ୧୪ ଦିନ ମଧ୍ୟରେ ଆମେରିକା ନିଜ ତତ୍ତ୍ୱାବଧାନରେ ହରମୁଜ ଦେଇ ୧୩୦ ନିୟୁତ ବ୍ୟାରେଲ ଅଶୋଧିତ ତେଲ ସୁରକ୍ଷିତ ଭାବେ ବାହାରକୁ ନେଇଛି ବୋଲି ଟ୍ରେଜରୀ ସେକ୍ରେଟାରୀ ସ୍କଟ୍ ବେସେଣ୍ଟ ସୂଚନା ଦେଇଛନ୍ତି। ତେବେ ଇରାନ ଏହି ଜଳପଥ ଉପରେ ନିଜର ନିୟନ୍ତ୍ରଣ ରହିଛି ବୋଲି ଦାବି କରିବା ସହ ନିକଟରେ ଓମାନ ସହ ରାଜସ୍ୱ ଭାଗବଣ୍ଟା ଚୁକ୍ତି କରିଥିବା ପ୍ରକାଶ କରିଛି।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍ ପ୍ରଣାଳୀରେ କୌଣସି ମାଇନ ନାହିଁ ବୋଲି ଦାବି କରିଥିବା ବେଳେ ଆମେରିକାର କିଛି ସହଯୋଗୀ ଦେଶ ଏହାକୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। ସେମାନଙ୍କ ଆକଳନ ଅନୁଯାୟୀ, ଇରାନ ଦ୍ୱାରା ବିଛାଯାଇଥିବା ଆନୁମାନିକ ୮୦ ରୁ ୧୫୦ଟି ମାଇନ ମଧ୍ୟରୁ ସମ୍ପୂର୍ଣ୍ଣ ସଫା ହୋଇନାହିଁ।

ତେବେ ଆମେରିକା ଅଧିକାରୀମାନେ ଏହି ଆକଳନକୁ ପୁରୁଣା ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି। ଫେବୃଆରୀ ମାସରୁ

## ବ୍ୟାରନ୍ ଟ୍ରମ୍ପଙ୍କୁ ହତ୍ୟା ଷଡ଼ଯନ୍ତ୍ର ମିଛ:ଇରାନ୍



ତେହେରାନ୍ଃ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାନପୁଅ ବ୍ୟାରନ୍ ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ ସମ୍ଭାବ୍ୟ ଷଡ଼ଯନ୍ତ୍ର ରଚାଯାଉଥିବା ନେଇ ପ୍ରକାଶିତ ରିପୋର୍ଟକୁ ସମ୍ପୂର୍ଣ୍ଣ ମିଛ ଓ ଭିତ୍ତିହୀନ ବୋଲି କହିଛନ୍ତି ଇରାନର ସୁରକ୍ଷା ପ୍ରମୁଖ ମୋହସେନ ରେଜାଇ। ଗୁରୁବାର ଲେବାନନର ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସେ ଏହି ସ୍ପଷ୍ଟୀକରଣ ଦେଇଛନ୍ତି। ଇରାନର ସରକାରୀ ଟେଲିଭିଜନରେ ବ୍ୟାରନ୍ ଟ୍ରମ୍ପଙ୍କୁ ହତ୍ୟା କରିବାର ସମ୍ଭାବ୍ୟ ଷଡ଼ଯନ୍ତ୍ର ସମ୍ପର୍କରେ ଏକ ଭିଡିଓ ସମ୍ପ୍ରଚାରିତ ହୋଇଥିଲା। ଏହି ଭିଡିଓ ସମ୍ପର୍କରେ ସେମାନେ ଅବଗତ ଅଛନ୍ତି ଏବଂ ଘଟଣା ଉପରେ କଡ଼ା ନଜର ରଖାଯାଇଛି ବୋଲି ମଙ୍ଗଳବାର ଆମେରିକାର ସିକ୍ରେଟ୍ ସର୍ଭିସ୍ ପକ୍ଷରୁ କୁହାଯାଇଥିଲା। ତେବେ ଇରାନୀ ସୁରକ୍ଷା ପ୍ରମୁଖ ଏହି ଆକ୍ଷେପକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି।

### ମନୁସ୍ମୃତି ମନ୍ତବ୍ୟ ବିବାଦ

## ରାହୁଲ ଗାନ୍ଧିଙ୍କ ନାଁରେ ସୁପ୍ରିମକୋର୍ଟ ଓକିଲଙ୍କ ମାମଲା




ନୂଆଦିଲ୍ଲୀ, ୨୮।୮ଃ ମନୁସ୍ମୃତି ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଅସୁବିଧା ବୃଦ୍ଧି ପାଇବାରେ ଲାଗିଛି। ସୁପ୍ରିମକୋର୍ଟ ଓକିଲ ନାଜିଆ ଖାନ ରାହୁଲଙ୍କ ବିରୋଧରେ ପୁଲିସରେ ଏକ ଅଭିଯୋଗ ଦାଖଲ କରିଛନ୍ତି। ରାହୁଲ ପ୍ରାଚୀନ ଗ୍ରନ୍ଥର କିଛି ଅଂଶକୁ ଭୁଲ୍ ଭାବରେ ଉପସ୍ଥାପନ କରି ଲୋକଙ୍କ ଭାବନାକୁ ଆଘାତ ଦେବାକୁ ଚେଷ୍ଟା କରୁଛନ୍ତି ବୋଲି ସେ ଅଭିଯୋଗ ଆଣିଛନ୍ତି। ଅଗଷ୍ଟ ୨୨ ରେ ପୁଣେଠାରେ ଆୟୋଜିତ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମରେ ରାହୁଲ ନାରୀ ସ୍ୱାଧୀନତା ଓ ପିତୃସତ୍ତାତ୍ମକ ମାନସିକତା ଉପରେ ବକ୍ତବ୍ୟ ଦେଇଥିଲେ। ମନୁସ୍ମୃତିରୁ ଉଦ୍ଧୃତି ଦେଇ ସେ କହିଥିଲେ ଯେ, ବାଲ୍ୟକାଳରେ ନାରୀ ପିତାଙ୍କ ଅଧୀନରେ, ଯୌବନରେ ସ୍ୱାମୀଙ୍କ ଅଧୀନରେ ଓ ବାର୍ଦ୍ଧକ୍ୟରେ ପୁତ୍ରଙ୍କ ଅଧୀନରେ ରହେ; ନାରୀ କେବେ ସ୍ୱାଧୀନ ହେବା ଉଚିତ ନୁହେଁ।

ନାଜିଆ ଖାନ କହିଛନ୍ତି ଯେ, ରାହୁଲ ଗାନ୍ଧୀ ଗୋଟିଏ ଅଧ୍ୟାୟର କିଛି ଶବ୍ଦକୁ ମୋଡ଼ିମାଡ଼ି ଉପସ୍ଥାପନ କରି ମନୁସ୍ମୃତିକୁ ବଦନାମ କରିବାକୁ ଚେଷ୍ଟା କରିଛନ୍ତି। ସେ ସାମ୍ବିଧାନିକ ଅଧିକାର ଓ ସ୍ୱାଧୀନତାକୁ ସମ୍ମାନ ଦିଅନ୍ତି, କିନ୍ତୁ ଭ୍ରାନ୍ତ ତଥ୍ୟ ପ୍ରସାରକୁ ବିରୋଧ କରନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ମୁଁ କଲମା ପଢ଼େ ଓ ବନ୍ଦେ ମାତରମ୍ ଗାଇବାରେ ଗର୍ବ ଅନୁଭବ କରେ।

## ଜିମ୍‌ରେ ବ୍ୟାୟାମ ବେଳେ ଡାକ୍ତରଙ୍କ ମୃତ୍ୟୁ



ନାଗାଓଁ, ୨୮।୮ଃ ଆସାମର ନାଗାଓଁରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜିମ୍‌ରେ ବ୍ୟାୟାମ କରୁଥିବା ବେଳେ ଜଣେ ଡାକ୍ତରଙ୍କ ଅଚାନକ ମୃତ୍ୟୁ ଘଟିଛି। ମୃତ ଡାକ୍ତରଙ୍କ ନାମ ଶାହିନ ରହମାନ। ଗୁରୁବାର ସନ୍ଧ୍ୟାରେ ଡାକ୍ତର ରହମାନ ପ୍ରତିଦିନ ଭଳି ଜିମ୍‌କୁ ଯାଇଥିଲେ। ସେଠାରେ ସେ ବ୍ୟାୟାମ କରୁଥିବା ସମୟରେ ହଠାତ୍ ତଳେ ପଡ଼ିଯାଇଥିଲେ। ଜିମ ପରିଚାଳକ ଓ ତାଙ୍କ ଜିମ ସାଥୀମାନେ ଡାକ୍ତରଙ୍କୁ ସଙ୍ଗେସଙ୍ଗେ ଡାକ୍ତରଖାନା ନେଇ ଯାଇଥିଲେ ହେଁ ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରାଯାଇଥିଲା। ଘଟଣାର ସମ୍ପୂର୍ଣ୍ଣ ଦୃଶ୍ୟ ଜିମ୍‌ର ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏହାର ଏକ ଭିଡିଓ ଏବେ ସାମ୍ନାକୁ ଆସିଛି। ପ୍ରାରମ୍ଭିକ ରିପୋର୍ଟରେ ହୃଦଘାତ ଯୋଗୁଁ ଡାକ୍ତରଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ତେବେ ମୃତ୍ୟୁର କାରଣ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଡାକ୍ତର ଶାହିନ ରହମାନ ନାଗାଓଁ ମେଡିକାଲ କଲେଜରେ ସହକାରୀ ପ୍ରଫେସର ଥିଲେ। ସେ ଔଷଧ ବିଭାଗରେ କାର୍ଯ୍ୟରତ ଥିଲେ। ତାଙ୍କ ଅକାଳ ମୃତ୍ୟୁରେ ପରିବାର ଓ ସହକର୍ମୀଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ଚୀନ୍‌ରେ ୫.୧ ତୀବ୍ରତାର ଭୂମିକମ୍ପ

ବେଜିଂ, ୨୮।୮ଃ ଚୀନର ସରକାରୀ ଖବର ସଂସ୍ଥା ସିନହୁଆ ଶୁକ୍ରବାର ରିପୋର୍ଟ କରିଛି ଯେ, ତିବ୍ବତର ପଡ଼ୋଶୀ ସିଚୁଆନ ପ୍ରଦେଶର କିଛି ଅଂଶରେ ୫.୧ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଏହାଦ୍ୱାରା ନେପାଳ ଓ ତିବ୍ବତର କିଛି ଅଂଶରେ ଭୟଙ୍କର ବନ୍ୟା ଆସିବାର କିଛି ଦିନ ପରେ ନେପାଳରେ ନୂତନ ବନ୍ୟାର ଆଶଙ୍କା ଦେଖାଦେଇଛି। ନାଇଜିଆଙ୍ଗର ଲଙ୍ଗଚାଙ୍ଗ ସହରରେ ଭୂମିକମ୍ପ ହୋଇଥିଲା। ବେଜିଂ ସମୟ ଅନୁଯାୟୀ ଅପରାହ୍ଣ ୧ଟା ୧୩ ମିନିଟରେ ଭୂମିକମ୍ପ ଆସିଥିବା ଚୀନ୍ ଭୂମିକମ୍ପ ନେଟୱର୍କ କେନ୍ଦ୍ର (ସିଇଏନ୍‌ସି) ସୂଚନା ଦେଇଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ୨୯.୨୩ ଡିଗ୍ରୀ ଉତ୍ତର ଅକ୍ଷାଂଶ ଓ ୧୦୫.୨୨ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ। ଭୂମିକମ୍ପଟି ୧୩ କିଲୋମିଟର ଗଭୀରରେ ଅନୁଭୂତ ହୋଇଥିଲା, ଯାହାର ଅର୍ଥ ହେଉଛି ନିକଟବର୍ତ୍ତୀ ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହେବାର ଆଶଙ୍କା ରହିଛି।

## ନେପାଳରେ ଗୋଟିଏ ପରିବାରର ୨୯ ନିଖୋଜ



ନେପାଳ, ୨୮।୮ଃ ନେପାଳ ଆକସ୍ମିକ ବନ୍ୟାରେ ମଧ୍ୟପ୍ରଦେଶ କୋଲାର ଅଞ୍ଚଳର ବାସିନ୍ଦା ଦେବକୀ ଅଧିକାରୀଙ୍କ ସମ୍ପୂର୍ଣ୍ଣ ପରିବାର ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ନିଖୋଜ ଲୋକଙ୍କ ମଧ୍ୟରେ କେବଳ ଗୋଟିଏ କିମ୍ବା ଦୁଇ କିମ୍ବା ତିନିଜଣ ନୁହଁନ୍ତି, ବରଂ ପରିବାରର ୨୯ଜଣ ସଦସ୍ୟ ଅଛନ୍ତି। ଅଗଷ୍ଟ ୨୬ ପରଠାରୁ ସେମାନଙ୍କ ସହ ଯୋଗାଯୋଗ କରାଯାଇ ପାରୁ ନାହିଁ। କୋଲାର ଅଞ୍ଚଳର ବାସିନ୍ଦା ଦେବକୀ ଅଧିକାରୀ କହିଛନ୍ତି ଯେ ତାଙ୍କ ପରିବାରର ୨୯ ଜଣ ସଦସ୍ୟ ନେପାଳର ରସୁୱା ଜିଲ୍ଲାର ଗୋସାଇଁକୁଣ୍ଡକୁ ତୀର୍ଥଯାତ୍ରାରେ ଯାଇଥିଲେ। ସେଠାରେ ଥିବା ସମୟରେ, ସେମାନେ ନେପାଳର ବନ୍ୟାରେ ଫସି ଯାଇଥିବା ସୂଚନା ଦେଇଥିଲେ। ଶେଷ ଥର ପାଇଁ ଅଗଷ୍ଟ ୨୬ ବୁଧବାର ସକାଳ ପ୍ରାୟ ୯ଃ୩୦ ସମୟରେ ତାଙ୍କ ପରିବାର ସଦସ୍ୟଙ୍କ ସହ କଥା ହୋଇଥିଲେ। ତା'ପରଠାରୁ ପରିବାରର କୌଣସି ସଦସ୍ୟଙ୍କ ସହ ଯୋଗାଯୋଗ ହୋଇପାରୁ ନାହିଁ।'

## ପାକ୍ ଗୁପ୍ତଚର ଅଭିଯୋଗରେ ଦମ୍ପତି ଗିରଫ



ନୂଆଦିଲ୍ଲୀ, ୨୮।୮ଃ ପାକିସ୍ତାନ ସ୍ଥିତ ଗୁପ୍ତଚର ନେଟୱାର୍କ ସହିତ ସମ୍ପର୍କ ଥିବା ଅଭିଯୋଗରେ ଦିଲ୍ଲୀ ପୁଲିସ ଏକ ଦମ୍ପତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ମହମ୍ମଦ ସାହିଲ ଓ ତାଙ୍କ ପତ୍ନୀ ସମୀରା ୨୦୨୪ ମସିହାରୁ ସୋସିଆଲ ମିଡିଆ ମାଧ୍ୟମରେ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ସହିତ ଯୋଗାଯୋଗରେ ଥିଲେ ବୋଲି ଅଭିଯୋଗ ହୋଇଛି। ସୂତ୍ର ଅନୁଯାୟୀ, ଏହି ଦମ୍ପତି ୨୦୨୪ ରୁ ୨୦୨୫ ମଧ୍ୟରେ ଦୁବାଇ ଦେଇ ପାକିସ୍ତାନକୁ ଆଠଟି ଭାରତୀୟ ସିମ୍ କାର୍ଡ ପଠାଇଥିଲେ ଓ ବଦଳରେ ପ୍ରାୟ ୩୦, ୦୦୦ ଟଙ୍କା ପାଇଥିଲେ। ରିପୋର୍ଟରେ କୁହାଯାଇଛି ଯେ, ଫୋନ୍ ନମ୍ବରଗୁଡ଼ିକ ମେସେଜିଂ ଆକାଉଣ୍ଟଗୁଡ଼ିକୁ ପରିଚାଳନା କରିବା ଓ ସମ୍ବେଦନଶୀଳ ସୂଚନା ସଂଗ୍ରହ କରିବା ପାଇଁ ଭାରତୀୟ ଗୋଷ୍ଠୀ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ବ୍ୟବହାର କରାଯାଉଥିଲା।

## କଙ୍ଗନାଙ୍କୁ ରାକ୍ଷୀ ଉପହାର ପଠାଇଲେ ରାମଦେବ

ନୂଆଦିଲ୍ଲୀ, ୨୮।୮ଃ ରାଜନୈତିକ ଓ ସାର୍ବଜନୀନ ଜୀବନରେ ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦ ମଧ୍ୟରେ ସଂଳାପର ଆବଶ୍ୟକତା ଉପରେ ବଡ଼ ବାର୍ତ୍ତା ଦେଇଛନ୍ତି ଯୋଗଗୁରୁ ବାବା ରାମଦେବ। ହରିଦ୍ୱାରରେ ସେ ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରଣାୱତଙ୍କୁ ନିଜ 'ଭଉଣୀ' ବୋଲି ସମ୍ବୋଧନ କରି ତାଙ୍କ ପାଇଁ ଡାକ ଯୋଗେ ମିଠା ଓ ଉପହାର ପଠାଇଥିବା କହିଛନ୍ତି। ବାବା ରାମଦେବ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭଉଣୀ କଙ୍ଗନା ରଣାୱତଙ୍କୁ ଗିଫ୍ଟ ଓ ମିଠା ଆମେ ଡାକ ଯୋଗେ ପଠାଉଛୁ। କୌଣସି କାରଣରୁ ଦେଶରେ ଘୃଣା ରହିବା ଉଚିତ୍ ନୁହେଁ କିମ୍ବା ପରସ୍ପର ପ୍ରତି ବୈର ଭାବନା ରହିବା ଉଚିତ୍ ନୁହେଁ।

## ୧୪ ମହଲାରୁ ପଡ଼ି ବି ଖପୁରୀ ଭାଙ୍ଗିନି କେମିତି

### ଦିଶା ସାଲିଆନ୍ ମୃତ୍ୟୁ ମାମଲାରେ ହାଇକୋର୍ଟଙ୍କ ପ୍ରଶ୍ନ



ମୁମ୍ବାଇ, ୨୮।୮ଃ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ମୃତ୍ୟୁ ମାମଲାରେ ବମ୍ବେ ହାଇକୋର୍ଟ ମହାରାଷ୍ଟ୍ର ସରକାର ଓ ମୁମ୍ବାଇ ପୁଲିସକୁ ଲଗାତାର ଦ୍ୱିତୀୟ ଦିନରେ ଭର୍ତ୍ସନା କରିଛନ୍ତି। ମୁମ୍ବାଇ ପୁଲିସର ତଦନ୍ତକୁ ବମ୍ବେ ହାଇକୋର୍ଟ କଡ଼ା ସମାଲୋଚନା କରି ଏହି ଅନୁସନ୍ଧାନକୁ 'ବହୁ ପରିମାଣରେ ନିରର୍ଥକ' ବୋଲି ଅଭିହିତ କରିଛନ୍ତି। ହାଇକୋର୍ଟ ମୃତଦେହ ବ୍ୟବଚ୍ଛେଦ ରିପୋର୍ଟକୁ ନେଇ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ୧୪ ମହଲାରୁ ତଳକୁ ଖସିପଡ଼ିବା ସତ୍ତ୍ୱେ ଶରୀରରେ କୌଣସି ଗୁରୁତର ଆଘାତ ଚିହ୍ନ ନଥିବା ଓ କେବଳ ଦାନ୍ତ ଭାଙ୍ଗିଥିବା ବିଷୟକୁ ନେଇ କୋର୍ଟ ପୁଲିସର ତଥ୍ୟ ଉପରେ ସନ୍ଦେହ ପ୍ରକାଶ କରିଛନ୍ତି।

### ସଡ଼କ ପରିବହନ ମନ୍ତ୍ରଣାଳୟର ନିଷ୍ପତ୍ତି

## ହାଇୱେ ଓ ଏକ୍ସପ୍ରେସ୍ ୱେ କାମର ହେବ ଥାର୍ଡପାର୍ଟି ଯାଞ୍ଚ୍



ନୂଆଦିଲ୍ଲୀ, ୨୮।୮ଃ ଏକ୍ସପ୍ରେସ୍ ୱେ ଓ ନ୍ୟାସନାଲ ହାଇ ୱେ ପ୍ରୋଜେକ୍ଟସ୍‌ରେ କାମର ମାନ ସୁଧାର ସହ ଅବହେଳା ରୋକିବାକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରାଳୟ ବଡ଼ ନିଷ୍ପତ୍ତି ନେଇଛନ୍ତି। ମନ୍ତ୍ରାଳୟ ଦେଶର ପାଖାପାଖି ୫୦୦୦ କିଲୋମିଟର ଦୀର୍ଘ ଏକ୍ସପ୍ରେସ୍ ୱେ ଓ ହାଇ ୱେ ନିର୍ମାଣ ଆରମ୍ଭରୁ ନେଇ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ନିରୀକ୍ଷଣ ଓ ଯାଞ୍ଚ ଲାଗି ଥାର୍ଡପାର୍ଟି ଅଡିଟକୁ ଅନିବାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛି। ଆରମ୍ଭରେ ତୃତୀୟପକ୍ଷ ନିରୀକ୍ଷଣ ଏଜେନ୍ସି (ଟିପିଏ)କୁ ୩ ବର୍ଷ ଅବଧି ନିମନ୍ତେ ନିଯୁକ୍ତ କରାଯିବ।

ପ୍ରାପ୍ତ ସୂଚନା ଆଧାରରେ ସଡ଼କ ପରିବହନ ମନ୍ତ୍ରାଳୟ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରାଳୟ ଅନ୍ତର୍ଗତ ଇଞ୍ଜିନିୟରିଂ କନସଲଟାନ୍ସି ଫାର୍ମ 'ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ' (ଇଆଏଲ)କୁ ଏଥି ପାଇଁ ବାଛିବାକୁ ନିଷ୍ପତ୍ତି ନେଇଛି। ଏହି ଏଜେନ୍ସି ମୁଖ୍ୟରୂପେ ସାରା ଦେଶରେ ଏକ୍ସପ୍ରେସ୍ ୱେ, ସିକ୍ସ ଲେନ୍ ଓ ୪ ଲେନର ନ୍ୟାସନାଲ ହାଇୱେର ଅଡିଟ କରିବ। ବର୍ତ୍ତମାନ ନିର୍ମାଣ କାର୍ଯ୍ୟର କ୍ୱାଲିଟି ଯାଞ୍ଚ (ଥାର୍ଡ ପାର୍ଟି କ୍ୱାଲିଟି ଅଡିଟ) ସ୍ୱତନ୍ତ୍ର ଅଡିଟରଙ୍କ ଦ୍ୱାରା କରାଯାଉଛି। ଏଥିରେ ଅଧିକାଂଶ ନ୍ୟାସନାଲ ହାଇୱେ ଅଥରିଟି ଅଫ ଇଣ୍ଡିଆ (ଏନଏଚଏଆଇ) ଓ ଅନ୍ୟ ସରକାରୀ ଏଜେନ୍ସିଙ୍କ ଦ୍ୱାରା ସୂଚୀବଦ୍ଧ ଅବସରପ୍ରାପ୍ତ ସରକାରୀ ଇଞ୍ଜିନିୟର ଥାଆନ୍ତି।

ଏହି ଏଜେନ୍ସିକୁ ମୋଟ ୫ ହଜାର କିଲୋମିଟର ଦୀର୍ଘ ସଡ଼କ ନେଟୱାର୍କର ନିରୀକ୍ଷଣ ଦାୟିତ୍ୱ ପ୍ରଦାନ କରାଯିବ। ଏଥିରେ ୭୭୦ କିଲୋମିଟର ଏକ୍ସପ୍ରେସ୍ ୱେ, ୨, ୨୦୦ କିଲୋମିଟର ୬ ଲେନ୍ ରାଜମାର୍ଗ ଓ ୪ ଲେନ ଓ ୨ଲେନ ରାଜମାର୍ଗର ୧ ହଜାର କିଲୋମିଟର ଲେଖାଏଁ ଅଂଶ ସାମିଲ ରହିବ। ନିର୍ମାଣର ମାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଚଳିତ ବର୍ଷ ପ୍ରାରମ୍ଭରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ) ସଡ଼କ ପରିବହନ ମନ୍ତ୍ରାଳୟକୁ ସ୍ୱତନ୍ତ୍ର ଥାର୍ଡପାର୍ଟି ଅଡିଟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଯୋଜନା ଅନୁସାରେ ଇଆଇଏଲର ଭୂମିକା ମୁଖ୍ୟ ରୂପେ ଅନୁବନ୍ଧରେ ନିର୍ଦ୍ଧାରିତ ଟେକ୍ନିକାଲ ମାନ ଓ ଗାଇଡଲାଇନ ପାଳନର ଯାଞ୍ଚ ଓ ନିରୀକ୍ଷଣ ମଧ୍ୟରେ ସୀମିତ ରହିବ।

### ସୋନିଆଙ୍କ ଆତ୍ମଜୀବନୀ ପ୍ରକାଶନକୁ ନେଇ ସସପେନ୍ସ

## ଗଣମାଧ୍ୟମର ଦାବିକୁ ଖଣ୍ଡନ କଲା ପେଙ୍ଗୁଇନ୍




ନୂଆଦିଲ୍ଲୀ, ୨୮।୮ଃ ସୋନିଆ ଗାନ୍ଧୀଙ୍କ ବହୁପ୍ରତୀକ୍ଷିତ ଆତ୍ମଜୀବନୀ 'ବିଲଙ୍ଗିଂ: ଏ ଜର୍ନି ଅଫ୍ ଲଭ୍'ର ପ୍ରକାଶନକୁ ନେଇ ଚାଲିଥିବା ଚର୍ଚ୍ଚା ଉପରେ 'ପେଙ୍ଗୁଇନ୍ ରାଣ୍ଡମ ହାଉସ୍ ଇଣ୍ଡିଆ'ଶୁକ୍ରବାର ଦିନ ସ୍ପଷ୍ଟୀକରଣ ରଖିଛି। ସମ୍ପାଦନାଗତ ପରିବର୍ତ୍ତନକୁ ନେଇ ମତଭେଦ ହେବାରୁ ପ୍ରକାଶନ ସଂସ୍ଥା ବହି ପ୍ରକାଶ କରିବାକୁ ମନା କରିଦେଇଛି ବୋଲି ଗଣମାଧ୍ୟମରେ ଆସୁଥିବା ଖବରକୁ ପେଙ୍ଗୁଇନ୍ ଖଣ୍ଡନ କରିଛି।

ପେଙ୍ଗୁଇନ୍ ପକ୍ଷରୁ କୁହାଯାଇଛି ଯେ, 'ଆମେ ଭାରତରେ ଏହି ବହିର ପ୍ରକାଶକ ନୁହଁ। ଲେଖକ ସମ୍ପାଦନା ପରିବର୍ତ୍ତନ ଗ୍ରହଣ ନକରିବାରୁ ଆମେ ପ୍ରକାଶନରୁ ଓହରିଗଲୁ ବୋଲି କୁହାଯାଉଥିବା କଥା ସତ୍ୟ ନୁହେଁ। ବହିର ତଥ୍ୟ ଯାଞ୍ଚ କରିବା ଓ ଆବଶ୍ୟକ ସୁପାରିଶ କରିବା ପ୍ରକାଶନ ସଂସ୍ଥାର ନିୟମିତ ପ୍ରକ୍ରିୟା। ଆମେ ଏହି ବହିଟିକୁ ପ୍ରକାଶ କରିବାକୁ ସଦାସର୍ବଦା ଆଗ୍ରହୀ ଥିଲୁ।'

ଲେଖିକା (ସୋନିଆ ଗାନ୍ଧୀ) ଙ୍କ ସହ ହୋଇଥିବା ଆଲୋଚନା ଗୋପନୀୟ ହୋଇଥିବାରୁ ଏହାଠାରୁ ଅଧିକ କିଛି କହିବାକୁ ସଂସ୍ଥା ମନା କରିଦେଇଛି। ଏହି ବହିଟି ଆସନ୍ତା ନଭେମ୍ବର ୧୦ ରେ ଅନ୍ତର୍ଜାତୀୟସ୍ତରରେ ପ୍ରକାଶ ପାଇବ। ପେଙ୍ଗୁଇନ୍ ରାଣ୍ଡମ ହାଉସର ଅନ୍ୟ ଏକ ସଂସ୍ଥା 'ଆଲଫ୍ରେଡ୍ ଏ. କ୍ନୋପ୍ଫ' ଏହାକୁ ପ୍ରକାଶ କରୁଛି ଏବଂ ପ୍ରଥମ ପର୍ଯ୍ୟାୟରେ ୧ ଲକ୍ଷ କପି ଛାପିବାକୁ ଲକ୍ଷ୍ୟ ରଖାଯାଇଛି।

ଏହି ଆତ୍ମଜୀବନୀରେ ସୋନିଆ ଗାନ୍ଧୀଙ୍କ ଇଟାଲୀର ବାଲ୍ୟକାଳ, ଭାରତ ଆଗମନ, ରାଜୀବ ଗାନ୍ଧୀଙ୍କ ସହ ବିବାହ ଏବଂ ସଞ୍ଜୟ ଗାନ୍ଧୀ, ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀଙ୍କ ବିୟୋଗ ପରି ଦୁଃଖଦ ଘଟଣା ସ୍ଥାନ ପାଇଛି। ଏହାସହ ଗତ ୬ ଦଶନ୍ଧିର ଭାରତୀୟ ସାମାଜିକ ଓ ରାଜନୈତିକ ପରିବର୍ତ୍ତନର ସେ ପ୍ରତ୍ୟକ୍ଷଦର୍ଶୀ ଭାବରେ ନିଜର ଅନୁଭୂତି ଲେଖିଛନ୍ତି।

ସୂଚନାଯୋଗ୍ୟ, 'ଦି ଇଣ୍ଡିଆନ୍ ଏକ୍ସପ୍ରେସ୍'ରେ ପ୍ରକାଶିତ ଏକ ଖବରରେ ଦାବି କରାଯାଇଥିଲା ଯେ, କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ବହୁପ୍ରତୀକ୍ଷିତ ଆତ୍ମଜୀବନୀର ଭାରତୀୟ ସଂସ୍କରଣକୁ 'ପେଙ୍ଗୁଇନ୍ ରାଣ୍ଡମ ହାଉସ୍ ଇଣ୍ଡିଆ' ପ୍ରକାଶ କରିବ ନାହିଁ। ପେଙ୍ଗୁଇନ୍ ପୁସ୍ତକର କିଛି ଅଂଶରେ କିଛି 'ସମ୍ପାଦନାଗତ ପରିବର୍ତ୍ତନ ଏବଂ କିଛି ଲେଖା ବାଦ୍ ଦେବା' ପାଇଁ ପ୍ରସ୍ତାବ ଦେଇଥିଲା। ସୋନିଆ ଗାନ୍ଧୀ ଏହି ପ୍ରସ୍ତାବିତ ପରିବର୍ତ୍ତନଗୁଡ଼ିକୁ ଗ୍ରହଣ କରିବାକୁ ସିଧାସଳଖ ମନା କରିଦେଇଥିଲେ, ଯାହା ଫଳରେ ଏହି ଚୁକ୍ତି ଭାଙ୍ଗିଯାଇଥିଲା ବୋଲି ରିପୋର୍ଟ ପ୍ରକାଶ ପାଇଛି।

### ଷ୍ଟାଲିନଙ୍କୁ ହାଇକୋର୍ଟଙ୍କ ନୋଟିସ

## କୋଟିଏ ଟଙ୍କା କ୍ଷତିପୂରଣ ଦାବିକଲେ ମନ୍ତ୍ରୀ ଆଧବ ଅର୍ଜୁନ



ଚେନ୍ନାଇ, ୨୮।୮ଃ ତାମିଲନାଡୁର ଲୋକସମ୍ପର୍କ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ଆଧବ ଅର୍ଜୁନ ତାଙ୍କ ନାମରେ ମିଥ୍ୟା ମନ୍ତବ୍ୟ ଦେଇଥିବା ଅଭିଯୋଗରେ ଡିଏମକେ ଅଧ୍ୟକ୍ଷ ଏମ. କେ. ଷ୍ଟାଲିନ୍‌ଙ୍କଠାରୁ ୧ କୋଟି ଟଙ୍କାର କ୍ଷତିପୂରଣ ଦାବି କରି ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୁକ୍ରବାର ଦିନ ମାଡ୍ରାସ ହାଇକୋର୍ଟର ବିଚାରପତି କେ. ଗୋବିନ୍ଦରାଜନ୍ ତିଲକାବତୀ ଏହି ମାମଲାର ଶୁଣାଣି କରି ଏମ. କେ. ଷ୍ଟାଲିନ ଏବଂ ଡିଏମକେର ଆଇଟି ୱିଙ୍ଗକୁ ନୋଟିସ ଜାରି କରିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୫ ତାରିଖରେ ହେବା ପାଇଁ ଧାର୍ଯ୍ୟ କରାଯାଇଛି। ଅର୍ଜୁନଙ୍କ ଅଭିଯୋଗ ଅନୁଯାୟୀ, ୮ ଜୁନ୍ ୨୦୨୬ ରେ ଡିଏମକେ ଆଇଟି ୱିଙ୍ଗର ଏକ୍ସ (ପୂର୍ବରୁ ଟ୍ୱିଟର) ହ୍ୟାଣ୍ଡେଲରୁ ତାଙ୍କ ବିରୋଧରେ ଏକ ମିଥ୍ୟା ଓ ଭିତ୍ତିହୀନ ସୂଚନା ପୋଷ୍ଟ କରାଯାଇଥିଲା, ଯାହା ତାଙ୍କର ପ୍ରତିଷ୍ଠା ଓ ସାମାଜିକ ସୁନାମକୁ କ୍ଷୁର୍ଣ୍ଣ କରିଛି।

ଆବେଦନକାରୀ ଦର୍ଶାଇଛନ୍ତି ଯେ, ଏହି ପୋଷ୍ଟଟି କୌଣସି ନିର୍ଦ୍ଦିଷ୍ଟ କର୍ମଚାରୀଙ୍କ ନିଜସ୍ୱ ନିଷ୍ପତ୍ତି ନୁହେଁ, ବରଂ ଷ୍ଟାଲିନଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଓ ଯୋଜନା ଅନୁଯାୟୀ କରାଯାଇଛି। ତେଣୁ ଦଳର ସଭାପତି ଭାବରେ ସେ ଏଥିପାଇଁ ଦାୟୀ।

## ମହାରାଷ୍ଟ୍ର ସରକାରରେ ପୁଣି ଫାଟ



ପୁଣେ,୨୮।୮ଃ ମହାରାଷ୍ଟ୍ର ଶାସକ ମହାୟୁତି ମେଣ୍ଟ ଭିତରେ ପୁଣି ଥରେ ଉତ୍ତେଜନା ଦେଖାଦେଇଛି। ବିଶେଷକରି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ ଓ ଏକନାଥ ଶିନ୍ଦେ ଗୋଷ୍ଠୀ ମଧ୍ୟରେ ବିବାଦ ହୋଇଛି। ମୁଖ୍ୟମନ୍ତ୍ରୀ ଫଡନାଭିସ ପୂର୍ବରୁ ଶିବସେନା ମନ୍ତ୍ରୀଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ପ୍ରତ୍ୟାଖ୍ୟାନ କରିବାରୁ ଏହି ବିବାଦ ସୃଷ୍ଟି ହୋଇଛି। ଏହା ଶିବସେନାକୁ ଅସନ୍ତୁଷ୍ଟ କରିଛି। ମୁଖ୍ୟମନ୍ତ୍ରୀ ଅଟୋ-ରିକ୍ସା ଓ ଟ୍ୟାକ୍ସି ଡ୍ରାଇଭରମାନଙ୍କୁ ମୌଳିକ ମରାଠୀ ଶିଖିବା ପାଇଁ ଏକ ବର୍ଷର ମହଲତ ପ୍ରଦାନ କରିଛନ୍ତି। ଏହି ନିଷ୍ପତ୍ତି ବିବାଦ ସୃଷ୍ଟି କରିବାର ସମ୍ଭାବନା ଅଛି। ସୂତ୍ର ଅନୁଯାୟୀ, ମୁଖ୍ୟମନ୍ତ୍ରୀ ପରିବହନ ମନ୍ତ୍ରୀଙ୍କ ସହ ପରାମର୍ଶ ନକରି ଏହି ଏକପାଖିଆ ନିଷ୍ପତ୍ତି ନେଇଥିଲେ, ଯାହା ଦ୍ୱାରା ଉପ-ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ଶିବସେନା ମନ୍ତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା।

### ରାକ୍ଷୀ ପୂର୍ଣ୍ଣିମାରେ ବଡ଼ ଘୋଷଣା

## ଅନାଥାଶ୍ରମ ଖୋଲିବେ ଖାନ୍ ସାର



ନୂଆଦିଲ୍ଲୀ, ୨୮।୮ଃ ପାଟନାର ପ୍ରସିଦ୍ଧ କୋଚିଂ ଟିଚର ଖାନ୍ ସାର୍‌ଙ୍କ ଆଉ ଏକ ବଡ଼ ପଦକ୍ଷେପ। କ୍ୟାନସର ହସ୍ପିଟାଲ୍ ପରେ ଏବେ ସେ ଅନାଥ ଆଶ୍ରମ ଖୋଲିବାକୁ ଯାଉଛନ୍ତି। ରାକ୍ଷୀପୂର୍ଣ୍ଣିମା ଅବସରରେ ସେ ଏହି ମହତପୂର୍ଣ୍ଣ ଘୋଷଣା କରିଛନ୍ତି। ଖାନ୍ ସାର୍ ପାଟନାର ଏସ.କେ. ମେମୋରିଆଲ୍ ହଲରେ ରକ୍ଷାବନ୍ଧନ ଉତ୍ସବ ପାଳନ କରିଥିଲେ। ଏହି ସମୟରେ ବହୁ ସଂଖ୍ୟାରେ ଛାତ୍ରୀ ତାଙ୍କୁ ରାକ୍ଷୀ ବାନ୍ଧିଥିଲେ। ରାକ୍ଷୀରେ ତାଙ୍କ ହାତ ପୂରା ଭର୍ତ୍ତି ହୋଇ ଯାଇଥିଲା। ଖାନ୍ ସାର୍ କହିଛନ୍ତି ଯେ, ଗତବର୍ଷ ରାକ୍ଷୀପୂର୍ଣ୍ଣିମାରେ ସେ କ୍ୟାନ୍ସର ହସ୍ପିଟାଲ୍ ଖୋଲିବାକୁ ଘୋଷଣା କରିଥିଲେ। ଏହି ରାକ୍ଷୀପୂର୍ଣ୍ଣିମାରେ ସେ ଅନାଥ ଆଶ୍ରମ ଖୋଲିବାକୁ ଘୋଷଣା କରୁଛନ୍ତି। ପିଲାମାନଙ୍କ ପାଇଁ ଏକ ସମ୍ପୂର୍ଣ୍ଣ ଇକୋସିଷ୍ଟମ୍ ପ୍ରସ୍ତୁତ କରାଯାଉଛି। ଶୁକ୍ରବାର ମିଡିଆ ସହ କଥାବାର୍ତ୍ତା ବେଳେ ଖାନ୍ ସାର୍ କହିଛନ୍ତି ଯେ, ତାଙ୍କ କ୍ୟାନ୍ସର ହସ୍ପିଟାଲ୍ ତିଆରି ହୋଇ ସାରିଛି। ମଝିରେ ୨-୩ ମାସ ପାଇଁ ସେ ଟିକିଏ ବ୍ୟସ୍ତ ରହି ଥିବାରୁ କାମ ଅଟକି ରହିଥିଲା। ଏବେ ଆଗାମୀ ଦୁଇରୁ ଅଢେଇ ମାସ ମଧ୍ୟରେ ତାଙ୍କ ହସ୍ପିଟାଲ୍ ଚାଲୁ ହୋଇ ଯିବ। ଡାକ୍ତରମାନଙ୍କ ସହ ଆଲୋଚନା ଚାଲିଛି।

## ୧୪ ହଜାର ଭାଲୁଙ୍କୁ ମାରିଲାଣି ଜାପାନ



ନୂଆଦିଲ୍ଲୀ,୨୮।୮ଃ ଜାପାନର ସୁନ୍ଦର ପାହାଡ଼ ଓ ଘଞ୍ଚ ଜଙ୍ଗଲରେ ଏବେ ମଣିଷ ଓ ଭାଲୁ ମଧ୍ୟରେ ଲଢ଼େଇ ବଢ଼ିବାରେ ଲାଗିଛି। ଜଙ୍ଗଲରେ ରହୁଥିବା ଭାଲୁ ଏବେ ଖାଦ୍ୟ ଅନ୍ୱେଷଣରେ ଗାଁ ଓ ଜନବସତି-ମୁହାଁ ହୋଇଛନ୍ତି। ସ୍ଥିତି ଏତେ ବିଗିଡ଼ିଛି ଯେ ଜାପାନ ଏବେ ବହୁ ସଂଖ୍ୟାରେ ଭାଲୁ ମାରିବା ଆରମ୍ଭ କରିଛି। ସରକାରୀ ତଥ୍ୟ ଅନୁସାରେ, ଏପ୍ରିଲ ୨୦୨୫ରୁ ଜାନୁଆରୀ ୨୦୨୬ ମଧ୍ୟରେ ଜାପାନରେ ୧୪ ହଜାରରୁ ଅଧିକ ଭାଲୁଙ୍କୁ ହତ୍ୟା କରାଯାଇଛି। କିନ୍ତୁ କାହାଣୀ ସେତିକି ନୁହେଁ। ପ୍ରଶ୍ନ ହେଉଛି ଜାପାନରେ ଭାଲୁ ଜନବସତି ଅଞ୍ଚଳରେ କାହିଁକି ପହଞ୍ଚୁଛନ୍ତି ଏବଂ ଏମାନଙ୍କ ହତ୍ୟା କ'ଣ ଏ ସମସ୍ୟାର ସମାଧାନ? ଦେଶର ଅନେକ ସ୍ଥାନରେ ଭାଲୁ ଓ ମଣିଷ ମଧ୍ୟରେ ଏଭଳି ଟକ୍କର ବଡ଼ କାରଣ ହେଉଛି ଜଙ୍ଗଲରେ ଖାଦ୍ୟର ଘୋର ଅଭାବ। ଭାଲୁ ଶୀତଦିନେ ହାଇବରନେସନ ଅର୍ଥାତ୍ ଲମ୍ବା ନିଦରେ ଶୋଇବା ପୂର୍ବରୁ ଖୁବ୍ ଖାଦ୍ୟ ଖାଆନ୍ତି।

ସେଥିପାଇଁ ଏମାନେ ଜଙ୍ଗଲରେ ଉପଲବ୍ଧ ବିଚ୍ ନଟ୍ସ ଓ ଏକର୍ନ ଭଳି ଫଳ ଓ ମଞ୍ଜି ଉପରେ ସର୍ବାଧିକ ନିର୍ଭର କରନ୍ତି। କିନ୍ତୁ ରେକର୍ଡ ଗରମ ଓ ଜଳବାୟୁ ପରିବର୍ତ୍ତନ ଜଙ୍ଗଲରେ ଏହି ଖାଦ୍ୟର ଉପଲବ୍ଧତାକୁ ପ୍ରଭାବିତ କଲା। ଫଳରେ କ୍ଷୁଧାର୍ତ୍ତ ଭାଲୁ ପାହାଡ଼ ଓ ଜଙ୍ଗଲ ଅତିକ୍ରମ କରି ଗାଁ ଓ ଜନବସତି ଅଞ୍ଚଳରେ ପହଞ୍ଚୁଛନ୍ତି। ଏଠାରେ ସେମାନଙ୍କୁ ଫଳ, କ୍ଷେତ ଓ ମଣିଷ ଛାଡୁଥିବା ଖାଦ୍ୟ ସହଜରେ ମିଳିଯାଉଛି। ଏଥିସହ ଜାପାନର ଗ୍ରାମାଞ୍ଚଳରେ ମଧ୍ୟ ଲୋକସଂଖ୍ୟା କମିଛି। କ୍ଷେତ ଓ ବଗିଚାକୁ ଛାଡ଼ିଦିଆଯିବାରୁ ସେଗୁଡ଼ିକ ଧୀରେ ଧୀରେ ଜଙ୍ଗଲରେ ରୂପାନ୍ତରିତ ହେଉଛି। ଏହା ଦ୍ୱାରା ଭାଲୁଙ୍କ ବାସସ୍ଥଳୀ ଓ ମାନବ ବସ୍ତି ମଧ୍ୟରେ ଦୂରତା କମିଛି।

# ପ୍ରାୟ ୨୦% କମିଲା ମିଲ୍ ଚିନି ଦର

## ଚିନିର ଅଭାବ ନାହିଁ; ଭୟଭୀତ ନହେବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୮।୮: ଘରୋଇ ବଜାରରେ ଚିନିର ଉପଲବ୍ଧତା ସୁନିଶ୍ଚିତ କରିବା ଓ ଯୋଗାଣରେ ଦେଖା ଦେଇଥିବା କୃତ୍ରିମ ଅଭାବକୁ ରୋକିବା ଲାଗି କେନ୍ଦ୍ର ସରକାର ଅନେକ ସକ୍ରିୟ ପଦକ୍ଷେପ ଗ୍ରହଣ କରିଛନ୍ତି। ନିକଟରେ ମିଲ୍‌ରେ ମିଳୁଥିବା ଚିନି ଦର ପାଖାପାଖି ୨୦% ହ୍ରାସ ପାଇଛି। ଫଳରେ ଖୁଚୁରା ବଜାରରେ ଚିନି ଦାମ୍ ମଧ୍ୟ ଧୀରେ ଧୀରେ କମୁଥିବା ଦେଖାଯାଇଛି।

ଦେଶର ଚିନି ମିଲ୍ ଓ ଚିନି ଭଣ୍ଡାର ଯାଞ୍ଚ ଲାଗି ଗ୍ରହଣ କରାଯାଇଥିବା ଅଭିଯାନ ପର୍ଯ୍ୟାପ୍ତ ଉପଲବ୍ଧତା ସ୍ଥିତିକୁ ପୁନଃ ସୁନିଶ୍ଚିତ କରିଛି। ଏହି ଯାଞ୍ଚ ଅଭିଯାନ ଫଳରେ ଏହା ସ୍ପଷ୍ଟ ହୋଇଛି ଯେ ଦେଶରେ ଚିନିର ଅଭାବ ନାହିଁ। ସେଥିପାଇଁ ଭୟଭୀତ ହୋଇ ଚିନି କିଣିବା



କିମ୍ବା ଆବଶ୍ୟକତାଠାରୁ ଅଧିକ ଗଚ୍ଛିତ କରି ରଖିବାର କୌଣସି ଆବଶ୍ୟକତା ନାହିଁ। କେତେକ କ୍ଷେତ୍ରରେ ମାସିକ କୋଟାରେ ଯେତିକି ଚିନି ଆବଣ୍ଟନ କରାଯାଇଥିଲା, ତା'ଠାରୁ କମ୍ ମାତ୍ରାରେ ଚିନି ବିକ୍ରି କରାଯାଉଥିବାରୁ ବଜାରରେ ଚିନି ଯୋଗାଣର କୃତ୍ରିମ ଅଭାବ ସୃଷ୍ଟି କରିଥିଲା। ଏହି ସମସ୍ୟାର ସମାଧାନ ଲାଗି ସରକାର ସେପ୍ଟେମ୍ବରଠାରୁ ପାକ୍ଷିକ ଚିନି ଆବଣ୍ଟନ ପ୍ରଣାଳୀ ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପାକ୍ଷିକ କୋଟା ଅଧୀନରେ ମିଲଗୁଡ଼ିକୁ ଆବଣ୍ଟିତ ମାତ୍ରା ମଧ୍ୟରୁ ଅତିକମରେ ୪୦ ପ୍ରତିଶତ ଚିନି ପ୍ରଥମ ସପ୍ତାହରେ ଏବଂ ଅବଶିଷ୍ଟ ପରିମାଣର ଚିନି ପରବର୍ତ୍ତୀ ସପ୍ତାହରେ ବିକ୍ରି କରିବାକୁ ହେବ। ନୂଆ ଋତୁ ପାଇଁ ୧୫ ଅକ୍ଟୋବରଠାରୁ ଆଖୁ ପେଡ଼ା ଆରମ୍ଭ ହେବ। ଫଳରେ ଘରୋଇ ବଜାରରେ ଯଥେଷ୍ଟ ଚିନି ଉପଲବ୍ଧ ହୋଇପାରିବ।

# ବିଏମ୍‌ସିର ସବୁଜ ସୌନ୍ଦର୍ଯ୍ୟକରଣରେ ଯୋଡ଼ିହେଲା ଆଉ ଏକ ମେଡିଆନ୍



ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଚଳିତ ବର୍ଷର ପ୍ରଥମ ମେଡିଆନ ଅନୁଷ୍ଠିତ ହୋଇଛି। ପୂର୍ବରୁ ପ୍ଲାଣ୍ଟେସନ ହୋଇଥିବା ସମସ୍ତ ମେଡିଆନର ରକ୍ଷଣାବେକ୍ଷଣ ହେଉଥିଲା। ଏହି ନୂତନ ମେଡିଆନରେ ପ୍ଲାଣ୍ଟେସନ ସୃଷ୍ଟି ପାଇଁ ଏସଏନ ମହାନ୍ତି ଗ୍ରୁପ୍ ଓ ଏମ୍‌ଜି ମହାନ୍ତି ସହାୟତାର ହାତ ବଢ଼ାଇଛନ୍ତି। ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ପାଣ୍ଠି ସହାୟତାରେ ଆଜି ଜାଗମରାଠାରୁ ସିଟି ଓ୍ୱିମେନ୍ସ କଲେଜ ପର୍ଯ୍ୟନ୍ତ ଦୀର୍ଘ ୨.୫ କିମି ମେଡିଆନରେ ନୂତନ ଚାରା ରୋପଣ କରାଯାଇଛି। ୫୦ ଓ ୫୧ ୱାର୍ଡ ଦେଇ ୬୩ ନମ୍ବର ୱାର୍ଡକୁ ଛୁଉଁଥିବା ଏହି ମେଡିଆନରେ ହଜାରେ ସିଜିଜିୟମ ଓ ଅଢେଇ ହଜାର ସ୍ପାଇଡରାଲ ପ୍ଲାଣ୍ଟ ଆଜି ଉଦ୍‌ଘାଟିତ ହୋଇଛି। ଏହି ବୃକ୍ଷରାଜି ମାଧ୍ୟମରେ ଉକ୍ତ ରାସ୍ତାର ମେଡିଆନକୁ ଅଧିକ ସବୁଜ ଓ ଆକର୍ଷଣୀୟ କରାଯାଇପାରିବ। ଫଳରେ ଆମ ପରିବେଶ ସୁସ୍ଥ ଓ ସ୍ୱଚ୍ଛ ରହିପାରିବ। ତେବେ ଏଥିପାଇଁ ସ୍ଥାନୀୟ ଲୋକଙ୍କର ସହଯୋଗ ଏକାନ୍ତ ଆବଶ୍ୟକ। ସ୍ଥାନୀୟ ଲୋକେ ଏହାର ଯତ୍ନନେଲେ ଆର ବର୍ଷ ଏହି ଦିନକୁ ଏଠାରେ ଲାଗିଥିବା ଗଛ ଟହ ଟହ ହୋଇ ହସୁଥିବ ବୋଲି କହିଛନ୍ତି ମେୟର।

# ସୋଫିଆଙ୍କ ଜନସମ୍ପର୍କ ପଦଯାତ୍ରା

କଟକ,୨୮।୮(ସଂଚାର ବ୍ୟୁରୋ): କଟକ ମହାନଗର ନିଗମ ଅଞ୍ଚଳର ୱାର୍ଡ ନଂ-୬ରେ ଶୈଳବାଳା ଜେନାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟିକା ସୋଫିଆ ଫିର୍ଦୋସଙ୍କ ପକ୍ଷରୁ ଏକ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ସମୟରେ ବିଧାୟିକା ୱାର୍ଡର ସେକ୍ଟର-୬ ଓ ୭, ବୀମା ବିହାର ଅଞ୍ଚଳ ପରିକ୍ରମା କରିବା ସହ ସ୍ଥାନୀୟ ମୁରବୀ, ଯୁବକ ଓ ମହିଳାମାନଙ୍କୁ ସାକ୍ଷାତ କରି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ବିଭିନ୍ନ ସେକ୍ଟର ପକ୍ଷରୁ ବିଧାୟିକାଙ୍କୁ ଭବ୍ୟ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପଦଯାତ୍ରା ସମୟରେ ଅଞ୍ଚଳବାସୀ ବିଧାୟିକାଙ୍କ ନିକଟରେ ନିଜ ନିଜ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ଉପସ୍ଥାପନ କରିଥିଲେ।

# ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଓ କବି ଗଙ୍ଗାଧରଙ୍କ ଜୟନ୍ତୀ ପାଳିତ



ଭୁବନେଶ୍ୱର,୨୮।୮ (ସଂଚାର ବ୍ୟୁରୋ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବିଶ୍ୱ ସଂସ୍କୃତ ସପ୍ତାହ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କୁଳସଚିବ ଶ୍ରୀଯୁକ୍ତ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ବରେଣ୍ୟ ଅତିଥି ଭାବେ ଯୋଗଦେଇ ସମକାଳୀନ ଓଡ଼ିଆ କାବ୍ୟଧାରା ଓ କବି ଗଙ୍ଗାଧରଙ୍କ କବିତାର ସ୍ୱରୂପ ସଂପର୍କରେ ବକ୍ତବ୍ୟ ରଖିଥିଲେ। ସାରଳା ଦାସ ଚେୟାର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ବରେଣ୍ୟ ବକ୍ତା ଭାବେ ଯୋଗ ଦେଇ ସଂସ୍କୃତ ମହାକାବ୍ୟ, ସଂସ୍କୃତ ମହାପୁରାଣରୁ ଉତ୍ସ ସଂଗ୍ରହ କରି କବି ଗଙ୍ଗାଧର କିଭଳି ଆଦର୍ଶ କାବ୍ୟ ରଚନା କରିଥିଲେ, ତାହାର ଅବତାରଣା କରିଥିଲେ। କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଆଭାସି ମାଧ୍ୟମରେ ଯୋଗଦେଇ ସଂସ୍କୃତ ସପ୍ତାହ ପାଳନର ଉଦ୍ଦେଶ୍ୟ ସଂପର୍କରେ ଉଲ୍ଲେଖ କରିବା ସହ କବି ଗଙ୍ଗାଧରଙ୍କ କାବ୍ୟ ସାଧନା ପ୍ରକ୍ରିୟାରେ ସଂସ୍କୃତ କାବ୍ୟର ଭୂମିକା ସଂପର୍କରେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ଡ. କୃଷ୍ଣ କେଶବ ଷଡ଼ଙ୍ଗୀ ଆଭାସି ମାଧ୍ୟମରେ ଯୋଗଦେଇ କବି ଗଙ୍ଗାଧରଙ୍କ ପାଣ୍ଡିତ୍ୟ ଓ କବିତ୍ୱ ସଂପର୍କରେ ମତ ରଖିବା ସହ ସଂସ୍କୃତ ଭାଷାର ଗୌରବମୟ ଧାରା ସଂପର୍କରେ ଉଲ୍ଲେଖ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା ପ୍ରାରମ୍ଭିକ ସ୍ୱାଗତ ସୂଚନା ପ୍ରଦାନ କରିଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ଜଳଧର ବେହେରା ଧନ୍ୟବାଦ ଦେଇଥିଲେ। ଓଡ଼ିଆ ବିଭାଗର ଛାତ୍ରୀ ଦୀପ୍ତିମୟୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ସୁଭଦ୍ରା' ହିତାଧିକାରୀଙ୍କୁ ପଞ୍ଚମ କିସ୍ତି



କଟକ, ୨୮।୮ (ସଂଚାର ବ୍ୟୁରୋ): ରାକ୍ଷୀ ପୂର୍ଣ୍ଣିମା ଅବସରରେ ଜିଲ୍ଲାସ୍ତରୀୟ 'ସୁଭଦ୍ରା'ର ପଞ୍ଚମ କିସ୍ତି ବଣ୍ଟନ କାର୍ଯ୍ୟକ୍ରମ ନେତାଜୀ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲାର ୬, ୦୨, ୪୩୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଚମ କିସ୍ତି ବାବଦରେ ୫, ୦୦୦ ଲେଖାଏଁ ସମୁଦାୟ ୩୦୧ କୋଟି ୨୧ ଲକ୍ଷ ୮୦ ହଜାର ଟଙ୍କା ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ କହିଥିଲେ, 'ସୁଭଦ୍ରା' କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ଓଡ଼ିଶାର ପ୍ରତ୍ୟେକଟି ମହିଳାଙ୍କୁ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ କରି ଗଢ଼ି ତୋଳିବା ଏହାର ମୁଖ୍ୟ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇ 'ସୁଭଦ୍ରା' ଯୋଜନା ମହିଳାମାନଙ୍କୁ କେବଳ ଆର୍ଥିକ ସହାୟତା ପ୍ରଦାନରେ ସୀମିତ ନୁହେଁ, ସେମାନଙ୍କୁ ଆତ୍ମନିର୍ଭର ଓ ଉଦ୍ୟମୀ ଭାବେ ଗଢ଼ି ତୋଳିବା ଦିଗରେ ଏକ ଅଭିନବ ପଦକ୍ଷେପ ବୋଲି କହିଥିଲେ। କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ରାମନାରାୟଣ ମହାନ୍ତି ଯୋଗଦେଇ ରକ୍ଷାର ସୂତ୍ରକୁ ବାନ୍ଧି ସମାଜକୁ ସୁଦୃଢ଼ କରିବା ତଥା ସଶକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ସମସ୍ତଙ୍କୁ ରାକ୍ଷୀ ପୂର୍ଣ୍ଣିମା ଶୁଭେଚ୍ଛା ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର କାର୍ଯ୍ୟ ପରିଚାଳନା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୋଫି ସାଇନିକା ଧନ୍ୟବାଦ ଅର୍ପଣ କରିଥିଲେ।

# ଖୋଳ ବଜାଇ କୀର୍ତ୍ତନ କଲେ ମୁଖ୍ୟମନ୍ତ୍ରୀ



କୋଲକାତା, ୨୮।୮(ସଂଚାର ବ୍ୟୁରୋ): ଶୁକ୍ରବାର ସକାଳେ ଶୁଭେନ୍ଦୁ ଅଧିକାରୀ ଭବାନୀପୁରରେ ଏକ ରାକ୍ଷୀବନ୍ଧନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେ ଗଳାରେ ଖୋଳ (ମୃଦଙ୍ଗ) ପକାଇ ସେହି ଅଞ୍ଚଳରେ ଏକ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ମମତା ବାନାର୍ଜୀଙ୍କ ବାସଭବନ ସମ୍ମୁଖରେ ଶୁଭେନ୍ଦୁ ଖୋଳ ବଜାଇ 'କୀର୍ତ୍ତନ' କରିଥିଲେ। ତାଙ୍କ ସହିତ ତାପସ ରାୟ, ପାପିୟା ଅଧିକାରୀ ସହ ଅନ୍ୟମାନେ ଥିଲେ। ଏହା ପରେ ସେ ସିଧାସଳଖ ନଜରୁଲ ମଞ୍ଚର ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

# କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର ଚାମ୍ପିୟନ



ସତ୍ୟବାଦୀ,୨୮।୮ (ସଂଚାର ବ୍ୟୁରୋ) : ଗ୍ରାମୀଣ ଜୀବନ ସହ ଜଡ଼ିତ କବାଡ଼ି ଖେଳକୁ ଲୋକଲୋଚନକୁ ଆଣିବା ଓ ଏହାର ଲୋକପ୍ରିୟତା ବଢ଼ାଇବା ଉଦ୍ଦେଶ୍ୟରେ ସତ୍ୟବାଦୀ ବ୍ଲକ ନହକଳା ଗ୍ରାମରେ ମା' ଦକ୍ଷିଣକାଳୀ କବାଡ଼ି ଆସୋସିଏସନ୍ ପକ୍ଷରୁ ଆୟୋଜିତ ୧୮ତମ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ୱାନ୍ ଭଏସ୍ ପିପିଲି, ଏସ୍‌ଏସ୍ କେଲାଙ୍ଗ, କଟକ-ବାରବାଟୀ, କଳିଙ୍ଗ ଷ୍ଟାଡିୟମ୍ ଭୁବନେଶ୍ୱର, ନିମାପଡ଼ା ଜିଏନ୍‌ଏସ୍ ପିପିଲି, ଜୟ ଓଡ଼ିଶା ଜଗତସିଂହପୁର, ପୁରୀ କବାଡ଼ି କ୍ଲବ୍ ଓ ସତ୍ୟବାଦୀ ସମେତ ୧୦ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ପ୍ୟାରୀ ଶଙ୍କର ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଫାଇନାଲରେ କଳିଙ୍ଗ ଷ୍ଟାଡିୟମ୍ ଭୁବନେଶ୍ୱର ଚାମ୍ପିୟନ ହୋଇଥିବା ବେଳେ ଜିଏନ୍‌ଏସ୍ ପିପିଲି ଦଳ ରନର୍ସଅପ୍ ହୋଇଛି। କଳିଙ୍ଗ ଷ୍ଟାଡିୟମ୍ ଦଳର ସାହିଲ କୁମାର ଯାଦବ 'ମ୍ୟାନ୍ ଅଫ୍ ଦି ଟୁର୍ଣ୍ଣାମେଣ୍ଟ' ଏବଂ ଜିଏନ୍‌ଏସ୍ ପିପିଲି ଦଳର ସତ୍ୟବାନ ଚମ୍ପତି 'ମ୍ୟାନ୍ ଅଫ୍ ଦି ମ୍ୟାଚ୍' ଭାବେ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟରଞ୍ଜନ ମହାଲିକ, ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର ବେହେରା ଓ ଡ. ସୁଦର୍ଶନ ବେହେରା ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ଆୟୋଜକ କମିଟିର ସୁଚିତ୍ର ଖଟେଇ, ରାମଚନ୍ଦ୍ର ସାହୁ, ବିଷ୍ଣୁପ୍ରସାଦ ପାଲ, ହରିହର ଦାସ, ଜୀବନ ଜ୍ୟୋତି ସାହୁ, ହରପ୍ରସାଦ ସାହୁ, ସଂଗ୍ରାମ ମହାନ୍ତି, ଚିତ୍ତରଞ୍ଜନ ପ୍ରଧାନ, ବାବୁଲା ବେହେରା ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ। ରମାବଲ୍ଲଭ ମହାନ୍ତି ସଭା ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋମବାର

# ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

କଟକ, ୨୮।୮(ସଂଚାର ବ୍ୟୁରୋ): ଅଗଷ୍ଟ ୩୧ ତାରିଖ ସୋମବାର ମାହାଙ୍ଗା ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି ଶିବିର ସକାଳ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଅପରାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିବ। ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ପଞ୍ଜୀକରଣ କରି ପାଳି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବା ସହ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ। ଏଥିସହ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ସ୍ତରରେ ହେଉଥିବା ଜନ ଅଭିଯୋଗ ଶୁଣାଣିଗୁଡିକ ମଧ୍ୟ ସକାଳ ୧୦ ଘଟିକାଠାରୁ ୧ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

# ଉତ୍କଳ କରାଟେ ସ୍କୁଲରେ ବ୍ଲାକ୍ ବେଲ୍ଟ ପରୀକ୍ଷା

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ଗତ ୨୬ ଓ ୨୭ ତାରିଖରେ ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଚାଲିଥିବା ଉତ୍କଳ କରାଟେ ସ୍କୁଲର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍ ବେଲ୍ଟ ପରୀକ୍ଷା ଉଦ୍‌ଯାପିତ ହୋଇଛି। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୬୦ରୁ ଉର୍ଦ୍ଧ୍ୱ ପ୍ରଶିକ୍ଷକ ଶିବିରରେ ଭାଗ ନେଇ ଓଡ଼ିଶାରେ କରାଟେ କ୍ରୀଡ଼ାର ମାନ ବୃଦ୍ଧି କରିବା ସହ କରାଟେ କ୍ରୀଡ଼ାକୁ ବହୁଳ ଭାବେ ପ୍ରସାରିତ କରିବା ନିମନ୍ତେ ପ୍ରଶିକ୍ଷଣ ଓ ସେମିନାରରେ ଭାଗ ନେଇଥିଲେ। ଏହି ଅବସରରେ ସ୍କୁଲର ବ୍ଲାକ୍ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୪୨ ଜଣ ପ୍ରଥମ ଡାନ ଓ ଜଣେ ଦ୍ୱିତୀୟ ଡାନ ଓ ୨ ଜଣ ଷଷ୍ଠ ଡାନ୍ ବ୍ଲାକ ବେଲ୍ଟରେ କୃତକାର୍ଯ୍ୟ ହୋଇଥିଲେ। ପ୍ରଶିକ୍ଷଣ ଶିବିର ଓ ବ୍ଲାକ୍ ବେଲ୍ଟ ପରୀକ୍ଷା ହାନସି ଡ. ହରି ପ୍ରସାଦ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ହୋଇଥିବା ବେଳେ ବରିଷ୍ଠ ପ୍ରଶିକ୍ଷକ ଖାରବେଳ ମଲ୍ଲିକ, ରାଜୀବ ସିଂ, ଗୌରୀ ମହାନ୍ତି, ଦୀପକ ସାମନ୍ତରା, ଦୁର୍ଗା ପ୍ରସାଦ ରଥ, ସନ୍ତୋଷ ମହାରଣା ପ୍ରମୁଖ ଶିବିର ପରିଚାଳନା କରିଥିଲେ।



# ସହରୀ ବିକାଶ ଯୋଜନା, ପ୍ରକଳ୍ପ ଆଗଉନି

ଭୁବନେଶ୍ୱର,୨୮।୮: ରାଜ୍ୟର ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ଅନେକ ପୌରସଂସ୍ଥା ଆଗ୍ରହ ପ୍ରକାଶ କରୁନାହାନ୍ତି। ଅର୍ଥ ପ୍ରଦାନ ସତ୍ତ୍ୱେ ବି ସେମାନେ ପ୍ରକଳ୍ପ ଆରମ୍ଭ କରିପାରୁ ନ ଥିବାରୁ ଏବେ ଏହି ଯୋଜନାର ଅଗ୍ରଗତିକୁ ନେଇ କର୍ତ୍ତୃପକ୍ଷ ଚିନ୍ତାରେ ପଡ଼ିଛନ୍ତି। ସହରାଞ୍ଚଳର ଲୋକଙ୍କ ହାତକୁ କାମଧନ୍ଦା ଯୋଗାଇ ଦେବାପାଇଁ କାର୍ଯ୍ୟକାରୀ ହେଉଥିଲା ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା)। ପରବର୍ତ୍ତୀ ସମୟରେ ସରକାର ଏହାର ନାମକୁ ପରିବର୍ତ୍ତନ କରି ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା (ଏମଏସ୍‌ବିୱାଇ) ରଖିଛନ୍ତି। ଏଥିପାଇଁ ୬୨୧ କୋଟି ଟଙ୍କାର ବ୍ୟୟ ବରାଦ ହେବା ସହିତ ୬ହଜାରରୁ ଅଧିକ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଏଥିପାଇଁ ବିଭିନ୍ନ ପୌରାଞ୍ଚଳକୁ ପ୍ରକଳ୍ପୱାରୀ ଅର୍ଥ ଯୋଗାଇ ଦିଆଯାଇଛି।

ହେଲେ ଅର୍ଥ ପାଇଥିବା କେତେକ ପୌରସଂସ୍ଥା ଆଦୌ ପ୍ରକଳ୍ପକାର୍ଯ୍ୟ




ଆରମ୍ଭ କରିପାରି ନାହାନ୍ତି। ଏହି ତାଲିକାରେ ରହିଛନ୍ତି ବରପାଲି, କବିସୂର୍ଯ୍ୟନଗର, ଜୁନାଗଡ ଓ ଚମ୍ପୁଆ ଏନଏସି ସହିତ ବ୍ୟାସନଗର ଓ ଉମରକୋଟ ମ୍ୟୁନିସିପାଲଟିଛି। ଏହିସବୁ ପୌରସଂସ୍ଥାରେ ଗୋଟିଏ ହେଲେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇନାହିଁ। ବରପାଲି ଏନଏସିକୁ ପ୍ରାୟ ୫.୩୭ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ କବିସୂର୍ଯ୍ୟ ନଗର ଏନଏସିକୁ ପାଖାପାଖି ୨ କୋଟି ଟଙ୍କା ପାଇଛି। ସେହିଭଳି ସାଢ଼େ ୭ କୋଟି ଟଙ୍କା ପାଇଥିବା ପାଟଣାଗଡ଼ ଏନଏସି ମାତ୍ର ଗୋଟିଏ ପ୍ରକଳ୍ପ ଆରମ୍ଭ କରିଥିବା ବେଳେ ଜଗତ୍‌ସିଂହପୁର ମ୍ୟୁନିସିପାଲିଟିକୁ ୭ କୋଟି ଟଙ୍କାରୁ ଅଧିକ ଅର୍ଥ ଯୋଗାଇ ଦିଆଯାଇଥିବା ବେଳେ ଗୋଟିଏ ମାତ୍ର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିଛି। ପୁରୀ ମହାନଗର ନିଗମ ପାଇଁ ୫ କୋଟି ଟଙ୍କାରୁ ଅଧିକ ଅର୍ଥ ମଞ୍ଜୁର ହୋଇଥିବା ବେଳେ ୫୯ଟି ପ୍ରକଳ୍ପରୁ ମାତ୍ର ୭ଟି ଆରମ୍ଭ ହୋଇପାରିଛି।

ଏହିସବୁ ପୌରସଂସ୍ଥା ସହ ଅନ୍ୟ ଯେଉଁମାନେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନାରେ ମିଳିଥିବା ଅର୍ଥରୁ ଟଙ୍କାଟିଏ ଖର୍ଚ୍ଚ କରିବାରେ ସଫଳ ହୋଇନାହାନ୍ତି, ସେମାନଙ୍କ ମଧ୍ୟରେ ରହିଛନ୍ତି ବଲାଙ୍ଗୀରର କଣ୍ଟାବାଞ୍ଜି ଏନଏମସି, ପୁରୀର ନିମାପଡ଼ା ଏନଏସି, ବରଗଡର ପଦ୍ମପୁର, ଗଞ୍ଜାମର ପୁରୁଷୋତ୍ତମପୁର, ଗଞ୍ଜାମର ପୋଲସରା ଏନଏସି ସହ ଝାରସୁଗୁଡ଼ା ମ୍ୟୁନିସିପାଲଟି ବି ରହିଛି। ସହରାଞ୍ଚଳରେ ଲୋକଙ୍କ ହାତକୁ କାମ ଯୋଗାଇବା ସହିତ ବିଭିନ୍ନ ପ୍ରକଳ୍ପର ରକ୍ଷଣା ବେକ୍ଷଣ ମଧ୍ୟ ଏହି ଯୋଜନାରେ ହୋଇଥାଏ। ହେଲେ ପୌରସଂସ୍ଥାରେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ କର୍ମଚାରୀମାନଙ୍କର ସଙ୍କଟ ଏଥିରେ ବଡ଼ ବାଧକ ସାଜିଛି। ପୂର୍ବରୁ ଯେଉଁ ଆଉଟସୋର୍ସିଂ କର୍ମଚାରୀମାନେ ମୁକ୍ତା ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସରକାର ଚାକରିରୁ ବିଦା କରିଦେଇଥିବାରୁ ଅର୍ଥ ଥିଲେ ମଧ୍ୟ ପ୍ରକଳ୍ପ ଆଗେଇ ପାରୁ ନ ଥିବା କୁହାଯାଉଛି। ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ସର୍ବାଧିକ ଅର୍ଥ ଭୁବନେଶ୍ୱର ମହାନଗର ନିଗମ ପାଇଥିବା ବେଳେ ମିଳିଥିବା ଅର୍ଥରୁ ୨୯ ପ୍ରତିଶତ ବ୍ୟୟ କରିଛି। ସେହିପରି କଟକ ମହାନଗର ନିଗମ ୧୨ ପ୍ରତିଶତ ଓ ସମ୍ବଲପୁର ମହାନଗର ନିଗମ ୧୧ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବାରେ ସଫଳ ହୋଇଛନ୍ତି। (ତଥ୍ୟ)

# ଯୋଗ ସମିତି ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ

କଟକ, ୨୮।୮ (ସଂଚାର ବ୍ୟୁରୋ): କଟକ ଶିଶୁ ଭବନ ସାଇ ମନ୍ଦିର ପ୍ରାଙ୍ଗଣରେ ସାଇ ତ୍ରିନାଥ ନୀଳଚକ୍ର ଯୋଗ ସମିତି ଯୋଗଗୁରୁ ସାଗରୀକା ଜେନାଙ୍କ ନେତୃତ୍ୱରେ ରକ୍ଷା ବନ୍ଧନ ଉତ୍ସବ ହୋଇଯାଇଛି। ଏଥିରେ ସମ୍ମାନୀୟ ଅତିଥି ଭାବେ ସମାଜସେବୀ ତପନ ସାହୁ, ଫଟୋ ସାମ୍ବାଦିକ ସରୋଜ କୁମାର ମଲ୍ଲିକ, ପ୍ରସନ୍ନ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ସୌଦାମିନୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ଧ୍ୟାରାଣୀ ପରିଡା ସ୍ୱାଗତ ଭାଷଣ ଓ ମଧୁସ୍ମିତା ଚୌଧୁରୀ ମଞ୍ଚ ପରିଚାଳନା କରିଥିଲେ। ଯୋଗଗୁରୁ ସାଗରୀକା ଜେନା ରକ୍ଷାବନ୍ଧନ ମହତ୍ତ୍ୱ ଓ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମିନୀ ସେଠୀ, ବାବୁନା ସେଠୀ, ସଂଯୁକ୍ତା ବେହେରା, କୃଷ୍ଣା ପୃଷ୍ଟି, ଅମ୍ବିକା ଦାସ, ଜାନକୀ ମଲ୍ଲ ଏବଂ ମମତା ଗିରିଗୋସ୍ୱାମୀ ପ୍ରମୁଖ ଯୋଗଦେଇ ଭାଇ ଭଉଣୀର ସମ୍ପର୍କ ପବିତ୍ର ବୋଲି ନିଜ ନିଜ ବକ୍ତବ୍ୟରେ କହିଥିଲେ। ଅବନ୍ତୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରକ୍ଷା ବନ୍ଧନରେ ଭାଇର...

୮୦ ପ୍ରତିଶତ ମହିଳା ସୁଭଦ୍ରା ସହାୟତାକୁ କେବଳ ଦୈନନ୍ଦିନ ଆବଶ୍ୟକତା ପାଇଁ ଖର୍ଚ୍ଚ ନ କରି ଦୀର୍ଘମିଆଦୀ ଆର୍ଥିକ ସୁରକ୍ଷା, ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ନିୟୋଜିତ କରିଛନ୍ତି। ୮୭.୧୯ ପ୍ରତିଶତ ହିତାଧିକାରୀ ସୁଭଦ୍ରାକୁ ଅତ୍ୟନ୍ତ ଉପଯୋଗୀ ବୋଲି ମତ ଦେଇଛନ୍ତି। ମହିଳାଙ୍କ ଆକାଉଣ୍ଟ ବାଲାନ୍ସ ଓ ମାସିକ ଖର୍ଚ୍ଚରେ ବୃଦ୍ଧି ଘଟିଛି। ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା ଓ ରାଜ୍ୟ ବଜେଟ୍‌ରେ ମହିଳାଙ୍କ ପାଇଁ ୧ ଲକ୍ଷ ୨୨ ହଜାର ୭୬୪ କୋଟି ଟଙ୍କାର ଐତିହାସିକ ବ୍ୟୟବରାଦ ବିଷୟରେ ସେ ଆଲୋକପାତ କରିଥିଲେ। ସଂସଦରେ 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳାମାନଙ୍କୁ ରାଜନୈତିକ ସଂରକ୍ଷଣ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ୟମକୁ ସେ ପ୍ରଶଂସା କରିବା ସହ ଆଗାମୀ ସେପ୍ଟେମ୍ବର ୧୭ରେ ପ୍ରଧାନମନ୍ତ୍ରୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସମସ୍ତଙ୍କୁ ଦୀପଟିଏ ଜାଳି ଆଶୀର୍ବାଦ ପ୍ରାର୍ଥନା କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ନୟାଗଡ଼ ଜିଲ୍ଲାବାସୀଙ୍କୁ ଆଶ୍ୱାସନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ସହଯୋଗରେ ଖୁବ୍‌ଶୀଘ୍ର ନୟାଗଡ଼ ଚିନି କଳ ପ୍ରତିଷ୍ଠା ସହ ବୃନ୍ତଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଆରମ୍ଭ ହେବ। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ କହିଥିଲେ ଯେ ଆମ ସରକାର ଦାୟିତ୍ୱ ନେବା ସମୟରେ ସଠିକ୍ ନିଷ୍ପତ୍ତି ନେଇ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆଜି ଏହି ସୁଭଦ୍ରା ଯୋଜନା ରାଜ୍ୟର ଏକ କୋଟିରୁ ଉର୍ଦ୍ଧ୍ୱ ମା' ଓ ଭଉଣୀଙ୍କ ସାମାଜିକ ଓ ଆର୍ଥିକ ଜୀବନରେ ପରିବର୍ତ୍ତନ ଆଣିଛି। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ତଥା ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ସୁଭଦ୍ରା ହେଉଛି ମା ଓ ଭଉଣୀମାନଙ୍କ ସ୍ୱପ୍ନ, ସମ୍ମାନ ଓ ସ୍ୱାବଲମ୍ବନର ପ୍ରତୀକ। ସୁଭଦ୍ରା ଆଜି ମହିଳାମାନଙ୍କୁ ନିଜେ ନିଷ୍ପତ୍ତି ନେବାର ଓ ଉଦ୍ୟୋଗୀ ବନିବାର ସୁଯୋଗ ପ୍ରଦାନ କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଓ ଗଞ୍ଜାମ ଜିଲ୍ଲାର ସଫଳ ସୁଭଦ୍ରା ହିତାଧିକାରୀ ଓ ପ୍ରଶିକ୍ଷିତ ହିତାଧିକାରୀଙ୍କ ସହ ବାର୍ତ୍ତାଳାପ କରିଥିଲେ। ସୁଭଦ୍ରା ବାର୍ଷିକ ରିପୋର୍ଟ ୨୦୨୫-୨୬, ଏସବିଆଇ ସର୍ଭେ ରିପୋର୍ଟ ଓ ସୁଭଦ୍ରା ସମୀକ୍ଷା ଉନ୍ମୋଚନ କରିଥିଲେ।

## 'ଅପଦସ୍ଥ କଲେ ଜାଳି...

ଆଉ ଥରେ ନିର୍ବାଚନ ଲଢ଼ିବି। ମୁଁ ଦେଖିବି ମୋ ବିରୋଧରେ କିଏ କାମ କରୁଛି, ତାଙ୍କର ଅବସ୍ଥା କ'ଣ ହେବ ଦେଖିବି। ଅନ୍ୟ ପାର୍ଟିରୁ ଆସି ପଇସା ଖର୍ଚ୍ଚ କରି ମୋତେ ଅସ୍ଥିର କରିବାକୁ ଚେଷ୍ଟା କରୁଛନ୍ତି। ମୁଁ ସଂଗଠନ ସମ୍ପାଦକ ମାନସ ମହାନ୍ତିଙ୍କୁ ଏନେଇ ସବୁକିଛି ଅବଗତ କରାଇଛି। ଦରକାର ପଡ଼ିଲେ କେନ୍ଦ୍ର ନେତୃତ୍ୱଙ୍କୁ ମଧ୍ୟ ଅବଗତ କରାଇବି। ମୋତେ ଯିଏ ଅପଦସ୍ଥ କରିବାକୁ ଚେଷ୍ଟା କରୁଛି, ତାକୁ ଜାଳି ଶେଷ କରିଦେବି ବୋଲି ଖୋଲା ଚାଲେଞ୍ଜ ଦେଇଛନ୍ତି ଜୁଏଲ ଓରାମ। ଜୁଏଲଙ୍କ ଜିଲ୍ଲା ପ୍ରତିନିଧି ଖୁଣ୍ଟୁ ଯାଦବଙ୍କୁ ନେଇ ସୃଷ୍ଟି ବିବାଦ ପରିପ୍ରେକ୍ଷୀରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଏଭଳି ବକ୍ତବ୍ୟ ଦେଇଥିବା ବେଳେ ସେ ବିଜେପିର ଜଣେ ରାଜ୍ୟସଭା ସାଂସଦଙ୍କୁ ଇଙ୍ଗିତ କରୁଥିବା ସ୍ପଷ୍ଟ ହେଉଛି। ତେବେ ଏହି ବିବାଦ ଜୁଏଲଙ୍କୁ ଯେତିକି ଅଡ଼ୁଆରେ ପକାଇଛି, ବିଜେପିର ସୁନ୍ଦରଗଡ଼ ଜିଲ୍ଲା ରାଜନୀତି ପାଇଁ ସେତିକି ଚର୍ଚ୍ଚାର ଖୋରାକ ଯୋଗାଇଛି।

## ରନ୍ଧନ ତେଲ ବ୍ୟବହାର...

କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଚିଠିରେ ଦର୍ଶାଯାଇଛି ଯେ କୋଭିଡ୍ ମହାମାରୀ ପରଠାରୁ ବିଶ୍ୱ ବାଣିଜ୍ୟର ଯୋଗାଣ ଶୃଙ୍ଖଳରେ ବାଧା ଏବଂ ବିଭିନ୍ନ ସଙ୍କଟର ସମ୍ମୁଖୀନ ହେଉଛି। ଯୁକ୍ରେନ୍‌ରେ ସଂଘର୍ଷ ଯୋଗୁଁ ଖାଦ୍ୟ, ସାର ଓ ଇନ୍ଧନର ଯୋଗାଣ ବ୍ୟବସ୍ଥା ପ୍ରଭାବିତ ହୋଇଥିବା ବେଳେ ଆମେରିକା-ଇରାନ ସଂଘର୍ଷ ଏହି ସଙ୍କଟକୁ ଆହୁରି ଗୁରୁତର କରିଛି। ଦୀର୍ଘସ୍ଥାୟୀ ଏହି ସଙ୍କଟର ନକାରାତ୍ମକ ପ୍ରଭାବ ଭାରତ ମଧ୍ୟ ଅନୁଭବ କରୁଥିବାରୁ ଇନ୍ଧନ ଚାହିଦା ହ୍ରାସ କରିବା ସହ ବିଭିନ୍ନ କ୍ଷେତ୍ରରେ ସଚେତନ ଓ ସଂଯମୀ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଦେଶ ସମ୍ମୁଖୀନ ହେଉଥିବା ସଙ୍କଟର ମୁକାବିଲାରେ ନାଗରିକମାନେ ନିଜ ନିଜ ସ୍ତରରେ ଛୋଟ ଛୋଟ ଅବଦାନ ରଖିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିବା ଚିଠିରେ ଦର୍ଶାଯାଇଛି। ଏହି ଆହ୍ୱାନର ପରିପ୍ରେକ୍ଷୀରେ କଲେଜ ହଷ୍ଟେଲ ଓ କ୍ୟାଣ୍ଟିନଗୁଡ଼ିକରେ ଖାଦ୍ୟ ପ୍ରସ୍ତୁତି ସମୟରେ ତେଲର ବ୍ୟବହାର ଯଥାସମ୍ଭବ କମାଇବାକୁ କୁହାଯାଇଛି। ବିଶେଷକରି ଜଳଖିଆ ମେନ୍ୟୁରେ ଅଧିକ ତେଲ ଆବଶ୍ୟକ ହେଉଥିବା ପୁରି, ବରା ଓ ଆଳୁଚପ ଭଳି ଖାଦ୍ୟକୁ ଏଡ଼ାଇବାକୁ ପରାମର୍ଶ ଦିଆଯାଇଛି। ସେହିପରି ଛାତ୍ରଛାତ୍ରୀଙ୍କ ପୁଷ୍ଟି ଓ ଖାଦ୍ୟର ଗୁଣବତ୍ତା ସହ ସାଲିସ ନ କରି ଡିପ୍-ଫ୍ରାଏଡ୍ ଖାଦ୍ୟର ପରିମାଣ କମାଇବାକୁ କୁହାଯାଇଛି। ତେଲ ବ୍ୟବହାର କମାଇବା ସହ ଛାତ୍ରଛାତ୍ରୀଙ୍କ ଆବଶ୍ୟକ ପୁଷ୍ଟି ଯେପରି ପ୍ରଭାବିତ ନ ହୁଏ, ସେଥିପ୍ରତି ମଧ୍ୟ ଧ୍ୟାନ ଦେବା ଉପରେ ବିଭାଗ ଗୁରୁତ୍ୱ ଦେଇଛି। ଏହାଛଡ଼ା ଆମଦାନୀ ହେଉଥିବା ପାମ୍, ସୂର୍ଯ୍ୟମୁଖୀ ଓ ସୋୟାବିନ୍ ତେଲ ବଦଳରେ ପାରମ୍ପରିକ ଘିଅ, ସୋରିଷ ତେଲ ଓ ବାଦାମ ତେଲ ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ କଲେଜଗୁଡ଼ିକୁ କୁହାଯାଇଛି। ଉଚ୍ଚଶିକ୍ଷା ବିଭାଗ କେବଳ କଲେଜ ହଷ୍ଟେଲ ଓ କ୍ୟାଣ୍ଟିନ୍‌ରେ ତେଲ ବ୍ୟବହାର ହ୍ରାସ ମଧ୍ୟରେ ଏହି ପଦକ୍ଷେପକୁ ସୀମିତ ରଖିନାହିଁ। ଏନ୍‌ଏସ୍‌ଏସ୍ ଓ ୟୁଆର୍‌ସି ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ସମୁଦାୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ମଧ୍ୟ କହିଛି। ଏହି କାର୍ଯ୍ୟକ୍ରମ ଜରିଆରେ ଦୈନନ୍ଦିନ ଘରୋଇ ରୋଷେଇରେ ତେଲ ବ୍ୟବହାର କମାଇବା ଦିଗରେ ଲୋକଙ୍କୁ ସଚେତନ କରାଯିବ।

## ୫୮୪ରେ ପହଞ୍ଚିଲା...

ଭାରତୀୟ ନାଗରିକ ସଡ଼କପଥ ଦେଇ ସୁରକ୍ଷିତ ଭାବେ ନେପାଳ ଅତିକ୍ରମ କରି ସାରିଛନ୍ତି। କାଠମାଣ୍ଡୁରେ ପହଞ୍ଚିବାର ଦିନକ ପରେ ୨୧ ଜଣ ଭାରତୀୟ ତୀର୍ଥଯାତ୍ରୀ ଆସି ଆଜି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାମିଲନାଡୁର ସେହି ୨୧ ତୀର୍ଥଯାତ୍ରୀଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ସ୍ୱାଗତ କରିଛନ୍ତି। ନେପାଳ ବନ୍ୟା ବିପର୍ଯ୍ୟୟରେ ଅକାଳରେ ପ୍ରାଣ ହରାଇଥିବା ତୀର୍ଥଯାତ୍ରୀଙ୍କ ପାଇଁ ତାମିଲନାଡୁରେ ଆଜି ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆରମ୍ଭ କରାଯାଇଛି। ତାମିଲନାଡୁ ରାଜଧାନୀ ଚେନ୍ନାଇସ୍ଥିତ ଠକ୍କରବାପା ବିଦ୍ୟାଳୟ ସମିତିର ଛାତ୍ରଛାତ୍ରୀମାନେ କାଣ୍ଡେଲ ଜାଳି ମୃତକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଆକସ୍ମିକ ଜଳ ପ୍ରଳୟର ଦୁଇଦିନ ଅତିକ୍ରାନ୍ତ ହୋଇସାରିବା ସତ୍ତ୍ୱେ ଆହୁରି ୧,୯୨୪ ଜଣ ନିଖୋଜ୍ ଅଛନ୍ତି ବୋଲି ନେପାଳର ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଜଣାଇଛନ୍ତି। ୫୧୭ ଜଣ ବିଦେଶୀ ନାଗରିକ ନିଖୋଜ ଥିବା ବେଳେ ଭୋଟେକୋଶୀ ନଦୀରେ ଜଳ ବିଦ୍ୟୁତ ପ୍ରକଳ୍ପରେ କାର୍ଯ୍ୟରତ ଥିବା ୯୩୩ ଜଣ ଶ୍ରମିକଙ୍କର କୌଣସି ସନ୍ଧାନ ମିଳୁନାହିଁ।

## ବେଆଇନ ଟ୍ୟାକ୍ସ ରିହାତି...

ପକ୍ଷରୁ ଦାଖଲ କରାଯାଇଥିବା ଗତ ଜୁନ୍ ମାସର ଟ୍ୟାକ୍ସ ରିଟର୍ଣ୍ଣ ଯାଞ୍ଚ ବେଳେ ଏହି ଅନିୟମିତତା ପଦାକୁ ଆସିଛି। ବିଶେଷକରି ଟ୍ରାଭେଲ ଏଜେନ୍ସି, ହୋଟେଲ ରହଣି, ପୋଷାକ, ରଙ୍ଗ ଓ ଭିଡିଓ ସେବା ଭଳି ପ୍ରାୟ ୭୩ ଲକ୍ଷ ୯୧ ହଜାର ୫୪୫ ଟଙ୍କାର ବିଲ୍ ବାବଦରେ ସିଜିଏସଟି/ଏସଜିଏସଟି ଧାରା ୧୭(୫)କୁ ଉଲ୍ଲଂଘନ କରି ବେଆଇନ ଭାବେ ଓସିଏ ମୋଟ ୫ ଲକ୍ଷ ୫୮ ହଜାର ୫୮୯ ଟଙ୍କାର ଟିକସ ରିହାତି ନେଇଥିବା ନୋଟିସରେ ଉଲ୍ଲେଖ ରହିଛି। ଏଥିରେ ଆଇଜିଏସଟି ବାବଦକୁ ୨ ଲକ୍ଷ ୩୦ ହଜାର ୨୦୧ ଟଙ୍କା, ସିଜିଏସଟି ଓ ଏସଜିଏସଟି ବାବଦକୁ ଯଥାକ୍ରମେ ୧ ଲକ୍ଷ ୬୪ ହଜାର ୧୯୪ ଟଙ୍କା ଲେଖାଏଁ ରହିଛି। ଜିଏସଟି ଆସିଷ୍ଟାଣ୍ଟ କମିଶନର ଓମପ୍ରକାଶ ରାୟସିଂ କରିଥିବା ନୋଟିସରେ ଦର୍ଶାଯାଇଛି ଯେ ଜିଏସଟି ନିୟମ ଅନୁସାରେ କୌଣସି ସଂସ୍ଥା କେବଳ ତା'ର ବ୍ୟାବସାୟିକ କାର୍ଯ୍ୟକଳାପ ପାଇଁ ହୋଇଥିବା ଖର୍ଚ୍ଚ ଉପରେ ହିଁ ଟିକସ ରିହାତି ପାଇପାରିବ। କୌଣସି ସଂସ୍ଥା ବ୍ୟକ୍ତିଗତ ଖର୍ଚ୍ଚ ଉପରେ ଟିକସ ରିହାତି ବା ଇନପୁଟ ଟ୍ୟାକ୍ସ କ୍ରେଡିଟ (ଆଇଟିସି) ଦାବି କରିପାରିବ ନାହିଁ।

## ପିଆଜ, ଚିନି ପରେ...

୧୪ ହଜାର ଟଙ୍କାରୁ ବୃଦ୍ଧି ପାଇ ପ୍ରାୟ ୨୬,୫୦୦ ଟଙ୍କାରେ ପହଞ୍ଚିଛି। ଏଥିସହ କୁକୁଡ଼ା ଖାଦ୍ୟରେ ପ୍ରୋଟିନର ମୁଖ୍ୟ ଉତ୍ସ ଭାବେ ବ୍ୟବହୃତ ହେଉଥିବା 'ସୋୟାବିନ୍ ମିଲ୍'ର ଦର ମଧ୍ୟ ଆକାଶଛୁଆଁ ହୋଇଛି। ଫଳସ୍ୱରୂପ ଚାଷୀଙ୍କ ଉତ୍ପାଦନ ଖର୍ଚ୍ଚ ଯଥେଷ୍ଟ ବଢ଼ିଯାଇଛି। ଭାରତରେ ସାଧାରଣତଃ ଶୀତ ଋତୁରେ ଅଣ୍ଡାର ଚାହିଦା ବେଶ୍ ବୃଦ୍ଧି ପାଏ। ଚାହିଦା ବଢ଼ିବା ସହ ଯଦି କୁକୁଡ଼ା ଦାନାର ମୂଲ୍ୟ ହ୍ରାସ ନ ପାଏ, ତେବେ ଖୁଚୁରା ବଜାରରେ ଅଣ୍ଡା ଦର ଆହୁରି ବଢ଼ିବ। ବିଭିନ୍ନ ରାଜ୍ୟ ଓ ସହର ଅନୁସାରେ ଏହାର ମୂଲ୍ୟ ଭିନ୍ନ ହୋଇପାରେ। ମୋଟାମୋଟି ଭାବେ ଇଥାନଲ୍ ନିର୍ମାଣ ପାଇଁ ମକାର ବ୍ୟବହାର ଜାରି ରହିଲେ ଏବଂ ଖାଦ୍ୟ ଖର୍ଚ୍ଚ ନ କମିଲେ ଆଗାମୀ ଦିନରେ ଅଣ୍ଡା ଦର ଶସ୍ତା ହେବାର ସମ୍ଭାବନା କ୍ଷୀଣ।

## ସମୁଦ୍ର ଢେଉରେ ଭାରସାମ୍ୟ...

ଡେଇଁପାରିଥିଲେ। ଯାହାର ପ୍ରାୟ ୨୦ ଘଣ୍ଟା ପରେ ଦୁଇ ଜଣଙ୍କୁ ଉଦ୍ଧାର କରିଥିଲା ଭାରତ ଆସୁଥିବା ଏକ ତୈଳ ଜାହାଜ। ଯେତେବେଳେ କି ୧୪ ଜଣ କ୍ରୁ ସଦସ୍ୟ ରହିଯାଇଥିଲେ ଜାହାଜ ଭିତରେ। ପରେ ସେମାନଙ୍କୁ ଉଦ୍ଧାର କରି କୋଷ୍ଟଗାର୍ଡର ଜାହାଜ 'ଭରଦ'କୁ ହସ୍ତାନ୍ତର କରାଯାଇଥିଲା। ତେବେ ଅନ୍ୟ ୮ କ୍ରୁ ସଦସ୍ୟଙ୍କ ବାବଦରେ କୌଣସି ସୂଚନା ନାହିଁ। ତଦନ୍ତ ସମୟରେ ଉଦ୍ଧାର ହୋଇଥିବା ଦୁଇ କ୍ରୁ ସଦସ୍ୟ ଏଭଳି ଚାଞ୍ଚଲ୍ୟକର ବୟାନ ଦେଇଥିବା ବିଶେଷ ସୂତ୍ରରୁ ସୂଚନା ମିଳିଛି। ଜାହାଜଟି ପାରାଦୀପ ଛାଡ଼ିବା ପରେ ପାରାଦୀପଠାରୁ ୨୩୦ ନଟିକାଲ ମାଇଲ ଦୂରରେ ଏମ୍‌ଭି ଓସେନ୍ ୱିନର୍ ହଠାତ୍ ବୁଡ଼ିଯାଇଥିଲା। ତେବେ ବୁଡ଼ିବାର ମୁଖ୍ୟ କାରଣ ହେଉଛି ସମୁଦ୍ରରେ ଉଚ୍ଚ ରୋଲିଂ ଯୋଗୁଁ ଜାହାଜ ଭାରସାମ୍ୟ ରକ୍ଷା କରି ପାରି ନ ଥିଲା। ଗୋଟିଏ ପଟକୁ ଜାହାଜ ଢଳିବା ସହ ଖୁବ୍ କମ୍ ସମୟ ମଧ୍ୟରେ ଏହା ବୁଡ଼ିଯାଇଥିଲା। ଫଳରେ ଜାହାଜର ୧୦ ଜଣ କ୍ରୁ ସଦସ୍ୟ ହିଁ ବାହାରକୁ ଆସିପାରିଥିଲେ। ଅନ୍ୟ ୧୪ ଜଣ ଜାହାଜ ମଧ୍ୟରେ ଫସି ରହିଯାଇଥିବା ନେଇ ଉଭୟ କ୍ରୁ ସଦସ୍ୟ କହିଛନ୍ତି।

## ଟିମ୍ ଗଠନ...

କରାଯାଉଛି। କାରଣ ବିଧାୟକ ଦଳ ନେତା ପଦରୁ ରାମଚନ୍ଦ୍ର କାଡାମ୍‌ଙ୍କୁ ହଟାଇବା ପାଇଁ ଗୋଟିଏ ଗୋଷ୍ଠୀ ଲାଗି ପଡ଼ିବା ସହ ଦିଲ୍ଲୀ ଦଉଡ଼ ବି କରୁଛନ୍ତି। ମୋଟାମୋଟି ଭାବେ ଭକ୍ତ ଦାୟିତ୍ୱ ନେବା ପରେ କର୍ମୀ ମହଲରେ ଯେଉଁ ଉତ୍ସାହ ରହିଥିଲା, ତାହା ଧୀରେ ଧୀରେ ମଉଳିବାରେ ଲାଗିଛି। ଦଳ ଭିତରେ ଭକ୍ତଙ୍କୁ ନେଇ ଅସନ୍ତୋଷ ବଢ଼ୁଥିବା ବେଳେ ଓଡ଼ିଶାକୁ ଆସିଥିବା ଦକ୍ଷ ପ୍ରଭାରୀ ଲାଲାଜୀ ଦେଶାଇ କି ପଦକ୍ଷେପ ଗ୍ରହଣ କରୁଛନ୍ତି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଆକ୍ରମଣ ମାମଲାରେ ଅଭିଯୁକ୍ତ ଗିରଫ



ସତ୍ୟବାଦୀ,୨୮।୮ (ସଂଚାର ବ୍ୟୁରୋ): ପୂର୍ବରୁ ରୁଜୁ ହୋଇଥିବା ସତ୍ୟବାଦୀ ଥାନା ମାମଲା ନଂ-୧୨୩/୨୦୨୫ରେ ଅଭିଯୁକ୍ତ ଲୋକନାଥ ଭଞ୍ଜ ଓରଫ କାଳିଆ (୫୦)ଙ୍କୁ ପୁଲିସ ଗିରଫ କରିଛି। ତାଙ୍କ ଘର ପିପିଲି ଥାନା ଅଧୀନ ମାଢ଼ୀପୋତାଳି ଗ୍ରାମରେ। ପୁଲିସ ସୂଚନା ଅନୁଯାୟୀ, ୨୨ ଏପ୍ରିଲ ୨୦୨୫ ରାତିରେ ସାତଶଙ୍ଖ ଯାତ୍ରା ଦେଖି ଫେରୁଥିବା ମନୋଜ ସାହାଣୀଙ୍କୁ ଅଭିଯୁକ୍ତ ରାସ୍ତାରେ ଅଟକାଇ ମଦ ପିଇବା ପାଇଁ ୧୦୦୦ ଟଙ୍କା ଦାବି କରିଥିଲେ। ଟଙ୍କା ଦେବାକୁ ମନା କରିବାରୁ ଲୁହା ରଡ଼ରେ ମନୋଜଙ୍କ ମୁଣ୍ଡକୁ ଆକ୍ରମଣ କରିବା ସହ ତାଙ୍କ ବେକରୁ ପ୍ରାୟ ୨ ତୋଳା ଓଜନର ସୁନା ଚେନ୍ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଥିଲା। ସ୍ଥାନୀୟ ଲୋକେ ପହଞ୍ଚିବାରୁ ଅଭିଯୁକ୍ତ ଘଟଣାସ୍ଥଳରେ ନିଜ ସ୍କୁଟି ଛାଡ଼ି ଫେରାର ହୋଇଥିଲେ।ଘଟଣାସ୍ଥଳରୁ ପୁଲିସ ଲାଲ୍ ରଙ୍ଗର ସ୍କୁଟି (ଓଡି-୧୩-ୟୁ-୩୭୫୮) ଜବତ କରିଥିଲା। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ପିପିଲି ଥାନାରେ ଦୁଇଟି ମାମଲା ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି। ତଦନ୍ତକାରୀ ଅଧିକାରୀ ତଥା ସତ୍ୟବାଦୀ ଥାନା ଆଇଆଇସି ସୌମ୍ୟ ରଞ୍ଜନ ମହାଲିକଙ୍କ ତତ୍ତ୍ୱାବଧାନରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ରଞ୍ଜନ ବରାଳ ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚା ସଭାପତି



ସତ୍ୟବାଦୀ,୨୮।୮ (ସଂଚାର ବ୍ୟୁରୋ): ଭାରତୀୟ ଜନତା ପାର୍ଟି ପୁରୀ ଜିଲ୍ଲାର ସାଂଗଠନିକ କାର୍ଯ୍ୟକୁ ଆହୁରି ସୁଦୃଢ଼ ଓ ଗତିଶୀଳ କରିବା ଲକ୍ଷ୍ୟରେ ରଞ୍ଜନ କୁମାର ବରାଳଙ୍କୁ ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ପୁରୀ ଜିଲ୍ଲା ବିଜେପି ସଭାପତି ବିଭୁଦତ୍ତ ତରାଇ ଚିଠି ନଂ. ୮୪/୨୦୨୬ ମାଧ୍ୟମରେ ଏନେଇ ଶ୍ରୀ ବରାଳଙ୍କୁ ଅବଗତ କରାଇଛନ୍ତି। ଶ୍ରୀଯୁକ୍ତ ବରାଳ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବିଜେପି ସଂଗଠନ ସହ ଜଡ଼ିତ ରହି ଦଳୀୟ କାର୍ଯ୍ୟରେ ସକ୍ରିୟ ଭୂମିକା ତୁଲାଇ ଆସୁଛନ୍ତି। ସଂଗଠନ ପ୍ରତି ତାଙ୍କର ନିଷ୍ଠା ଓ ଦୀର୍ଘ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଏହି ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଛି। ଏହି ମଧ୍ୟରେ ତାଙ୍କ ଧର୍ମପତ୍ନୀ ବିଷ୍ଣୁପ୍ରିୟା ବରାଳ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ୩୨ ନମ୍ବର ଜୋନରୁ ବିଜେପି ପକ୍ଷରୁ ଜିଲ୍ଲା ପରିଷଦ ସଭ୍ୟା ଭାବେ ନିର୍ବାଚିତ ହୋଇଛନ୍ତି।

ନୂତନ ଦାୟିତ୍ୱ ମାଧ୍ୟମରେ ଶ୍ରୀ ବରାଳ ନିଜର ସାଂଗଠନିକ ଦକ୍ଷତା, ନିଷ୍ଠା ଓ କାର୍ଯ୍ୟକୁଶଳତାର ପରିଚୟ ଦେଇ ଜିଲ୍ଲାର କୃଷକ ମୋର୍ଚ୍ଚା ସହ ଦଳୀୟ ସଂଗଠନକୁ ଆହୁରି ମଜବୁତ କରିବେ ବୋଲି ଜିଲ୍ଲା ସଭାପତି ଆଶାବ୍ୟକ୍ତ କରିଛନ୍ତି। ନୂତନ ଦାୟିତ୍ୱ ପାଇବା ପରେ ଶ୍ରୀଯୁକ୍ତ ବରାଳଙ୍କୁ ଦଳର ବରିଷ୍ଠ ନେତା, ପଦାଧିକାରୀ ଓ କର୍ମୀମାନେ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସଫଳ କାର୍ଯ୍ୟକାଳ କାମନା କରିଛନ୍ତି।

## କାମତା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ ଅଭିଯୋଗ:ଏସ୍‌ଡିପିଓଙ୍କ ତଦନ୍ତ



ନବରଙ୍ଗପୁର,ତେନ୍ତୁଲିଖୁଣ୍ଟି, ୨୮।୮ (ସଂଚାର ବ୍ୟୁରୋ): କାମତା ଉଚ୍ଚ ବିଦ୍ୟାଳୟରେ ନବମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିବାବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଗତ ୨୧ ତାରିଖ ଅପରାହ୍ନ ପ୍ରାୟ ୩ଟା ସମୟରେ ଛାତ୍ରୀ ଜଣକ ଶ୍ରେଣୀ ଶିକ୍ଷକଙ୍କୁ ଜଣାଇ ବାହାରକୁ ଯାଇଥିଲେ। ଫେରିବା ସମୟରେ ସେହି ଗ୍ରାମର ନିର ହିୟାଲ ନାମକ ଜଣେ ଯୁବକ ତାଙ୍କୁ ଟଣାଓଟରା କରି ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିବା ଛାତ୍ରୀ ଜଣକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜ୍ୟୋତିନ ଭତ୍ରାଙ୍କୁ ଜଣାଇଥିବା କୁହାଯାଇଛି।

ଘଟଣା ସମ୍ପର୍କରେ ପ୍ରଧାନଶିକ୍ଷକ ତେନ୍ତୁଲିଖୁଣ୍ଟି ଥାନାକୁ ଜଣାଇଥିଲେ। ଏନେଇ ଥାନାରେ ଏତଲା ଆଧାରରେ କେସ୍ ନଂ ୨୦୨/୨୬ ରୁଜୁ ହୋଇଥିବାବେଳେ ବିନୀତା ତିର୍କୀସଙ୍କୁ ତଦନ୍ତ ଭାର ଦିଆଯାଇଛି। ଘଟଣାର ତଦନ୍ତ ପାଇଁ ନବରଙ୍ଗପୁର ଅତିରକ୍ତ ଆରକ୍ଷୀ ଅଧିକାରୀ ଆଦିତ୍ୟ ସେନ ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିବା ଜଣାପଡ଼ିଛି। ବିଦ୍ୟାଳୟ ସିସିଟିଭି ଯାଞ୍ଚ ସହ ପୁଲିସ ପକ୍ଷରୁ ଘଟଣାର ବିଭିନ୍ନ ଦିଗ ନେଇ ତଦନ୍ତ ଜାରି ରହିଛି। ଅନ୍ୟପକ୍ଷରେ ଛାତ୍ରୀଙ୍କ ମାଆ ଝିଅକୁ ନ୍ୟାୟ ପ୍ରଦାନ କରିବାକୁ ଗୁହାରି କରିଛନ୍ତି।

# ଦର୍ଲ୍ଲାବେଡା ଆବାସିକ ବିଦ୍ୟାଳୟରେ ଅବ୍ୟବସ୍ଥା



ମାଲକାନଗିରି,୨୮।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳରେ ଥିବା ଦର୍ଲ୍ଲାବେଡା ଆବାସିକ ବିଦ୍ୟାଳୟରେ ବର୍ତ୍ତମାନ ପ୍ରାୟ ୧୫୦ ଜଣ ଛାତ୍ର ଓ ୧୦୦ ଜଣ ଛାତ୍ରୀ ରହୁଛନ୍ତି। ଛାତ୍ରଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ସେମାନଙ୍କ ପାଇଁ ନୂତନ କୋଠାର ବ୍ୟବସ୍ଥା ହୋଇଛି। କିନ୍ତୁ ନୂତନ ଆବାସିକ ଭବନ ମିଳିଥିଲେ ମଧ୍ୟ ଅନେକ ମୌଳିକ ଓ ସୁରକ୍ଷା ସମ୍ପର୍କିତ କାର୍ଯ୍ୟ ଏପର୍ଯ୍ୟନ୍ତ ଅସମ୍ପୂର୍ଣ୍ଣ ଥିବା ଅଭିଯୋଗ ହେଉଛି।

ବିଶେଷକରି ଛାତ୍ରୀମାନେ ରହୁଥିବା ଆବାସିକ ପରିସରର ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଆବାସିକ ପରିସରରେ ଏପର୍ଯ୍ୟନ୍ତ ପ୍ରବେଶ ଗେଟ୍‌ର ବ୍ୟବସ୍ଥା ହୋଇନଥିବାବେଳେ ସୁଉଚ୍ଚ ପ୍ରାଚୀର ମଧ୍ୟ ନାହିଁ। ଯେଉଁ ପ୍ରାଚୀର ରହିଛି, ତାହା ଉପରେ ସୁରକ୍ଷା ପାଇଁ ତାରବାଡ଼ ଲଗାଯାଇନଥିବା ଜଣାପଡ଼ିଛି।

ବିଦ୍ୟୁତ୍ ବ୍ୟବସ୍ଥା ମଧ୍ୟ ସମ୍ପୂର୍ଣ୍ଣ ହୋଇନଥିବାରୁ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଉଛି। ବିଦ୍ୟୁତ୍ ଖମ୍ବରୁ ଆବାସିକ ଭବନକୁ ସ୍ଥାୟୀ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା ଏପର୍ଯ୍ୟନ୍ତ ହୋଇନାହିଁ। ସେହିପରି ସୋଲାର ଷ୍ଟ୍ରିଟ୍ ଲାଇଟ୍‌ଗୁଡ଼ିକ ରାତିସାରା ଜଳୁନଥିବା ଏବଂ କେତେକ ଲାଇଟ୍ ଖୁଣ୍ଟିର ମୂଳ ଭାଗ ସିଧାସଳଖ ମାଟିରେ ପୋତାଯାଇଥିବାରୁ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ନୂତନ ଭବନର କେତେକ ସ୍ଥାନରେ ନିର୍ମାଣ ଗୁଣବତ୍ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପାହାଚର ଅନେକ ପ୍ଲେଟ୍ ଭାଙ୍ଗିଯାଇଥିବାବେଳେ, ଉପରକୁ ଚଢ଼ିବା ସିଡ଼ିରେ ସୁରକ୍ଷା ପାଇଁ ରେଲିଂ ନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ଦୁର୍ଘଟଣା ଆଶଙ୍କା ରହିଛି।

ପରିମଳ ବ୍ୟବସ୍ଥାକୁ ନେଇ ମଧ୍ୟ ଗୁରୁତର ସମସ୍ୟା ରହିଛି। ଲାଟ୍ରିନରେ ପାଣିର ସୁବିଧା ଏବଂ ମଳ ନିଷ୍କାସନ ବ୍ୟବସ୍ଥା ସଠିକ୍ ଭାବେ କାର୍ଯ୍ୟକ୍ଷମ ନଥିବା ଅଭିଯୋଗ ହୋଇଛି। ମାତ୍ର ପ୍ରାୟ ୪ ମାସ ବ୍ୟବହାର ପରେ ପରିମଳ ବ୍ୟବସ୍ଥାର ଅନେକ ଅଂଶ ନଷ୍ଟ ହୋଇଯାଇଥିବା କୁହାଯାଉଛି। ସେହିପରି ପରିସରରେ ନଳକୂପ ଖୋଳାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ମୋଟର ସଂଯୋଗ ହୋଇନଥିବାରୁ ଏହାର ସଠିକ୍ ଉପଯୋଗ ହୋଇପାରୁନାହିଁ।

ଅନ୍ୟପକ୍ଷରେ, ଦୁଇ ମହଲାଯୁକ୍ତ ଆବାସିକ ଭବନର ଛାତ ଉପରେ ବର୍ଷା ପାଣି ଜମି ରହୁଥିବାବେଳେ ଏହାର ନିଷ୍କାସନ ପାଇଁ ଆବଶ୍ୟକ ପାଇପ୍ ସଂଯୋଗ ହୋଇନଥିବା ଜଣାପଡ଼ିଛି।

ଏନେଇ ସମ୍ପୃକ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ସ୍ଥିତିର ସରଜମିନ ତଦନ୍ତ କରି ଅସମ୍ପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ସମାପ୍ତ କରିବା ସହିତ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ କରିବାକୁ ସ୍ଥାନୀୟ ଅଭିଭାବକ ଓ ସାଧାରଣ ଲୋକ ଦାବି କରିଛନ୍ତି।

# ଡାକ୍ତର ଅଭାବ, ବଢ଼ୁଛି ରୋଗୀଙ୍କ ଦୁର୍ଦ୍ଦଶା

### ଜଣେ ଡାକ୍ତରରେ ଚାଲିଛି କି ଉପଖଣ୍ଡ ଚିକିତ୍ସାଳୟ ?

### କେବେ ସୁଧୁରିବ ସ୍ୱାସ୍ଥ୍ୟ ସମସ୍ୟା

### ଦାବି ପରେ ବି ପୂରଣ ହେଉନି ଡାକ୍ତର ପଦବୀ




ଆନନ୍ଦପୁର,୨୮।୮ (ସଂଚାର ବ୍ୟୁରୋ): ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ସମସ୍ୟାକୁ ନେଇ ଏବେ ଉଠିଛି ଗୁରୁତର ପ୍ରଶ୍ନ। ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ବିଭିନ୍ନ ସଂଗଠନ ପକ୍ଷରୁ ଡାକ୍ତର ସମସ୍ୟା ଦୂର କରିବା ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ଡାକ୍ତର ପଦବୀ ପୂରଣ ନହେବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗକାରୀଙ୍କ କହିବା କଥା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଗତକାଲି ଅପରାହ୍ନରେ ରୋଗୀଙ୍କ ଲମ୍ବା ଲାଇନ୍ ଲାଗିଥିଲା, ରୋଗୀଙ୍କ ଲାଇନ୍ ଲାଗିଥିଲେ ମଧ୍ୟ ଡାକ୍ତରଙ୍କର ଦେଖାନଥିଲା। ଆଉଟ୍ ଡୋରରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀମାନେ କହିଛନ୍ତି ୱାର୍ଡରେ ଥିବା ପେସେଣ୍ଟଙ୍କ ପାଖକୁ ଡାକ୍ତର ଯାଇଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ଜଣେ ଡାକ୍ତରରେ ଚାଲିଛି କି ଉପଖଣ୍ଡ ଡାକ୍ତରଖାନା ? ତେବେ ଦୀର୍ଘ ସମୟ ଧରି ରୋଗୀମାନେ ଛିଡ଼ା ହୋଇ ଶେଷରେ ଫେରି ଆସିଥିବା ଅଭିଯୋଗ ହୋଇଛି।

ଏହି ଉପଖଣ୍ଡ ଡାକ୍ତରଖାନା ପୁଳା ପୁଳା ସମସ୍ୟାରେ ଜର୍ଜରିତ ହୋଇଥିଲେ ମଧ୍ୟ ସମସ୍ୟା ସମାଧାନ ଦିଗରେ ଜନପ୍ରତିନିଧିଙ୍କ ଦରଦ ନାହିଁ କି, ପ୍ରଶାସନର ନିଘା ନାହିଁ। ସ୍ୱାସ୍ଥ୍ୟ ବିଭାଗ କଥା ନ କହିବା ଭଲ। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାର ଯଦି ବିକଳ ଚିତ୍ର ବାରମ୍ବାର ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରୁ ଦେଖାଯାଏ ତେବେ କୋଉଠି ନା କୋଉଠି ସରକାରଙ୍କ ଅପାରଗତା ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ କୋହଳ ମନୋଭାବ ପାଇଁ ଆଜି ଖଣି ଜିଲ୍ଲାବାସୀ ଦୁଃଖର ପାହାଡ଼ରେ ଲଦି ହୋଇ ଯାଇଛି ବୋଲି ଆଲୋଚନା ହେଉଛି। ତେବେ ତୁରନ୍ତ ଉପଖଣ୍ଡ ଚିକିତ୍ସାଳୟର ସମସ୍ୟା ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ହିଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଉଲିବୁରୁ ସଂରକ୍ଷିତ ଜଙ୍ଗଲରେ ବେଆଇନ ପାହାଡ଼ କାଟି ରାସ୍ତା ନିର୍ମାଣ ଅଭିଯୋଗ



- *୩ ହାଇୱା, ୨ ଏକ୍ସାଭେଟର ଜବତ*
- *ପ୍ରାୟ ୫୦୦ ଶାଳଗଛ ନଷ୍ଟ ହୋଇଥିବା ଅଭିଯୋଗ*
- *ଅନୁମତିକୁ ନେଇ ଉଠିଲା ବଡ଼ ପ୍ରଶ୍ନ*

ଯୋଡ଼ା,୨୮।୮ (ସଂଚାର ବ୍ୟୁରୋ):ଖଣି ଅଞ୍ଚଳରେ ଜଙ୍ଗଲ ଜମିକୁ ନେଇ ପୁଣି ଚର୍ଚ୍ଚା ଜୋର ଧରିଛି। ଉଲିବୁରୁ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ପାହାଡ଼ କାଟି ରାସ୍ତା ନିର୍ମାଣ ସହ ବହୁ ସଂଖ୍ୟକ ଶାଳଗଛ ନଷ୍ଟ କରାଯାଉଥିବା ଅଭିଯୋଗ ସାମ୍ନାକୁ ଆସିଛି। ଘଟଣାସ୍ଥଳରେ ବନ ବିଭାଗ ଚଢ଼ାଉ କରି ୩ଟି ହାଇୱା ଓ ୨ଟି ଏକ୍ସାଭେଟର ଜବତ କରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗତକାଲି ଅପରାହ୍ନରେ ବନ ବିଭାଗର କର୍ମଚାରୀମାନେ ନିୟମିତ ପେଟ୍ରୋଲିଂ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ଉଲିବୁରୁ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଅତର୍କିତ ଚଢ଼ାଉ କରିଥିଲେ। ଏହି ସମୟରେ ରାସ୍ତା ନିର୍ମାଣ କାମରେ ନିୟୋଜିତ ଥିବା ଓଆର୍‌୦୯ଏନ୍-୮୯୨୪, ଓଆର୍‌୦୯ଏଚ୍-୯୦୪୫ ଓ ଓଆର୍‌୦୯ଏକେ-୧୩୭୨ ନମ୍ବର ବିଶିଷ୍ଟ ୩ଟି ହାଇୱା ସହ ୨ଟି ଏକ୍ସାଭେଟରକୁ ଜବତ କରାଯାଇଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପାହାଡ଼ କାଟି ମାଟି ହଟାଯାଇ ରାସ୍ତା ନିର୍ମାଣର ଚିହ୍ନ ଦେଖିବାକୁ ମିଳିଥିବା ବେଳେ, ଏହି କାର୍ଯ୍ୟରେ ପ୍ରାୟ ୫୦୦ରୁ ଅଧିକ ବଡ଼ ବଡ଼ ଶାଳଗଛ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଯଦି ଏହି ଅଭିଯୋଗ ସତ୍ୟ ହୁଏ, ତେବେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଏତେ ବଡ଼ ଧରଣର ଗଛ ଓ ପାହାଡ଼ ନଷ୍ଟ କରିବା ଘଟଣା ପରିବେଶପ୍ରେମୀଙ୍କ ମଧ୍ୟରେ ଚିନ୍ତା ବଢ଼ାଇଛି।

କାହା ଅନୁମତିରେ ଚାଲିଥିଲା କାମ ? ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ପାହାଡ଼ କାଟି ରାସ୍ତା ନିର୍ମାଣ ପାଇଁ କେଉଁ ବିଭାଗର ଅନୁମତି ରହିଛି ? ଗଛ କାଟିବା ଓ ଜଙ୍ଗଲ ଜମି ବ୍ୟବହାର ପାଇଁ ବୈଧ ଅନୁମୋଦନ ନିଆଯାଇଥିଲା କି ? ଯଦି ଅନୁମତି ନଥିଲା, ତେବେ ଏତେ ଦିନ ଧରି କାମ କିପରି ଚାଲିଥିଲା ?— ଏଭଳି ଅନେକ ପ୍ରଶ୍ନ ଏବେ ଉଠିଛି। ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି। ତେବେ ରାସ୍ତା ନିର୍ମାଣ କାମ କାହା ନିର୍ଦ୍ଦେଶରେ ଚାଲିଥିଲା, ଜଙ୍ଗଲ ଜମି ବ୍ୟବହାର ପାଇଁ କୌଣସି ବୈଧ ଅନୁମତି ଥିଲା କି ନାହିଁ ଏବଂ ଶାଳଗଛ ନଷ୍ଟ ହୋଇଥିବା ଅଭିଯୋଗର ସତ୍ୟତା କ'ଣ— ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

### ବାରମ୍ବାର ଦାବି ପରେ ବି ଶୁଣିଲାନି ପ୍ରଶାସନ

# ଚାନ୍ଦା ଆଦାୟ କରି ରାସ୍ତା ମରାମତି କଲେ ଗ୍ରାମବାସୀ



ଫୁଲବାଣୀ,୨୮।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତର ତଳ ଡାଙ୍ଗାଣମ, ଉପର ଡାଙ୍ଗାଣମ, ଶାଗ ଦହଲା, ମାନପଦର, କଟଡିସିରା, ବାଗଦୁଲି, ଟୁକପଦର, ପିଲିପଦର, ବୁଗେରମାସ୍କା, ଲାକା ସିର୍ପି ଭଳି ୭ରୁ ୮ଟି ଗାଁ ରାସ୍ତା ପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଗୋଟାଏ ପଟେ କୁଚେଣ୍ଡି ନାଳରେ କାଠ ପୋଲ କରି ଯାତାୟତ କରୁଥିବା ବେଳେ ବର୍ଷାରେ ଧୋଇ ଯାଉଛି । ଚଳିତ ବର୍ଷ ମଧ୍ୟ ଧୋଇ ଯାଇଥିବା ବେଳେ ପୁଣି ଅଞ୍ଚଳବାସୀ କାଠ ପୋଲ ମରାମତି କରି ଜୀବା ଆସିବା କରୁଛନ୍ତି । ସରକାରଙ୍କ ତରଫରୁ ପୋଲ ନିର୍ମାଣ ପାଇଁ ଅର୍ଥ ଅନୁଦାନ ଆସିଛି ସତ କିନ୍ତୁ ନିର୍ମାଣ ହୋଇ ପାରୁନାହିଁ ।

ବର୍ତ୍ତମାନ କୁଚେଣ୍ଡି ନାଳରେ ଉଭୟ ପାର୍ଶ୍ୱରେ ରାସ୍ତା ଧୋଇ ହୋଇ ନଷ୍ଟ ହୋଇଥିବାରୁ ଯାତାୟତ ବାଧା ପ୍ରାପ୍ତ ହେଉଥିଲା ଯାହାକୁ ନେଇଁ ଅଞ୍ଚଳବାସୀ ନାହିଁ ନଥିବା ଅସୁବିଧା ଭୋଗୁଥିଲେ। ତେଣୁ ବାଧ୍ୟ ହୋଇ ସମୂହ ଗ୍ରାମବାସୀ ଚାନ୍ଦା କରି ଦୁଇ ପାର୍ଶ୍ୱରେ ରାସ୍ତା ଜେସିବି ସାହାଯ୍ୟରେ ସମତଳ କରି ପଥର ପିଚିଂ କରି ରାସ୍ତାର ମରାମତି କରିଛନ୍ତି।

ଅନ୍ୟପଟେ ଏହି ରାସ୍ତା ସମସ୍ୟାକୁ ନେଇ ବାରମ୍ବାର ଅଞ୍ଚଳବାସୀ ପ୍ରଶାସନକୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରିନାହିଁ। ତେଣୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ କୁଚେଣ୍ଡି ନାଳ ପୋଲ ନିର୍ମାଣ କରିବା ସହ ରାସ୍ତା ନିର୍ମାଣ କରିବାକୁ ଅଞ୍ଚଳ ବାସୀଙ୍କ ତରଫରୁ ଦାବି ହେଉଛି।

ଅନ୍ୟପଟେ ଏହି ଘଟଣା କୁ ନେଇଁ ବିଭାଗୀୟ ଅଧିକାରୀ ସୁଶୀଲ କୁମାର ମହାନ୍ତିଙ୍କୁ ପଚାରିବାରୁ ପୋଲ ନିର୍ମାଣ ପାଇଁ ଟେଣ୍ଡର ହୋଇଛି ଓ ପୋଲ ନିର୍ମାଣ ପରେ ରାସ୍ତା ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ଜନ୍ମଜୟନ୍ତୀରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ଯାଜପୁର ରୋଡ଼, ୨୮।୮ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଂଚଳ ସହରର ଷ୍ଟାଡିୟମ ରୋଡ଼ ସ୍ଥିତ ବ୍ୟାସନଗର ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ ଡ଼ଃ କଳ୍ପତରୁ ସାହୁଙ୍କ ୮୬ତମ ଜନ୍ମ ଜୟନ୍ତୀ ଅବସରରେ ସ୍କୁଲର ଚେୟାରମ୍ୟାନ ଡ଼ଃ ଦେବସ୍ମିତା ସାହୁଙ୍କ ନେତୃତ୍ୱରେ ସ୍କୁଲ ପରିସର ମଧ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଏଥି ସହିତ ସ୍କୁଲର ପିଲାମାନଙ୍କ ଶିକ୍ଷାର ଅଗ୍ରଗତି ପାଇଁ ଅତିଥିଙ୍କ ଦ୍ୱାରା ଏକ ନୂତନ ପାଠାଗାରର ଉଦଘାଟନ କରାଯାଇଥିଲା।

ଅତିଥି ଭାବେ ସ୍କୁଲର ସଭାପତି ଭାରତ ଭୂଷଣ ଦେଓ, ପ୍ରତିଷ୍ଠାତା ମାତା ଆତ୍ରାମଣି ମହାପାତ୍ର, ବିବେକାନନ୍ଦ ମହାନ୍ତି, ସତ୍ୟନାରାୟଣ ମହାନ୍ତି, ସୁବାସ ବଳ, ଡ଼ଃ ପ୍ରଶଂଜିତ କର, ସବିତା ରାଉତ, ବନ୍ଦିତା ପରିଡା, ଦୁଷ୍ମନ୍ତ ରାଉତ, ପୁନପୁନ ଦାସ, ଶୁଭମ ଦେଓ, ସ୍ମିତା ସାହୁ, ଅମ୍ଳାନ ଆନନ୍ଦ ସୌରଭ ଦାସଙ୍କ ସମେତ ସ୍କୁଲର ଭାଇସ ପ୍ରିନସିପାଲ ଗଜେନ୍ଦ୍ର ବେହେରା, ନାରାୟଣ ରାଉଳ, ହରପ୍ରିୟା କର'ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ। ରକ୍ତଦାନ କରିଥିବା ସମସ୍ତ ଛାତ୍ରଛାତ୍ରୀ ଅଭିଭାବକ ମାନଙ୍କୁ ଅଧ୍ୟକ୍ଷ ଧନ୍ୟବାଦ ଦେବାସହ ସ୍କୁଲ ତରଫରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ରକ୍ତଦାନ ଶିବିରରେ ପାଖାପାଖି ୫୦ ୟୁନିଟ ରକ୍ତ ସଂଗ୍ରହ କରାଯିବା ନେଇ ଡ଼ଃ ଦେବସ୍ମିତା ସାହୁ ସୂଚନା ଦେଇଥିଲେ।

# ଗୁରୁତର ଅସୁସ୍ଥ ମହିଳାଙ୍କ ଜୀବନ ରକ୍ଷା କଲେ ସମ୍ ହସ୍ପିଟାଲ କ୍ୟାମ୍ପସ-୨ର ଡାକ୍ତରୀ ଟିମ୍




ଭୁବନେଶ୍ୱର, ୨୮।୮ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ କ୍ୟାମ୍ପସ-୨, ଫୁଲନଖରାର ଏକ ବହୁବିଭାଗୀୟ ଚିକିତ୍ସକ ଦଳ ଜଣେ ଗୁରୁତର ଭାବେ ଅସୁସ୍ଥ ଥିବା ମହିଳାଙ୍କର ଏକ ବିରଳ ତଥା ଜୀବନ ପ୍ରତି ବିପଦଜନକ ମାମଲାକୁ ସଫଳତାର ସହ ଚିହ୍ନଟ ଓ ଚିକିତ୍ସା କରି ତାଙ୍କ ଜୀବନ ରକ୍ଷା କରିବାରେ ସଫଳ ହୋଇଛନ୍ତି।

ସିଜରିଆନ୍ ପ୍ରକ୍ରିୟାରେ ପ୍ରସବର ତିନି ଦିନ ପରେ ମହିଳା ଜଣଙ୍କ ପରିସ୍ରାଦ୍ୱାରରେ ଅତ୍ୟଧିକ ଯନ୍ତ୍ରଣା ଓ ରକ୍ତସ୍ରାବର ସମସ୍ୟା ନେଇ ହସ୍ପିଟାଲରେ ପହଞ୍ଚିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ତାଙ୍କର ଶାରୀରିକ ସ୍ଥିତି ଅସ୍ଥିର ହୋଇପଡ଼ିଥିବାରୁ ତୁରନ୍ତ ଚିକିତ୍ସା ଆବଶ୍ୟକ ହୋଇଥିଲା।

ତାଙ୍କୁ କ୍ରିଟିକାଲ୍ କେୟାର ବିଭାଗର ଡାକ୍ତର ଶୁଭଙ୍କର, ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ଅଭିଜିତ୍ ଓ ନେଫ୍ରୋଲୋଜି ବିଭାଗର ଡାକ୍ତର ହାପି ପାତ୍ରଙ୍କ ନେତୃତ୍ୱରେ ଚିକିତ୍ସକମାନେ ମିଳିତ ଭାବେ ଚିକିତ୍ସା କରିବା ସହ ତାଙ୍କର ଜଟିଳ ପରିସ୍ଥିତିର ନିୟନ୍ତ୍ରଣ କରିଥିଲେ।

ହସ୍ପିଟାଲରେ ଉପଲବ୍ଧ ଅତ୍ୟାଧୁନିକ ରୋଗ ନିରୂପଣ ସୁବିଧା ଓ ବିଶେଷଜ୍ଞ ଚିକିତ୍ସା ସେବା ଯୋଗୁଁ ରକ୍ତସ୍ରାବର ମୂଳ କାରଣକୁ ଶୀଘ୍ର ଚିହ୍ନଟ କରାଯାଇପାରିଥିଲା। ।

ସେହିପରି ଡାକ୍ତର ଶ୍ରୀକାନ୍ତ ସୁନ୍ଦରାଙ୍କ ନେତୃତ୍ୱରେ ଇଂଟରଭେନସନାଲ୍ ରେଡିଓଲୋଜି ବିଭାଗର ଏକ ଟିମ୍ ତୁରନ୍ତ ୟୁଟେରାଇନ୍ ଆର୍ଟେରୀ ଏମ୍ବୋଲାଇଜେସନ୍ ପ୍ରକ୍ରିୟା ସଫଳତାର ସହ ସମ୍ପାଦନ କରିଥିଲେ। ଏହି ଅତ୍ୟାଧୁନିକ ଓ ଅଳ୍ପ ଆକ୍ରମଣାତ୍ମକ ପ୍ରକ୍ରିୟା ମାଧ୍ୟମରେ ରକ୍ତସ୍ରାବକୁ ସଫଳତାର ସହ ନିୟନ୍ତ୍ରଣ କରାଯିବା ସହ ବଡ଼ ଧରଣର ଅସ୍ତ୍ରୋପଚାରର ଆବଶ୍ୟକତାକୁ ଏଡ଼ାଯାଇପାରିଥିଲା। ଚିକିତ୍ସା ପରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଦ୍ରୁତ ଉନ୍ନତି ଘଟିଥିଲା ଏବଂ କୌଣସି ଜଟିଳତା ବିନା ସେ ସୁସ୍ଥ ହୋଇଥିଲେ। ପ୍ରାୟ ଏକ ସପ୍ତାହ ମଧ୍ୟରେ ସେ ସୁସ୍ଥ ଓ ସ୍ଥିର ଅବସ୍ଥାରେ ହସ୍ପିଟାଲରୁ ଡିସଚାର୍ଜ ହୋଇଥିଲେ।

## ଶ୍ୱଶୁର ଘରେ ଜ୍ୱାଇଁର ମୃତ୍ୟୁ ସନ୍ଦେହ ଘେରରେ



ନୀଳଗିରି, ୨୮।୮ (ସଂଚାର ବ୍ୟୁରୋ):ରକ୍ଷା ବନ୍ଧନରେ ସ୍ତ୍ରୀ ପିଲାଙ୍କୁ ଧରି ଶୁଶୁର ଘରକୁ ଜ୍ୱାଇଁ ଯାଇଥିବା ବେଳେ ସେଠାରେ ଜ୍ୱାଇଁର ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି।

ସୂଚନା ଯୋଗ୍ୟ ନୀଳଗିରି ଏନ୍‌ଏସି ୨ ନମ୍ବର ୱାର୍ଡ଼ ଘାଟଘରସାହି ଗ୍ରାମ ତଥା ରାଜାବଗିଚା ନିବାସୀ ସୂରିଆ ଓରଫ ସୁରେନ୍ଦ୍ର ନାଥ(୪୧) ବାଲେଶ୍ୱରର ସିନ୍ଧିଆ ପଞ୍ଚାୟତ ଅଧୀନ ନୂଆପଡ଼ା ଗ୍ରାମ ଶ୍ୱଶୁର ଘରକୁ ରାଖୀ ପୂର୍ଣ୍ଣିମାରେ ଯାଇଥିଲେ । ସୁରେନ୍ଦ୍ରଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଥିବା ଖବର ଆସିବା ପରେ ନୀଳଗିରିରେ ଆଲୋଡ଼ନ ଖେଳି ଯାଇଛି।

ଏହା ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସାଧାରଣରେ ଆଲୋଚନା ହେଉଅଛି । ମୃତଦେହକୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇ ଆଜି ବ୍ୟବଚ୍ଛେଦ କରାଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଉନ୍ମୋଚିତ ହେବ।

## ମା' ଭଗବତୀଙ୍କ ମନ୍ଦିରରେ ଗହ୍ମା ପର୍ବ ପାଳିତ



ବାଣପୁର, ୨୮।୮ (ସଂଚାର ବ୍ୟୁରୋ): ଶ୍ରାବଣ ପୂର୍ଣ୍ଣିମା ଦିନ ସମଗ୍ର ଉତ୍କଳରେ ବଡ଼ ଠାକୁର ଶ୍ରୀ ଶ୍ରୀବଳଭଦ୍ର ଦେବଙ୍କ ଜନ୍ମଦିବସ ଭାବରେ ପାଳନ କରାଯାଏ ବିଶେଷକରି ଏହାକୁ ଗହ୍ମା ପର୍ବ ଭାବରେ ମଧ୍ୟ ପ୍ରତି ବିଷ୍ଣୁ ମନ୍ଦିର ରେ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଉଥିବାର ବିଧି ପରମ୍ପରା ଚଳିଆସିଥିବା ବେଳେ ଶକ୍ତିକ୍ଷେତ୍ର ବାଣପୁରର ଆରାଧ୍ୟା ଦେବୀ ମା'ଭଗବତୀଙ୍କ ପୀଠରେ ଏହି ପର୍ବ ପାଳନ କରାଯାଉଥିବା ସଂପୂର୍ଣ୍ଣ ଅନନ୍ୟ ।

ଏହିଦିନ ରାତ୍ର ଚାରିପ୍ରହରରେ ମା'ଙ୍କ ଚଳନ୍ତି ପ୍ରତିମା ସ୍ତମ୍ଭେଶ୍ୱରୀ କାଠିଠାକୁରାଣୀ ବନଦୁର୍ଗା ବେଶରେ ପ୍ରଭୁଚନ୍ଦ୍ରଶେଖର ଓ ଶ୍ରୀଗୋପୀନାଥଙ୍କ ସହିତ ଥାଟପଟୁଆରରେ ନିଯୋଗୀ ସେବାୟତଙ୍କ ସହିତ ଘଣ୍ଟା କାହାଳୀ ଆଲଟ ଚାମର ଛତ୍ର ତରାଶ ଯୋଡ଼ା ମଶାଲ ରେ ବାଜାରୋଶଣୀ ରେ ପୂର୍ବ ଦିଗକୁ ଯାତ୍ରା କରି ସ୍ଥାନୀୟ ବିଷର ପାଟଣା ଛକ ପାଖକୁ ଯାତ୍ରା କରିଥିଲେ । ସେଠାରେ ପୂର୍ବରୁ ପଲେଇ ସେବକଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏକ ବାଲିର ବେଦୀ ଉପରେ ଉପବେଶନ କରିଥିଲେ । ଏକ ବାଛୁରୀକୁ ମଧ୍ୟ ପଲେଇ ସେବକ ବଳଭଦ୍ରଙ୍କ ପ୍ରତୀକ ଭାବରେ ସେଠାରେ ଧରି ରଖିଥିଲେ । ବାଛୁରୀକୁ ଚନ୍ଦନସିନ୍ଦୁର ପୁଷ୍ପମାଲ୍ୟ ପରିଧାନ କରାଯାଇଥିଲା । ପୂଜକ ସେଠାରେ ଦୀପ ଧୂପ ନୈବେଦ୍ୟ ଠା କରି ପଞ୍ଚଉପଚାରରେ ପୂଜା କରିଥିଲେ । କଦଳୀ ପତ୍ରରେ କେବଳ ନଡ଼ିଆପାତି, ଶାକର, ଫଳମୂଳ ନୈବେଦ୍ୟ ଆକାରରେ ଧୂପ କରାଯାଇ ଆଳତି ବଢ଼ିଥିଲା। ପରେ ଘଣ୍ଟକାହାଳୀ ବାଦନରେ ମା'ଙ୍କ ଜୟଜୟକାର ଧ୍ୱନୀରେ ବାଛୁରୀକୁ ବାଲି ବେଦୀ ଡ଼ିଆଇଁ ଗହ୍ମାଡ଼ିଆ ନୀତିକାନ୍ତି ଶେଷ କରାଯାଇଥିଲା । ସେଠାରୁ ମା'କାଠି ଠାକୁରାଣୀ ପୂଜକଙ୍କ ଦୁଆରମାନଙ୍କରେ ଭୋଗ ଖାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ମା'ଙ୍କ ଏହି ନିଆରା ଗହ୍ମାଡ଼ିଆଁ ପର୍ବ ଦେଖିବା ପାଇଁ ଅଗଣିତ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ।

# ପଙ୍ଗୁ ବାୟୋମେଟ୍ରିକ୍: ବେଫିକର୍ ଡାକ୍ତର-କର୍ମଚାରୀ, ହନ୍ତସନ୍ତ ରୋଗୀ

### ଅସ୍ତରଙ୍ଗ-କାକଟପୁରରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ

### କାମ ନକରି ପୁରା ଦରମା ହଡପ




କାକଟପୁର/ଅସ୍ତରଙ୍ଗ, ୨୮।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର ଓ ଅସ୍ତରଙ୍ଗ ବ୍ଲକ ମୁଖ୍ୟତଃ ୩୧ଟି ପଞ୍ଚାୟତରେ ସରକାରୀ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ଏହାର ମୁଖ୍ୟ କାରଣ ହେଉଛି ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ପଙ୍ଗୁ। ସରକାର ଡାକ୍ତର ଓ କର୍ମଚାରୀଙ୍କ ପାଇଁ ବାୟୋମେଟ୍ରିକ ଇନ-ଆଉଟ୍ ବାଧ୍ୟତାମୂଳକ କରିଥିଲେ ମଧ୍ୟ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଏହା ଅଧୀନରେ ଥିବା କାକଟପୁର, ଫକୀରସାହି, ଖଣ୍ଡାସାହି, ରତନପୁର ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ନିୟମ ଖୋଲାଖୋଲି ଉଲ୍ଲଂଘନ ହେଉଛି।

ଅଭିଯୋଗ ଅନୁଯାୟୀ, କର୍ମଚାରୀମାନେ ସଠିକ ସମୟରେ ଡ୍ୟୁଟିକୁ ଆସୁନାହାନ୍ତି। ମନଇଚ୍ଛା ଯାତାୟାତ କରୁଛନ୍ତି। ଡ୍ୟୁଟିରେ ଧରା ପଡିବା ଭୟରେ ବାୟୋମେଟ୍ରିକ ଉପସ୍ଥାନ ପକାଉ ନାହାନ୍ତି। ଅଥଚ ମାସ ଶେଷରେ ପୁରା ଦରମା ଉଠାଉଛନ୍ତି। ଏଥିପାଇଁ ୱାର୍କ ସାର୍ଟିଫିକେଟ ପ୍ରସ୍ତୁତି ସମୟରେ ବାୟୋମେଟ୍ରିକ ତଥ୍ୟକୁ ଗୁରୁତ୍ୱ ଦିଆଯାଉ ନଥିବା ଜଣାପଡିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୀର୍ଘ ୧୦ ବର୍ଷରୁ ଅଧିକ ସମୟ ଗୋଟିଏ ସ୍ଥାନରେ ରହିଥିବାରୁ ମନମାନୀ ବଢ଼ିଛି। ଅଫିସ ରୁମ୍ ଦିନ ୧୧ଟା ପରେ ଖୋଲୁଥିବା ନଜିର ରହିଛି। ଫଳରେ ରୋଗୀ ଓ ସମ୍ପର୍କୀୟମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ଫେରିଯାଉଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ୨୦୨୫ ଜୁନ ୧୨ ତାରିଖରେ ବାୟୋମେଟ୍ରିକ ଉପସ୍ଥାନକୁ କଡାକଡି ପାଳନ କରିବାକୁ ସରକାରୀ ନିର୍ଦ୍ଦେଶ ଜାରି ହୋଇଥିଲା। ପୂର୍ବ ବର୍ଷ ପୂର୍ବତନ ସିଡିଏମଓ ନିଜେ ପରିଦର୍ଶନ କରି ତାଗିଦ କରିଥିଲେ ମଧ୍ୟ ସ୍ଥିତିରେ ସୁଧାର ଆସିନାହିଁ। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୁରୀ ସିଡିଏମଓ ଡା. ସୁକାନ୍ତ କୁମାର ରଥଙ୍କୁ ପଚରାଯିବାରୁ ସେ କହିଛନ୍ତି, ବାୟୋମେଟ୍ରିକ ଆଧାରରେ ଦରମା ପ୍ରଦାନ ବ୍ୟବସ୍ଥାକୁ ଅତ୍ୟନ୍ତ କଡାକଡି କରାଯିବ। ଖୁବ ଶୀଘ୍ର ଅସ୍ତରଙ୍ଗ ଓ କାକଟପୁର ବ୍ଲକ ବାଙ୍ଗୁରୀଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଅନୁଧ୍ୟାନ କରାଯାଇ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କୃଷି ଓ କୃଷକ ସଶକ୍ତିକରଣ ବିଭାଗର ୬ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୨୮।୮(ସଂଚାର ବ୍ୟୁରୋ): ରାଜ୍ୟର ଚାଷୀମାନଙ୍କୁ ସଶକ୍ତ କରିବା ଓ ସେମାନଙ୍କ ଆୟ ବୃଦ୍ଧି କରିବା ଲକ୍ଷ୍ୟରେ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ୬ଟି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ଆଜି ସ୍ୱାକ୍ଷର କରିଛନ୍ତି। ଡିଜିଟାଲ୍ କୃଷି, ଉନ୍ନତ ବିହନ, ଜଳବାୟୁ ସହନଶୀଳତା ଓ ପୋଷଣ କ୍ଷେତ୍ରରେ ସୁଧାର ଆଣିବା ପାଇଁ ଡାକ ବିଭାଗ (ଓଡ଼ିଶା ସର୍କଲ), ଇକ୍ରିସାଟ୍ ଓ ଏମ୍‌ଏସ୍ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ସହ ଏହି ବୁଝାମଣା ପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଛି।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ଏମଓୟୁ ସ୍ୱାକ୍ଷରିତ ହୋଇଥିଲା। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ୬ଟି ଐତିହାସିକ ବୁଝାମଣାପତ୍ର ଓଡ଼ିଶା କୃଷି କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ। ଗ୍ରାମୀଣ ଡାକ ସେବକଙ୍କ ଜରିଆରେ ଏଗ୍ରିଷ୍ଟାକ୍ ପଞ୍ଜିକରଣ ଓ ଇକ୍ରିସାଟ୍

**କୃଷକ ପଞ୍ଜିକରଣ ଓ ଆଇଡି ପ୍ରସ୍ତୁତିରେ ସହାୟତା କରିବେ ଡାକ ସେବକ**

**ଡାଲି ଜାତୀୟ ଫସଲ ପାଇଁ ୪ ଏମଓୟୁ ସ୍ୱାକ୍ଷରିତ**

ଓ ଏମ୍‌ଏସ୍ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ଭଳି ସଂସ୍ଥା ସହ ମିଶି ଆମେ ଚାଷୀଙ୍କୁ ସଶକ୍ତ କରୁଛୁ। ଏହାଦ୍ୱାରା ଡାଲି ଓ ତୈଳବୀଜ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହେବା ସହ ସରକାରୀ ଯୋଜନାଗୁଡ଼ିକ ସିଧାସଳଖ ଚାଷୀଙ୍କ ପାଖରେ ପହଞ୍ଚିପାରିବ।




ସେହିପରି ଡାକ ବିଭାଗ ସହ ହୋଇଥିବା ଚୁକ୍ତି ଦ୍ୱାରା ଗ୍ରାମୀଣ ଡାକ ସେବକମାନେ ଗାଁ ଗାଁରେ ପହଞ୍ଚି ଚାଷୀଙ୍କ ପଞ୍ଜିକରଣ, କୃଷକ ଆଇଡି ପ୍ରସ୍ତୁତି, ସିଏମ୍ କିଷାନ, ପିଏମ୍ କିଷାନ ଇ-କେୱାଇସି ଓ ଆଧାର ସଂଯୋଗୀକରଣ ଭଳି ସେବା ଯୋଗାଇଦେବେ। ଇକ୍ରିସାଟ୍ ସହ ହୋଇଥିବା ୪ଟି ବୁଝାମଣା ମାଧ୍ୟମରେ ଡାଲି, ବୁଟ, ମଟର, ହରଡ଼, ଚିନାବାଦାମ ଓ ରାଶି ଭଳି ଫସଲର ଉନ୍ନତ ଓ ଜଳବାୟୁ ସହନଶୀଳ ବିହନ ପ୍ରସ୍ତୁତ କରାଯିବ। ଏହାଦ୍ୱାରା ଚାଷୀମାନେ ଭଲ ବିହନ ପାଇବା ସହ ସେମାନଙ୍କ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ। ଆଉ ଏମ୍‌ଏସ୍ ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେସନ୍ ସହ ହୋଇଥିବା ବୁଝାମଣା ମାଧ୍ୟମରେ କୋରାପୁଟ ଜିଲ୍ଲାର ୩ ହଜାର କ୍ଷୁଦ୍ର ଚାଷୀଙ୍କ ପାଇଁ 'ପୋଷଣ ପାଇଁ କୃଷି' ପ୍ରକଳ୍ପ ଆରମ୍ଭ ହେବ। ଏଥିରେ ପୋଷକତତ୍ତ୍ୱଯୁକ୍ତ ଫସଲ, ପରିବା ଚାଷ, କୁକୁଡ଼ା ପାଳନ ଓ ମାଛ ଚାଷକୁ ପ୍ରୋତ୍ସାହନ ଦିଆଯିବ, ଯାହାଦ୍ୱାରା ଚାଷୀଙ୍କ ଆୟ ବଢ଼ିବା ସହ ସେମାନଙ୍କ ପରିବାରର ସ୍ୱାସ୍ଥ୍ୟରେ ସୁଧାର ଆସିବ।

**ଘରେ ବାଘ-ଭାଲୁ ରଖନ୍ତୁ, ଆପତ୍ତି ନାହିଁ**

## ଅନ୍ୟଙ୍କୁ ହଇରାଣ କଲେ ହେବ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର, ୨୮।୮(ସଂଚାର ବ୍ୟୁରୋ): ପୋଷା କୁକୁର ରଖିବାକୁ ନେଇ ଆପତ୍ତି ନାହିଁ, ହେଲେ କୁକୁର ଯୋଗୁଁ ଯଦି ଅନ୍ୟ କାହାର ଅସୁବିଧା ହୁଏ, ତେବେ ଆଇନ ଅନୁଯାୟୀ ହେବ କାର୍ଯ୍ୟାନୁଷ୍ଠାନ। ପଟିଆଲାରେ ଦମ୍ପତିଙ୍କୁ କୁକୁର କାମୁଡ଼ିବା ଘଟଣା ପରେ ଭୁବନେଶ୍ୱରର କୁକୁର ମାଲିକଙ୍କୁ ଏଭଳି ସତର୍କ କରାଇଛନ୍ତି ଭୁବନେଶ୍ୱର ସୁଲୋଚନା ଦାସ। ମେୟର କହିଛନ୍ତି ଯେ, ଘରେ କିଏ ବାଘ କିମ୍ବା ଭାଲୁ ରଖନ୍ତୁ, ସେଥିରେ ତାଙ୍କର ଆପତ୍ତି ନାହିଁ। କିନ୍ତୁ ସେହି ପଶୁ କିମ୍ବା ପୋଷା କୁକୁର ଯୋଗୁଁ ଯଦି ଅନ୍ୟ କାହାର ଅସୁବିଧା ହୁଏ, ତେବେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ। ପୋଷା କୁକୁର ରଖୁଥିବା ଲୋକେ ନିଜ ସଉକ ପାଇଁ ନିଜ ଦାୟିତ୍ୱରେ କୁକୁର ରଖନ୍ତୁ। ହେଲେ କୁକୁରକୁ ନିଜ ନିୟନ୍ତ୍ରଣରେ ରଖିବା ମାଲିକଙ୍କ ଦାୟିତ୍ୱ। ବାହାରେ କୁକୁରକୁ ମଳତ୍ୟାଗ କରାଇବା, ବିଏମ୍‌ସିର ସୌନ୍ଦର୍ଯ୍ୟକରଣକୁ ନଷ୍ଟ କରିବା କିମ୍ବା କୁକୁରକୁ ନିୟନ୍ତ୍ରଣରେ ନରଖିବା ଭଳି କାର୍ଯ୍ୟକୁ ବରଦାସ୍ତ କରାଯିବ ନାହିଁ। ବିଶେଷକରି କୁକୁର ଯେପରି ଅନ୍ୟ ଲୋକଙ୍କୁ ଆକ୍ରମଣ ନକରେ, ସେଥିପାଇଁ ମାଲିକମାନେ ଯତ୍ନବାନ ହେବା ଆବଶ୍ୟକ। ଲିଫ୍ଟରେ କୁକୁରକୁ ନେବା ସମୟରେ ମଧ୍ୟ ଅନ୍ୟ ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖିବାକୁ ମେୟର ପରାମର୍ଶ ଦେଇଛନ୍ତି। କୁକୁର ପାଳିବା ଉପରେ ବିଏମ୍‌ସିର କୌଣସି ଆପତ୍ତି ନାହିଁ। କିନ୍ତୁ ପୋଷା କୁକୁର ଯୋଗୁଁ ସାଧାରଣ ଲୋକ ହଇରାଣ ହେଲେ କିମ୍ବା କୌଣସି ଅଘଟଣ ଘଟିଲେ ମାଲିକଙ୍କୁ ଏଥିପାଇଁ ଦାୟୀ ରହିବାକୁ ପଡ଼ିପାରେ ବୋଲି ସେ କହିଛନ୍ତି।



## ସ୍ୱାୟତ୍ତ ଶାସନ ଦିବସ ପାଳନ ପ୍ରସ୍ତୁତିର ସମୀକ୍ଷା କଲେ ଏସିଏସ୍

ଭୁବନେଶ୍ୱର ୨୮।୮ (ସଂଚାର ବ୍ୟୁରୋ): ଆସନ୍ତା ଅଗଷ୍ଟ ୩୧ ତାରିଖରେ ପାଳିତ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସର ପ୍ରସ୍ତୁତି ଓ ବ୍ୟବସ୍ଥା ସମ୍ପର୍କରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଏସିଏସ୍) ଉଷା ପାଢ଼ୀ ଆଜି ସମୀକ୍ଷା କରିଛନ୍ତି। ବୈଠକରେ ଶ୍ରୀମତୀ ପାଢ଼ୀ ପ୍ରସ୍ତାବିତ କାର୍ଯ୍ୟକ୍ରମ ଓ ବିଭିନ୍ନ ବ୍ୟବସ୍ଥାର ଏଜେଣ୍ଡା ଅନୁଯାୟୀ ସମୀକ୍ଷା କରିଥିଲେ। ଆନୁଷ୍ଠାନିକ କାର୍ଯ୍ୟକ୍ରମ, ଜନସାଧାରଣଙ୍କ ପାଇଁ ବିଭିନ୍ନ ନାଗରିକମୁଖୀ ପଦକ୍ଷେପ, କାର୍ଯ୍ୟକ୍ରମସ୍ଥଳର ବ୍ୟବସ୍ଥା, ଜନଭାଗୀଦାରୀ, ପ୍ରଚାରପ୍ରସାର ଓ ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟ ଉପରେ ସେ ବିସ୍ତୃତ ଆଲୋଚନା କରିଥିଲେ।

ନାଗରିକ-କେନ୍ଦ୍ରିକ ସେବା ପ୍ରଦାନ, ସମାବେଶୀ ନଗର ଉନ୍ନୟନ ଓ ସ୍ଥାନୀୟ ସ୍ୱଶାସନକୁ ସୁଦୃଢ଼ କରିବାରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକର ଭୂମିକା ଓ ସଫଳତାକୁ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଭାବେ ସ୍ୱାୟତ୍ତ ଶାସନ ଦିବସର ଗୁରୁତ୍ୱ ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଥିଲେ। ସମସ୍ତ କାର୍ଯ୍ୟକ୍ରମର ସୁଚିନ୍ତିତ ଯୋଜନା, ବିଭାଗୀୟ ସମନ୍ୱୟ ଓ ସମୟବଦ୍ଧ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ କହିଥିଲେ।

କାର୍ଯ୍ୟକ୍ରମର ପ୍ରତ୍ୟେକ ଦିଗ ପ୍ରତି ଯଥୋଚିତ ଧ୍ୟାନ ଦେବା ସହ ସମସ୍ତ ପ୍ରସ୍ତୁତି ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗ, ସମ୍ପୃକ୍ତ ସଂସ୍ଥା ଓ ପୌରାଞ୍ଚଳ ମଧ୍ୟରେ ନିରନ୍ତର ସମନ୍ୱୟ ରକ୍ଷା କରି କାର୍ଯ୍ୟକ୍ରମକୁ ସୁଚାରୁ ଓ ସଫଳ ଭାବେ ସମ୍ପାଦନ କରିବା ଉପରେ ସେ ଜୋର ଦେଇଥିଲେ।

● ପାର୍ଟିସନ ପାଇଁ ନେଉଥିଲେ ଲାଞ୍ଚ

## ଜେଆର୍‌ଏଙ୍କୁ ବାନ୍ଧିଲା ଭିଜିଲାନ୍ସ



ପାଟଣା, ୨୮।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ପାଟଣା ତହସିଲରେ କାର୍ଯ୍ୟରତ କନିଷ୍ଠ ରାଜସ୍ୱ ସହାୟକ (ଜେଆର୍‌ଏ) ବିଏଚ୍ ଉମାଶଙ୍କର ମ୍ୟୁଟେସନ ପାଇଁ ଜଣେ ଆବେଦନକାରୀଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଆଜି ପୂର୍ବାହ୍ନରେ ଭିଜିଲାନ୍ସ ଗିରଫ କରିଛି। କେନ୍ଦୁଝର ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀଙ୍କ ନେତୃତ୍ୱରେ ଏକ ଟିମ୍ ପାଟଣା ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ଡଲଙ୍ଗ ଅଞ୍ଚଳର ଜଣେ ବ୍ୟକ୍ତି ପରିବାରର ଜମି ପାର୍ଟିସନ ପାଇଁ ଆବେଦନ କରିଥିବା ବେଳେ ଉମାଶଙ୍କର ତାଙ୍କୁ ଲାଞ୍ଚ ମାଗିଥିବା ଅଭିଯୋଗ ହୋଇଥିଲା। ଏନେଇ ସମ୍ପୃକ୍ତ ବ୍ୟକ୍ତି ଗତ ବୁଧବାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ଗୁରୁବାର ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହାପରେ ତହସିଲଦାର ଅଶ୍ୱିନୀ କୁମାର ନାଏକ ଓ ମୁଖ୍ୟ କିରାଣିଙ୍କଠାରୁ ଉମାଶଙ୍କରଙ୍କ ସମ୍ପର୍କିତ ବିଭିନ୍ନ ଫାଇଲ ନେଇ ଭିଜିଲାନ୍ସ ଟିମ୍ ଯାଞ୍ଚ ଚଳାଇଛି।

## ଏସ୍‌ସିବି ମେଡିକାଲ କଲେଜର ଡାଟା ଏଣ୍ଟ୍ରି ଅପରେଟର୍ ଗିରଫ

**୧.୪୦ କୋଟି ଟଙ୍କା ହେରଫେର ଅଭିଯୋଗ**



କଟକ, ୨୮।୮ (ସଂଚାର ବ୍ୟୁରୋ): ଏସ୍‌ସିବି ମେଡିକାଲ କଲେଜର ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଗିରଫ କରାଯାଇଛି। ଏସସିବି ମେଡିକାଲ କଲେଜରେ ଆର୍ଥିକ ହେରଫେର ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ପୂର୍ବରୁ ଏସସିବି ଅଧୀକ୍ଷକଙ୍କ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଅଟକ ରଖି ମଙ୍ଗଳାବାଗ ଥାନା ପୁଲିସ ପଚରାଉଚରା କରୁଥିଲା। ୧ କୋଟି ୪୦ ଲକ୍ଷ ଟଙ୍କାର ଆର୍ଥିକ ହେରଫେର ହୋଇଥିବା ନେଇ ଅଧୀକ୍ଷକ ପ୍ରଫେସର ଜ୍ୟୋତିଷ୍ଠ ଚନ୍ଦ୍ର ଚୌଧୁରୀ ଅଭିଯୋଗ ଆଣିଥିଲେ। ବିଏନ୍‌ଏସ୍ ଧାରା ୩୧୬ (୪) ଅନୁଯାୟୀ ମଙ୍ଗଳାବାଗ ପୁଲିସ୍ ମାମଲା ରୁଜୁ କରିଛି। ଗତ ୧୦ ବର୍ଷ ଭିତରେ ଏକ ବ୍ୟାଙ୍କ ଆକାଉଣ୍ଟରେ ୨୦୭ ଥର ଟଙ୍କା ଦେଣନେଣ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। କର୍ମଚାରୀମାନଙ୍କ ଦରମା ସମ୍ପର୍କିତ କାର୍ଯ୍ୟ ଡାଟା ଏଣ୍ଟ୍ରି ଅପରେଟରଙ୍କ ଜରିଆରେ ହେଉଥିଲା। ଏହି ଘଟଣାକୁ ନେଇ ତଦନ୍ତ ପରେ ମଙ୍ଗଳାବାଗ ପୁଲିସ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଉକ୍ତ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ପୁଲିସ ଗିରଫ କରିଛି। ତେବେ ଏତେ ବଡ଼ ଆର୍ଥିକ ଅନିୟମିତତା କିପରି ହେଲା, ଏଥିରେ ଆଉ କେଉଁମାନଙ୍କର ସମ୍ପୃକ୍ତି ରହିଛି ଏବଂ ଏହି ଟଙ୍କା କେଉଁଠି ଖର୍ଚ୍ଚ ହୋଇଛି, ତା' ଜାଣିବା ସକାଶେ ପୁଲିସ୍ ତା'ର ତଦନ୍ତ ଜାରି ରଖିଛି।

## ନାବାଳିକା ଦୁଷ୍କର୍ମ ମାମଲାରେ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

ରାୟଗଡ଼ା, ୨୮।୮ (ସଂଚାର ବ୍ୟୁରୋ): ନାବାଳିକା ଦୁଷ୍କର୍ମ ମାମଲାରେ ଦୋଷୀକୁ ୨୦ବର୍ଷ ଜେଲ୍‌ଦଣ୍ଡାଦେଶ। ଏଥିସହ ୧୦ ହଜାର ଟଙ୍କା ଜରିମାନା ଦାଖଲ ପାଇଁ ମଧ୍ୟ ଆଦେଶ ଦିଆଯାଇଛି। ନାବାଳିକା ଦୁଷ୍କର୍ମ ମାମଲାରେ ଏହି ରାୟ ଅଦାଲତ ଦେଇଛନ୍ତି। ଅଭିଯୁକ୍ତ ଚିତ୍ରସେନ ପାଲକାଙ୍କୁ ଏହି ଦଣ୍ଡାଦେଶ ହୋଇଛି। ଏଥିସହ ଜରିମାନା ଅନାଦେୟ ପରିପ୍ରେକ୍ଷୀରେ ଅତିରିକ୍ତ ଏକ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ରାୟଗଡ଼ା ଜିଲ୍ଲା ଆମ୍ବଦଳା ଥାନାଞ୍ଚଳର ଏଡିଜେ ସଞ୍ଜୀବ କୁମାର ବେହେରା ଏହି ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ପାଇଁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦୨୩ ଫେବ୍ରୁଆରୀ ୨୩ ତାରିଖରେ ସ୍କୁଲରୁ ଫେରୁଥିବା ଜନୈକା ନାବାଳିକାଙ୍କୁ ଆମ୍ବଦଳା ଥାନାଞ୍ଚଳରେ ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଆମ୍ବଦଳା ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ଚିତ୍ରସେନକୁ ପୁଲିସ ଗିରଫ କରିଥିଲା। ପୁଲିସ ତଦନ୍ତ ସମୟରେ ମୋଟ ୨୯ ଜଣ ସାକ୍ଷୀଙ୍କ ମଧ୍ୟରୁ ୨୮ ଜଣଙ୍କ ସାକ୍ଷ୍ୟକୁ ଆଧାର କରି ଅଦାଲତରେ ପ୍ରମାଣ ଉପସ୍ଥାପନ କରିଥିଲା।



ରକ୍ଷା ବନ୍ଧନ ତଥା ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ଅବସରରେ ବାଚସ୍ପତି ସୁରମା ପାଢ଼ୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାକ୍ଷୀ ପିନ୍ଧାଉଛନ୍ତି

## ନବମ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ: ମାମଲା ରୁଜୁ

ନବରଙ୍ଗପୁର, ୨୮।୮ (ସଂଚାର ବ୍ୟୁରୋ): ସ୍କୁଲ ସମୟରେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଜୋରଜବରଦସ୍ତି ଦୁଷ୍କର୍ମ ହୋଇଥିବା ନେଇ ଅଭିଯୋଗ ଆସିଛି। ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ଥାନାଞ୍ଚଳରୁ ଏଭଳି ଏଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଘଟଣାକୁ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ପୁଲିସରେ ଅଭିଯୋଗ ପରେ ଦୁଷ୍କର୍ମ ଓ ପକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇଛି। ଅଭିଯୋଗର ତଦନ୍ତ ଚାଲିଥିବା ସମୟରେ ଅଭିଯୁକ୍ତକୁ ଧରିବା ପାଇଁ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ଗତ ୨୧ ତାରିଖରେ ତେନ୍ତୁଲିଖୁଣ୍ଟି ଥାନାଞ୍ଚଳର ଏକ ହାଇସ୍କୁଲରେ ଘଟିଥିଲା ଏହି ଘଟଣା। ମଧ୍ୟାହ୍ନଭୋଜନ ପରେ ଷଷ୍ଠ ପିରିୟଡ୍‌ରେ ପାଠପଢ଼ା ଚାଲିଥିବା ସମୟରେ ଉକ୍ତ ନବମ ଶ୍ରେଣୀ ଛାତ୍ରୀ ପରିସ୍ରା କରିବାକୁ ସ୍କୁଲ ପରିସର ବାହାରକୁ ଯାଇଥିଲେ। ସେହି ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ପାଟି ଚାପି ଧରିବା ସହ ତାଙ୍କ ଡ୍ରେସ୍ ଚିରି ଦୁଷ୍କର୍ମ କରିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏପରିକି ବେକରେ ଛୁରି ଲଗାଇ ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ପୁଣି ଦୁଷ୍କର୍ମ କରିବା ସହ ହତ୍ୟା କରିବାକୁ ପୀଡ଼ିତାଙ୍କୁ ଧମକ ଦିଆଯାଇଥିବା ତାଙ୍କ ମା' ଅଭିଯୋଗ କହିଛନ୍ତି। ଭୟଭୀତ ଅବସ୍ଥାରେ ଛାତ୍ରୀ ଜଣଙ୍କ ସ୍କୁଲକୁ ଦୌଡ଼ି ଆସି ଶିକ୍ଷକଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ଡ୍ରେସ୍ ବଦଳାଇବା ସହ ଘଟଣାକୁ ନେଇ ପରିବାରକୁ ସୂଚନା ଦେଇଥିଲେ। ଏହାପରେ ଥାନାରେ ଅଭିଯୋଗ ହୋଇଥିଲା।

ତେବେ ପୁଲିସ ତଦନ୍ତରେ ନିଷ୍କ୍ରିୟତା ଅଭିଯୋଗ କରିଛି ପୀଡ଼ିତାଙ୍କ ପରିବାର। ମାମଲାକୁ ଚାପି ଦେବା ଓ ଅଭିଯୁକ୍ତକୁ ଖସାଇ ଦେବାକୁ ଉଦ୍ୟମ ହୋଇଥିବା ନେଇ ମଧ୍ୟ ପରିବାର ସନ୍ଦେହ ପ୍ରକାଶ କରିଛନ୍ତି। ତୁରନ୍ତ ଅଭିଯୁକ୍ତକୁ ଗିରଫ କରି ପରିବାରକୁ ନ୍ୟାୟ ଦେବା ସକାଶେ ଦାବି ହୋଇଛି। ତେବେ ଛାତ୍ରୀଙ୍କ ଅଭିଯୋଗ ପରେ ସ୍କୁଲ କର୍ତ୍ତୃପକ୍ଷ ଓ ସ୍କୁଲ ପରିଚାଳନା କମିଟି ସ୍ଥାନୀୟ ପୁଲିସ ଫାଣ୍ଡିରେ ଅଭିଯୋଗ କରି ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ସ୍କୁଲ୍ ଓ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ ମିଳିବା ପରେ ଦୁଷ୍କର୍ମ ଓ ପକ୍‌ସୋ ଆକ୍ଟରେ ୨୦୨/୨୬ ନମ୍ବରରେ ମାମଲା ରୁଜୁ ହୋଇଥିବା ପୁଲିସ୍ ସ୍ପଷ୍ଟ କରିଛି। ସିସିଟିଭି ଫୁଟେଜ୍, ସିଡିଆର୍ ଓ ମୋବାଇଲ୍ ଲୋକେସନ୍ ଯାଞ୍ଚ କରାଯାଉଛି।

## ବାରିପଦାରେ ଯୁବପିଢ଼ିଙ୍କୁ ଉତ୍ସାହିତ କଲା 'ଖେଲୋ ଇଣ୍ଡିଆ ସଂଳାପ'

ଭୁବନେଶ୍ୱର, ୨୮।୮ (ସଂଚାର ବ୍ୟୁରୋ): ବାରିପଦା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସରରେ 'ଖେଲୋ ଇଣ୍ଡିଆ ସଂଳାପ- ଖେଲ୍ କି ବାତ୍ ପିଏମ୍ ମୋଦି କେ ସାଥ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏକ ସୁସ୍ଥ, ସଶକ୍ତ ତଥା କ୍ରୀଡ଼ାଭିତ୍ତିକ ଭାରତ ଗଠନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ସହ ଯୋଡ଼ି ହେବା ନିମନ୍ତେ ଏହା ଯୁବ ଛାତ୍ରଛାତ୍ରୀମାନଙ୍କୁ ଏକ ଉତ୍ସାହଜନକ ମଞ୍ଚ ପ୍ରଦାନ କରିଛି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ବିଶ୍ୱବିଦ୍ୟାଳୟର କୁଳପତି ମହେନ୍ଦ୍ର ମହାନ୍ତି, ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଦିବ୍ୟରଞ୍ଜନ ଦାସ ଓ ରଶ୍ମିତା ସାହୁ ଉପସ୍ଥିତ ଥିଲେ। ସେମାନେ ଉତ୍ସାହୀ ଛାତ୍ରଛାତ୍ରୀଙ୍କ ସହ ମିଶି ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ।

ମନ୍ତ୍ରୀ ଡଃ ମହାପାତ୍ର ଯୁବପିଢ଼ିଙ୍କ ସଶକ୍ତୀକରଣ ତଥା ସେମାନଙ୍କ ମଧ୍ୟରେ ଶୃଙ୍ଖଳା, ଆତ୍ମବିଶ୍ୱାସ, ଦୃଢ଼ ସଂକଳ୍ପ, ଦଳଗତ ମନୋଭାବ ଓ ନେତୃତ୍ୱ ଗୁଣ ବିକଶିତ କରିବାରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। 'ଖେଲୋ ଇଣ୍ଡିଆ' ଭଳି ପଦକ୍ଷେପ ଉଦୀୟମାନ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରତିଭା ଚିହ୍ନଟ, ଉନ୍ନତ ତାଲିମ ଓ ଭିତ୍ତିଭୂମି ଯୋଗାଇଦେଇ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେମାନଙ୍କ ସ୍ୱପ୍ନ ସାକାର କରିବା ପାଇଁ ନୂତନ ସୁଯୋଗ ସୃଷ୍ଟି କରୁଛି। ଯୁବପିଢ଼ିଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ କିପରି ସମଗ୍ର ଦେଶରେ କ୍ରୀଡ଼ା ପ୍ରତିଭା ଚିହ୍ନଟ, ଉତ୍ସାହିତ ଓ ସହାୟତା ପ୍ରଦାନ କରିବାରେ 'ଖେଲୋ ଇଣ୍ଡିଆ' ଏକ ଶକ୍ତିଶାଳୀ ମଞ୍ଚ ଭାବେ ଉଭା ହୋଇଛି। ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ଉପଯୁକ୍ତ ସୁଯୋଗ, ଗୁଣାତ୍ମକ ତାଲିମ, ଭିତ୍ତିଭୂମି, ଉତ୍ସାହ ଓ ଆନୁଷ୍ଠାନିକ ସହାୟତା ଯୋଗାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।




● ନିଦ ହଜାଇ ଦେଇଛନ୍ତି ଷଣ୍ଢ ପଲ

## ଥାନାରେ ପହଞ୍ଚିଲେ ଶତାଧିକ ଚାଷୀ



ବଳଙ୍ଗା, ୨୮।୮ (ସଂଚାର ବ୍ୟୁରୋ): ଦିନ ହେଉ କି ରାତି। କୁଆଡ଼େ ଚାଷ ଜମିରେ ଚାଷୀଙ୍କ ନିଦ ହଜାଇ ଦେଇଛନ୍ତି ଷଣ୍ଢ ପଲ। ପନିପରିବା ବିଲ ହେଉ କି ଅମଳ ଅପେକ୍ଷାରେ ଥିବା ଧାନ ଫସଲ। ଯୁଆଡ଼େ ଚାହିଁଲେ ସିଆଡ଼େ ପଶିଯାଉଛନ୍ତି ଷଣ୍ଢ। ମାଡ଼ି ଦଳି ନଷ୍ଟ କରୁଛନ୍ତି ଚାଷୀଙ୍କ ମାସ ମାସର ପରିଶ୍ରମ। ପୁରୀ ଜିଲ୍ଲା ବଳଙ୍ଗା ଥାନାଞ୍ଚଳରେ ଏବେ ଷଣ୍ଢ ଓ ଅଣ୍ଡିରା ବାଛୁରୀଙ୍କ ଉତ୍ପାତ ଚାଷୀଙ୍କ ପାଇଁ ବଡ଼ ମୁଣ୍ଡବ୍ୟଥାର କାରଣ ହୋଇଛି। ସ୍ଥାନୀୟ ଅଞ୍ଚଳର ଉଚ୍ଛୁପୁର, ଗୋପୀନାଥପୁର, ବଳଙ୍ଗା, ଚନ୍ଦ୍ରଦେଇପୁର ଓ ରୁପୁଦେଇପୁର ଆଦି ପଞ୍ଚାୟତର ଶହ ଶହ ଚାଷୀ ଏଥିରେ ପ୍ରଭାବିତ ହୋଇଛନ୍ତି। ଅଭିଯୋଗ ହେଉଛି ଯେ ଅଞ୍ଚଳରେ କାଞ୍ଜିଆହୁଦା ବ୍ୟବସ୍ଥା ନଥିବାରୁ ମାଳ ମାଳ ଷଣ୍ଢ ଓ ଅଣ୍ଡିରା ବାଛୁରୀ ରାସ୍ତାଘାଟରୁ ଆରମ୍ଭ କରି ଚାଷ ଜମି ଯାଏଁ ସବୁଠି ଘୂରି ବୁଲୁଛନ୍ତି। ଫଳରେ ବିଲରେ କଷ୍ଟ କରି ଫସଲ ଫଳାଇଥିବା ଚାଷୀଟି ରାତିରେ ବି ଟିକେ ଶୋଇପାରୁନାହିଁ। ବିଲରେ ଫସଲ ବି ସୁରକ୍ଷିତ ରହିପାରୁନାହିଁ। ବର୍ଷକର ପରିଶ୍ରମକୁ କେଇ ମିନିଟ୍‌ରେ ମାଟିରେ ମିଶାଇ ଦେଉଛନ୍ତି ଷଣ୍ଢ ପଲ। ଏପରି ଏକ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଆଜି ଶତାଧିକ ଚାଷୀ ବଳଙ୍ଗା ଥାନାରେ ପହଞ୍ଚିବା ସହ ଷଣ୍ଢ ଓ ଅଣ୍ଡିରା ବାଛୁରୀଙ୍କ ଉତ୍ପାତରୁ ସେମାନଙ୍କ ଚାଷ ଜମିକୁ ସୁରକ୍ଷା ଦେବାକୁ ଦାବି କରିଛନ୍ତି।

**ଦଣ୍ଡମୁକ୍ତ ସ୍କୁଲରେ ଦଣ୍ଡ ଅଭିଯୋଗ**

## ଛାତ୍ରଙ୍କ ହାତରେ ଅସ୍ତ୍ରୋପଚାର, ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ

କୋରାପୁଟ, ୨୮।୮ (ସଂଚାର ବ୍ୟୁରୋ): ସ୍କୁଲ ହେଉଛି ପିଲାଙ୍କ ପାଇଁ ନିରାପଦ ଓ ଭୟମୁକ୍ତ ଶିକ୍ଷାର ସ୍ଥାନ। ମାତ୍ର ଯେଉଁଠି ଶିକ୍ଷାର୍ଥୀଙ୍କୁ ଦଣ୍ଡ ନ ଦେବାର ନିୟମ ରହିଛି, ସେହି ସ୍କୁଲରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ମାଡ଼ ମାରିଥିବା ଅଭିଯୋଗ ଏବେ ଚର୍ଚ୍ଚାର ବିଷୟ ହୋଇଛି। କୋରାପୁଟ ବ୍ଲକ ଅନ୍ତର୍ଗତ ଲେନ୍ଦ୍ରିମାଲିଗୁଡ଼ା ସ୍କୁଲରେ ଏହି ଘଟଣା ଘଟିଥିବା ଛାତ୍ରଙ୍କ ପରିବାର ଅଭିଯୋଗ କରିଛନ୍ତି। ଛାତ୍ରଙ୍କ ମା' ରଶ୍ମିତା ମାଲିଙ୍କ କହିବାନୁସାରେ, ଗତ ସୋମବାର ପୁଅ ସ୍କୁଲକୁ ଯାଇଥିଲା। କିଛି ସମୟ ପରେ ସେ ଘରକୁ ଫେରି କାନ୍ଦୁଥିବା ଦେଖି ପରିବାର ଲୋକେ ଘଟଣା ସମ୍ପର୍କରେ ପଚାରିଥିଲେ। ପରେ ପରିବାର ପକ୍ଷରୁ ଶିକ୍ଷୟିତ୍ରୀ ବନଲତା ସ୍ୱାଇଁ କାହିଁକି ଛାତ୍ର ଜଣଙ୍କୁ ମାଡ଼ ମାରିଲେ, ସେନେଇ ଜାଣିବାକୁ ଚାହିଁଥିଲେ। ଏହାପରେ ସ୍କୁଲର ପ୍ରଧାନଶିକ୍ଷକ ଶ୍ରୀକାନ୍ତ ବାରିକ ଛାତ୍ରଙ୍କୁ ପୋଡ଼ାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ହସ୍ପିଟାଲରେ ଛାତ୍ର ମାଡ଼ ଖାଇଥିବା କଥା ନ କହି ପଡ଼ିଯାଇଥିବା କହିବାକୁ



ପ୍ରଧାନଶିକ୍ଷକ କହିଥିବା ଛାତ୍ରଙ୍କ ମା' ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରୁ ଔଷଧ ଦେଇ ସ୍କୁଲ୍ କର୍ତ୍ତୃପକ୍ଷ ଛାତ୍ରଙ୍କୁ ଘରକୁ ପଠାଇ ଦିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଛାତ୍ରଙ୍କ ହାତ ଫୁଲିଯିବା ସହ ପ୍ରବଳ ଯନ୍ତ୍ରଣା ହେବାରୁ ତାଙ୍କୁ କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏପରିକି ଛାତ୍ରଙ୍କ ହାତରେ ଅପରେସନ୍ ହୋଇଥିବା ତାଙ୍କ ମା' କହିଛନ୍ତି। ତେବେ ଛାତ୍ରଙ୍କ ଅବସ୍ଥା ଗୁରୁତର ହୋଇଥିଲେ ମଧ୍ୟ ଘଟଣା ପରେ ସ୍କୁଲର ପ୍ରଧାନଶିକ୍ଷକ କିମ୍ବା ସମ୍ପୃକ୍ତ ଶିକ୍ଷୟିତ୍ରୀ ହସ୍ପିଟାଲକୁ ଆସି ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିନାହାନ୍ତି। ଦଣ୍ଡମୁକ୍ତ

**ତଦନ୍ତ ହେବା ନେଇ ଡିଇଓଙ୍କ ପ୍ରତିଶ୍ରୁତି**

ଶିକ୍ଷା ବ୍ୟବସ୍ଥା ନେଇ ସରକାରୀ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଜଣେ ଛାତ୍ରଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ଆସିବା ଘଟଣାକୁ ନେଇ ଅଭିଭାବକ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି। ପରିବାର ପକ୍ଷରୁ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି କରାଯାଇଛି। ଅନ୍ୟପକ୍ଷରେ ଏପରି ଏକ ଅଭିଯୋଗ ହସ୍ତଗତ ହୋଇଛି ଓ ଏହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) କରୁଣାକର ଭୁଏ ପ୍ରତିଶ୍ରୁତି ଦେଇଛନ୍ତି।

## ସ୍କୁଲ ସମ୍ମୁଖ ନୋ-ଭେଣ୍ଡିଂଜୋନ୍‌ରେ ପରିବା ହାଟ

କଟକ, ୨୮।୮ (ସଂଚାର ବ୍ୟୁରୋ): କଟକ ସହରରେ ତାଳଦଣ୍ଡା କେନାଲ ଉଭୟ ପାର୍ଶ୍ୱ ଯିବାଆସିବା ଓ ସୌନ୍ଦର୍ଯ୍ୟକରଣ ପାଇଁ

**ପରିମଳ ବିପର୍ଯ୍ୟସ୍ତ ଯୋଗୁଁ ସଂକ୍ରମଣ ଆଶଙ୍କା**

କୋଟି କୋଟି ଅର୍ଥ ବ୍ୟୟ ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଓ ଅପାରଗତା ଯୋଗୁଁ ରାସ୍ତାକଡରେ ପାହାଡ଼ ପରି ଅଳିଆ ଆବର୍ଜନା ଗଦା ହୋଇଥିବା ଦେଖାଯାଉଛି। ସହରରେ ସଫେଇ କାର୍ଯ୍ୟ ପାଇଁ ୩ଟି ଠିକାସଂସ୍ଥା ବାବଦରେ ମାସିକ କୋଟି କୋଟି ଟଙ୍କା ବ୍ୟୟ ହେଉଥିବା ସହ ପରିମଳ ବିଭାଗ ଅଧିକାରୀ କାର୍ଯ୍ୟ ତଦାରଖ ପାଇଁ ସରକାରୀ ଗାଡ଼ି ବାବଦରେ ଲକ୍ଷାଧିକ ଟଙ୍କା ମାସିକ ବ୍ୟୟ ସହ ଏକାଧିକ କର୍ମଚାରୀ ନିୟୋଜିତ କେବଳ ନାମକୁ ମାତ୍ର କାର୍ଯ୍ୟ ଦର୍ଶାଇ ବ୍ୟାପକ ଅର୍ଥ ଲୁଟ୍ କରିବା ଅଭିଯୋଗ ହେଉଥିବା ଯୋଗୁଁ ସୂଚନା ଅଧିକାର ଆଇନରେ ତଥ୍ୟ ମିଳୁନାହିଁ।

କଟକ ମାତୃ ଭବନ ସ୍କୁଲ ସମ୍ମୁଖରେ ଥିବା ନୋ ଭେଣ୍ଡିଂ ଜୋନ ସ୍ଥାନରେ ବେଆଇନ ଭାବେ ଜବରଦସ୍ତ ଜବରଦଖଲ କରି ପରିବା ହାଟ ହୋଇଥିବା ଯୋଗୁଁ ବର୍ଷା ଦିନରେ ପଚାସଢ଼ା ପରିବା ପଡ଼ି ଦୁର୍ଗନ୍ଧ ହେବା ସହ ସଂକ୍ରମଣ ଆଶଙ୍କା ରହୁଛି। ପରିବା ହାଟକୁ କିଣାକିଣି କରିବାକୁ ଆସୁଥିବା ଲୋକମାନେ ରାସ୍ତା ଉପରେ ଗାଡ଼ି ପାର୍କିଂ ଯୋଗୁଁ ସ୍କୁଲ ଛାତ୍ରଛାତ୍ରୀ ଯିବାଆସିବା କରିବା ସମୟରେ ଦୁର୍ଘଟଣା ଘଟୁଥିବା ବେଳେ ସ୍ଥାନୀୟ ପୁଲିସ ପ୍ରଶାସନ ଓ କଟକ ମହାନଗର ନିଗମ ଅଧିକାରୀ ନୀରବଦ୍ରଷ୍ଟା ସାଜିଛି। ଏଥିପାଇଁ ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ କର୍ମଚାରୀ ଓ ଅଞ୍ଚଳବାସୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ସମସ୍ତଙ୍କ ସୁରକ୍ଷା ନିମନ୍ତେ ନୋ ଭେଣ୍ଡିଂ ଜୋନରେ ବେଆଇନ ଭାବେ ହୋଇଥିବା ପରିବା ହାଟକୁ ଉଚ୍ଛେଦ କରିବା ସହ କେଏମସି ନିୟମିତ ସଫେଇ କାର୍ଯ୍ୟ କରି ବିଶୋଧନ କରିବା ପାଇଁ ସୂଚନାଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ କେଏମସି କମିଶନର, ମେୟର, ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷ, ଜିଲ୍ଲାପାଳ, ଡିସିପିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।




## ନଦୀକୁ ଡେଇଁ ଯୁବକ ନିଖୋଜ

**ପୋଲ ଉପରେ ରହିଛି ଗାଡ଼ି**

ଜଗତସିଂହପୁର, ୨୮।୮ (ସଂଚାର ବ୍ୟୁରୋ): ନଦୀକୁ ଡେଇଁ ନିଖୋଜ ହୋଇଯାଇଛନ୍ତି ଜନୈକ ଯୁବକ। ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଶିଖର ଘାଟ ପୋଲ ଉପରୁ ଉକ୍ତ ଯୁବକ ଜଣଙ୍କ ନଦୀକୁ ଡେଇଁପଡ଼ିଛନ୍ତି। ଶିଖର ଘାଟ ଦେବୀ ନଦୀ ପୋଲ ଉପରେ ଗାଡ଼ି ରଖି ସମ୍ପୃକ୍ତ ଯୁବକ ଜଣଙ୍କ ଦେବୀ ନଦୀକୁ ଡେଇଁପଡ଼ିଛନ୍ତି। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ନିଖୋଜ ଯୁବକ ଜଣଙ୍କ ତିହୁଡ଼ା ଗାଁର ଶିଖର ପାଢ଼ୀଙ୍କ ୨୨ ବର୍ଷୀୟ ପୁଅ ଶୈଳେଶ ପାଢ଼ୀ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଆଜି ଭୋର ସମୟରେ ଶୈଳେଶ ଦେବୀ ନଦୀ ଘାଟ ପୋଲ ଉପରେ ତାଙ୍କ ସ୍କୁଟିକୁ ରଖିଦେଇ ଦେବୀ ନଦୀକୁ ଡେଇଁ ପଡ଼ିଥିଲେ। ତେବେ ଦୀର୍ଘ ସମୟ ଧରି ସ୍କୁଟିଟି ପୋଲ ଉପରେ ରହିଥିବା ଦେଖି ସ୍ଥାନୀୟ ଲୋକେ ନାଉଗାଁ ଅଗ୍ନିଶମ ବାହିନୀ ସହ ନାଉଗାଁ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ନାଉଗାଁ ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀ ଭିତରେ ନିଖୋଜ ଯୁବକଙ୍କୁ ଖୋଜାଖୋଜି ଆରମ୍ଭ କରିଛନ୍ତି। ତେବେ ଶୈଳେଶ କାହିଁକି ନଦୀକୁ ଡେଇଁଲେ, ଏହା ପଛରେ କ'ଣ କାରଣ ରହିଛି, ସେନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କିଛି ବି ସ୍ପଷ୍ଟ ହୋଇପାରିନାହିଁ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ସେପ୍ଟେମ୍ବର ୯ରେ ଲଞ୍ଚ ହେବ ଆଇଫୋନ ୧୮ ପ୍ରୋ

## ଆପଲ୍‌ର ବଡ଼ ଘୋଷଣା

ନୂଆଦିଲ୍ଲୀ,୨୭।୮: ଆପଲ୍ ଶେଷରେ ନିଜର ବଡ଼ ଲଞ୍ଚ ଇଭେଣ୍ଟର ତାରିଖ ଘୋଷଣା କରିଛି । କମ୍ପାନୀ ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଆପଲ୍ ଇଭେଣ୍ଟ ଆୟୋଜନ କରିବ । ଗତ କିଛି ସପ୍ତାହ ଧରି ଇଭେଣ୍ଟର ତାରିଖ ଏବଂ ଏଥିରେ ଲଞ୍ଚ ହେବାକୁ ଥିବା ଡିଭାଇସ୍‌କୁ ନେଇ ବିଭିନ୍ନ ଚର୍ଚ୍ଚା ହେଉଥିଲା। ଏବେ ଆପଲ୍‌ର ଘୋଷଣା ପରେ ଏହାକୁ ନେଇ ଚିତ୍ର ସ୍ପଷ୍ଟ ହୋଇଛି ।

ଆପଲ୍‌ର Worldwide Marketing ବିଭାଗର Senior Vice President Greg Joswiak ସୋସିଆଲ ମିଡ଼ିଆ ପ୍ଲାଟଫର୍ମ Xରେ ପୋଷ୍ଟ କରି ଇଭେଣ୍ଟର ତାରିଖ ନିଶ୍ଚିତ କରିଛନ୍ତି। ସେପ୍ଟେମ୍ବର ୯, ବୁଧବାର ଦିନ ଏହି ବଡ଼ ଲଞ୍ଚ ଇଭେଣ୍ଟ ଆୟୋଜିତ ହେବ। ଇଭେଣ୍ଟଟି କାଲିଫର୍ଣ୍ଣିଆସ୍ଥିତ ଆପଲ ପାର୍କର Steve Jobs Theaterରେ ହେବ। ଆମେରିକାର ସମୟ ଅନୁସାରେ ସକାଳ ୧୦ଟାରୁ କାର୍ଯ୍ୟକ୍ରମ ଆରମ୍ଭ ହେବ। ଭାରତୀୟ ସମୟ ଅନୁସାରେ ଏହା ରାତି ପ୍ରାୟ ୧୦ଟା ୩୦ରେ ଆରମ୍ଭ ହେବ । ଆପଲର ଅଫିସିଆଲ ୱେବସାଇଟ୍ ଓ ୟୁଟ୍ୟୁବ ଚ୍ୟାନେଲ ଜରିଆରେ ଏହାର ଲାଇଭ୍ ଷ୍ଟ୍ରିମିଂ ଦେଖିହେବ।

ଏହି ଇଭେଣ୍ଟର ସବୁଠାରୁ ବଡ଼ ଆକର୍ଷଣ ହୋଇପାରେ ଆଇଫୋନ ୧୮ ପ୍ରୋ ଏବଂ ଆଇଫୋନ ୧୮ ପ୍ରୋ Max । ଏହା ସହିତ ଷ୍ଟାଣ୍ଡାର୍ଡ ଆଇଫୋନ ୧୮ ମଡେଲ ମଧ୍ୟ ଲଞ୍ଚ ହେବାର ଆଶା ରହିଛି। ତେବେ ନୂଆ ଆଇଫୋନଗୁଡ଼ିକର ଫିଚର୍ସ, ଦାମ ଓ ଉପଲବ୍ଧତା ସମ୍ପର୍କରେ ଆପଲ୍ ପକ୍ଷରୁ ଏପର୍ଯ୍ୟନ୍ତ ସବୁ ତଥ୍ୟ ଅଧିକାରିକ ଭାବେ ପ୍ରକାଶ କରାଯାଇନାହିଁ। ଏଥର ଆପଲ୍ ଇଭେଣ୍ଟକୁ ନେଇ ସବୁଠାରୁ ଅଧିକ ଚର୍ଚ୍ଚା Foldable iPhoneକୁ ନେଇ ହେଉଛି। ଆପଲ୍ ପ୍ରଥମ ଥର ପାଇଁ ଫୋଲ୍ଡେବଲ୍ ସ୍ମାର୍ଟଫୋନ୍ ବଜାରକୁ ପ୍ରବେଶ କରିପାରେ।ଯଦି ଏହି ଡିଭାଇସ୍‌କୁ ଆପଲ୍ ସେପ୍ଟେମ୍ବର ୯ର ଇଭେଣ୍ଟରେ ପ୍ରଦର୍ଶନ କରେ, ତେବେ ଏହା କମ୍ପାନୀ ପାଇଁ ଏକ ବଡ଼ ପ୍ରଡକ୍ଟ ଲଞ୍ଚ ହେବ। ତେବେ Foldable iPhone ସମ୍ପର୍କରେ ଅଧିକାଂଶ ତଥ୍ୟ ଏବେ ମଧ୍ୟ ଆଲୋଚନା ଓ ରିପୋର୍ଟ ଉପରେ ଆଧାରିତ।

ଆଇଫୋନ ବ୍ୟତୀତ ଏହି ଇଭେଣ୍ଟରେ ନୂଆ ଆପଲ୍ Watch ମଧ୍ୟ ଉନ୍ମୋଚନ ହୋଇପାରେ। ଏହା ସହିତ ଆପଲ୍ ଏହାର ବିଭିନ୍ନ ଡିଭାଇସ୍ ପାଇଁ ନୂଆ ସଫ୍ଟୱେର ଫିଚର୍ସ ଓ ଇକୋସିଷ୍ଟମ୍ ଅପଡେଟ୍ ସମ୍ପର୍କରେ ମଧ୍ୟ ଘୋଷଣା କରିପାରେ।



# ରାକ୍ଷୀ ପୂର୍ଣ୍ଣିମାରେ କମିଲା ସୁନା ଓ ରୁପା ଦର

ନୂଆଦିଲ୍ଲୀ,୨୮।୮:ରାକ୍ଷୀ ପୂର୍ଣ୍ଣିମାରେ ବି ସୁନା ମୂଲ୍ୟ ହ୍ରାସ ପାଇଛି। ଇଣ୍ଡିଆ ବୁଲିୟନ୍ ଆଣ୍ଡ୍ ଜୁଏଲର୍ସ ଆସୋସିଏସନ୍‌ଅ ନୁଯାୟୀ, ଶୁକ୍ରାବର ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ ମୂଲ୍ୟ ₹୧୬୦ ହ୍ରାସ ପାଇ ₹୧.୫୮ ଲକ୍ଷ ହୋଇଛି। ଆଜି ଓ ଗତକାଲିର, ମାତ୍ର ଦୁଇ ଦିନରେ ସୁନା ୩,୦୦୦ ଟଙ୍କା ଶସ୍ତା ହେଲାଣି। କେବଳ ସୁନା ନୁହେଁ ରୁପା ମୂଲ୍ୟରେ ମଧ ହ୍ରାସ ଘଟିଛି। ଆଜି ଏକ କିଲୋଗ୍ରାମ ରୁପାର ମୂଲ୍ୟ ୮୮୨ ଟଙ୍କା ବୃଦ୍ଧି ପାଇ ୨.୪୦ ଲକ୍ଷ ହୋଇଛି।

ଏହି ବର୍ଷ ସୁନା ଏବଂ ରୁପାର ମୂଲ୍ୟରେ ନିରନ୍ତର ପରିବର୍ତ୍ତନ ହୋଇଛି। ୨୦୨୬ ମସିହାରେ ଏପର୍ଯ୍ୟନ୍ତ ସୁନା ୨୯ ହଜାର ଟଙ୍କା ମହଙ୍ଗା ହେଲାଣି। ୩୧ ଡିସେମ୍ବର ୨୦୨୫ ରେ ୧୦ ଗ୍ରାମ ସୁନାର ମୂଲ୍ୟ ୧.୩୩ ଲକ୍ଷ ଟଙ୍କା ଥିଲା, ଯାହା ଏବେ ୧.୫୮ ଲକ୍ଷ ଟଙ୍କାରେ ପହଞ୍ଚିଛି। ଯଦିଓ ରୁପା ସୁନା ଭଳି ବଡ଼ ବୃଦ୍ଧି ହାସଲ କରି ନାହିଁ, ତେବେ ବି ଦର ସାଧାରଣ ଲୋକର ବଜେଟ୍ ବାହାରେ ରହିଛି। କାରଣ ୩୧ ଡିସେମ୍ବର ୨୦୨୫ ରେ ରୁପାର ମୂଲ୍ୟ କିଲୋଗ୍ରାମ ପ୍ରତି ୨.୩୦ ଲକ୍ଷ ଟଙ୍କା ଥିଲା, ଯାହା ଏବେ ୨.୪୦ ଲକ୍ଷ ଟଙ୍କାରେ ପହଞ୍ଚିଛି। ତେବେ ଆଶ୍ଚର୍ଯ୍ୟର କଥା ହେଲା ଚଳିତ ବର୍ଷ ଜାନୁଆରୀ ମାସରେ ସୁନା ଓ ରୁପା, ଏହି ଦୁଇ ମୂଲ୍ୟବାନ ଧାତୁ ରେକର୍ଡ ଦରବୃଦ୍ଧି ହାସଲ କରିଥିଲେ। ଜାନୁଆରୀ ୨୯ ରେ ସୁନା ୧.୭୬ ଲକ୍ଷ ଟଙ୍କା ଏବଂ ରୁପା ୩.୮୬ ଲକ୍ଷ ଟଙ୍କା ସର୍ବକାଳୀନ ସର୍ବାଧିକ ଦର ବୃଦ୍ଧି ହାସଲ କରିଥିଲା

ବିଶ୍ୱରେ ଲାଗି ରହିଥିବା ଅସ୍ଥିରତା ମଧ୍ୟରେ ସୁନା ମୂଲ୍ୟ ମଧ ଅସ୍ଥିର ରହିଛି। କେତେବେଳେ ବଢ଼ୁଛି ତ, ପୁଣି କେତେବେଳେ ସୁନା ମୂଲ୍ୟ ସାମାନ୍ୟ ହ୍ରାସ ପାଉଛି। କିନ୍ତୁ ଭବିଷ୍ୟତରେ ସୁନା ମୂଲ୍ୟ ଆକାଶଛୁଆଁ ହେବାକୁ ଯାଉଛି। ଏହାକୁ ନେଇ ବିଶେଷଜ୍ଞମାନେ ନିଜ ନିଜର ମତ ମଧ ଦେଉଛନ୍ତି। ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ଖବର ଅନୁସାରେ, ବିଶିଷ୍ଟ ନିବେଶକ ତଥା ଇଲେକ୍ଟ୍ରମ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ଥୋମାସ୍ କାପ୍ଲାନ୍‌ଙ୍କ ଅନୁଯାୟୀ, ଭବିଷ୍ୟତରେ ସୁନା ମୂଲ୍ୟ ପ୍ରତି ଆଉନ୍ସ ପିଛା ୩୦,୦୦୦ ରୁ ୫୦,୦୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଯଦି ପ୍ରତି ଆଉନ୍ସ ସୁନା ୫୦,୦୦୦ ଡଲାର ହୁଏ ଏବଂ ଡଲାର ପିଛା ଭାରତୀୟ ଟଙ୍କାର ମୂଲ୍ୟ ୯୫ ଟଙ୍କା ହିସାବ କରାଯାଏ, ତେବେ ଭାରତରେ ୧୦ ଗ୍ରାମ ସୁନାର ଦର ପ୍ରାୟ ୧୫ ଲକ୍ଷ ଟଙ୍କାରେ ପହଞ୍ଚିବ। ବର୍ତ୍ତମାନ ସୁନା ଆଉନ୍ସ ପିଛା ପ୍ରାୟ ୪,୬୦୦ ଡଲାରରେ କାରବାର ହେଉଛି। କାପ୍ଲାନ୍‌ଙ୍କ ଅନୁସାରେ, ଏଠାରୁ ମୂଲ୍ୟ ୧୦ ଗୁଣ ବଢ଼ିବା ପ୍ରାୟ ନିଶ୍ଚିତ। ସୁନା ମୂଲ୍ୟରେ ସମ୍ପ୍ରତି ଦେଖାଦେଇଥିବା ହ୍ରାସକୁ ସେ ୧୯୮୭ ର 'ବ୍ଲାକ୍ ମଣ୍ଡେ' ଶେୟାର ବଜାର କ୍ରାସ୍ ସହ ତୁଳନା କରିଛନ୍ତି। ସେତେବେଳେ ୮ ସପ୍ତାହ ମଧ୍ୟରେ ଡାଉ ଜୋନ୍ସ ୩୬% ହ୍ରାସ ପାଇଥିଲା, ଯାହା ସେହି ସମୟରେ ଭୟଙ୍କର ଲାଗୁଥିଲା। ମାତ୍ର ୪୫ ବର୍ଷର ଦୀର୍ଘକାଳୀନ ଚାର୍ଟରେ ଏହା ଅତ୍ୟନ୍ତ ନଗଣ୍ୟ। ତେଣୁ ବର୍ତ୍ତମାନର ହ୍ରାସକୁ ସେ ଏକ ବିଶାଳ ନିବେଶ ସୁଯୋଗ ବୋଲି କହିଛନ୍ତି।



# ଆଲଜେରିଆରୁ ତୃତୀୟ ସର୍ବାଧିକ ଗ୍ୟାସ କିଣିଲା ଭାରତ

ନୂଆଦିଲ୍ଲୀ,୨୮।୮:ପଶ୍ଚିମ ଏସିଆରେ ଯୁଦ୍ଧ ଓ ହର୍ମୁଜ୍ ପ୍ରଣାଳୀରେ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ଯୋଗୁଁ ଭାରତରେ ଏଲପିଜି ଯୋଗାଣ ଉପରେ ଚାପ ବଢ଼ିଛି। ଏହି ସମୟରେ ଭାରତ ଅନ୍ୟ ଦେଶରୁ ଏଲପିଜି ଆଣିବା ବଢ଼ାଇଛି। ଆଲଜେରିଆ ଏବେ ଭାରତକୁ ଏଲପିଜି ପଠାଇବାରେ ତୃତୀୟ ବଡ଼ ଦେଶ ହୋଇଛି। ଅଗଷ୍ଟରେ ଆଲଜେରିଆ ଭାରତକୁ ୧.୧ ଲକ୍ଷ ଟନ୍‌ରୁ ଅଧିକ ଏଲପିଜି ପଠାଇଛି। ଏହି ସମୟରେ ଆମେରିକା ଭାରତକୁ ସବୁଠାରୁ ଅଧିକ ଏଲପିଜି ଯୋଗାଇଛି। ଅଗଷ୍ଟରେ ଆମେରିକାରୁ ୬.୨୨ ଲକ୍ଷ ଟନ୍ ଏବଂ ୟୁଏଇରୁ ୧.୪୦ ଲକ୍ଷ ଟନ୍ ଏଲପିଜି ଆସିଛି। ଆଲଜେରିଆରୁ ଜୁନ୍ ଓ ଜୁଲାଇରେ ମାତ୍ର ପ୍ରାୟ ୨୨ ହଜାର ଟନ୍ ଏଲପିଜି ଆସିଥିଲା। କିନ୍ତୁ ଅଗଷ୍ଟରେ ଏହା ହଠାତ୍ ବଢ଼ିଛି। ଭାରତରେ ପ୍ରତିବର୍ଷ ପ୍ରାୟ ୩.୩ କୋଟି ଟନ୍ ଏଲପିଜି ଆବଶ୍ୟକ ହୋଇଥାଏ। ଏହାର ପ୍ରାୟ ୬୫% ଅନ୍ୟ ଦେଶରୁ ଆମଦାନି କରାଯାଏ। ଏଥିରୁ ଅଧିକାଂଶ ଏଲପିଜି ପଶ୍ଚିମ ଏସିଆରୁ ଆସୁଥିବାରୁ ବର୍ତ୍ତମାନର ଯୁଦ୍ଧ ଯୋଗୁଁ ଯୋଗାଣ ପ୍ରଭାବିତ ହୋଇଛି। ଏହାକୁ ଦେଖି ସରକାର ଘରୋଇ ଏଲପିଜି କିଣା ଉପରେ କିଛି ସୀମା ଲଗାଇବା ସହ ନୂଆ ଏଲପିଜି ସଂଯୋଗ ଦେବା ମଧ କମାଇଛନ୍ତି।

ଭବିଷ୍ୟତରେ ଏଭଳି ସମସ୍ୟା କମାଇବା ପାଇଁ ଭାରତ ନୂଆ ଦେଶରୁ ଏଲପିଜି ଆଣିବା ଉପରେ ଗୁରୁତ୍ୱ ଦେଉଛି। ଏହି କ୍ରମରେ ଇଣ୍ଡିଆନ୍ ଅଏଲ୍ ଆଲଜେରିଆର ସୋନାଟ୍ରାକ ସହ ୨୦୨୭ରେ ପ୍ରତିମାସ ୫୫ ହଜାର ଟନ୍ ଏଲପିଜି କିଣିବା ପାଇଁ ଚୁକ୍ତି କରିଛି। ଏହା ଦ୍ୱାରା ପଶ୍ଚିମ ଏସିଆ ଉପରେ ଭାରତର ଏଲପିଜି ନିର୍ଭରତା କମିବ ଏବଂ ଦେଶରେ ରନ୍ଧନ ଗ୍ୟାସ୍ ଯୋଗାଣକୁ ସୁରକ୍ଷିତ ରଖିବାରେ ସହାୟତା ମିଳିବ।



### ବ୍ଲିଙ୍କିଟ୍-ଜେପ୍ଟୋ ଭଳି ଅନ୍‌ଲାଇନ ପ୍ଲାଟଫର୍ମରେ ଲାଗିଲା କଟକଣା

# ଏବେ ଥରକେ କିଣିପାରିବେ ୨-୫ କେଜି ଚିନି

ନୂଆଦିଲ୍ଲୀ, ୨୮।୮: ଦେଶରେ ଚିନି ଦର ହଠାତ୍ ବଢ଼ିଯିବା ଓ ଯୋଗାଣ କମିବା ପରେ ଗ୍ରାହକଙ୍କ ଚିନି କିଣା ଉପରେ କଟକଣା ଲାଗିଛି। ବ୍ଲିଙ୍କିଟ୍, ଜେପ୍ଟୋ ଭଳି କ୍ୱିକ୍-କମର୍ସ ପ୍ଲାଟଫର୍ମରେ ଏବେ ଜଣେ ଗ୍ରାହକ ଥରକରେ ସର୍ବାଧିକ ୨ରୁ ୫ କିଲୋ ପର୍ଯ୍ୟନ୍ତ ଚିନି କିଣିପାରିବେ। ଦେଶରେ ପାର୍ବଣ ଋତୁ ଆରମ୍ଭ ହେବା ପୂର୍ବରୁ ଚିନି ଯୋଗାଣ ହ୍ରାସ ଏବଂ ଦର ବୃଦ୍ଧି ଯୋଗୁ ଏଭଳି ପଦକ୍ଷେପ ନିଆଯାଇଛି। ଉପଭୋକ୍ତା ବ୍ୟାପାର ବିଭାଗର ତଥ୍ୟ ଅନୁଯାୟୀ, ଅଗଷ୍ଟ ୨୬ରେ ଦେଶରେ ଚିନିର ହାରାହାରି ଖୁଚୁରା ଦର କିଲୋପିଛା ୬୫.୦୫ ଟଙ୍କାରେ ପହଞ୍ଚିଛି। ମାତ୍ର ଗୋଟିଏ ମାସ ପୂର୍ବରୁ, ଜୁଲାଇ ୨୬ରେ ଏହା କିଲୋପିଛା ୪୮ ଟଙ୍କା ଥିଲା। ଅର୍ଥାତ୍ ଏକ ମାସ ମଧ୍ୟରେ ଚିନି ଦର ପ୍ରାୟ ୩୫.୫% ବଢ଼ିଛି।

କେବଳ ଅନଲାଇନ୍ କ୍ୱିକ୍-କମର୍ସ ନୁହେଁ, ଅଫଲାଇନ୍ ବଜାରରେ ମଧ ଚିନି କିଣା ଉପରେ ସୀମା ଲଗାଯାଇଛି। ଡିମାର୍ଟ ଓ ରିଲାଏନ୍ସ ରିଟେଲ ଭଳି ବଡ଼ ସୁପରମାର୍କେଟ୍ରେ ପ୍ରତି ଗ୍ରାହକ ୨ରୁ ୩ କିଲୋ ଚିନି କିଣିବାର ସୀମା ଧାର୍ଯ୍ୟ କରାଯାଇଛି। ପ୍ରମୁଖ ଚିନି ବ୍ରାଣ୍ଡ ଜଣେ ବରିଷ୍ଠ ଅଧିକାରୀଙ୍କ ଅନୁଯାୟୀ, ଜମାଖୋରୀ ରୋକିବା ଏବଂ ପ୍ରତ୍ୟେକ ଗ୍ରାହକଙ୍କୁ ଚିନି ଉପଲବ୍ଧ କରାଇବା ପାଇଁ ରିଟେଲରମାନେ ଏଭଳି କଟକଣା ଲଗାଉଛନ୍ତି। ଚିନିର ହୋଲସେଲ ଦରରେ ମଧ ବଡ଼ ବୃଦ୍ଧି ହୋଇଛି। କିଲୋପିଛା ପ୍ରାୟ ୪୫ ଟଙ୍କାରୁ ବଢ଼ି ଏହା ୬୦.୩୬ ଟଙ୍କାରେ ପହଞ୍ଚିଛି। ପିଆଇବିର ତଥ୍ୟ ଅନୁଯାୟୀ, ଜୁଲାଇ ୨୦ରୁ ଅଗଷ୍ଟ ୨୦ ମଧ୍ୟରେ ହିଁ ଚିନି ଦର ପ୍ରାୟ ୧୬% ବଢ଼ିଥିଲା। ଅଗଷ୍ଟର ଶେଷ ସପ୍ତାହରେ ଦର ବୃଦ୍ଧି ଆହୁରି ତୀବ୍ର ହୋଇଛି। ଚିନି ଉତ୍ପାଦନ କମିବା ଆଶଙ୍କା:ଇଣ୍ଡିଆନ୍ ସୁଗାର ଆଣ୍ଡ ବାୟୋ-ଏନର୍ଜି ମାନୁଫାକ୍ଚରର୍ସ ଆସୋସିଏସନ୍ (ISMA) ଅନୁମାନ ଅନୁଯାୟୀ, ୨୦୨୫-୨୬ ମାର୍କେଟିଂ ବର୍ଷରେ ଏଥାନଲ୍ ବ୍ଲେଣ୍ଡିଂ ପରେ ଦେଶର ଚିନି ଉତ୍ପାଦନ ପ୍ରାୟ ୨୭୯ ଲକ୍ଷ ଟନ୍ ହୋଇପାରେ। ଘରୋଇ ଚାହିଦା ଅଧିକ:ଭାରତରେ ବାର୍ଷିକ ଘରୋଇ ଚିନି ବ୍ୟବହାର ପ୍ରାୟ ୨୮୦ ଲକ୍ଷ ଟନ୍। ଚିନି ସିଜନ୍ ଆରମ୍ଭରେ ପ୍ରାୟ ୫୦ ଲକ୍ଷ ଟନ୍ର ଓପନିଂ ଷ୍ଟକ୍ ଥିଲା। ତେବେ ଘରୋଇ ଚାହିଦା ତୁଳନାରେ ନୂଆ ଉତ୍ପାଦନ କମ୍ ରହିବା ଆଶଙ୍କା ଯୋଗୁ ଯୋଗାଣ ଉପରେ ଚାପ ବଢ଼ିଛି। କ୍ଲୋଜିଂ ଷ୍ଟକ୍ କମିବା ଆଶଙ୍କା:ISMA ଅନୁଯାୟୀ, ସେପ୍ଟେମ୍ବର ଶେଷ ସୁଦ୍ଧା ଦେଶର ଚିନି କ୍ଲୋଜିଂ ଷ୍ଟକ୍ ପ୍ରାୟ ୩୫ ଲକ୍ଷ ଟନ୍‌କୁ ହ୍ରାସ ପାଇପାରେ। ଗତ କିଛି ବର୍ଷ ତୁଳନାରେ ଏହା ଯଥେଷ୍ଟ କମ୍।




ରକ୍ଷାବନ୍ଧନ ପରେ ଗଣେଶ ପୂଜା, ନବରାତ୍ରି ଓ ଦୀପାବଳି ଭଳି ପର୍ବ ଆସୁଥିବାରୁ ଚିନିର ଚାହିଦା ଆହୁରି ବଢ଼ିବା ଆଶଙ୍କା ରହିଛି। ଏହି ସମୟରେ ମିଠା ଓ ବିଭିନ୍ନ ଚିନି ଭିତ୍ତିକ ଖାଦ୍ୟର ଚାହିଦା ବଢ଼ିଯାଏ। କିଲୋପିଛା ଚିନି ଦରରେ ପ୍ରାୟ ୧୭ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ହେବାରୁ ଏହା ସିଧାସଳଖ ଭାବେ ସାଧାରଣ ପରିବାରର ମାସିକ ରାସନ୍ ବଜେଟ୍କୁ ପ୍ରଭାବିତ କରିପାରେ। ଚିନି ଦର ନିୟନ୍ତ୍ରଣକୁ ଆଣିବା ପାଇଁ କେନ୍ଦ୍ର ସରକାର ଗତ ସପ୍ତାହରେ ୧୦ ଲକ୍ଷ ଟନ୍ ଚିନି ଆମଦାନୀକୁ ଅନୁମତି ଦେଇଛି। ଏହା ସହିତ ବଡ଼ ପରିମାଣରେ ଚିନି କିଣୁଥିବା ଗ୍ରାହକଙ୍କ ପାଇଁ ଷ୍ଟକ୍ ସୀମା ମଧ ଧାର୍ଯ୍ୟ କରାଯାଇଛି। ଚିନି ଜମାଖୋରୀ ଓ କୃତ୍ରିମ ଭାବେ ଦର ବଢ଼ାଇବା ରୋକିବା ପାଇଁ ବଜାରରେ ଯାଞ୍ଚ ବଢ଼ାଇବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଛି। ସରକାର ଚିନି ବ୍ୟବସାୟୀ ଓ ଡିଲରମାନଙ୍କ ଉପରେ ମଧ ଷ୍ଟକ୍ ସୀମା ଲାଗୁ କରିଛନ୍ତି। ନୂଆ ନିୟମ ଅନୁଯାୟୀ, ମାସକୁ ୧୦ ମେଟ୍ରିକ୍ ଟନ୍‌ରୁ ଅଧିକ ଚିନି ବ୍ୟବସାୟ କରୁଥିବା ଡିଲରମାନେ ୧୫ ଦିନରୁ ଅଧିକ ଖର୍ଚ୍ଚ ପାଇଁ ଚିନି ମହଜୁଦ ରଖିପାରିବେ ନାହିଁ। ଏହାଛଡା ସରକାର ଦର ନିୟନ୍ତ୍ରଣ ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ଯେମିତିକି- ଚିନି ଆମଦାନୀ ଉପରେ ଟିକସ ହଟାଯାଇଛି।

୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚିନି ରପ୍ତାନି ଉପରେ ରୋକ୍ ଲଗାଯାଇଛି। ଡିଲରମାନଙ୍କ ପାଇଁ ୩୦ ନଭେମ୍ବର ପର୍ଯ୍ୟନ୍ତ ୪୦୦ ଟନ୍ ପର୍ଯ୍ୟନ୍ତ ଷ୍ଟକ୍ ସୀମା ଧାର୍ଯ୍ୟ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ଫଳରେ ବଜାରରେ ଚିନି ଯୋଗାଣ ବଢ଼ିବା ସହ ଜମାଖୋରୀ ଉପରେ ରୋକ୍ ଲାଗିବ ଏବଂ ଆଗାମୀ ପାର୍ବଣ ଋତୁରେ ଚିନି ଦର କିଛି ମାତ୍ରାରେ ନିୟନ୍ତ୍ରଣକୁ ଆସିବ ବୋଲି ଆଶା କରାଯାଉଛି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୯,୮୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୬,୫୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୯,୮୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୬,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଓ ୨୨ କ୍ୟାରେଟେ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୯,୮୭୦ ଟଙ୍କା ଓ ୨୨ କ୍ୟାରଟେ ୧,୪୬,୬୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୯,୮୨୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୫.୧୯ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୪୨ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୭ ଟଙ୍କା ୦୯ ପଇସା ଓ ଡିଜେଲ ଦର ୧୦୨ ଟଙ୍କା ୧୫ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୭ଟଙ୍କା ୬୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୧୦୫.୩୦ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୮୪ ଟଙ୍କା ଥିବାବେଳେ ଡିଜେଲ ଦର ୧୦୦ ଟଙ୍କା ୯୪ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୧୭ ଟଙ୍କା ୬୧ ପଇସା ଥିବା ବେଳେ ଡିଜେଲ ଦାମ ୧୦୫ ଟଙ୍କା୩୦ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

## ଲୁହୁରାଡିପା ବସଷ୍ଟାଣ୍ଡରେ ବସ୍ ଚାପାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ



ସୁନ୍ଦରଗଡ଼, ୨୮।୮ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଲୁହୁରାଡିପା ବସଷ୍ଟାଣ୍ଡରେ ବସ ଚାପାରେ ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା। ଶୁକ୍ରବାର ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଘଟିଛି ଏହି ଦୁର୍ଘଟଣା। ଓଡି-୧୦ ଡବ୍ଲ୍ୟୁ-୦୦୬୯ ନମ୍ବର ବିଶିଷ୍ଟ 'ଶତାବ୍ଦୀ' ଯାତ୍ରୀବାହୀ ବସ ଚାପାରେ ଘଟଣାସ୍ଥଳରେ ହିଁ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ସହ ଉତ୍ତେଜନା ଦେଖାଦେଇଥିଲା। ଖବର ପାଇ ଟାଉନ ପୋଲିସ ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ପୋଲିସ ମୃତଦେହକୁ ଜବତ କରି ମର୍ଗ ହାଉସକୁ ପଠାଇବା ସହ ବସକୁ ଜବତ କରିଛି। ଏହାସହ ବସ ଚାଳକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ଘଟଣାର କାରଣ ନେଇ ପ୍ରଶାସନ ହସ୍ତକ୍ଷେପ କରିବାକୁ ମଧ୍ୟ ଦାବି ହୋଇଛି। ମୃତ ବ୍ୟକ୍ତିଙ୍କ ପରିଚୟ ଏଯାଏଁ ଜଣାପଡ଼ି ନ ଥିବା ବେଳେ, ସେ ଗତ କିଛିଦିନ ଧରି ଅଞ୍ଚଳରେ ବୁଲାବୁଲି କରି ମାଗିଯାଚି ଜୀବନଯାପନ କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ଅସ୍ତରଙ୍ଗ ବ୍ଲକରେ ହାଇଭୋଲଟେଜ ବିକାଶ ବୈଠକ

### ସାଂସଦ ପ୍ରତିନିଧିଙ୍କ ଦବଦବା, ବିଧାୟକଙ୍କ କଡ଼ା ତାଗିଦ

### ଶିକ୍ଷକ ଅଭାବ, ୧୫୦୦ ଭତ୍ତା ଫାଇଲ ଅଟକ

### ନିରାମୟ ବଦଳରେ ବାହାର ଔଷଧ ନେଇ ଅସନ୍ତୋଷ



କାକଟପୁର/ଅସ୍ତରଙ୍ଗ, ୨୮।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପରିସରରେ ଥିବା ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ସପ୍ତମ ସାଧାରଣ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଆରତୀ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୁଖ୍ୟ ଅତିଥି ଭାବେ କାକଟପୁର ନିର୍ବାଚନ ମଣ୍ଡଳୀର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ପ୍ରତ୍ୟେକ ବିଭାଗର କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଥିଲେ। ବୈଠକରେ ଜଗତସିଂହପୁର ସାଂସଦଙ୍କ ବ୍ଲକ ପ୍ରତିନିଧି ଦିବାକର ଛାତୋଇଙ୍କ ସକ୍ରିୟ ଉପସ୍ଥିତି ଓ ଲୋକାଭିମୁଖୀ ପ୍ରସଙ୍ଗ ଉଠାଇବା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏକ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବ୍ଲକ ଉପାଧ୍ୟକ୍ଷ ଦୁଜୟ ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ, ସହକାରୀ ଯନ୍ତ୍ରୀ ସନ୍ତୋଷ ସେଠୀଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଓ ୧୫ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ।

ଆରମ୍ଭରୁ ପୂର୍ବ ଅଧିବେଶନର ବିବରଣୀ ପାଠ ପରେ ପର୍ଯ୍ୟାୟ କ୍ରମେ ବିଭାଗୱାରୀ ଆଲୋଚନା ହୋଇଥିଲା। ବ୍ଲକ ପଞ୍ଚାୟତ ବିକାଶ, ପାନୀୟ ଜଳ ଓ ପରିମଳ, କୃଷି, ଉଦ୍ୟାନ, ପଶୁସମ୍ପଦ, ମତ୍ସ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଖାଉଟି ଯୋଗାଣ, ମହିଳା ଓ ଶିଶୁ ବିକାଶ ଏବଂ ମନରେଗା ଯୋଜନା ନେଇ ଆଲୋଚନା ହୋଇଥିଲା। ଉଦ୍ୟାନ ବିଭାଗରେ ଚଳିତ ବର୍ଷ ଗୋଟିଏ ବି ମନରେଗା କାର୍ଯ୍ୟ ହୋଇନଥିବା ନେଇ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ।

ବୈଠକରେ ସବୁଠୁ ଅଧିକ ଉତ୍ତେଜନା ଦେଖାଦେଇଥିଲା ଶିକ୍ଷା ଓ ସ୍ୱାସ୍ଥ୍ୟ ପ୍ରସଙ୍ଗରେ। ଅନେକ ବିଦ୍ୟାଳୟରେ ଶିକ୍ଷକ ଅଭାବ ରହିଛି, ଆଉ କେଉଁଠି ହିନ୍ଦୀ ଶିକ୍ଷକ ଅଛନ୍ତି ସେଠାରେ ହିନ୍ଦୀ ଛାତ୍ରଛାତ୍ରୀ ନାହାନ୍ତି ବୋଲି ସରପଞ୍ଚମାନେ ଅଭିଯୋଗ କରିଥିଲେ। ତେଣୁ ସେହି ଶିକ୍ଷକଙ୍କୁ ଛାତ୍ର ଥିବା ବିଦ୍ୟାଳୟକୁ ପଠାଇ ପଢ଼ାଇବାକୁ ଦାବି ହୋଇଥିଲା।

ସ୍ୱାସ୍ଥ୍ୟ ପ୍ରସଙ୍ଗରେ ସାଂସଦ ପ୍ରତିନିଧି ଦିବାକର ଛାତୋଇଙ୍କ ବକ୍ତବ୍ୟ ସମସ୍ତଙ୍କୁ ପ୍ରଭାବିତ କରିଥିଲା। ସେ କହିଥିଲେ, ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଉତ୍ତମ ବ୍ୟବହାର ଦିଆଯାଉ, ଡାକ୍ତରମାନେ ନିରାମୟ ଯୋଜନାରେ ମିଳୁଥିବା ମାଗଣା ଔଷଧ ହିଁ ଲେଖନ୍ତୁ, ଯାହା ଦ୍ୱାରା ଗରିବ ଲୋକ ଉପକୃତ ହେବେ। ବାହାର ଦୋକାନର ଦାମୀ ଔଷଧ ଲେଖିବେ ନାହିଁ ବୋଲି ସେ କଡ଼ା ତାଗିଦ କରିଥିଲେ। ତାଙ୍କର ଏହି ଲୋକାଭିମୁଖୀ ଆଭିମୁଖ୍ୟକୁ ଉପସ୍ଥିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ ପ୍ରଶଂସା କରିଥିଲେ। ବିଧାୟକ ଶ୍ରୀ ବେହେରା ନୂଆଗାଁ ସରପଞ୍ଚ ଜିତେନ୍ଦ୍ର ସ୍ୱାଇଁ ମେଗା ପାନୀୟ ଜଳ ପ୍ରକଳ୍ପକୁ ନେଇ ବଡ ଅଭିଯୋଗ କରିଥିଲେ। ସେ କହିଥିଲେ ରାସ୍ତା ଖୋଳା ହେତୁ ପ୍ରାୟ ଦୁର୍ଘଟଣା ଘଟୁଛି, ଲୋକେ ଆହତ ହେଉଛନ୍ତି। ଗାତ ଭରା ଠିକ ସେ ହେଉନାହିଁ। ୧୫୦୦ରୁ ଅଧିକ ଭତ୍ତା ଆବେଦନ ବ୍ଲକରେ ପଡ଼ି ରହିଥିବା ନେଇ ମଧ୍ୟ କ୍ଷୋଭ ପ୍ରକାଶ ପାଇଥିଲା। ବିଧାୟକ ଶ୍ରୀ ବେହେରା ଯନ୍ତ୍ରୀଙ୍କୁ ପଚାରିଥିଲେ ମେଗା କାମ ମଝିରେ କାହିଁକି? ବର୍ଷା ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ୨୩ଟି ସ୍କିମରେ କାମ ଚାଲିଛି, ୧୧ଟି ଓଭରହେଡ ଟାଙ୍କି ମଧ୍ୟରୁ ୭ଟି ସରିଛି ବୋଲି ଯନ୍ତ୍ରୀ କହିଥିଲେ।

### ପ୍ରତିଶ୍ରୁତି ପରେ ବି ଅବହେଳିତ ସହିଦ ପରିବାର

# ଲୁଣିଆ ଓ ଇରମରେ ସହିଦ ଦିବସ ବର୍ଜନ କରିବାକୁ ଚେତାବନୀ



ଧାମନଗର, ୨୮।୮ (ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲାର ବହୁ ସ୍ୱାଧିନତା ସଂଗ୍ରାମୀ ୧୯୪୨ ମସିହା ଅଗଷ୍ଟ ୯ ତାରିଖ ଇଂରେଜମାନଙ୍କ ଅତ୍ୟାଚାର ବିରୋଧରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଭାରତଛାଡ ଆନ୍ଦୋଳନ ସକ୍ରିୟ ଭୂମିକା ନେବା ସହିତ କର ବା ମର ପରିସ୍ଥିତି ଉପୁଜିଥିଲା। ସେହି ଆନ୍ଦୋଳନରେ ଭଦ୍ରକ ଜିଲ୍ଲାର ବହୁ ଛାତ୍ର ଓ ଯୁବକମାନେ ନିଜ ଜୀବନକୁ ଉତ୍ସର୍ଗୀକୃତ କରି ଇଂରେଜମାନଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଲହୁ ଲୁହାଣ ହେବା ସହିତ କାଳ କୋଠରୀରେ ବନ୍ଦୀ ଜୀବନ କଟାଇଥିଲେ। ସେଥି ମଧ୍ୟରୁ ବହୁ ଆନ୍ଦୋଳନକାରୀ ନିଜ ଜୀବନ ମଧ୍ୟ ହରାଇଥିଲେ।

ଦେଶ ଓ ମାଟି ପାଇଁ ପ୍ରାଣବଳି ଦେଇଥିବା ସହିଦଙ୍କ ପରିବାର ଆଜି ନିଜ ଅଧିକାର ଓ ସମ୍ମାନ ପାଇଁ ସଂଘର୍ଷ କରୁଥିବା ଅଭିଯୋଗ ନେଇ ଆଜି ଭଦ୍ରକ ଜିଲ୍ଲାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିବା ସଂଗ୍ରାମୀ ବ୍ରଜକିଶୋର ରାଉତଙ୍କ ନେତୃତ୍ୱରେ ଜିଲ୍ଲାର କିଛି ସ୍ମୃତି ହୋଇ ଓ୍ୱୟସର ଅପରାହ୍ନରେ ପହଞ୍ଚିଥିବା ହାତଗଣତି ସ୍ୱାଧୀନତା ସଂଗ୍ରାମୀ ଓ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଲୁଣିଆ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୯ ସହିଦ ପରିବାରର ସଦସ୍ୟ ଏବଂ ବାସୁଦେବପୁର ବ୍ଲକର ଐତିହାସିକ ଇରମ ଗୁଳିକାଣ୍ଡରେ ପ୍ରାଣ ହରାଇଥିବା ୨୯ ସହିଦଙ୍କ ପରିବାରର ଉତ୍ତରାଧିକାରୀ ଯଥା ହରେକୃଷ୍ଣ ପଲାଇ, ଦୟାନିଧି ଓ୍ୱହେରା, ଅଖୟ ମହାଳିକ, ଲୋପାମୁଦ୍ରା ନାୟକ, କୁନ୍ତଳା ମହାଳିକ, ସୁବାଶ ମହାଳିକ, ମହେଶ୍ୱର ସାହୁ, ମାୟାଧର ଯେନା ପ୍ରମୁଖ ଏକଜୁଟ ହେବା ସହିତ ସରକାରୀ ଅବହେଳାର ଶିକାର ହୋଇଥିବା କଥା ବଖାଣିଛନ୍ତି।ସେମାନଙ୍କର କହିବା କଥା ହେଉଛି ଆମ ସରକାରର ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪ ମସିହା ଅଗଷ୍ଟ ୯ ତାରିଖରେ ସହିଦ ପରିବାରଙ୍କ ପାଇଁ ସ୍ୱତନ୍ତ୍ର କୁଟୁମ୍ବ ଯୋଜନା ମାଧ୍ୟମରେ ସହିଦ ପରିବାରର ସଦସ୍ୟମାନଙ୍କୁ ଚିହ୍ନଟ କରିବା ସହିତ ସ୍ୱତନ୍ତ୍ର ପରିଚୟ ପତ୍ର ପ୍ରଦାନ କରିବା ସହିତ ସେମାନଙ୍କୁ ଉଚିତ ସମ୍ମାନ ପ୍ରଦାନ କରାଯିବା, ପେନସନ ବ୍ୟବସ୍ଥା କରାଯିବା, ସ୍ୱତନ୍ତ୍ର ଆବାସ ଯୋଜନା ମାଧ୍ୟମରେ ଘର ଯୋଗାଇଦେବା ବୋଲି କୁହାଯାଇଥିଲେ ମଧ୍ୟ ଦୀର୍ଘ ୨ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇନଥିବା ସେମାନେ କହିଛନ୍ତି।ଯାହାଫଳରେ ଅନେକ ସହିଦ ପରିବାର ଆଜି ମଧ୍ୟ ଦୁର୍ଦ୍ଦିନ ଅବସ୍ଥାରେ ଜୀବନଯାପନ ପାଇଁ ସଂଘର୍ଷ କରୁଥିବା ଅଭିଯୋଗ କରିଛନ୍ତି। ସହିଦ ପରିବାରଙ୍କ ପ୍ରଶ୍ନ— ଯେଉଁ ପୂର୍ବଜମାନେ ଏହି ମାଟି ପାଇଁ ନିଜ ପ୍ରାଣ ଉତ୍ସର୍ଗ କରିଥିଲେ, ସେମାନଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ କାହିଁକି ଉଚିତ ସମ୍ମାନ ଓ ସରକାରୀ ସ୍ୱୀକୃତି ମିଳୁନାହିଁ?।

ସହିଦ ପରିବାର ସଦସ୍ୟମାନଙ୍କ ଦାବି ହେଉଛି ଯଦି ଦେଶର ଅନ୍ୟାନ୍ୟ ରାଜ୍ୟରେ ସହିଦ ପରିବାରଙ୍କ ପାଇଁ ଆର୍ଥିକ ସହାୟତା ସମେତ ବିଭିନ୍ନ ସ୍ୱତନ୍ତ୍ର ସୁବିଧା ରହିଛି।ତାହେଲେ କାହିଁକି ଓଡ଼ିଶାରେ ସେମାନଙ୍କ ପରିବାର ପାଇଁ ଏଭଳି ସ୍ପଷ୍ଟ ଓ ସ୍ଥାୟୀ ବ୍ୟବସ୍ଥା କାହିଁକି କରାଯାଉନାହିଁ। ଯଦି ସରକାର ଘୋଷଣା କରିଥିବା କୁଟୁମ୍ବ ଯୋଜନାର ସମସ୍ତ ସୁବିଧା ଲାଗୁ ନକରନ୍ତି ତେଓ୍ୱେ ଆଗାମୀ ୨୦୨୬ ସେପ୍ଟେମ୍ବର ୨୨ ତାରିଖରେ ଲୁଣିଆରେ ପାଳିତ ହେବାକୁ ଥିବା ୮୪ତମ ସହିଦ ଦିବସକୁ ସହିଦ ପରିବାର ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ୨୦୨୬ ସେପ୍ଟେମ୍ବର ୨୮ ତାରିଖରେ ଇରମରେ ପାଳିତ ହେବାକୁ ଥିବା ସହିଦ ଦିବସରେ ମଧ୍ୟ ସେମାନେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

# ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ




ସୁନ୍ଦରଗଡ଼, ୨୮।୮ (ସଂଚାର ବ୍ୟୁରୋ): ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ଯୁଗାନ୍ତକାରୀ ଯୋଜନା "ସୁଭଦ୍ରା" ଅନ୍ତର୍ଗତ ଶୁକ୍ରବାର ସମଗ୍ର ରାଜ୍ୟର ହିତାଧିକାରୀ ମାନଙ୍କୁ ପଞ୍ଚମ କିସ୍ତି ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲା ଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ସଳଖ ଭାବେ ଏହି ପଞ୍ଚମ କିସ୍ତି ହସ୍ତାନ୍ତର କରିଛନ୍ତି।

ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଶୁକ୍ରବାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ସନ୍ତୋଷ ଅମାତ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଆଦିବାସୀ ପରାମର୍ଶଦାତା କମିଟିର ସଭ୍ୟ ତଥା ପୂର୍ବତନ ବିଧାୟିକା କୁସୁମ ଟେଟେ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଏସସିପିଓ ନିର୍ମଳ ମହାପାତ୍ର, ରାଜ୍ୟସଭା ସାଂସଦଙ୍କ ପ୍ରତିନିଧି ରଞ୍ଜିତ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ରକ୍ଷାବନ୍ଧନ ର ଏହି ଶୁଭ ଅବସରରେ ସମସ୍ତ ଅତିଥି ମାନଙ୍କୁ ସୁଭଦ୍ରା ମା ମାନେ ରାକ୍ଷୀ ବାନ୍ଧି ଥିଲେ।

ଏହି ଅବସରରେ ମୁଖ୍ୟ ଅତିଥି ଉପ ବାଚସ୍ପତି ଶ୍ରୀ ଭୋଇ ରକ୍ଷା ବନ୍ଧନର ଶୁଭକାମନା ଜଣାଇ ଥିଲେ ଏବଂ ନିଜ ବକ୍ତବ୍ୟରେ କହିଥିଲେ ଯେ, "ମା ମାନଙ୍କୁ ଆଗକୁ ବଢିବାର ବରିଷ୍ଠ ସୁଯୋଗ ଦେଇଛି ଏହି ଯୁଗାନ୍ତକାରୀ ସୁଭଦ୍ରା ଯୋଜନା। ସୁଭଦ୍ରା ଯୋଜନା ମହିଳା ସଶକ୍ତି କରଣରେ ମଧ୍ୟ ସହାୟକ ହୋଇଛି। ଏହି ଆର୍ଥିକ ସହାୟତା କୁ ମା ମାନେ ବିଭିନ୍ନ କାର୍ଯ୍ୟରେ ଉପଯୋଗ କରିଥାନ୍ତି ସେ ଗୃହ କାର୍ଯ୍ୟ ହେଉ ଅବା ଚାଷ କାମ କିମ୍ବା ପିଲାଙ୍କ ପାଠ ପଢ଼ା ତଥା ନିଜ ପରିବାରକୁ ମଧ୍ୟ ଆର୍ଥିକ ଭାବେ ସ୍ୱଚ୍ଛଳ କରିଥାନ୍ତି"।

ଏହି ଅବସରରେ ସୁନ୍ଦରଗଡ଼ ଜିଲ୍ଲାର ୪,୫୨,୯୯୭ ଜଣ ହିତାଧିକାରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ହସ୍ତାନ୍ତର କରା ଯାଇଛି।

## ମହାବୀର ସେବା ସଂଗଠନ ପକ୍ଷରୁ ଓଁକାର ସେବାଶ୍ରମରେ ରକ୍ଷାବନ୍ଧନ ପାଳିତ



ଆନନ୍ଦପୁର, ୨୮।୮ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ଅନ୍ତର୍ଗତ ବାମ୍ପିଡି ଗୋଡ଼ିସାହି ସ୍ଥିତ ଓଁକାର ସେବାଶ୍ରମରେ ଥିବା କୁନି କୁନି ପିଲାଙ୍କ ସହ ରକ୍ଷାବନ୍ଧନ ଉତ୍ସବ ପାଳନ କରିଛି ଆନନ୍ଦପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମହାବୀର ସେବା ସଂଗଠନ।

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ସଂଗଠନ ପକ୍ଷରୁ ଆନନ୍ଦ ଉଲ୍ଲାସର ସହ ଏହି ଉତ୍ସବ ପାଳିତ ହୋଇଥିଲା। ସଂଗଠନର ପ୍ରତିଷ୍ଠାତା ଗଣେଶ୍ୱର ସା, ସଭାପତି ବାବୁଲି ସାହୁ, ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁ, ମୋନାଲିସା ପାଢ଼ୀ, ସରୋଜ ସାହୁ ଓ ସୌମ୍ୟଶ୍ରୀ ଭଞ୍ଜ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ମିଷ୍ଟାନ୍ନ ଖୁଆଇ ସେମାନଙ୍କ ସହ ଖୁସି ବାଣ୍ଟିଥିଲେ। ସେବା ଓ ମାନବିକତାର ଏହି ନିଆରା ପ୍ରୟାସ ପାଇଁ ଓଁକାର ସେବାଶ୍ରମର ଟ୍ରଷ୍ଟି ଗୋବର୍ଦ୍ଧନ ବେହେରା ମହାବୀର ସେବା ସଂଗଠନର ସମସ୍ତ ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି।

# ନୀଳଗିରି ସହରରେ ଭାଲୁ ଓ ହାତୀଙ୍କ ଆତଙ୍କ



ନୀଳଗିରି, ୨୮।୮ (ସଂଚାର ବ୍ୟୁରୋ): ବର୍ଷାଋତୁ ଆସିଲେ ଜୀବଜନ୍ତୁମାନେ ପାଣି ବିଲରେ ନ ଯାଇ ସହରର ରାସ୍ତା ଉପରେ ଯାଆନ୍ତି। ଫଳରେ ବାଟୋଇ ମାନେ ବିପଦମୁଖୀ ହୋଇଥାନ୍ତି।ନିଳଗିରି ଏନ.ଏ.ସି.ପକ୍ଷରୁ ଲଗାଯାଇଥିବା ଉଜ୍ଜଳ ଆଲୋକ ଗୁଡ଼ିକ ବହୁ ସ୍ଥାନରେ ଜଳୁନାହିଁ। ଯାହାଫଳରେ କି ରାସ୍ତାରେ ଯିବା ଆସିବା କରୁଥିବା ବାଟୋଇ ମାନେ ଭାଲୁ ହାତୀ ଭଳି ମାରାତ୍ମକ ଜନ୍ତୁ ଙ୍କ ଆକ୍ରମଣ ଶିକାର ହେଉଛନ୍ତି। ଯାହା ଧନଜୀବନ ନଷ୍ଟ ହୋଇଥିବାର ବିଗତ ଦିନରେ ନଜିର ଅଛି।

ଏଭଳି ଘଟଣା ଆଜି ରାତ୍ର ୮.୩୦ମିନିଟ ସମୟରେ ନୀଳଗିରି ଡାକବଙ୍ଗଳା ରାସ୍ତାର ଭାଲୁଟି ରାସ୍ତା ପାର ହେଉଥିବା ବେଳେ ୧୧ନମ୍ବର ଓ୍ୱାର୍ଡର ରାଜା ସିଂ, ସୁକାଟା ବାରିକ ଓ ମହେଶ୍ୱର ଗୋଛୟତ ୩ଜଣ ଶ୍ରମିକ ବଜାରକାମସାରି ଘରକୁ ଫେରୁଥିବା ବେଳେ ମୁହାଁମୁହିଁହୋଇଥିଲେ। ୩ଜଣ ବାଟୋଇ ଶ୍ରମିକ ଏକ କାଳୀନ୩ଟର୍ଚ୍ଚତାଙ୍କ ଉପରକୁ ପକାଇ ଚିତ୍କାର କରିବାରୁ ଭାଲୁଟି ଦୌଡି ପଳାଇଥିଲା।ବାଟୋଇ ମାନଙ୍କ ର ଉପସ୍ଥିତ ବୁଦ୍ଧି ଯୋଗୁଁ ବଡ଼ ଅଘଟଣ ରୁ ବର୍ତ୍ତି ଯାଇଛନ୍ତି। ନୀଳଗିରି-ମିତ୍ରପୁର ରାସ୍ତାର ୧୧ ନଂ ଓ୍ୱାର୍ଡ଼,ଷ୍ଟେସନସାହି, ପଣ୍ଡା ଅଫିସ, ଡ଼ାହାଣିମରା, ୧୨ନଂ ଓ୍ୱାର୍ଡ଼-ରାଇଙ୍ଗା, ପୁହୁଣି ପ୍ରଭୃତି ସ୍ଥାନରେ ଖରାପ ହୋଇଥିବା ରାସ୍ତା ମାନଙ୍କ ରେ ଉଜ୍ଜଳ ଆଲୋକ ଗୁଡ଼ିକୁ ଶିଘ୍ର ସଜାଡ଼ିବାକୁ ସାଧାରଣରେ ଦାବୀ ହୋଇଛି। ନହେଲେ କେତେବେଳେ ଯେ ବାଟୋଇ ମାନଙ୍କର ଜୀବନ ପ୍ରତି ବିପଦ ଆସିବା ତାହା କିଏ କହି ପାରିବ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି।

## ଓଭରଲୋଡିଂ ଓ ନିୟମ ଉଲ୍ଲଂଘନ

# କଣ୍ଟେନର ଟ୍ରକ ଉପରେ ୩୦,୫୦୦ ଟଙ୍କା ଜରିମାନା



ମାଲକାନଗିରି, ୨୮।୮ (ସଂଚାର ବ୍ୟୁରୋ): ମାଲକାନଗିରି ସଦରସ୍ଥିତ ପରିବହନ କାର୍ଯ୍ୟାଳୟ ସମ୍ମୁଖରେ ଯାନବାହନ ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରୁଥିବା ଏକ କଣ୍ଟେନର ଟ୍ରକକୁ ଧରି ୩୦ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରିଛନ୍ତି ମାଲକାନଗିରି ଆରଟିଓ। ଯାଞ୍ଚ ବେଳେ ଟ୍ରକଟି ନିର୍ଦ୍ଧାରିତ ସୀମାଠାରୁ ଅଧିକ ଓଜନ ବୋଝେଇ ଯାଉଥିବା ଜଣାପଡ଼ିଥିଲା। ଏହାସହ ଗାଡ଼ିର ଚେସିସରେ ପରିବର୍ତ୍ତନ କରାଯାଇ ବଡିକୁ ଅନୁମୋଦିତ ମାପଠାରୁ ଅଧିକ ଲମ୍ବା କରାଯାଇଥିବା ମଧ୍ୟ ଧରାପଡ଼ିଥିଲା। ଏମଭିଆଇ ଶେଖ ୟୁନୋଶଙ୍କ ସୂଚନା ଅନୁଯାୟୀ, ଯାଞ୍ଚ ସମୟରେ ଡ୍ରାଇଭର ନିଜ ଡ୍ରାଇଭିଂ ଲାଇସେନ୍ସ ଉପସ୍ଥାପନ କରିବାରେ ବିଳମ୍ବ କରିଥିବାରୁ ୫୦୦ ଟଙ୍କା, ଓଭରଲୋଡିଂ ପାଇଁ ୧୦ ହଜାର ଟଙ୍କା ଏବଂ ଚେସିସରେ ପରିବର୍ତ୍ତନ କରି ବଡିକୁ ଲମ୍ବା କରିଥିବାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

ସୂଚନା ଅନୁଯାୟୀ, ଉକ୍ତ କଣ୍ଟେନର ଟ୍ରକଟି କର୍ଣ୍ଣାଟକରୁ ଧାନକୁଣ୍ଡା ପରିବହନ ପାଇଁ ମାଲକାନଗିରିକୁ ଆସିଥିଲା। ପରିବହନ ନିୟମ ଅବମାନନା ଅଭିଯୋଗରେ ଗାଡ଼ି ଉପରେ ସର୍ବମୋଟ ୩୦,୫୦୦ ଟଙ୍କା ଜରିମାନା ଲାଗୁ କରାଯାଇଛି। ଭାରୀ ଯାନବାହନରେ ଓଭରଲୋଡିଂ ଏବଂ ଅନୁମୋଦିତ ମାପରେ ବେଆଇନ ପରିବର୍ତ୍ତନ ଯାତାୟାତ ସୁରକ୍ଷା ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଥିବାରୁ ପରିବହନ ବିଭାଗର ଏଭଳି କଡ଼ା ଯାଞ୍ଚ ଓ ପଦକ୍ଷେପକୁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି।

## ପଞ୍ଚାମୁଣ୍ଡାଇ କଲେଜ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ କୌଶଳ ଶିବିର

ପଞ୍ଚାମୁଣ୍ଡାଇ, ୨୮।୮ (ସଂଚାର ବ୍ୟୁରୋ): ପଞ୍ଚାମୁଣ୍ଡାଇ କଲେଜ ଶକ୍ତିଶ୍ରୀ ଯୋଜନା ପକ୍ଷରୁ ବାଳିକା ଆତ୍ମରକ୍ଷା କୌଶଳ ଶିବିର ଗତ ୨୦ ତାରିଖ ଠାରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପଞ୍ଚାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଗୌର ପ୍ରସାଦ ଷଢଙ୍ଗୀଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ବରିଷ୍ଠ ପ୍ରାଧ୍ୟାପକ କ୍ୟାପଟେନ ମନୋଜ ପରିଡା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବାଳିକାଙ୍କ ଆତ୍ମରକ୍ଷା ସହିତ ସୁସ୍ଥ ଓ ସୁରକ୍ଷିତ ସମାଜ ଗଠନରେ ବାଳିକାମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ । ଇତିହାସ ବିଭାଗ ଅଧ୍ୟାପକ ପୃଥ୍ୱୀରାଜ ବିଶ୍ୱାଳ ସାଇବର ଅପରାଧ ଓ ଏହାର ସୁରକ୍ଷା ଉପରେ ଛାତ୍ରୀମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ ।

ଶକ୍ତିଶ୍ରୀ ଯୋଜନା ସଂଯୋଜିକା ତଥା ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପିକା ନିବେଦିତା ନାୟକ ଛାତ୍ରୀମାନଙ୍କୁ ସ୍ୱାବଲମ୍ବୀ ହେବା ସହିତ ସୁରକ୍ଷିତ ଓ ସଶକ୍ତ ରହିବାକୁ ପରାମର୍ଶ ଦେଇଥିଲେ । ପ୍ରଶିକ୍ଷିକା ବର୍ଷାଶ୍ରୀ ଓ ସୌଦାମିନୀ ବେହେରା ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଉପରେ ପ୍ରଶିକ୍ଷଣ ଦେଇଥିଲେ । ଶକ୍ତିଶ୍ରୀ ଯୋଜନା ସଂଯୋଜିକା ଅଧ୍ୟାପିକା ସୀମାଙ୍ଗିନୀ ଦାସ ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଶକ୍ତିଶ୍ରୀ ସାଥୀ ସମେତ ପଞ୍ଚାମୁଣ୍ଡାଇ କଲେଜ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ଛାତ୍ରୀମାନେ ଯୋଗ ଦେଇଥିଲେ ।

## ସୁଭଦ୍ରା ଯୋଜନାର ୫ମ କିସ୍ତି ବଣ୍ଟନ



ଫୁଲବାଣୀ, ୨୮।୮ (ସଂଚାର ବ୍ୟୁରୋ): ମହିଳାଙ୍କୁ ଆର୍ଥିକ ଭାବେ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଯୋଜନା 'ସୁଭଦ୍ରା'ର ୫ମ କିସ୍ତି ବଣ୍ଟନ କରାଯାଇଛି।ନୟାଗଡ଼ ଜିଲ୍ଲା ଲାଠିପଡ଼ା ପଡ଼ିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଏହାର ଶୁଭାରମ୍ଭ ହୋଇଥିବା ବେଳେ, କନ୍ଧମାଳ ଜିଲ୍ଲା ଫୁଲବାଣୀ ବିଜୁ ସ୍ମୃତି କଲ୍ୟାଣ ମଣ୍ଡପରେ ଆୟୋଜିତ ହୋଇଥିଲା ସ୍ୱତନ୍ତ୍ର ଲାଇଭ୍ ଷ୍ଟ୍ରିମିଂ କାର୍ଯ୍ୟକ୍ରମ।ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ମା' ଓ ଭଉଣୀ ଯୋଗଦେଇଥିଲେ।କନ୍ଧମାଳ ଜିଲ୍ଲାରେ ସୁଭଦ୍ରା ଯୋଜନାର ୫ମ କିସ୍ତି ବାବଦରେ ୧ ଲକ୍ଷ ୮୫ ହଜାର ୮୬ ଜଣ ମା' ଓ ଭଉଣୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି।ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଓ ନାରୀ ସଶକ୍ତିକରଣ ଦିଗରେ ଏହି ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ମହିଳାମାନେ କାର୍ଯ୍ୟକ୍ରମରେ ବସିଥିବା ଦୃଶ୍ୟହାତକୁ ଟଙ୍କା ଆସିବା ପରେ ହିତାଧିକାରୀ ମହିଳାଙ୍କ ମଧ୍ୟରେ ଦେଖିବାକୁ ମିଳିଛି ଖୁସି। ଘରର ଆବଶ୍ୟକତା ପୂରଣଠାରୁ ଆରମ୍ଭ କରି ଛୋଟ ବ୍ୟବସାୟ କିମ୍ବା ଜୀବିକା ଉପାର୍ଜନରେ ଏହି ଅର୍ଥକୁ ବିନିଯୋଗ କରି ନିଜେ ସ୍ୱାବଲମ୍ବୀ ହେବାର ସ୍ୱପ୍ନ ଦେଖୁଛନ୍ତି ମା' ଓ

ଭଉଣୀମାନେ।ସରକାରୀ ସହାୟତା ମହିଳାଙ୍କ ହାତକୁ ସିଧାସଳଖ ପହଞ୍ଚିବା ଫଳରେ ସେମାନଙ୍କ ମଧ୍ୟରେ ବଢ଼ୁଛି ଆତ୍ମବିଶ୍ୱାସ।ହିତାଧିକାରୀ ମହିଳା"ସୁଭଦ୍ରା ଯୋଜନାରୁ ମିଳୁଥିବା ଟଙ୍କା ଆମ ପାଇଁ ବହୁତ ସହାୟକ ହେଉଛି।

## ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳର ରକ୍ଷାବନ୍ଧନ କାର୍ଯ୍ୟକ୍ରମ



ପଞ୍ଚାମୁଣ୍ଡାଇ, ୨୮।୮ (ସଂଚାର ବ୍ୟୁରୋ): ପଞ୍ଚାମୁଣ୍ଡାଇ ପ୍ରଖଣ୍ଡ ବିଶ୍ୱ ହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ ପଞ୍ଚାମୁଣ୍ଡାଇ ପ୍ରଖଣ୍ଡ ଉପସଭାପତି ଅମ୍ବୁଜ ଭୂଷଣ ନାୟକ, ସହସମ୍ପାଦକ ଅଜିତ୍ ମଳିକ୍, ପ୍ରଚାର ପ୍ରସାର ପ୍ରମୁଖ ପ୍ରଭୁଦତ୍ତ ଦାଶ ଏବଂ ବଜରଙ୍ଗ ଦଳ ସହସଂଯୋଜକ ସୂର୍ଯ୍ୟକାନ୍ତ ବେହେରା, ସଞ୍ଜୟ ମଳିକ, ବଳ ଉପାସନା ପ୍ରମୁଖ ବଳରାମ ମଳିକ, ଗୋରକ୍ଷା ପ୍ରମୁଖ ପାତନ ମଳିକ, ସହଗୋରକ୍ଷା ପ୍ରମୁଖ ଲିପୁ ମଳିକ, ଦୁର୍ଗା ବାହିନୀ ସଂଯୋଜିକା ଶ୍ରୀୟା ମହାନ୍ତିଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ବଜରଙ୍ଗ ଦଳର ଶତାଧିକ ଭାଇ ଓ ଭଉଣୀମାନେ ଯୋଗ ଦେଇ ପ୍ରଥମେ ସ୍ଥାନୀୟ ଶ୍ରୀ ଶ୍ରୀ ରାଧାରମଣ ମଠର ମହନ୍ତ ସ୍ୱାମୀ ଅସୀମାନନ୍ଦଙ୍କୁ ରାକ୍ଷୀ ବାନ୍ଧି ଆଶୀର୍ବାଦ ନେଇଥିଲେ । ଏହା ପରେ ସଂଗଠନର ସଦସ୍ୟମାନେ ପଞ୍ଚାମୁଣ୍ଡାଇ ଆଦର୍ଶ ଥାନା, ଏସ୍.ଡି.ପି.ଓ ଅଫିସ୍, ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର, ଦମକଳ କେନ୍ଦ୍ର ସମେତ ଅନ୍ୟାନ୍ୟ ସମସ୍ତ ସରକାରୀ କାର୍ଯ୍ୟାଳୟରେ ସମସ୍ତ ଅଧିକାରୀମାନଙ୍କ ହାତରେ ରାକ୍ଷୀ ବାନ୍ଧି ସମଗ୍ର ହିନ୍ଦୁ ସମାଜର ବିକାଶ ପାଇଁ ହିନ୍ଦୁ ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ହକି ସମ୍ରାଟ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି




ଢେଙ୍କାନାଳ, ୨୮।୮ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶ କ୍ରମେ ଜିଲ୍ଲାପ୍ରଶାସନ ପକ୍ଷରୁ ହକି ସମ୍ରାଟ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମତିଥି ଅବସରରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡ଼ିୟମରେ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି । ଉତ୍ସବରେ ସଦର ଉପ-ଜିଲ୍ଲାପାଳ ଶ୍ରୀ ପଦ୍ମ ଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଧ୍ୟାନ ଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପାଞ୍ଜଳି ପ୍ରଦାନ କରିବା ସହିତ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଦୟାନିଧି ପାତ୍ର, ସହକାରୀ ଜିଲ୍ଲା ଅଗ୍ନିଶମ ଅଧିକାରୀ ଶ୍ରୀ ଦୀନ ବନ୍ଧୁ ମଲ୍ଲିକ, ଜିଲ୍ଲା କ୍ରୀଡ଼ା ସଂଘର ସଂପାଦକ ଶ୍ରୀ ନଳିନୀ କୁମାର ଦାସ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନିଷ୍ଠାପର ଭାବେ କ୍ରୀଡ଼ା ଅଭ୍ୟାସ ଜାରି ରଖି ଶ୍ରେଷ୍ଠତ୍ୱ ପ୍ରତିପାଦନ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଅର୍ଜ୍ଜନ କରିବାକୁ କହି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସାହୁ ଉପସ୍ଥିତ କୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ ।




# ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ଦିବସ ପାଳିତ

ମହାକାଳପଡ଼ା, ୨୮।୮ (ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ସାନଗାଁ ସ୍ଥିତ ବଜ୍ର ମହାକାଳୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସହକାରୀ ଶିକ୍ଷୟିତ୍ରୀ ପ୍ରଭାତୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଆଜୀବନ ସଭ୍ୟ ଅଧ୍ୟାପକ ଇନ୍ଦ୍ରମଣି ନାୟକ ଯୋଗଦେଇଥିଲେ। ଏହି ଅବସରରେ ଅଧ୍ୟାପକ ନାୟକ ସଂସ୍କୃତ ଭାଷାର ଗୌରବ ଓ ଏହାର ପ୍ରାଚୀନତା ସମ୍ପର୍କରେ ଆଲୋଚନା କରିଥିଲେ। ବେଦ, ବେଦାନ୍ତ ଓ ଉପନିଷଦରେ ଅନେକ ମୂଲ୍ୟବାନ ଜ୍ଞାନ ନିହିତ ରହିଛି ବୋଲି ସେ କହିଥିଲେ। ନୀତିଶାସ୍ତ୍ରର ଶ୍ଳୋକଗୁଡ଼ିକ ମାନବିକ ଓ ନୈତିକ ମୂଲ୍ୟବୋଧର ଜାଗରଣ କରିବା ସହ ଆଦର୍ଶ ଓ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ସେ ମତପ୍ରକାଶ କରିଥିଲେ। ଶେଷରେ 'ସଂସ୍କୃତଂ ବିଜୟତାମ୍' ସ୍ଲୋଗାନ ଦିଆଯାଇଥିଲା। ଏଥିସହ ପ୍ରତିଦିନ ସଂସ୍କୃତ ଅଧ୍ୟୟନ କରିବା ଓ ଗୀତା ପାଠ ମାଧ୍ୟମରେ ଉଚ୍ଚାରଣ ଓ ଆଚରଣରେ ସଂଯମ ଅବଲମ୍ବନ କରିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା।

SANCHAR
ସଂଚାର ଶନିବାର ୨୯ ଅଗଷ୍ଟ ୨୦୨୬
ସ୍ୱାସ୍ଥ୍ୟ






# କସମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ

ସୌନ୍ଦର୍ଯ୍ୟ ବୃଦ୍ଧି ଓ ଯୁବାପରି ଦିଶିବାକୁ ଲୋକେ ଅନେକ ପ୍ରକାର ଟ୍ରିଟମେଣ୍ଟ କରୁଛନ୍ତି। ଏମିତି ଏକ ଟ୍ରିଟମେଣ୍ଟ ହେଉଛି କସ୍ମେଟିକ୍ ସର୍ଜରୀ। ସାଧାରଣତଃ ୧୫ବର୍ଷ ବୟସ ପରେ ଏହି ସର୍ଜରୀ କରାଯାଇଥାଏ। ବକ୍ଷୋଜର ବୃଦ୍ଧି କିମ୍ବା ଛୋଟ କରିବା, ବେକ ଝୁଲିପଡ଼ିଲେ ଏହାକୁ ପୂର୍ବବସ୍ଥାକୁ ଆଣିବାକୁ, ଓଠ ଓ ନାକର ସୌନ୍ଦର୍ଯ୍ୟ, ପେଟ ଓ ଜଙ୍ଘରୁ ଚର୍ବି କମ୍ କରିବାକୁ କସ୍ମେଟିକ ସର୍ଜରୀ କରାଯାଇଥାଏ। ଅଧୁନା ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କସମେଟିକ୍ ସର୍ଜରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ କସ୍ମେଟିକ୍ ସର୍ଜରୀ ପରେ କିପରି ତ୍ୱଚାର ଯତ୍ନ ନେବେ ଜାଣନ୍ତୁ। କସ୍ମେଟିକ୍ ସର୍ଜରୀ ବିଭିନ୍ନ ପ୍ରକାର ରହିଛି। ଏହି ସର୍ଜରୀ ପୂର୍ବରୁ ପୀଡ଼ିତଙ୍କ ଶାରୀରିକ ଓ ମାନସିକ ସ୍ଥିତି, ଦେଖି କରାଯାଏ। ଏଥିପାଇଁ ଜଳବାୟୁ ତଥା ପାଣିପାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଧିକ ତାପମାତ୍ରା ଓ ଆର୍ଦ୍ରତା ଯୋଗୁଁ ସର୍ଜରୀ ପରେ ଚର୍ମର ଦେଖାଶୁଣା କରିବା ଚାଲେଞ୍ଜପୂର୍ଣ୍ଣ ହୋଇଯାଇଥାଏ। ଥଣ୍ଡା ରହିଲେ ଘା ଶୁଖୁଥିବାବେଳେ ଗରମଦିନେ ଘା' ଶୁଖିବାକୁ ଅଧିକ ସମୟ ଲାଗିଥାଏ। ଯେହେତୁ ଆମ ରାଜ୍ୟର ଜଳବାୟୁରେ ଅଧିକ ଧୂଳିକଣା, ଅଧିକ ତାପମାତ୍ରା ଓ ଆର୍ଦ୍ରତାପୂର୍ଣ୍ଣ। ତେଣୁ ଚର୍ମ ସିଧାସଳଖ ସୂର୍ଯ୍ୟକିରଣରେ ଆସିଲେ, ଅସ୍ତ୍ରୋପଚାର ସ୍ଥାନଟି ଫୁଲିପାରେ କିମ୍ବା କ୍ଷତି ହୋଇପାରେ। ୫ରୁ ୧୦ଦିନ ଖରାକୁ ବାହାରିବା ଅନୁଚିତ। ଏସି କିମ୍ବା ଫଙ୍କା ତଳେ ରହିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ବାହାରକୁ ଯିବାବେଳେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସନ୍ସ୍କ୍ରିନ୍ ବ୍ୟବହାର କରିପାରିବେ।

**ଝାଳ ବାହାରିବାକୁ ଦିଅନ୍ତୁନି:** କସ୍ମେଟିକ ସର୍ଜରୀ ପରେ, ଅତ୍ୟଧିକ ଝାଳ ଚର୍ମ ପାଇଁ କ୍ଷତିକାରକ। ଝାଳ ଅସ୍ତ୍ରୋପଚାର କରାଯାଇଥିବା ସ୍ଥାନକୁ ଓଦାଳିଆ ରଖେ। ଏଠାରେ ଜୀବାଣୁ ବୃଦ୍ଧି ପାଇ ସଂକ୍ରମଣ ହୋଇଥାଏ। ତେଣୁ ଶରୀରରୁ ଝାଳ ନ ବାହାରିବାରୁ ଧ୍ୟାନ ଦିଅନ୍ତୁ। ଅନ୍ୟପଟେ କେବେ ବି କସ୍ମେଟିକ୍ ସର୍ଜରୀ ପରେ ପରେ ଅଧିକ ପରିଶ୍ରମ ତଥା ବ୍ୟାୟାମ କରିବା ଅନୁଚିତ।

**ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ:** ଅଧିକାଂଶ ଲୋକ ସର୍ଜରୀ ପରେ ସପ୍ତାହରୁ ୧୦ ଦିନ ଗାଧୋଇ ନଥାନ୍ତି। ଅସ୍ତ୍ରୋପଚାର ସ୍ଥାନରେ ବାରମ୍ବାର ମଲମ ଲେପନ କରୁଥାନ୍ତି, ଏହାଦ୍ୱାରା ଚର୍ମରେ ଅଧିକ କ୍ଷତି ହୁଏ। ତେଣୁ ସର୍ଜରୀର ପାଞ୍ଚଦିନ ପରେ ଗାଧୋଇପାରିବେ। ଏହି ସମୟରେ ସ୍ୱଚ୍ଛତାକୁ ଧ୍ୟାନ ଦେଇ ଜୀବାଣୁମୁକ୍ତ ରହିପାରିବେ। ଶରୀରରୁ ହାଇଡ୍ରେଟ୍ ରଖିବାକୁ ଦିନକୁ ପ୍ରଚୁର ମାତ୍ରାର ପାଣି ପିଇପାରିବେ। ରସାୟନମୁକ୍ତ ଉତ୍ପାଦ ଠାରୁ ଦୂରେଇ ରୁହନ୍ତୁ।



# ବ୍ରେକଫାଷ୍ଟରେ କ'ଣ ଖାଇବା ଉଚିତ?

ପରଟା ନା ଚୁଡା ସନ୍ତୁଳା। ସକାଳୁ ଉଠିଲେ ବ୍ରେକଫାଷ୍ଟରେ କଣ ଖାଇବେ। କେଉଁଟା ଆପଣଙ୍କ ପାଇଁ ହେଲଦି ଅପସନ ରହିବ। ଯାହାକୁ ନେଇ ଅନେକ ଲୋକଙ୍କ ମନରେ କନଫ୍ୟୁଜନ ଥାଏ। ସେମାନେ ଜାଣି ପାରନ୍ତିନି କେଉଁଟା ତାଙ୍କ ଶରୀର ପାଇଁ ବେଷ୍ଟ। ସକାଳ ଜଳଖିଆ ଆମ ସୁସ୍ଥ ଶରୀର ଗଠନ ପାଇଁ ନିହାତି ଆବଶ୍ୟକ। ତେଣୁ ସକାଳ ଜଳଖିଆକୁ ଦିନର ଗୁରୁତ୍ୱପୂର୍ଣ୍ଣ ଖାଦ୍ୟ ସମୟ ବୋଲି ବିବେଚନା କରାଯାଏ। ସକାଳ ଜଳଖିଆ ନ କରିବା ଦ୍ୱାରା ଆମେ ଅନେକ ରୋଗର ଶିକାର ହୋଇଥାଉ। କିଛି ଲୋକ ଡାଏଟିଂ ପାଇଁ ସକାଳ ଖାଇବାକୁ ଏଡାଇ ଦେଇଥାଆନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞ କହନ୍ତି ସେଭଳି କରିବା ଭୁଲ। ସକାଳ ଜଳଖିଆକୁ କେବେ ବନ୍ଦ କରିବା କଥା ନୁହେଁ। ଅଧିକାଂଶ ଲୋକେ ସକାଳ ଖାଇବାରେ ଚୁଡା ସନ୍ତୁଳା ଏବଂ ପରଟା ଖାଇଥାଆନ୍ତି। କିନ୍ତୁ ଆପଣ କ'ଣ ଜାଣନ୍ତି କି ଏହି ଜଳଖିଆ ଖାଇବା ଦ୍ୱାରା ଆମ ଶରୀର ଉପରେ କଣ ପ୍ରଭାବ ପଡ଼ିଥାଏ। ତେବେ ଆସନ୍ତୁ ଏହି ଦୁଇଟି ଖାଦ୍ୟ ମଧ୍ୟରୁ ସକାଳ ଜଳଖିଆରେ କେଉଁ ଖାଦ୍ୟ ଖାଇବା ଉଚିତ କିମ୍ବା ଅନୁଚିତ ସେ ସମ୍ପର୍କରେ ଜାଣିବା। ଚୁଡା ସନ୍ତୁଳା ସହଜରେ ହଜମ ହୋଇଥାଏ। ଏଥିରେ କମ ତେଲ ବ୍ୟବହାର କରାଯାଏ। ଏହା କାର୍ବୋହାଇଡ୍ରେଟର ଗୋଟିଏ ଭଲ ଉତ୍ସ। ଯାହା ଶରୀରକୁ ତୁରନ୍ତ ଶକ୍ତି ଯୋଗାଇଥାଏ। ଯଦି ଏଥିରେ ବାଦାମ, ପନିପରିବା ଏବଂ କିଛି ଲେମ୍ବୁ ରସ ସାମିଲ କରିବା ଏହା ପ୍ରୋଟିନ୍, ଫାଇବର ଏବଂ ଭିଟାମିନର ଏକ ଭଲ ସୋର୍ସ ହୋଇଥାଏ। ଯେଉଁ ଲୋକ ଓଜନ କମ୍ କରିବାକୁ ଚାହାଁନ୍ତି ନଚେତ ସେମାନଙ୍କ ପାଚନତନ୍ତ୍ର ସମ୍ବେଦନଶୀଳ ସେମାନଙ୍କ ପାଇଁ ଚୁଡା ସନ୍ତୁଳା ଉତ୍ତମ ବିକଳ୍ପ ବୋଲି କୁହାଯାଏ। ସେହିପରି କିଛି ଲୋକ ସକାଳୁ ପରଟା ଖାଇବାକୁ ଖୁବ ପସନ୍ଦ କରିଥାଆନ୍ତି। ଏଗୁଡ଼ିକ ସାଧାରଣତଃ ଗହମ ଅଟାରୁ ତିଆରି ହୋଇଥାଏ। ପରଟାରେ ମଧ୍ୟ ଭଲ ପରିମାଣର ଫାଇବର ଥାଏ। ଯାହା ପାଚନ ପ୍ରକ୍ରିୟାକୁ ଉନ୍ନତ କରେ ଏବଂ ରକ୍ତରେ ଶର୍କରା ସ୍ତର ବଜାୟ ରଖିବାରେ ସାହାଯ୍ୟ କରେ। ଖାସ କରି ଆଳୁ ପରଟା, ପନିର ପରଟାରେ ଅଧିକ କ୍ୟାଲୋରୀ ଥାଏ। ଏହା ସହିତ ଏଥିରେ ଅଧିକ ତେଲ ଏବଂ ଘିଅ ବ୍ୟବହାର କରାଯାଇଥାଏ। ଯାହା ଦ୍ୱାରା ଅଧିକ ସମୟ ପର୍ଯ୍ୟନ୍ତ ଭୋକ ଲାଗି ନଥାଏ। ପେଟକୁ ଅଧିକ ସମୟ ଯାଏ ଫୁଲ କରି ରଖିଥିବାରୁ ଆମକୁ ସହଜରେ ଦୁର୍ବଳ ଅନୁଭବ ହୋଇନଥାଏ। କିନ୍ତୁ ଯଦି ଆପଣ ଓଜନ କମ୍ କରିବାକୁ ଚାହାଁନ୍ତି ତେବେ ପରଟା ଆଦୌ ଖାଆନ୍ତୁ ନାହିଁ।

ଯଦି ଆପଣ ବ୍ରେକଫାଷ୍ଟରେ ଏକ ଭଲ ବିକଳ୍ପ ଖୋଜୁଛନ୍ତି, ତେବେ ଚୁଡା ସନ୍ତୁଳା କିମ୍ବା ପରଟା ଖାଆନ୍ତୁ। ପରଟାରେ କମ୍ ତେଲ ବ୍ୟବହାର କରନ୍ତୁ ଏବଂ ଏକ ସାଇଡ ଡିସ ହିସାବରେ ଦହି କିମ୍ବା ସାଲାଡ ସାମିଲ କରନ୍ତୁ।

# କଲର ୱାକିଂରେ ମିଳେ ମାନସିକ ଶାନ୍ତି



ମେଦବହୁଳତା ଯୋଗୁଁ ପ୍ରାୟତଃ ବସିବା, ଉଠିବା ଆଦିରେ ସମସ୍ୟା ହୋଇଥାଏ। ଏହା ବିଭିନ୍ନ ରୋଗକୁ ମଧ୍ୟ ଆମନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିବା ସହ ଜଣେ ଫିଟ୍ ଓ ନୀରୋଗ ରହିଥାନ୍ତି। ଯଦିଓ ଓଜନ ହ୍ରାସ ପାଇଁ ପାୱାର ୱାକିଂ, ବ୍ରିସ୍କ ୱାକିଂ, ଜଗିଙ୍ଗ, ରିଭର୍ସ ୱାକିଂ ଆଦି ଟ୍ରେଣ୍ଡରେ ରହିଛି ହେଲେ ଏବେ 'କଲର ୱାକିଂ'କୁ ନେଇ ଅନେକ ଚର୍ଚ୍ଚା। ଏହି ଚାଲିବା କୌଶଳରେ ଜଣେ ବ୍ୟକ୍ତି ଚାଲିବା ପୂର୍ବରୁ ଗୋଟିଏ ରଙ୍ଗକୁ ବାଛନ୍ତି, ଏହାକୁ ତାଙ୍କର ଚତୁଃପାର୍ଶ୍ୱରେ ଖୋଜନ୍ତି। ସେହିପରି ଚାଲିବା ସମୟରେ ଉକ୍ତ ଏରଙ୍ଗର ବସ୍ତୁକୁ ଦେଖିବା ମାତ୍ରେ ତାହାକୁ ଗଣିବା ଆରମ୍ଭ କରିଦିଅନ୍ତି। କେହି କେହି ଫଟୋ ଉଠାଇ ମଧ୍ୟ ରଖନ୍ତି। ତେଣୁ ମନକୁ ଶାନ୍ତି ଓ ଖୁସି ରଖିବାକୁ କଲର ୱାକିଂ ସବୁଠୁ ପ୍ରଭାବୀ। ୱିଲିୟମ୍ ଏସ୍ ବରୋଜ ନିଜର ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିବାକୁ କଲର ୱାକିଂ ଆରମ୍ଭ କରିଥିଲେ। ଏହା ମସ୍ତିଷ୍କକୁ ପ୍ରଭାବିତ କରି ରଚନାତ୍ମକତା ଚିନ୍ତାଧାରା, କଳ୍ପନା, କଳା ଏବଂ ସମସ୍ତ ସମସ୍ୟାକୁ କିପରି ସମାଧାନ କରିହେବ ସେହି ଦକ୍ଷତାକୁ ବୃଦ୍ଧି କରାଏ। ତେଣୁ କଲର ୱାକିଂ ଦ୍ୱାରା ଉଭୟ ମାନସିକ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରୁହେ। ଚିନ୍ତା ଦୂର ହୁଏ। ହୃତ୍‌ପିଣ୍ଡ, ମାଂସପେଶୀ ଏବଂ ସହନଶୀଳ ଶକ୍ତିକୁ ମଜବୁତ କରିଥାଏ। ବିଶେଷ କଥା ହେଉଛି, ପାଦରେ ଚାଲିବା ଦ୍ୱାରା ଏଣ୍ଡରଫିନ୍ ଏବଂ ସେରୋଟୋନିନ ହରମୋନ୍ ବୃଦ୍ଧିରେ ସାହାଯ୍ୟ ହୁଏ। ଏହା ମନକୁ ଖୁସି ରଖେ।

# ଅନିୟମିତ ଖାଦ୍ୟଶୈଳୀ ଓ ଅର୍ଶ



ଅନିୟମିତ ଜୀବନଶୈଳୀ, ଜଙ୍କଫୁଡ୍, ଫାଷ୍ଟଫୁଡ୍, ଅତ୍ୟଧିକ ମସଲା, ଚର୍ବିଯୁକ୍ତ ଖାଦ୍ୟ, ଅତ୍ୟଧିକ ଆମିଷ ଭୋଜନ, ଭୋଜନରେ ତନ୍ତୁଜାତୀୟ ଖାଦ୍ୟର ଅଭାବ, ଅତ୍ୟଧିକ କଫି ଓ ଚିକ୍କଣିଆ ଖାଦ୍ୟ, ଅନିୟମିତ ଜଳପାନ ଆଦି କାରଣରୁ କୋଷ୍ଠବଦ୍ଧ ହୋଇ ମଳର କଠିନତା କାରଣରୁ ମଳଦ୍ୱାରରେ ଫୁଲା, ଅର୍ଶ, ଭଗନ୍ଦର ଆଦି ସୃଷ୍ଟି ହେବାର ସମ୍ଭାବନା ବୃଦ୍ଧି ପାଇଥାଏ। ତତ୍ସହିତ ବାୟୁ ଚଳାଚଳ ହୋଇପାରୁନଥିବା ସିନ୍ଥେଟିକ୍ ଆସନ, ସୋଫା, ଗଦି, ଗାଡ଼ି ସିଟ୍ ବସିବାଦ୍ୱାରା ଖୁବ୍ କମ୍ ବୟସରେ ଅର୍ଶ ଆଦି ବୃଦ୍ଧି ପାଇବାର ସମ୍ଭାବନା ଥାଏ। ନିଦାନ ପରିବର୍ଜନମ୍, ଅର୍ଥାତ୍ ରୋଗ ସୃଷ୍ଟି ହେଉଥିବା କାରଣଗୁଡ଼ିକୁ ପରିତ୍ୟାଗ କରିବା ସହିତ ଚିକିତ୍ସକଙ୍କ ପରାମର୍ଶରେ ଉପଯୁକ୍ତ ଔଷଧ ସେବନ ଓ ପଥ୍ୟାପଥ୍ୟରେ ରହିବା ଦ୍ୱାରା ଅର୍ଶ ରୋଗରେ ଉପକାର ହୋଇଥାଏ। ଆୟୁର୍ବେଦରେ ସୁରଣ ଅର୍ଥାତ୍ ଅର୍ଶ ପାଇଁ ଓଲୁଅର ବହୁଳ ବ୍ୟବହାର ଦେଖିବାକୁ ମିଳେ। ତେଣୁ ଖାଦ୍ୟରେ ଓଲୁଅ ନିୟମିତ ସେବନ କଲେ ଅର୍ଶର ଉପକାର ହୁଏ। ରାତିରେ ଶୋଇବା ପୂର୍ବରୁ ଦୁଇଚାମୁଚ ମାତ୍ରାରେ ଇସବୁଲ ଭୁଷି ସେବନ କରି ସାମାନ୍ୟ ଉଷୁମ ପାଣି ସେବନ କଲେ, କୋଷ୍ଠ ପରିଷ୍କାର ହୋଇ ଅର୍ଶରେ ଉପକାର ମିଳେ। ସେହିପରି ସକାଳେ ଏବଂ ସନ୍ଧ୍ୟାରେ ତିନିଗ୍ରାମ୍ ମାତ୍ରାରେ ତ୍ରିଫଳା ଚୂର୍ଣ୍ଣ ସେବନ କଲେ, ହିତକର ହୋଇଥାଏ। ଭୋଜନ ପରେ ନିଜର ସାମର୍ଥ୍ୟ ଅନୁସାରେ ଦୁଇ ମିନିଟ୍ରୁ ପନ୍ଦର ମିନିଟ୍ ପର୍ଯ୍ୟନ୍ତ ବଜ୍ରାସନରେ ବସିଲେ ପେଟର ଯାବତୀୟ ଦୋଷ ଦୂର ହେବା ସହିତ ଅର୍ଶ ରୋଗରେ ମଧ୍ୟ ଉପକାର ହୁଏ। ଦିନକୁ ଆଁଠରୁ ଦଶଗ୍ଲାସ ପାଣି ଅର୍ଥାତ୍ ପୂର୍ବାହ୍ନରେ ଅଧିକ ଅପରାହ୍ନରେଏବଂ ରାତିରେ ଆବଶ୍ୟକ ଅନୁସାରେ ପାଣିକୁ ଭାଗ କରି ପାନ କଲେ ଉପକାର ମିଳିଥାଏ। ଚିକିତ୍ସକଙ୍କ ପରାମର୍ଶରେ ବୃହତ୍ସୁରଣମୋଦକ ଅଭୟାରିଷ୍ଟ, ଆରୋଗ୍ୟବର୍ଦ୍ଧନୀ ଗୁଟିକା, ଯୋଗରାଜଗୁଗୁଳୁ ଆଦି ସେବନ କରାଯାଇପାରିବ। ଅର୍ଶ ଯନ୍ତ୍ରଣା କମାଇବା ପାଇଁ ଏକପାତ୍ରରେ ଉଷୁମ ପାଣି ନେଇ ସେଥିରେ ମଳଦ୍ୱାରକୁ ବୁଡ଼େଇ ବସିଲେ ଉପଶମ ମିଳେ।

# ପରିସ୍ରାରେ ରକ୍ତସ୍ରାବ ପାଇଁ ଆୟୁର୍ବେଦ ଉପଚାର

ପରିସ୍ରାରେ ରକ୍ତସ୍ରାବକୁ ହେମାଟୁରିଆ କୁହାଯାଏ। ପରିସ୍ରାରେ ରକ୍ତ ପଡ଼ିବା କୌଣସି ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ। ଆୟୁର୍ବେଦରେ ଏହାକୁ ଅଧୋଗ ରକ୍ତପିତ୍ତ ଅନ୍ତର୍ଭୁକ୍ତ କରାଯାଇଛି। ମୂତ୍ରାଶୟ ତଥା ବୃକ୍କରେ ପଥୁରୀ ହେବା, ପରିସ୍ରା ସଂକ୍ରମଣ, ରକ୍ତଜମାଟ ବାନ୍ଧିବା କ୍ଷମତା ନଥିବା, ପ୍ରୋଷ୍ଟେଟ ସମସ୍ୟା, ବୃକ୍କରୋଗ, ୟୁରୋଥେଲିଆଲ ଲାଟିନ୍ କର୍କଟ ଓ ମୂତ୍ରନଳୀରେ ଦୀର୍ଘକାଳୀନ ସଂକ୍ରମଣ ଆଦି ଯୋଗୁଁ ପରିସ୍ରାରେ ରକ୍ତସ୍ରାବ ହୋଇଥାଏ। ଏହି ସମସ୍ୟା ହେଲେ ପରିସ୍ରା ଜଳାପୋଡ଼ା ଏବଂ ପେଟ ବ୍ୟଥାହୋଇପାରେ। ଚିକିତ୍ସକଙ୍କ ପରାମର୍ଶ ଉସିରାଶବ ୩୦ ମିଲି ସମପରିମିତ ପାଣି ମିଶାଇ ଭୋଜନ ପରେ ଦିନକୁ ଦୁଇଥର ସେବନ କରିପାରିବେ। ପଞ୍ଚତୃଣକଷାୟ ସକାଳ ଓ ସନ୍ଧ୍ୟା ଖାଲିପେଟରେ ୫୦ ମିଲି କରି ଦିନକୁ ଦୁଇଥର ସେବନ ଆବଶ୍ୟକ। ଶୁଣିତ ଅର୍ଗ ରସ ସକାଳ ସନ୍ଧ୍ୟା ଦୂବରସ ମିଶିରି ଗୁଣ୍ଡ ସହିତ ଖାଲି ପେଟରେ ସେବନ କଲେ ହିତକର ହୋଇଥାଏ। ପୀଡ଼ିତ ବ୍ୟକ୍ତିଙ୍କୁ ଏହି ସମୟରେ ଉଷ୍ଣ, ଅମ୍ଳ, ଲବଣ, କଟୁଜାତୀୟ ଦ୍ରବ୍ୟ ସେବନ ନିଷିଦ୍ଧ କରାଯାଏ।



# ଆଲମଣ୍ଡ ଅଏଲ ମୁହଁର ତ୍ୱଚାକୁ ଉଜ୍ଜ୍ୱଳ କରେ

ଖରାଦିନ ଆସିବା ମାତ୍ରେ ସମସ୍ତେ ଚିନ୍ତାରେ ରହିଥାନ୍ତି। ସ୍କିନକୁ ନେଇ ଅନେକ ସମସ୍ୟା ଦେଖା ଦେଇଥାଏ। ଖରାଦିନରେ ଧୂଳି, ମଳି, ଅତ୍ୟଧିକ ଝାଳ ପାଇଁ ଆମ ସ୍କିନ୍ ଡଲ୍ ଦିଶିଥାଏ। ଖାସ କରି ଝିଅମାନେ ତାଙ୍କ ତ୍ୱଚା ପାଇଁ ଅଧିକ ସଚେତନ ରହିଥାନ୍ତି। ସେହି ସବୁ ସମସ୍ୟାରୁ ରକ୍ଷା ପାଇବା ପାଇଁ ଅନେକ ଜିନିଷ ମୁହଁରେ ବ୍ୟବହାର କରିଥାନ୍ତି। ବାଦାମ ତେଲ ଚମକ ତ୍ୱଚା ପାଇଁ ବିବେଚନା କରାଯାଏ। ଗରମ କାରଣରୁ ତେଲ ଲଗାଇବା ଦ୍ୱାରା ମୁହଁରେ ବ୍ରଣ, ତେଲିଆ ଭଳି ଲାଗିଥାଏ। ହେଲେ କିନ୍ତୁ ଜାଣିଛନ୍ତି କି ମୁହଁରେ ଖରାଦିନରେ ବାଦାମ ତେଲ ଲଗାଇବା କେତେ ଲାଭଦାୟକ ? ତେବେ ଆସନ୍ତୁ ସେ ସମ୍ପର୍କରେ ଜାଣିବା। ବାଦାମ ତେଲ ତ୍ୱଚାର ଭିତରକୁ ଯାଇ ହାଇଡ୍ରେଟ୍ କରେ। ଗ୍ରୀଷ୍ମ ଋତୁରେ, ଯେତେବେଳେ ଚର୍ମ ଜଳୀୟ ଅଂଶର ମାତ୍ରା ଠିକ ରହିବ ଫଳରେ ଏହି ତେଲ ତ୍ୱଚାକୁ ନରମ ରଖିବାରେ ସହାୟକ ହୁଏ। ଡାର୍କ ସର୍କଲ୍ କୁ ମଧ୍ୟ ଦୂର କରିଥାଏ। ଏଥିରେ ଭିଟାମିନ୍ 'ଇ' ଥିବାରୁ ଆଖି ତଳେ ଥିବା କଳା ଦାଗ କମାଇଥାଏ। ରାତିରେ ଶୋଇବା ପୂର୍ବରୁ ହାତରେ ହାଲକା ମାଲିସ୍ କରିବା ତ୍ୱଚା ପାଇଁ ପ୍ରଭାବଶାଳୀ ହୋଇଥାଏ। ବାଦାମ ତେଲରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଫ୍ୟାଟି ଏସିଡ୍ ଗୁଣ ଥିବା କାରଣରୁ ସୂର୍ଯ୍ୟର କିରଣରୁ ଏହା ରକ୍ଷା କରିଥାଏ। ଏହାକୁ ସନସ୍କ୍ରିନ୍ ସହିତ ମିଶାଇ ଲଗାଇବା ଦ୍ୱାରା ସ୍କିନ ପାଇଁ ଲାଭପ୍ରଦ ହୋଇଥାଏ। ଅନେକ ଲୋକ ଭାବନ୍ତି ଯେ ତେଲିଆ ଚର୍ମରେ ତେଲ ଲଗାଇବା ଭଲ ନୁହେଁ, କିନ୍ତୁ ବାଦାମ ତେଲରେ ନନ୍-କମେଡୋଜେନିକ୍ ଥିବାରୁ ବ୍ରଣ ହେବାରୁ ରୋକିଥାଏ। ଗ୍ରୀଷ୍ମ ଋତୁରେ ବାଦାମ ତେଲ ଦିନରେ ଲଗାଇବା ଅପେକ୍ଷା ରାତିରେ ଶୋଇବା ପୂର୍ବରୁ ଏହାକୁ ଲଗାନ୍ତୁ। ଯାହା ଦ୍ୱାରା ତେଲ ତ୍ୱଚାରେ ଭଲ ପ୍ରଭାବ ପକାଇଥାଏ। ଏହା ବ୍ୟତୀତ ମୁହଁ ତେଲିଆ ଭଳି ଅନୁଭବ ହୁଏ ନାହିଁ। ମୁହଁରେ ଅଧିକ ତେଲ ଲଗାଇବା ଦ୍ୱାରା ସ୍କିନରେ ଧୂଳି ଜମା ହୋଇ ତ୍ୱଚାକୁ ଖରାପ କରିଥାଏ। ତେଣୁ କେବଳ ୨-୩ ବୁନ୍ଦା ମୁହଁ ପାଇଁ ଯଥେଷ୍ଟ। ବାଦାମ ତେଲକୁ ମୁଲତାନି ମାଟି, ଆଲୋଭେରା ଜେଲ୍ କିମ୍ବା ମହୁ ସହିତ ମିଶାଇ ଫେସ୍ ପ୍ୟାକ୍ ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ। ଏହା ତ୍ୱଚାକୁ ସତେଜ ରଖିଥାଏ। ଗ୍ରୀଷ୍ମ ଋତୁରେ ମୁହଁରେ ବାଦାମ ତେଲ ଲଗାଇବା ସମ୍ପୂର୍ଣ୍ଣ ନିରାପଦ। ଏହାକୁ ସଠିକ୍ ପରିମାଣରେ ସହିତ ଉଚିତ ସମୟରେ ବ୍ୟବହାର କରିବା ଆବଶ୍ୟକ। ଯାହା ଆମ ଚମକଦାର ତ୍ୱଚା ପାଇଁ ସହାୟକ କରିଥାଏ।

### ଅବ୍ୟବସ୍ଥା ଘେରରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର

# ବର୍ଷା ଦିନେ ଛାତରୁ ଝରୁଛି ପାଣି

**କର୍ଲାମୁଣ୍ଡା,୨୮।୮ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ତେରେସିଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଛାତରୁ ବର୍ଷା ହେଲେ ପାଣି ଝରୁଥିବାରୁ ରୋଗୀ ଓ ସ୍ୱାସ୍ଥ୍ୟକର୍ମୀ ଅସୁବିଧାରେ ପଡୁଥିବା ଜଣାପଡିଛି। ଚିକିତ୍ସାକକ୍ଷରେ ପାଣି ପଡ଼ିବା ଯୋଗୁ ଚିକିତ୍ସା ବ୍ୟାହତ ହେଉଛି। ବିଦ୍ୟୁତ ସରଞ୍ଜାମ ଓ ଉପକରଣ ନଷ୍ଟ ହେବାର ଆଶଙ୍କା ମଧ୍ୟ ରହିଛି। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସ୍ଥାନରେ ଛାତରୁ ପାଣି ଝରି ଚଟାଣ ଓ ଘର ଭିତରେ ପଡୁଥିବାରୁ ଚିକିତ୍ସା ସେବାରେ ସମସ୍ୟା



ସୃଷ୍ଟି ହେଉଥିବା ଦେଖିବାକୁ ମିଳିଛି। ବର୍ଷା ସମୟରେ ରୋଗୀଙ୍କୁ ରଖିବା ଓ ଚିକିତ୍ସା କରିବାରେ ମଧ୍ୟ ସମସ୍ୟା ଦେଖାଦେଉଛି। ଏପରି ସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ରୋଗୀମାନଙ୍କ ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏଠାରେ ସୂଚନାଯୋଗ୍ୟ ଯେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ସରକାରଙ୍କ ପକ୍ଷରୁ ୨୦୦୮ ମସିହାରେ ଏଠାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଭିତ୍ତଭୂମି ସାଙ୍ଗକୁ ଏମବିବିଏସ ଡାକ୍ତର ନିଯୁକ୍ତି ହେଇ ନ ପାରିବା ଦୁର୍ଭାଗ୍ୟ ବିଷୟ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଏଠାରେ କାର୍ଯ୍ୟରତ ଫାର୍ମାସିଷ୍ଟ ସୁନୀଲ କୁମାର ବାଗଙ୍କୁ ପଚାରିବାରୁ ବର୍ଷା ଦିନ ମାନଙ୍କରେ ଛାତରୁ ପାଣି ଝରୁଥିବାରୁ ରୋଗୀମାନଙ୍କୁ ଚିକିତ୍ସା କରିବା ରେ ସମସ୍ୟା ହେଉଥିବା କହିଛନ୍ତି। ଏହି ଡାକ୍ତରଖାନା ଜଣେ ଆୟୁଷ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ମହିଳା ସ୍ୱାସ୍ଥ୍ୟ କର୍ମୀ, ଜଣେ ଆଟେଣ୍ଡେଣ୍ଟଙ୍କ ସାଙ୍ଗକୁ ଅନ୍ୟାନ୍ୟ କର୍ମଚାରୀ ଥିବା ଜଣାପଡ଼ିଛି। ଏଣୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ଆବଶ୍ୟକ ଭିତ୍ତିଭୂମି ସହ ଏଲୋପାଥିକ ଡାକ୍ତର ନିଯୁକ୍ତି ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବାକୁ ଜନ ସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## ସୁଭଦ୍ରା ପଞ୍ଚମ କିସ୍ତି ଟଙ୍କା ପ୍ରଦାନ କାର୍ଯ୍ୟକ୍ରମ

**ସୁବର୍ଣ୍ଣପୁର,୨୮।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ସୁଭଦ୍ରା ଯୋଜନା ର ପଞ୍ଚମ କିସ୍ତି ଟଙ୍କା ପ୍ରଦାନ ନିମନ୍ତେ ଏକ କାର୍ଯ୍ୟକ୍ରମ ନୂତନ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି।



ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବଲାଙ୍ଗୀର ସାଂସଦ, ସଙ୍ଗୀତା କୁମାରୀ ସିଂଦେଓ, ଜିଲ୍ଲାପାଳ ଡ.ନୃପରାଜ ସାହୁ, ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ, ସୋନପୁର ଡ. ସୌମ୍ୟରୂପା ରଥ, ବଲାଙ୍ଗୀର ସାଂସଦ ପ୍ରତିନିଧି ନଳିନୀ ପଣ୍ଡା ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର ମଞ୍ଚାସୀନ ହୋଇଥିଲେ। ୫୦୦ ଶହରୁ ଉର୍ଦ୍ଧ ମହିଳା ମାନେ ଉକ୍ତ କାର୍ଯ୍ୟ କ୍ରମରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅଗ୍ର ପୂଜ୍ୟ ଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତି ଠାରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ଅର୍ପଣ କରିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନଙ୍କ ଦ୍ୱାରା ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ବୃକ୍ଷ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥିଭାବେ ବଲାଙ୍ଗୀର ସାଂସଦ, ସଙ୍ଗୀତା କୁମାରୀ ସିଂଦେଓ ସୁଭଦ୍ରାର ପଞ୍ଚମ କିସ୍ତି ଟଙ୍କା ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦାନ କରି, ମହିଳା ମାନେ କିପରି ଆର୍ଥିକ କ୍ଷେତ୍ରରେ ସଶକ୍ତ ହେବେ ଏବଂ ସମସ୍ତ କ୍ଷେତ୍ରରେ ସଶକ୍ତୀକରଣ ହେଇପାରିବ ବୋଲି ଅଭିଭାଷଣ ପ୍ରଦାନ କରିଥିଲେ। ଓଡ଼ିଶା ସରକାରଙ୍କ ସୁଭଦ୍ରା ଯୋଜନାରେ ସମସ୍ତ ମହିଳା ମାନଙ୍କୁ ପ୍ରତି କିସ୍ତିରେ ୫,୦୦୦ଟଙ୍କା , ପ୍ରତିବର୍ଷ ୧୦,୦୦୦ଟଙ୍କା ଏବଂ ପାଞ୍ଚ ବର୍ଷରେ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ।

## ‘ସୁରକ୍ଷାର ସାକ୍ଷୀ- ରାକ୍ଷୀ’

● ମ୍ୟୁନିସିପାଲିଟିର ନିଆରା କାର୍ଯ୍ୟକ୍ରମ



**ବଲାଙ୍ଗିର,୨୮।୮(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନ ୧୦ଟା ସମୟରେ ସ୍ଥାନୀୟ ରାଜେନ୍ଦ୍ର ପାର୍କଠାରେ ବଲାଙ୍ଗୀର ପୌର ପରିଷଦ ପକ୍ଷରୁ ଆମ ସଫେଇ କର୍ମଚାରୀ ଭାଇ ଓ ଭଉଣୀମାନଙ୍କୁ ନେଇ ପବିତ୍ର ରକ୍ଷାବନ୍ଧନ ଅବସରରେ ‘ସୁରକ୍ଷାର ସାକ୍ଷୀ - ରାକ୍ଷୀ’ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶିବାଜୀ ଇସଲୱାର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ପିଡି ଡିଆରଡିଆ ତରଣୀ ସୁନା ଯୋଗଦେଇ ସଫେଇ (ମହିଳା) କର୍ମଚାରୀମାନଙ୍କ ଠାରୁ ରାଖୀ ବାନ୍ଧି ଥିଲେ। ଏଥିସହିତ ବଲାଙ୍ଗୀର ମୁନ୍ସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା, ମୁନ୍ସିପାଲଟି ନଗରପାଳ ଲିକା ସାହୁ ଙ୍କ ସମେତ ଉପନଗରପାଳ, ସମସ୍ତ ପରିଷଦ ର ସଦସ୍ୟ/ସଦସ୍ୟା ଯୋଗଦେଇ ସଫେଇ କର୍ମଚାରୀ ମାନଙ୍କୁ ଉତ୍ସାହିତ କରିଥିଲେ। ନଗରପାଳ ଶ୍ରୀମତୀ ସାହୁ ଉପସ୍ଥିତ ପୁରୁଷ ସଫେଇ କର୍ମଚାରୀମାନଙ୍କୁ ରାଖୀ ବାନ୍ଧିଥିଲେ। ଆମ ସହରକୁ ପରିଷ୍କାର ଓ ସୁସ୍ଥ ରଖିବାରେ ନିରନ୍ତର ଭାବେ ନିଜର ଦାୟିତ୍ୱ ତୁଲାଉଥିବା ସଫେଇ କର୍ମଚାରୀ ଭାଇ ଓ ଭଉଣୀମାନଙ୍କ ପ୍ରତି ସମ୍ମାନ, ସ୍ନେହ ଓ କୃତଜ୍ଞତା ପ୍ରକାଶର ଏହା ଏକ ନିଆରା ପ୍ରୟାସ ବୋଲି ଜିଲ୍ଲାପାଳ ଅତିଥିମାନେ ବକ୍ତବ୍ୟ ରଖିଥିଲେ।

## ଖାଦ୍ୟ ସୁରକ୍ଷା ଟିମ୍‌ର ଚଢ଼ାଉ

**ଜୟପୁର,୨୮।୮(ସଂଚାର ବ୍ୟୁରୋ):** ଭେଜାଲ ଖାଦ୍ୟ ପଦାର୍ଥ ପ୍ରସ୍ତୁତି ଓ ବିକ୍ରି ଉପରେ ରୋକ ଲଗାଇବା ସହ ଖାଦ୍ୟର ମାନ ନିଶ୍ଚିତ କରିବାକୁ କୋରାପୁଟ ଜିଲାର ଜୟପୁର ସହରରେ ବିଭିନ୍ନ ସ୍ଥାନରେ ଗତ ୨ ଦିନ ଧରି ଜିଲ୍ଲା ଖାଦ୍ୟ ସୁରକ୍ଷା ଟିମ୍ ଓ ଜୟପୁର ପୌର ପାଳିକା ପକ୍ଷରୁ ମିଳିତ ଚଢ଼ଉ ଓ ଯାଞ୍ଚ କରାଯାଉଛି। ବିଶେଷକରି ଜୟପୁର ସହରରେ ଛେନା, ପନିର ଓ ମିଠା ପ୍ରସ୍ତୁତି କେନ୍ଦ୍ରଗୁଡ଼ିକ ଉପରେ ଟିମ ନଜର ରଖି ଚଢାଉ କରିଛି। ଜିଲ୍ଲା ଖାଦ୍ୟ ସୁରକ୍ଷା ଟିମ୍ ର ଫୁଡ୍ ସେଫଟି ଅଫିସର ପଙ୍କଜୀନି ଦେହୁରିଆ, ଜୟପୁର ପୌର କାଯ୍ୟ ନିର୍ବାହୀ ଅଧିକାରୀ ପୁଜା ରାଉତ ନେତୃତ୍ୱରେ ଏହି ମିଳିତ ଯାଞ୍ଚ ଓ ଚଢ଼ଉ କରାଯାଇଥିଲା। ଯାଞ୍ଚ ସମୟରେ ଖାଦ୍ୟରେ ଭେଜାଲ ଚିହ୍ନଟ ପାଇଁ ପ୍ରାୟ ୪୦ଟି ତୁରନ୍ତ ଆଇଓଡିନ୍ ପରୀକ୍ଷା କରାଯାଇଥିଲା। ଜୟପୁର ସହରର ହୋଟେଲ ଗାଙ୍ଗୁରାମ, ଓମଫେଡ କାଉଣ୍ଟର ଘରୋଇ ପକ୍ରିୟା କରଣ ସହ ପନିର ବିକ୍ରୟ କେନ୍ଦ୍ର ଭଳି ୭ଟି ଦୋକାନ ଉପରେ ଚଢାଉ କରାଯାଇଥିଲା। ଏହାସହିତ ବିଭିନ୍ନ ସ୍ଥାନରୁ ପନିର ସଂଗ୍ରହ କରାଯାଇ ମାନ ର ପରୀକ୍ଷା ପାଇଁ ପଠାଯାଇଛି। ବେଆଇନ ପଲିଥିନ ବାବ୍ୟହାର ସହ ଟ୍ରେଡ ଲାଇସେନ୍ସ ନଥିବା ଅଭି ଯୋଗରେ ଜୟପୁର ପୌର ପାଳିକା ୩ ହଜାର ୫ ଶହ ଟଙ୍କା ଜୋରିମାନା ଆଦାୟ କରିଛି।

## ବିକାଶ ପରିଷଦ ପକ୍ଷରୁ ସାଂସଦ ଓ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ

**ବୈଶିଙ୍ଗା,୨୮।୮(ସଂଚାର ବ୍ୟୁରୋ):** ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ବଡ଼ସାହି ସନାତନ ବିଜୁଳି ଙ୍କୁ ଆମ୍ବଗଡ଼ିଆ ପଞ୍ଚାୟତ



ଭଗବାନପୁର ଗ୍ରାମ ରେଳ ଲାଇନ ଠାରେ ଗଳାପୋଲ ନିର୍ମାଣ କିମ୍ବା ଭଗବାନପୁର ଗ୍ରାମଠାରୁ ଉତ୍ତର ପାର୍ଶ୍ୱରେ ବାମଡା ରେଳ ଗେଟ୍ ପର୍ଯ୍ୟନ୍ତ ଆପ୍ରୋଚ ରୋଡ ନିର୍ମାଣ ପାଇଁ ଅନେକ ଥର ରେଳ ବିଭାଗର ଅଧିକାରୀ, ରେଳମନ୍ତ୍ରୀଙ୍କୁ ଦିଆ ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କିଛି ବ୍ୟବସ୍ଥା ହୋଇନାହିଁ। ଏହି ଭଗବାନପୁର ଗ୍ରାମ ଦେଇ ଛଅ ଗୋଟି ଗ୍ରାମର ଗ୍ରାମବାସୀ ନିତ୍ୟ ଯିବା ଆସିବା କରନ୍ତି ରେଳ ବିଭାଗ ପକ୍ଷରୁ ଏହି ରାସ୍ତା ଅବରୋଧ କରିବା ଦ୍ୱାରା ଲୋକ ମାନେ ଅନେକ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି ଯଥା ଆମ୍ବୁଲାନ୍ସ, ଦମକଳ, ପୋଲିସ ଓ ଅନ୍ୟାନ୍ୟ ସମସ୍ତ ଗାଡ଼ି ଯିବା ଆସିବା କରି ପାରୁନାହିଁ। ଏହି ସମସ୍ୟାର ସମାଧାନ ନିମନ୍ତେ ଆମ୍ବଗଡ଼ିଆ ବିକାଶ ପରିଷଦ ସଭାପତି ଅନ୍ତର୍ଯ୍ୟାମୀ ମହାପାତ୍ର, ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ, ଆମ୍ବଗଡ଼ିଆ ପଞ୍ଚାୟତ ଭାଜପା ସଭାପତି ମନୋରଞ୍ଜନ ଉପାଧ୍ୟାୟ ପ୍ରମୁଖଙ୍କ ଦ୍ୱାରା ବେତନଟୀ ଠାରେ ସାଂସଦ ଓ ବିଧାୟକଙ୍କୁ ଏହି ଦାବି ପତ୍ର ପ୍ରଦାନ କରାଯାଇଥିଲା ହେଲେ ଏ ପର୍ଯ୍ୟନ୍ତ ସମସ୍ୟା ସମାଧାନ ପାଇଁ କୌଣସି ପ୍ରତିଶ୍ରୁତି ମିଳିପାରିନାହିଁ। ତୁରନ୍ତ ଏହି ଦାବି ପୂରଣ ନହେଲେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀରେ ଜାତୀୟ କ୍ରିଡ଼ା ଦିବସ ପାଳିତ

**ସୁବର୍ଣ୍ଣପୁର,୨୮।୮(ସଂଚାର ବ୍ୟୁରୋ):** ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଜୟନ୍ତୀକୁ ସ୍ମରଣ କରି ଚଳିତ ବର୍ଷ ଜାତୀୟ କ୍ରୀଡ଼ା ଦିବସ ସୁବର୍ଣ୍ଣପୁର ଜିଲ୍ଲାରେ ପାଳନ କରାଯାଉଛି। ଏହି ଅବସରରେ ସୁବର୍ଣ୍ଣପୁର ଜିଲ୍ଲାରେ ଅଗଷ୍ଟ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡ଼ାଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଜାତୀୟ କ୍ରୀଡ଼ା ଦିବସର ତା. ୨୮.୦୮.୨୦୨୬ ପ୍ରଥମ ଦିନକୁ ‘ଟ୍ରିବ୍ୟୁଟ୍’ ଭାବେ ପାଳନ କରଯାଇଅଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ଶିବିରକୁ ଶୁଭ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ବାଲାଜୀ ବିଶ୍ୱନାଥ, ସମେତ ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଯମୁନା ପ୍ରଧାନ, ଶାରୀରିକ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଖେତି, ଚଞ୍ଚଓ ଖେଳ ଇଣ୍ଡିଆ



ମହମ୍ମଦ କଲିମ ଉପସ୍ଥିତ ଥିଲେ। ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ଖେଳ ଇଣ୍ଡିଆ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଯୋଗଦେଇଥିଲେ। ଏହି ଅବସରରେ ଜିଲ୍ଲା କ୍ରୀଡା ଅଧିକାରୀ ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଏବଂ ମହାନ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଳ ଅର୍ପଣ କରିଥିଲେ। ତାପରେ ମୁଖ୍ୟ ଅତିଥି ନିଜର ଅଭିଭାଷଣ ପ୍ରଦାନ କରିଥିଲେ।

## ୟୋନେକ୍ସ ସନରାଇଜ ଲେଭେଲ-୩ ଜିଲ୍ଲା ବ୍ୟାଡମିଣ୍ଟନ ଚମ୍ପିୟାନସିପ୍ ଉଦ୍‌ଘାଟିତ

● ଭାଗନେଲେ ୧୫୦ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ଖେଳାଳି



**ବଲାଙ୍ଗିର,୨୮।୮(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଇଣ୍ଡୋର ବ୍ୟାଡମିଣ୍ଟନ ଷ୍ଟାଡିୟମରେ ୟୋନେକ୍ସ ସନରାଇଜ ଲେଭେଲ-୩ ଜିଲ୍ଲା ବ୍ୟାଡମିଣ୍ଟନ ଚମ୍ପିୟାନସିପ୍ ର ଉଦ୍‌ଘାଟନ ହୋଇଯାଇଅଛି। ୨ ଦିନ ବ୍ୟାପି ୧୩ ବର୍ଷ, ୧୫ ବର୍ଷ ଓ ୧୭ ବର୍ଷ ରୁ କମ ବାଳକ ବାଳିକା ଙ୍କୁ ନେଇ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାକୁ ବଲାଙ୍ଗିର ର ବରିଷ୍ଠ ଓକିଲ ଅମରେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। କେବଳ ତୃଣମୂଳ ସ୍ତରର ଖେଳାଳି ଯେଉଁମାନେ କି ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ପଂଜିକୃତ ହୋଇନଥିବେ, କେବଳ ସେହି ଖେଳାଳି ଙ୍କୁ ନେଇ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିବାରୁ, ଆୟୋଜକ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ଓ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଏହି ନିଆରା ଉଦ୍ୟମ ଆଗାମୀ ଦିନରେ ବ୍ୟାଡମିଣ୍ଟନ ଖେଳ ଓ ଖେଳାଳି ଙ୍କ ବିକାଶ ଦିଗରେ ଏକ ମାଇଲ ଖୁଣ୍ଟ ଭାବେ ସାବ୍ୟସ୍ତ ହେବ ବୋଲି ମୁଖ୍ୟ ଅତିଥି ଶ୍ରୀ ମିଶ୍ର କହିଥିଲେ। ପ୍ରତିଯୋଗିତା ରେ ବଲାଙ୍ଗିର ଜିଲ୍ଲାର ତୁଷୁରା, ସଇଁତଲା, କଣ୍ଟାବାଞ୍ଜି, ପାଟଣାଗଡ଼, ବଙ୍ଗୋମୁଣ୍ଡା, ମୁରିବାହାଲ, ଲୁଇସିଂହା, ପୁଇଁନ୍ତଲା ଓ ବଲାଙ୍ଗିର ପୌରାଞ୍ଚଳ ର ୧୫୦ ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ଖେଳାଳି ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତା ର ଚମ୍ପିୟାନ, ରନର୍ସଅପ ଏବଂ ସେମିଫାଇନାଲିଷ୍ଟ ଖେଳାଳିମାନେ ଲେଭେଲ ୩ ରାଜ୍ୟ ଚମ୍ପିୟାନସିପ ପାଇଁ ବଲାଙ୍ଗିର ଜିଲ୍ଲା ଦଳରୁ ପ୍ରତିନିଧିତ୍ୱ କରିବେ। ଏଠାରେ ସୂଚନାଯୋଗ୍ୟ ଯେ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦ ଙ୍କ ଜନ୍ମଦିନ ତଥା ଜାତୀୟ କ୍ରୀଡା ଦିବସ କୁ ଆହୁରି ସ୍ମରଣୀୟ କରିବା ପାଇଁ ଏ ବର୍ଷ “ଖେଳିବ ଭାରତ, ଜିତିବ ଭାରତ” ଥିମକୁ ନେଇ ସାରା ଦେଶ ରେ ୧୮ ତାରିଖ ଓ ୨୯ ତାରିଖ ଦୁଇ ଦିନ ବିଭିନ୍ନ ଖେଳ ର ପ୍ରତିଯୋଗିତା ଆୟୋଜନ ଆୟୋଜନ କରାଯାଉଛି।

## ଗଛ ପାଇଁ ରାକ୍ଷୀ ଟିଏ କାର୍ଯ୍ୟକ୍ରମ

**ଭୁବନ,୨୮।୮(ସଂଚାର ବ୍ୟୁରୋ):** ଢେଙ୍କାନାଳ ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ତଥା ଉପାନ୍ତ ଅଞ୍ଚଳ କଙ୍କଡ଼ାହାଡ଼ ବ୍ଲକ ଚଢେଇରଗଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ‘ୟୁଥ୍ ଆଣ୍ଡ ଇକୋ କ୍ଲବ୍’ ପକ୍ଷରୁ ରକ୍ଷା ବନ୍ଧନ ପର୍ବ ଅବସରରେ ‘ଗଛ ପାଇଁ ରାକ୍ଷୀଟିଏ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ଭାରତୀ ଦେହୁରୀ, ଆସ ସ୍କୁଲ ଯିବା କମିଟିର ସଦସ୍ୟା ଉମାରାଣୀ ମହାନ୍ତ, ଶିଶୁ ସେବିକା ଜ୍ୟୋତ୍ସ୍ନାମୟୀ ଦେହୁରୀ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କ ସହ ବିଦ୍ୟାଳୟ ପରିସରରେ ଥିବା ଫୁଲ ଓ ଫଳ ଗଛକୁ ବନ୍ଦାପନା କରିବା ସହ ରାକ୍ଷୀ ପିନ୍ଧାଇ ଥିଲେ। ବିଦ୍ୟାଳୟ ପରିସରକୁ ସବୁଜ, ସୁନ୍ଦର ରଖିବାକୁ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷକ ଅଶୋକ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କାର୍ ଭଙ୍ଗାରୁଜା ପରେ ନିଆଁ ଲଗାଇଦେଲା ଅଭିଯୁକ୍ତ

**ବାଲିପାଟଣା,୨୮।୮(ସଂଚାର ବ୍ୟୁରୋ):** ପଡ଼ୋଶୀଙ୍କ ସହ ବିବାଦକୁ ନେଇ ଉତ୍ତେଜନା। ହାତରେ ଖଣ୍ଡା ଧରି ପଡ଼ୋଶୀ ଦମ୍ପତିଙ୍କୁ ଭୟଭୀତ କରିବା ସହ ସେମାନଙ୍କ କାର୍‌କୁ ଖଣ୍ଡାରେ ହାଣି କ୍ଷତିଗ୍ରସ୍ତ କରିବା ପରେ ନିଆଁ ଲଗାଇଦେବା ଭଳି ଘଟଣା ବାଲିପାଟଣା ଥାନା ଅଧୀନ ବାରିଲୋ ନନ୍ଦକଲୋନିରେ



ଘଟିଛି। ସୂଚନା ମୁତାବକ ଗତରବିବାର ଘଟଣା ପରଠାରୁ ଅଭିଯୁକ୍ତ ଫେରାର ଥିବାବେଳେ ତାଙ୍କୁ ପୁଲିସ ଧରିପାରିନଥିବା ଅଭିଯୋଗ ହୋଇଛି। ବାରିଲୋ ନନ୍ଦକଲୋନିରେ ସରାଟଶାସନ ଦଳିତସାହିର ଯମୁନା ଭୋଇ ଓ ତାଙ୍କ ସ୍ୱାମୀ ଭଡ଼ାଘରେ ରହୁଥିଲେ। ନିକଟରେ ଭୀଙ୍ଗାରପୁର ଅଞ୍ଚଳର ମନୋଜ ଭୋଇ ଓ ତାଙ୍କ ପତ୍ନୀ ମଧ୍ୟ ଏକ ଭଡ଼ାଘରେ ରହୁଥିଲେ। ପଡ଼ୋଶୀ ହୋଇଥିଲେ ମଧ୍ୟ ଦୁଇ ପରିବାର ମଧ୍ୟରେ ସେଭଳି ସୁସମ୍ପର୍କ ନଥିଲା। ଛୋଟଛୋଟ କଥାକୁ ନେଇ ମଝିରେ ମଝିରେ ବିବାଦ ଲାଗି ରହୁଥିବା କୁହାଯାଉଛି। ଘଟଣାଦିନ ବିଳମ୍ବିତ ରାତିରେ କୌଣସି ଏକ କଥାକୁ ନେଇ ମନୋଜ ଗାଳିଗୁଲଜ କରିଥିଲେ। ଏହାକୁ ଯମୁନା ଓ ତାଙ୍କ ସ୍ୱାମୀ ବିରୋଧ କରିବାରୁ ପରିସ୍ଥିତି ଅଧିକ ଉତ୍ତେଜିତ ହୋଇଥିଲା। ମନୋଜ କିଛି ସମୟ ପାଇଁ ନିଜ ଘରକୁ ଯିବା ପରେ ହାତରେ ଖଣ୍ଡା ଧରି ବାହାରକୁ ଆସିଥିବା ଅଭିଯୋଗ ହୋଇଛି।ଖଣ୍ଡା ଧରି ଦମ୍ପତିଙ୍କ ପଛରେ ଗୋଡ଼ାଇବାରୁ ଭୟରେ ସେମାନେ ନିଜ ଘର ଭିତରକୁ ପଶି କବାଟ ବନ୍ଦ କରିଦେଇଥିଲେ। ଦମ୍ପତି ଘର ଭିତରେ ଥିବା ସୁଯୋଗରେ ମନୋଜ ଯମୁନାଙ୍କ କାର୍ (ଓଡ଼ି-୦୨-ଡିଆର୍-୯୪୪୮) ନିକଟକୁ ଯାଇ ଖଣ୍ଡାରେ ଗାଡ଼ିକୁ ହାଣିଥିଲେ।

## ବର୍ଷାରେ ଧସିଲା ରାସ୍ତା: ନିମ୍ନମାନର କାମ, ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ

**ଭବାନୀପାଟଣା,୨୮।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି) ବିଭାଗ ରାସ୍ତା କାମରେ ବିଭିନ୍ନ ସମୟରେ ଦୁର୍ନୀତି ହେଉଥିବା ଅଭିଯୋଗ ଆସୁଥିଲେ ମଧ୍ୟ ଏଥିପ୍ରତି ଜିଲ୍ଲା ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀ ଦୃଷ୍ଟି



ନ ଦେବା ସାଧାରଣରେ ଚର୍ଚ୍ଚାରେ ବିଷୟ ହୋଇଛି। ଗତ କିଛିମାସ ତଳେ ହାତୀନଦୀଠାରୁ ଚିଚୈଗୁଡାକୁ ପଡିଥିବା ପିଡବ୍ଲ୍ୟୁଡି ରାସ୍ତା ନିମ୍ନମାନର କାମ ଯୋଗୁ ଗୋଟିଏ ସ୍ଥାନରେ ଧସିଯାଇଥିଲା। ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ ତରବରିଆ ଭାବେ ମରାମତି କରାଯାଇଥିଲା। ଏବେ ପୁଣି ଏପରି ଏକ ଦୃଶ୍ୟ ସାମ୍ନାକୁ ଆସିଛି। ଚଳିତ ସପ୍ତାହରେ ହୋଇଥିବା ଲଗାଣ ବର୍ଷା ଯୋଗୁ ଜୁନାଗଡ଼ ବ୍ଲକ ଛୋରିଆଗଡ଼ ରାମସାଗର ବନ୍ଧ ଉପରେ ନିର୍ମାଣ ହୋଇଥିବା ପିଡବ୍ଲ୍ୟୁଡି ରାସ୍ତା ପ୍ରାୟ ୫୦ ମିଟର ଧସିଯାଇଛି। ନିମ୍ନମାନର କାମ ଓ ଗାର୍ଡୱାଲ ନିର୍ମାଣ କରାଯାଇ ନ ଥିବାରୁ ଏପରି ହୋଇଥିବା ଗ୍ରାମବାସୀଙ୍କଠାରୁ ଜଣାପଡିଛି। ଫଳରେ ଏହି ରାସ୍ତା ଏବେ ବିପଦସଙ୍କୁଳ ଥିବାରୁ ଚାରିଚକିଆ ଯାନ ଚଳାଚଳ ବନ୍ଦ ରହିଛି। ରାମସାଗର ରାସ୍ତା ପୂର୍ବରୁ ଆର୍‌ଡି (ଗ୍ରାମ୍ୟ ଉନ୍ନୟନ ବିଭାଗ) ଅଧୀନରେ ଥିବାବେଳେ ଗତ ବର୍ଷଠାରୁ ପିଡବ୍ଲ୍ୟୁଡି ଅଧୀନକୁ ଆସିବା ପରେ ରାସ୍ତା ନିର୍ମାଣ କରାଯାଇଥିଲା। ଠିକାଦାର ନୂତନ ଗାର୍ଡୱାଲ ନିର୍ମାଣ ନ କରି ପୂର୍ବରୁ ଥିବା ଏମ୍‌ଆଇ (କ୍ଷୁଦ୍ର ଜଳସେଚନ) ବିଭାଗ ଗାର୍ଡୱାଲରେ ମାଟି ପକାଇ ପିଚୁ ରାସ୍ତା କାମ କରି ଦେଇଥିଲେ।

## ବରିଷ୍ଠ ନାଗରିକଙ୍କୁ ରାକ୍ଷୀ ବାନ୍ଧି ନିଶା ମୁକ୍ତି ପ୍ରତିଜ୍ଞା



**ବୈଶିଙ୍ଗା,୨୮।୮ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ଅଧୀନ ବୈଶିଙ୍ଗା ବଜାର ଉପକଣ୍ଠ କେନ୍ଦୁଆ ଶିବ ମନ୍ଦିର ପ୍ରାଙ୍ଗଣରେ ରକ୍ଷା ବନ୍ଧନ ପର୍ବ ଏବଂ ନିଶା ମୁକ୍ତି ପ୍ରତିଜ୍ଞା ମହାଅଭିଯାନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚର ସଭାପତି ସୀତାନାଥ ବେହେରା ଏବଂ ସମ୍ପାଦକ ଅଶ୍ୱିନୀ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୈଶିଙ୍ଗା ଥାନାର ଥାନାଧିକାରୀ ବାରିଣୀ ଦାସ ଏବଂ ମୁଖ୍ୟବକ୍ତା ଭାବେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବୈଶିଙ୍ଗା ସେବାକେନ୍ଦ୍ରର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁପମା ଭଉଣୀ ଯୋଗଦାନ କରିଥିଲେ। ବରିଷ୍ଠ ସଦସ୍ୟ ମାନଙ୍କ ତରଫରୁ ସମସ୍ତ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଥାନାଧିକାରୀ ଶ୍ରୀଯୁକ୍ତ ଦାସ ଯୋଗେ ଦେଇ ଉତ୍ତମ ସମାଜ ଗଠନ ପାଇଁ ନିଶା ନିବାରଣ ନିହାତି ଆବଶ୍ୟକ ଅଟେ ଏଥିରେ ବରିଷ୍ଠ ନାଗରିକ ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ।

## ରକ୍ଷାବନ୍ଧନ ଓ ନିଶାମୁକ୍ତ ବିଶ୍ୱ ଗଠନର ଶପଥ



**ବୈଶିଙ୍ଗା,୨୮।୮(ସଂଚାର ବ୍ୟୁରୋ):** ସାରା ଦେଶକୁ ନିଶାମୁକ୍ତ କରିବା ପାଇଁ ମାଉଣ୍ଟ ଆବୁ ସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ସାରା ବିଶ୍ୱ ରେ ଏକ ଅଭିଯାନ ଚାଲିଥିବା ପରିପେକ୍ଷୀରେ ବୈଶିଙ୍ଗା ସେବା କେନ୍ଦ୍ର ପକ୍ଷରୁ ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଆଜି ଶୁକ୍ରବାର ଅପରାହ୍ନରେ ଏଥି ପାଇଁ ବୈଶିଙ୍ଗା ନିକଟସ୍ଥ କେନ୍ଦୁଆ ଶିବ ମନ୍ଦିର ପ୍ରାଙ୍ଗଣରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବୈଶିଙ୍ଗା ବରିଷ୍ଠ ନାଗରିକ ବିକାଶ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଞ୍ଚର ସଭାପତି ସୀତାନାଥ ବେହେରା ପରିଚାଳନା କରିଥିଲେ। ବ୍ରହ୍ମାକୁମାରୀ ସେବାକେନ୍ଦ୍ରର ସଞ୍ଚାଳିକା ବରିଷ୍ଠ ଭଉଣୀ ବିକେ ଅନୁପମା ପ୍ରଥମେ ସମସ୍ତଙ୍କୁ ରାକ୍ଷୀ ବାନ୍ଧି ସ୍ୱାଗତ କରିବା ସହିତ ସମାଜକୁ ନିଶାମୁକ୍ତ କରିବା ପାଇଁ ସଙ୍କଳ୍ପ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ସେନା କର୍ମଚାରୀ ଭୀମ ଚରଣ ମାଝୀ ରକ୍ଷା ବନ୍ଧନ ର ତାତ୍ପର୍ଯ୍ୟ ସହିତ ସମାଜରୁ ନିଶା ନିରାକରଣ ପାଇଁ ପ୍ରଥମେ ପରିବାରରୁ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଅବସର ପ୍ରାପ୍ତ ଅଧ୍ୟାପକ ମନୋରଞ୍ଜନ ଲେଙ୍କା ନିଜ ବକ୍ତବ୍ୟରେ ନିଶାମୁକ୍ତ ପାଇଁ ପ୍ରଶାସନ ବିଶେଷ ଭାବରେ ଜାଗ୍ରତ ରହିବାକୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସଦସ୍ୟ ଜଳଧର ପାଣି ନିଜ ବକ୍ତବ୍ୟରେ ସୁପ୍ରଜନ ପାଇଁ ଅନୁଲୋମ ବିବାହ ହୋଇପାରିଲେ ସୁପରିବାର ଗଠନ ସମ୍ଭବ ସହିତ ନିଶାମୁକ୍ତ ସମ୍ଭବ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ।

## ସାଇବର କ୍ରାଇମ୍‌ରୁ ସୁରକ୍ଷିତ ଓ ନିଶାମୁକ୍ତ ଓଡ଼ିଶା ସଚେତନତା ସଭା



**ଦିଗପହଣ୍ଡି,୨୮।୮(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପାଟପୁର ଥାନା ପକ୍ଷରୁ ଶୁକ୍ରବାର ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ମାଧ୍ୟମିକ ବିଦ୍ୟାଳୟ ପରିସରରେ ସାଇବର କ୍ରାଇମ୍‌ରୁ କିଭଳି ସୁରକ୍ଷିତ ରହିପାରିବା ଏବଂ ନିଶାମୁକ୍ତ ଓଡ଼ିଶା ସମ୍ପର୍କିତ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଦୁର୍ଯୋଧନ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ଡ଼.ଶାନ୍ତନୁ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା,ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସତ୍ୟ ଶରଣ ପାଠୀ, ପୋଡ଼ାମାରି ଫାଣ୍ଡି ଏଏସଆଇ ପ୍ରଭାତ କୁମାର ବାଲିକାନା ମଞ୍ଚାସିନ ଥିଲେ।କ୍ରମଶଃ ବଢ଼ି ଚାଲିଥିବା ସାଇବର ଅପରାଧ ଓ ତାର ନିରାକରଣ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର ମାନଙ୍କୁ ମୁଖ୍ୟଅତିଥି ଆଇଆଇସି ସଚେତନ କରାଇଥିଲେ। ସଚେତନତା ହିଁ ସାଇବର ଠକେଇ ପ୍ରତିକାରର ଶକ୍ତିଶାଳୀ ଅମୋଘ ଅସ୍ତ୍ର ଅଟେ। ଜନସଂଖ୍ୟାର ବୃଦ୍ଧି ସହ ପରିବର୍ତ୍ତିତ କୃତ୍ରିମ ବୁଦ୍ଧିମତା ଏବଂ ମୋବାଇଲ ଫୋନ ଯୁଗରେ ନିତ୍ୟ ବ୍ୟବହାର୍ଯ୍ୟ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ କ୍ଷେତ୍ରରେ ସଂଯମତା ଓ ଉପସ୍ଥିତ ବୁଦ୍ଧି ଏବଂ ସଚେତନତା ଏକାନ୍ତ ଆବଶ୍ୟକ ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ସର୍ବଦା ଷ୍ଟ୍ରଙ୍ଗ ପାସ ୱାର୍ଡ ବ୍ୟବହାର କରିବା ଓଟିପି କାହାକୁ ନଦେବା ପାଇଁ ଅତିଥି ବୃନ୍ଦ ମତପ୍ରକାଶ କରିଥିଲେ। ସୋସିଆଲ ମିଡ଼ିଆ ବ୍ୟବହାର କରିବା ସମୟରେ ସତର୍କତା ନିମିତ୍ତ ଅଧିକରୁ ଅଧିକ ସଚେତନତା ଜରୁରୀ ବୋଲି ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ଅଜଣା ଫୋନ କଲ କିମ୍ବା ମେସେଜରେ କେହି ବିଶ୍ୱାସ ନ କରି ଏହାର ସତ୍ୟତା ଜାଣିବା ପାଇଁ ଚେଷ୍ଟା କରିବା ଉଚିତ।

## ବ୍ଲକ୍ ପଞ୍ଚାୟତ ବିକାଶ ଯୋଜନା ବୈଠକରେ ତାତିଲେ ନିର୍ବାଚିତ ସଦସ୍ୟ

**ପାଟଣା,୨୮।୮(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲା ପାଟଣା ବ୍ଲକ୍ ସଭାଗୃହରେ ଶୁକ୍ରବାର ବ୍ଲକ୍ ପଞ୍ଚାୟତ ବିକାଶ ଯୋଜନାର ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ପ୍ରକଳ୍ପ ପ୍ରସ୍ତୁତି ନିମନ୍ତେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟ ଓ ଜାତୀୟ ଅର୍ଥ କମିଶନ ସହ ଭିବି-ଜି ରାମ-ଜି ଯୋଜନାର ସହଭାଗିତାରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକକୁ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ ପରିଚାଳନା କରିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ସୌଭାଗ୍ୟ ମଞ୍ଜରୀ ନାୟକ, କେନ୍ଦୁଝର ସାଂସଦ ଅନନ୍ତ ନାୟକଙ୍କ ପାଟଣା ବ୍ଲକ୍ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଙ୍କ ବ୍ଲକ୍ ପ୍ରତିନିଧି କମଳାକାନ୍ତ ଦାଶ, ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା, ଏପିଇଓ ମଧୁସୂଦନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ପାଟଣା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ଶୁକାନ୍ତି ନାଏକ, ବଡ଼ପାଟଣା ସରପଞ୍ଚ ବିନତୀ ବାନାରା, ମୂଷାଖୋରୀ ସରପଞ୍ଚ ଭାମାମଣି ଦାସ, ମିରିଗିଖୋଜୀ ସରପଞ୍ଚ ମନମୋହନ ବେହେରା, ଟାଙ୍ଗରପଡ଼ା ସରପଞ୍ଚ ଅନିରୁଦ୍ଧ ନାଏକ, ରାଜନଗର ସରପଞ୍ଚ ସୁଧାଂଶୁ ଶେଖର ନାଏକ, ଚେମେଣା ସମିତି ସଭ୍ୟ ମନୋଜ ମହାନ୍ତ ପ୍ରମୁଖ ନିଜ ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟା, ଦୁର୍ନୀତି ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମତ ରଖିଥିଲେ।

### ବେଲଗାମ୍ ଟ୍ରାଫିକ ବ୍ୟବସ୍ଥା, ନାକେଦମ୍ ସହରବାସୀ

# ସ୍ପିଡ୍ ବାଇକର୍‌ଙ୍କ ଯୋଗୁ ଦୁର୍ଘଟଣା ଭୟ

**ବରଗଡ଼,୨୮।୮(ସଂଚାର ବ୍ୟୁରୋ):** ବରଗଡ଼ ସହରରେ ଟ୍ରାଫିକ ସମସ୍ୟା ବେଲଗାମ୍ ହୋଇପଡ଼ିଛି। ସହରସ୍ଥିତ ଯେଉଁ ରାସ୍ତା ଓ ଛକକୁ ଦେଖିଲେ ଏହି ସମସ୍ୟା ରହିଛି। ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକ-ଜୀରାବ୍ରିଜ ରାସ୍ତାଠାରୁ ଆରମ୍ଭ କରି ଭଟଲି ଛକ, ବାପୁଜିନଗର(ଭିଏସ୍‌ଏସ୍ ନଗର) ଛକ, ଗାନ୍ଧୀଛକ, ଘରୋଇ ବସଷ୍ଟାଣ୍ଡ ଛକ, ଗୁରୁଦ୍ୱାରା ଛକ, ଏସ୍‌ପି ଅଫିସ ଛକ, ଥାନାଛକ, କାଳୀ ମନ୍ଦିର ଛକ, ବୀରଛକ, ବିକାଶ ଛକ, ହସ୍ପିଟାଲ ରାସ୍ତା, ଜେଲ ଛକ, ଜର୍ଜ ହାଇସ୍କୁଲ ରାସ୍ତା ଆଦି ସ୍ଥାନରେ ଦୀର୍ଘବର୍ଷ ଧରି



ଏହି ସମସ୍ୟା ଲାଗି ରହିଛି। ଏଥିପାଇଁ ଯାତାୟାତ ସମୟରେ ସହରବାସୀ ତଥା ଏଠାକୁ ଆସୁଥିବା ଲୋକଙ୍କୁ ନାକେଦମ୍ ହେବାକୁ ପଡୁଥିବାବେଳେ ବିଭିନ୍ନ ସମୟରେ ସଡ଼କ ଦୁର୍ଘଟଣା ଘଟି ଲୋକେ ମୃତାହତ ମଧ୍ୟ ହେଉଛନ୍ତି। ବିଭିନ୍ନ ସ୍ଥାନରେ ରାସ୍ତାପାର୍ଶ୍ୱ ଜବରଦଖଲ ଉଚ୍ଛେଦ ସହିତ ରାସ୍ତା ପ୍ରଶସ୍ତୀକରଣ କରାଯାଉଛି। ମାତ୍ର ସହରର ଭଟଲି ଛକ, ଲେଙ୍ଗୁ ମିଶ୍ର ଛକ-ଜୀରାବ୍ରିଜ ରାସ୍ତା ଦୀର୍ଘବର୍ଷ ଧରି ଟ୍ରାଫିକ ସମସ୍ୟା ବହୁଳ ହୋଇପଡ଼ିଥିଲେ ସୁଦ୍ଧା ଜବରଦଖଲ ଉଚ୍ଛେଦ ପାଇଁ ସେଠାକୁ ପ୍ରଶାସନର ହାତ ପହଞ୍ଚି ପାରି ନାହିଁ। ଏଭଳି ସ୍ଥିତିରେ ସହର ମଧ୍ୟରେ ରହିଥିବା ଟ୍ରାଫିକ ସମସ୍ୟା ଏବେ ମଧ୍ୟ ଅସମାହିତ ରହିଛି ଏବଂ ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ତେଜି ଉଠିଛି। ସହରରେ ଜନସଂଖ୍ୟା ବୃଦ୍ଧି ସହିତ ଯାନବାହନ ସଂଖ୍ୟା ମଧ୍ୟ ବଢ଼ି ଚାଲିଛି। ଅନ୍ୟପଟେ ସହର ରାସ୍ତା ପ୍ରଶସ୍ତୀକରଣ ଚାଲିଥିଲେ ହେଁ ଏବେ ମଧ୍ୟ ସହର ମଧ୍ୟରେ ରହିଥିବା ଭଟଲି ଛକ, ଲେଙ୍ଗୁ ମିଶ୍ର ଛକ-ଜୀରାବ୍ରିଜ ରାସ୍ତା ଭଳି ଅନେକ ରାସ୍ତା ଏପର୍ଯ୍ୟନ୍ତ ସଂକୁଚିତ ହୋଇ ରହି ଯାଇଛି।